# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୧୧/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 11/2022 Page 16 ₹ 7.00 ★★★★

୪୮ଶ ଭାଗ ୧୯୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-







# ଦେଶବ୍ୟାପୀ ବିକ୍ଷୋଭ

## ପ୍ରଫେଟ୍ ମହମ୍ମଦ ବିରୋଧୀ ମନ୍ତବ୍ୟ: ଆପତ୍ତି ଉଠାଇଲେ ସଂଖ୍ୟାଲଘୁ

## ନୂପୁର, ନବୀନଙ୍କୁ ଜେଲ ପଠାଅ

ନୂଆଦିଲ୍ଲୀ,୧୦।୬

ଭାଜପା ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କୁ କେବଳ ମୁଖପାତ୍ର ପଦରୁ ହଟାଇ ଦଳରୁ ବାହାର କରିବା ପର୍ଯ୍ୟାପ୍ତ ନୁହେଁ। ପ୍ରଫେଟ୍ ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଏହି ଦୁଇଜଣଙ୍କୁ ତୁରନ୍ତ ଗିରଫ କରି ଜେଲ ପଠାଯାଉ। ଦେଶର ବିଭିନ୍ନ ଭାଗରେ ଶୁକ୍ରବାର ସମୂହ ନମାଜ ପାଠ ପରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଭାରତରେ ଇସ୍‌ଲାମୋଫୋବିଆ (ଇସ୍‌ଲାମ ପ୍ରତି ଭୟ), ଘୃଣା ମନ୍ତବ୍ୟ ଓ ସଂଖ୍ୟାଲଘୁଙ୍କ ଉପରେ ବଢୁଥିବା ବର୍ବରତାକୁ ଦେଶବ୍ୟାପୀ ବିରୋଧ କରାଯାଇଛି। ଜାତୀୟ ରାଜଧାନୀ ଦିଲ୍ଲୀ, ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚି ସମେତ ଉତ୍ତର ପ୍ରଦେଶର ଶାହରନପୁର, ମୋରଦାବାଦ ଓ ପ୍ରୟାଗରାଜ, ଫିରୋଜାବାଦ, ଦେଓବନ୍ଦର ମସ୍‌ଜିଦଗୁଡ଼ିକରେ ନମାଜ ପାଠ କରିବାକୁ ଆସିଥିବା ମୁସଲମାନମାନେ ଭାଜପା ବିରୋଧୀ ସ୍ଲୋଗାନ ଦେଇଛନ୍ତି। ଅନେକ ସହରରେ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିମାଡ଼ ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। ଏଥିସହ ୟୁପିର ଲକ୍ଷ୍ନୌ, କାନପୁର ଓ ଫିରୋଜାବାଦରେ ସୁରକ୍ଷା ବନ୍ଦୋବସ୍ତ କଡ଼ାକଡ଼ି କରି ଫ୍ଲାଗ୍‌ମାର୍ଚ୍ଚ କରିଛି। କେତେକ ସହରରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ଉପରକୁ ଟେକାମାଡ଼ କରିବା ☞ପୃଷ୍ଠା-୪


ନୂପୁର ଶର୍ମାଙ୍କ ଗିରଫ ଦାବିରେ ଶୁକ୍ରବାର ବିକ୍ଷୋଭରତ ମୁସଲମାନ ସମ୍ପ୍ରଦାୟର ଲୋକେ ରାଞ୍ଚିରେ ପୋଲିସକୁ ଟେକାମାଡ଼ କରୁଛନ୍ତି।

# ଋଣ ବୋଝ ଅସହ୍ୟ: ଝୁଲିପଡ଼ିଲେ ଦମ୍ପତି

ଢେଙ୍କାନାଳ ଅଫିସ, ୧୦।୬

ଅସହ୍ୟ ହେଲା ଲକ୍ଷାଧିକ ଟଙ୍କାର ଋଣ ବୋଝ। ସ୍ୱାମୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ଦୋହଲିଗଲା ମାନସିକସ୍ଥିତି। ଫଳରେ ସାଥିହୋଇ ଜୀବନ ହାରିବାକୁ ନେଲେ ଚରମ ନିଷ୍ପତ୍ତି ଦମ୍ପତି। ପ୍ରଥମେ ବିଷ ପିଇଲେ ଏବଂ ଏହାପରେ ଝୁଲିପଡ଼ିଲେ ରଶିରେ। ଢେଙ୍କାନାଳ ସଦର ଥାନା କାଙ୍କଡ଼ପାଳ ଗ୍ରାମରେ ଶୁକ୍ରବାର ଘଟିଛି ଏଭଳି ଅଭାବନୀୟ ଘଟଣା, ଯାହା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ମୃତକ ହେଲେ ବିଶିକେତନ ସାହୁ (୪୦) ଏବଂ ତାଙ୍କ ସ୍ତ୍ରୀ ମାମା ସାହୁ (୩୨)। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ୧୫ବର୍ଷ ତଳେ ବିଶିକେସନ ଏବଂ ମାମାଙ୍କ ବିବାହ ହୋଇଥିଲା। ସେମାନଙ୍କ ୧୪ବର୍ଷର ଜଣେ ପୁଅ ଦୀପକ ଅଛନ୍ତି। ସେ ଗ୍ରାମ ସ୍କୁଲରେ ୯ମ ଶ୍ରେଣୀରେ ପାଠ ପଢୁଛନ୍ତି। ବିଶିକେସନ ଗ୍ରାମରେ ଦହିବରା ଆଳୁଦମ, ବରା ବ୍ୟବସାୟ କରୁଥିଲେ। ବିଭିନ୍ନ ସମୟରେ ସେ ୮ରୁ ୧୦ ଲକ୍ଷ ଟଙ୍କାର ଋଣ ଗ୍ରହଣ କରିଥିଲେ। ଋଣ ଭାର ବଢ଼ିବାରେ ଲାଗିଥିବାବେଳେ ଏହାକୁ ଶୁଝିବା ନେଇ ସେ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିଲେ। କିଛିଦିନ ତଳେ ବିଶିକେସନଙ୍କୁ ଜ୍ୱର ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷା କରିବା ପରେ ତାଙ୍କର କିଡ୍‌ନୀ ସମସ୍ୟା ରହିଥିବା ଜଣାପଡ଼ିଥିଲା। ଏହା ଜଣାପଡ଼ିବା ପରେ ସ୍ତ୍ରୀସ୍ୱାମୀ ମ୍ରିୟମାଣ ହୋଇପଡ଼ିଥିଲେ। ଶ୍ୱଶୁର ଘର ଲୋକ ବିଶିକେସନଙ୍କୁ କଟକରେ ଚିକିତ୍ସା କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ଏଥିପୂର୍ବରୁ ପୁଅବୋହୂ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ବିଶିକେସନଙ୍କ ବାପା ଧନେଶ୍ୱର ସାହୁ କହିଛନ୍ତି।

ସୂଚନା ପାଇ ସଦର ଥାନା ଅଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି, ପରିବାର ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହାୟତାରେ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ସଂକ୍ରାନ୍ତରେ ନଂ. ୨୫/୨୨ରେ ଏକ ☞ପୃଷ୍ଠା-୪


ମୃତ ଦମ୍ପତି

**ଆଜିର ସମ୍ପାଦକୀୟ** ଚାପରେ କେନ୍ଦ୍ର









କଟକ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳିବା ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବାପରେ ଟିମ୍ ଇଣ୍ଡିଆ ଅଧିନାୟକ ରିଷଭ ପନ୍ତ ଓ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିମାନଙ୍କୁ ହୋଟେଲ ମେ’ ଫେୟାରରେ ସ୍ୱାଗତ କରାଯାଉଛି।

# ୨ରୁ ମୌସୁମୀ ଅଧିବେଶନ

## ଉପସ୍ଥାପିତ ହେବ ପୂର୍ଣ୍ଣାଙ୍ଗ ବଜେଟ

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ବିଧାନସଭା ମୌସୁମୀ ଅଧିବେଶନ ଆସନ୍ତା ଜୁଲାଇ ୨ରୁ ଆରମ୍ଭ ହେବ। ଅଧିବେଶନର ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ। ଅଧିବେଶନରେ ୨୪ଟି କାର୍ଯ୍ୟ ଦିବସ ରହିଛି। ଜୁଲାଇ ୩୦ରେ ବ୍ୟୟ ମଞ୍ଜୁର ବିଲ୍ ଉପସ୍ଥାପନ ହେବ।

ବିଧାନସଭା ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଜୁଲାଇ ୨ରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବ। ଜୁଲାଇ ୭ରୁ ୧୩ ପର୍ଯ୍ୟନ୍ତ ଗୃହ ମୁଲତବୀ ରହିବ। ☞ପୃଷ୍ଠା-୪

# ରାଜ୍ୟ ସଭା ଗଲେ ସୀତାରାମନ, ସୁର୍ଜେୱାଲା, ଜୟରାମ

## ହାରିଲେ ସୁଭାଷ ଚନ୍ଦ୍ରା

ନୂଆଦିଲ୍ଲୀ,୧୦।୬

ରାଜସ୍ଥାନରୁ ରାଜ୍ୟ ସଭାର ୪ ଆସନ ପାଇଁ ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କ କ୍ରସ୍ ଭୋଟିଂ ଯୋଗୁ କଂଗ୍ରେସର ସମସ୍ତ ୩ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଥିସହିତ ଭାଜପାର ଜଣେ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସୁଭାଷ ଚନ୍ଦ୍ରା ହାରିଯାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ମୁକୁଲ ୱାସ୍‌ନିକ, ପ୍ରମୋଦ ତିୱାରୀ ଏବଂ ରଣଦୀପ୍ ସୁର୍ଜେୱାଲା ଏବଂ ଭାଜପାର ଘନଶ୍ୟାମ ତିୱାରୀ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। କ୍ରସ୍ ଭୋଟିଂ କରିଥିବା ଭାଜପାର ଢୋଲପୁର ବିଧାୟିକା ଶୋଭାରାଣୀ କୁଶୱାହାଙ୍କୁ ଦଳର ପ୍ରାଥମିକ ସଭ୍ୟ ପଦରୁ ନିଲମ୍ବନ କରାଯାଇଛି। ସେହିପରି କର୍ଣାଟକରେ ଭାଜପାର ୩ ପ୍ରାର୍ଥୀ ଜିତିଥିବାବେଳେ କଂଗ୍ରେସର ଜଣେ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଭାଜପାରୁ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ, ଜଗେଶ ଏବଂ ଲେହାର ସିଂ ସିରୋୟା ଏବଂ କଂଗ୍ରେସରୁ ଜୟରାମ ରମେଶ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ମହାରାଷ୍ଟ୍ରରୁ ୬ ଆସନ ଓ ହରିୟାଣାର ୨ ଆସନ ଲାଗି ମତଦାନ ହୋଇଥିଲେ ହେଁ ରାତି ୧୦ଟା ସୁଦ୍ଧା ଫଳାଫଳ ମିଳିପାରି ନାହିଁ। ☞ପୃଷ୍ଠା-୪


ନିର୍ମଳା ସୀତାରାମନ


ରଣଦୀପ୍ ସୁର୍ଜେୱାଲା


ଜୟରାମ ରମେଶ

| | |
|---|---|
| ଆନ୍ଧ୍ରପ୍ରଦେଶ (୪) ୱାଇଏସ୍‌ଆର୍‌ସିପି-୪ | ମୋଟ ଆସନ-୫୭ |
| ବିହାର (୫) ଭାଜପା-୨, ଆର୍‌ଜେଡି-୨, ଜେଡିୟୁ-୧ | ନିର୍ଦ୍ୱନ୍ଦ୍ୱ-୪୧ |
| ଛତିଶଗଡ଼ (୨) କଂଗ୍ରେସ-୨ | ପ୍ରତିଦ୍ୱନ୍ଦ୍ୱିତା-୧୬ |
| ହରିୟାଣା (୨) | ଭାଜପା ୧୮ |
| ଝାଡ଼ଖଣ୍ଡ (୨) ଭାଜପା-୧, ଜେଏମ୍‌ଏମ୍-୧ | କଂଗ୍ରେସ ୮ |
| କର୍ଣାଟକ (୪) ଭାଜପା-୩, କଂଗ୍ରେସ-୧ | ୱାଇଏସ୍‌ଆର୍‌ସିପି ୪ |
| ମଧ୍ୟପ୍ରଦେଶ (୩) ଭାଜପା-୨, କଂଗ୍ରେସ-୧ | ବିଜେଡି ୩ |
| ମହାରାଷ୍ଟ୍ର (୬) | ଡିଏମ୍‌କେ ୩ |
| ଓଡ଼ିଶା (୩) ବିଜେଡି-୩ | ଏଆଇଏଡିଏମ୍‌କେ ୨ |
| ପଞ୍ଜାବ (୨) ଏଏପି-୨ | ଟିଆର୍‌ଏସ୍ ୨ |
| ରାଜସ୍ଥାନ (୪) କଂଗ୍ରେସ-୩, ଭାଜପା-୧ | ଆର୍‌ଜେଡି ୨ |
| ତେଲଙ୍ଗାନା (୨) ଟିଆର୍‌ଏସ୍-୨ | ଏଏପି ୨ |
| ତାମିଲନାଡୁ (୬) ଡିଏମ୍‌କେ-୩, ଏଆଇଏଡିଏମ୍‌କେ-୨, କଂଗ୍ରେସ-୧ | ଜେଡିୟୁ ୧ |
| | ଜେଏମ୍‌ଏମ୍ ୧ |
| | ଏସ୍‌ପି ୧ |
| ଉତ୍ତରପ୍ରଦେଶ (୧୧) ଭାଜପା-୮, ଏସ୍‌ପି-୧, ଆର୍‌ଏଲ୍‌ଡି-୧, ସ୍ୱାଧୀନ-୧ | ଆର୍‌ଏଲ୍‌ଡି ୧ |
| | ସ୍ୱାଧୀନ ୧ |
| ଉତ୍ତରାଖଣ୍ଡ (୧) ଭାଜପା-୧ | ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ୮ ଆସନ (ମହାରାଷ୍ଟ୍ର-୬ ଓ ହରିୟାଣା-୨) ଫଳ ଘୋଷଣା ହୋଇନାହିଁ। |



ଆଜି ଅବଶିଷ୍ଟ ଭାରତ କଶ୍ମୀର ଭଳି ଦିଶୁଛି। ଆମେ କିନ୍ତୁ କଶ୍ମୀରକୁ ଦେଶର ଅନ୍ୟ ଭାଗଗୁଡ଼ିକ ଭଳି ଦେଖିବାକୁ ଚାହିଁଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ଅମିତ୍ ଶାହାଙ୍କ ପାଖରେ ଏହାର କିଛି ସମାଧାନ ଅଛି କି? ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସ୍ଥିତି ନିୟନ୍ତ୍ରଣକୁ ନ ଆସିଲେ ଶାହା ସ୍ୱରାଷ୍ଟ୍ରମନ୍ତ୍ରୀ ପଦରେ ରହିବା ଉଚିତ କି?

-ସୁବ୍ରମଣ୍ୟମ୍ ସ୍ୱାମୀ, ଭାଜପା ଏମ୍‌ପି

# ନିଆଁ ଲଗାଇଲେ ନୂପୁର



ମୁହଁରେ ହସ, କିନ୍ତୁ ମନରେ ବିଷ। ଏହା ହେଉଛି ପୈଗମ୍ବର ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ଟିପ୍ପଣୀ ଦେଇ ବିବାଦୀୟ ହୋଇଥିବା ନୂପୁର ଶର୍ମାଙ୍କ ପରିଚୟ, ଯାହାଙ୍କ ଗିରଫଦାରି ଦାବିରେ ଦେଶବ୍ୟାପୀ ମୁଣ୍ଡ ଟେକିଛି ଆନ୍ଦୋଳନ। ବିଦେଶୀ ଚାପରେ ଭାଜପାର ରାଷ୍ଟ୍ରୀୟ ମୁଖପାତ୍ର ନୂପୁରଙ୍କ ପ୍ରାଥମିକ ସଦସ୍ୟତା ରଦ୍ଦ କରାଯାଇଛି। ହେଲେ ଏତିକିରେ ସନ୍ତୁଷ୍ଟ ନୁହନ୍ତି ମୁସଲମାନ ସମ୍ପ୍ରଦାୟ। ସେମାନଙ୍କ ଭିତରେ କୁହୁଳୁଥିବା ଧୂଆଁ ହଠାତ୍ ନିଆଁର ରୂପ ନେଇ ଦେଶର ଚାରିଆଡ଼କୁ ବ୍ୟାପିଯାଇଛି। ନୂପୁରଙ୍କୁ ଗିରଫ କରିବା ପାଇଁ ଶୁକ୍ରବାର ନମାଜ ପାଠ ପରେ ଦାବି ଜୋର୍‌ଦାର ହୋଇଥିବାବେଳେ ଅନେକ ସହରରେ ହିଂସାକାଣ୍ଡ ଘଟିଛି। ପ୍ରଶ୍ନ ଉଠିଛି, ଦିଲ୍ଲୀ ପୋଲିସ ନୂପୁରଙ୍କୁ ଗିରଫ ନ କରି ସୁରକ୍ଷା ଦେଉଛି କାହିଁକି?




ନୂପୁର ଶର୍ମା ଓ ନବୀନ ଜିନ୍ଦଲଙ୍କ ଗିରଫ ଦାବିରେ ମୁମ୍ବାଇରେ ଅଲ୍ ଇଣ୍ଡିଆ ମୌଲବୀ ମିଶନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



ପ୍ରୟାଗରାଜରେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସର ଲୁହବୁହା ବାଷ୍ପ ପ୍ରୟୋଗ।




ଶ୍ରୀନଗରରେ ମୁସଲମାନ ମହିଳାଙ୍କ ବିକ୍ଷୋଭ।

**ନୂଆଦିଲ୍ଲୀ/ମୁମ୍ବାଇ/ଶ୍ରୀନଗର, ୧୦।୬**

ଭାଜପାର ୨ ନିଲମ୍ବିତ ମୁଖପାତ୍ର ନୂପୁର ଶର୍ମା ଓ ନବୀନ କୁମାର ଜିନ୍ଦଲଙ୍କୁ ଗିରଫ କରିବା ପାଇଁ ସାରା ଦେଶର ମୁସଲମାନମାନେ ଦାବି କରିଆସୁଥିବାବେଳେ ଦିଲ୍ଲୀ ପୋଲିସ ସେମାନଙ୍କୁ ଘଣ୍ଟ ଘୋଡ଼ାଇ ନାମକୁ ମାତ୍ର ମାମଲା ରୁଜୁ କରିବା ଧର୍ମକୁ ଆଖିଠାର ସଦୃଶ। କେବଳ ଏତିକି ନୁହେଁ, ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ପୋଲିସ ରାଜନୈତିକ ସନ୍ତୁଳନ ପାଇଁ ଏଆଇଏମ୍ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ସମେତ ସଂଖ୍ୟାଲଘୁ ସମ୍ପ୍ରଦାୟର ଅନ୍ୟ କେତେଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏହାର ପ୍ରତିବାଦ ଦେଖିବାକୁ ମିଳିଛି ଭାରତ ଓ ବିଦେଶରେ। ଦିଲ୍ଲୀର ଜାମା ମସ୍‌ଜିଦ୍‌ରେ ମୁସଲମାନମାନେ ନମାଜ ପାଠ ପରେ ପ୍ଲାକାର୍ଡ ଧରି ନୂପୁର ଓ ନବୀନଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ବଳ ପ୍ରୟୋଗ କରିଛି। ଜାମିଆ ମିଲିଆ ଇସ୍‌ଲାମିଆ ୟୁନିଭର୍ସିଟି ଛାତ୍ରୀଛାତ୍ର ଦୁହିଁଙ୍କ ଗିରଫ ଦାବିରେ କ୍ୟାମ୍ପସରେ ଧାରଣା ଦେଇଛନ୍ତି। ଝାଡ଼ଖଣ୍ଡର ରାଞ୍ଚିସ୍ଥିତ ହନୁମାନ ମନ୍ଦିର ନିକଟରେ ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିମାଡ଼ କରି ଟେକାମାଡ଼ର ଶିକାର ହୋଇଛି। କଶ୍ମୀରର କେତେକ ସ୍ଥାନରେ ବନ୍ଦ ପାଳନ କରାଯାଇଛି। ଜମ୍ମୁରେ କର୍ଫ୍ୟୁ ଜାରି କରାଯାଇଛି। ଶ୍ରୀନଗର, ଭଦେରୱାହ ଓ କିଶତୱାରରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଥିବାବେଳେ ଉପତ୍ୟକାର ଅନେକ ସ୍ଥାନରେ ମୋବାଇଲ, ଇଣ୍ଟରନେଟ୍ ସେବା ବାତିଲ କରାଯାଇଛି।



ସବୁଠୁ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଛି ଭାଜପା ଶାସିତ ଉତ୍ତର ପ୍ରଦେଶରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ ଆସନ ବାରାଣସୀ ସମେତ ମୋରଦାବାଦ, ଦେଓବନ୍ଦ, ଲକ୍ଷ୍ନୌ, କାନପୁର ଓ ଫିରୋଜାବାଦରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ପ୍ରୟାଗରାଜରେ ବିକ୍ଷୋଭକାରୀମାନେ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଛନ୍ତି। ଶାହରନପୁରରେ ମୁସଲମାନ ସମ୍ପ୍ରଦାୟ ନୂପୁର ଶର୍ମାଙ୍କୁ ଫାଶୀ ଦେବାକୁ ଦାବି କରିଛନ୍ତି। ଏପରି କି ମୋଦି ନିଜ ରାଜ୍ୟ ଗୁଜରାଟ ଗସ୍ତରେ ଥିବାବେଳେ ଅହମଦାବାଦ ଓ ବଡ଼ୋଦରା ସମେତ କେତେକ ସହରରେ ସଂଖ୍ୟାଲଘୁ ସମୁଦାୟ ଦୋକାନ ବଜାର ବନ୍ଦ କରି ନୂପୁରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହୋଇ ଦଙ୍ଗା ସ୍ଥିତି ଲାଗିରହିଥିବାବେଳେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନୂଆଦିଲ୍ଲୀରେ ଏକ ପୁସ୍ତକ ଉନ୍ମୋଚନ କରି କହିଛନ୍ତି, ଭାରତର ଅଧିକାଂଶ ଐତିହାସିକ ଇତିହାସକୁ ଲିପିବଦ୍ଧ କରିବାବେଳେ ପାଣ୍ଡ୍ୟ ଓ ଚୋଳ ସାମ୍ରାଜ୍ୟର ଗୌରବମୟ ଶାସନକୁ ଅଣଦେଖା କରି ମୋଗଲମାନଙ୍କୁ ପ୍ରାଧାନ୍ୟ ଦେଇଛନ୍ତି।

## ମୁଶରଫ ଗୁରୁତର

**ଲାହୋର, ୧୦।୬:** ପାକିସ୍ତାନର ପୂର୍ବତନ ସାମରିକ ଶାସକ ଜେନେରାଲ ପରଭେଜ ମୁଶରଫଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସେ ୟୁଏଇର ଏକ ହସ୍ପିଟାଲରେ ଭେଣ୍ଟିଲେଟର ସପୋର୍ଟରେ ରହିଥିବା ତାଙ୍କ ଘନିଷ୍ଠ ସହଯୋଗୀ ତଥା ପୂର୍ବତନ ସୂଚନା ମନ୍ତ୍ରୀ ଫୱାଦ ଚୌଧରୀ କହିଛନ୍ତି।



ଅନ୍ୟପକ୍ଷରେ ତାଙ୍କ ଅଙ୍ଗପ୍ରତ୍ୟଙ୍ଗ କାମ କରୁ ନ ଥିବାରୁ ସେ ଭଲ ହେବା ସମ୍ଭାବନା କମ୍ ବୋଲି ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେ ଭେଣ୍ଟିଲେଟରରେ ରହିବା ଖବରକୁ ପରିବାର ପକ୍ଷରୁ ଖଣ୍ଡନ କରାଯାଇଛି। ୭୮ ବର୍ଷୀୟ ମୁଶରଫଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ୩ ସପ୍ତାହ ହେଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଏକାଧିକ ଅଙ୍ଗ କାମ କରୁ ନ ଥିବାରୁ ସୁସ୍ଥ ହେବା ସମ୍ଭାବନା ନାହିଁ ବୋଲି ପରିବାର ପକ୍ଷରୁ ଟୁଇଟ୍ କରାଯାଇଛି। ମୁଶରଫ୍ ୧୯୯୯ରୁ ୨୦୦୮ ପାକିସ୍ତାନକୁ ଶାସନ କରିଥିଲେ।

## ବିଭ୍ରାନ୍ତିକର ବିଜ୍ଞାପନ ରୋକିବାକୁ କେନ୍ଦ୍ରର ଗାଇଡ୍‌ଲାଇନ

**ନୂଆଦିଲ୍ଲୀ, ୧୦।୬:** ବିଭ୍ରାନ୍ତିକର ବିଜ୍ଞାପନ ରୋକିବା ଲାଗି କେନ୍ଦ୍ର ସରକାର ଶୁକ୍ରବାର ଏକ ଗାଇଡ୍‌ଲାଇନ ଜାରି କରିଛନ୍ତି। ଏଥିରେ ସରୋଗେଟ୍ ବା ପରୋକ୍ଷ ବିଜ୍ଞାପନକୁ ନିଷେଧ କରାଯାଇଛି। ଗ୍ରାହକଙ୍କୁ ପ୍ରଲୋଭିତ କରୁଥିବା ବ୍ୟବସାୟିକ ବିଜ୍ଞାପନକୁ ନିୟନ୍ତ୍ରଣ କରିବା ଲାଗି କେତେକ ସର୍ତ୍ତ ରଖାଯାଇଛି। ଖାଉଟି ବ୍ୟାପାର ସଚିବ ରୋହିତ କୁମାର ସିଂ ଏବଂ ଅତିରିକ୍ତ ସଚିବ ନିଧବ ଖାରେ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ଗାଇଡ୍‌ଲାଇନ ପ୍ରକାଶ କରିଛନ୍ତି। ବିଜ୍ଞାପନ ଦେଉଥିବା ଉତ୍ପାଦନକାରୀ, ସେବା ପ୍ରଦାନକାରୀ, ବ୍ୟବସାୟୀ ଏବଂ ବିଜ୍ଞାପନ ଏଜେନ୍ସିଗୁଡ଼ିକ ପାଇଁ ଏହି ଗାଇଡ୍‌ଲାଇନ କାର୍ଯ୍ୟକାରୀ ହେବ।

## ଏନ୍‌ଇଇଟି-ପିଜି: ପୁଣି କାଉନସେଲିଂ ଆବେଦନ ଖାରଜ

**ନୂଆଦିଲ୍ଲୀ, ୧୦।୬**

ବିଭିନ୍ନ ମେଡିକାଲ କଲେଜରେ ଖାଲି ପଡ଼ିଥିବା ୧,୪୫୬ ସିଟ୍ ପୂରଣ ଲାଗି ଏନ୍‌ଇଇଟି-ପିଜି ୨୦୨୧ କାଉନସେଲିଂ ପୁଣି ଥରେ କରିବା ଲାଗି ଦାଏର ଏକାଧିକ ପିଟିଶନକୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏନ୍‌ଇଇଟି-ପିଜିରେ ସର୍ବଭାରତୀୟ କୋଟା ପୂରଣ ଲାଗି ସ୍ୱତନ୍ତ୍ର ଷ୍ଟ୍ରେ-ରାଉଣ୍ଡ କାଉନସେଲିଂ ନ କରିବା ପାଇଁ କେନ୍ଦ୍ର ସରକାର ଓ ମେଡିକାଲ କାଉନସିଲ୍‌ର ନିଷ୍ପତ୍ତିକୁ ସ୍ୱେଚ୍ଛାଚାରୀ କୁହାଯାଇପାରିବ ନାହିଁ ବୋଲି ଜଷ୍ଟିସ ଏମ୍. ଆର୍. ଶାହା ଏବଂ ଅନିରୁଦ୍ଧ ବୋଷଙ୍କ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ଡାକ୍ତରୀ ଶିକ୍ଷା ମାନରେ କୌଣସି ପ୍ରକାର ସାଲିସ କରାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଡାକ୍ତରୀ ଶିକ୍ଷା ଏବଂ ସର୍ବସାଧାରଣ ସ୍ୱାସ୍ଥ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏବଂ ମେଡିକାଲ କାଉନସେଲିଂ କମିଟି (ଏମ୍‌ସିସି) ସ୍ୱତନ୍ତ୍ର ଷ୍ଟ୍ରେ-ରାଉଣ୍ଡ କାଉନସେଲିଂ ନ କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଏହାକୁ ସ୍ୱେଚ୍ଛାଚାରୀ ନିଷ୍ପତ୍ତି ବୋଲି କୁହାଯାଇପାରିବ ନାହିଁ। ଶିକ୍ଷାବର୍ଷ ଆରମ୍ଭ ହେବାର ପ୍ରାୟ ଗୋଟିଏ ବର୍ଷ ପରେ ଏବଂ ୮ରୁ ୯ ପର୍ଯ୍ୟାୟ କାଉନସେଲିଂ ଶେଷ ହୋଇଥିବାବେଳେ ଖାଲି ଆସନରେ ନାମ ଲେଖାଇବା ପାଇଁ ଛାତ୍ରୀଛାତ୍ର ଆବେଦନ କରିପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

ଏନ୍‌ଇଇଟି-ପିଜି-୨୦୨୧ର ସର୍ବଭାରତୀୟ କୋଟା ପାଇଁ ଷ୍ଟ୍ରେ-ରାଉଣ୍ଡ କାଉନସେଲିଂର ନିର୍ଦ୍ଦିଷ୍ଟ ସୀମା ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଥିଲେ। ଶିକ୍ଷା ଓ ଜନସ୍ୱାସ୍ଥ୍ୟ ସହ ସାଲିସ କରି ପିଲାଙ୍କୁ ନାମ ଲେଖାଇବାକୁ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ଟିପ୍ପଣୀ ଦେଇଥିଲେ।

## କନ୍‌ଷ୍ଟେବଲଙ୍କ ଗୁଳିରେ ୨ ମୃତ

**କୋଲକାତା, ୧୦।୬**

କୋଲକାତାସ୍ଥିତ ବାଂଲାଦେଶ ଉପଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟ ନିକଟରେ ଜଣେ ପୋଲିସ କନ୍‌ଷ୍ଟେବଲ ଶୁକ୍ରବାର ନିଜ ସର୍ଭିସ ରାଇଫଲରୁ ଏକାଧିକ ରାଉଣ୍ଡ ଗୁଳି ଚଳାଇବା ପରେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ତାଙ୍କ ଗୁଳିରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଛି। କନଷ୍ଟେବଲ ଚୋଡୁପ୍ ଲେପ୍‌ଚା କିଛିଦିନ ଛୁଟିରେ ରହିବା ପରେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଥିଲେ। କୋଲକାତା ସଶସ୍ତ୍ର ପୋଲିସର ୫ ବାଟାଲିୟନରେ କନଷ୍ଟେବଲ ଥିବା ଲେପ୍‌ଚା କିଛିଦିନ ହେଲା ବିଷାଦଗ୍ରସ୍ତ ଥିଲେ ବୋଲି କୁହାଯାଉଛି।

## ଦିନକରେ ୭,୫୮୪ କୋଭିଡ୍ ସଂକ୍ରମିତ

**ନୂଆଦିଲ୍ଲୀ, ୧୦।୬**



କୋଭିଡ୍ ସଂକ୍ରମଣ ପୁଣି ବଢ଼ିବା ସହ ଆଉ ଏକ ଲହର ଆସିବା ଆଶଙ୍କା ସୃଷ୍ଟି ହେଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୭,୫୮୪ ନୂଆ ମାମଲା ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୩୨,୦୫,୧୦୬ରେ ପହଞ୍ଚିଛି। ଦୈନିକ ସଂକ୍ରମଣ ହାର ୨.୨୬ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ସାପ୍ତାହିକ ସଂକ୍ରମଣ ହାର ୧.୫୦ ରହିଥିବା ଶୁକ୍ରବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସକ୍ରିୟ ମାମଲା ସଂଖ୍ୟା ୩୬,୨୬୭କୁ ବୃଦ୍ଧି ପାଇଥିବାବେଳେ ଗତ ୨୪ ଘଣ୍ଟାରେ ୨୪ ଜଣଙ୍କ ମୃତ୍ୟୁକୁ ମିଶାଇ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୨୪,୭୪୭ରେ ପହଞ୍ଚିଛି। ମୁମ୍ବାଇରେ ସର୍ବାଧିକ ୧,୯୫୪ ସଂକ୍ରମିତଙ୍କୁ ମିଶାଇ ମହାରାଷ୍ଟ୍ରରେ ଦୈନିକ ସଂକ୍ରମଣ ସଂଖ୍ୟା ୩,୭୮୧ ହୋଇଛି। ସେହିପରି ଦିଲ୍ଲୀରେ ଗୋଟିଏ ଦିନରେ ୬୫୫ କୋଭିଡ୍‌ରେ ଆକ୍ରାନ୍ତ ହେବା ସହ ୨ ଜଣଙ୍କ ମୃତ୍ୟୁ ଘଟିଛି।

# ରାଷ୍ଟ୍ରପତି ନିର୍ବାଚନ: ପରୀକ୍ଷା ଦେବେ ବିରୋଧୀ

**ନୂଆଦିଲ୍ଲୀ, ୧୦।୬**

ଭାରତର ଷୋଡ଼ଶ ରାଷ୍ଟ୍ରପତି ନିର୍ବାଚନ ପାଇଁ ଗୁରୁବାର ନିର୍ବାଚନ କମିଶନଙ୍କ ତାରିଖ ଘୋଷଣା ସହ ଅବଗଣନା ଆରମ୍ଭ ହୋଇଛି। ୨୦୨୪ ଲୋକ ସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ଭାବେ ନିଜ ସ୍ଥିତି ବଜାୟ ରଖି ବିପକ୍ଷର ଆଞ୍ଚଳିକ ଦଳଗୁଡ଼ିକୁ ନେଇ ରଣନୀତି ପ୍ରସ୍ତୁତ କରିବା ଲାଗି ଏହାକୁ ଏକମାତ୍ର ସୁଯୋଗ ବୋଲି କୁହାଯାଉଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଇତିମଧ୍ୟରେ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଅନୌପଚାରିକ ଆଲୋଚନା ପରେ ବିରୋଧୀ ଦଳଗୁଡ଼ିକ ସହ ନୂଆଦିଲ୍ଲୀରେ ଏକ ଗୁରୁତ୍ୱପୂର୍ଣ୍ଣ ମିଳିତ ବୈଠକ ଅନୁଷ୍ଠିତ ହେବ। ସବୁ ବିରୋଧୀ ଦଳ ମଧ୍ୟରେ ସହମତି ଆଣି ଏପରି ଜଣେ ମିଳିତ ପ୍ରାର୍ଥୀଙ୍କୁ ଛିଡ଼ା କରାଇବା ଉପରେ କଂଗ୍ରେସ



ଗୁରୁତ୍ୱ ଦେବ, ଯିଏକି ସମଭାବାପନ୍ନ ଦଳଗୁଡ଼ିକର ଧର୍ମନିରପେକ୍ଷ ବିଚାରକୁ ପ୍ରତିନିଧିତ୍ୱ କରିପାରୁଥିବେ। ଭାଜପାର ସାମ୍ପ୍ରଦାୟିକ ତଥା ବିଭାଜନବାଦୀ କାର୍ଯ୍ୟସୂଚୀକୁ ପ୍ରତିହତ କରିବା ସକାଶେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ସମ୍ଭାବ୍ୟ ପ୍ରାର୍ଥୀ ଏକ ମଜଭୁତ ବିକଳ୍ପ ଭାବେ ଅବତୀର୍ଣ୍ଣ ହୋଇପାରିବେ।

ଦେଖିବାକୁ ଗଲେ ୨୦୨୨ ରାଷ୍ଟ୍ରପତି ନିର୍ବାଚନ ଅନେକ ଦୃଷ୍ଟିକୋଣରୁ ୨୦୧୭ ତୁଳନାରେ ଗୁରୁତ୍ୱପୂର୍ଣ୍ଣ ଓ ସ୍ୱତନ୍ତ୍ର। ଜାତୀୟ ରାଜନୀତିରେ ବିଗତ ୫ ବର୍ଷ ମଧ୍ୟରେ ମୁଖ୍ୟତଃ ୩ଟି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) କ୍ଷମତାସୀନ ହେବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ବଳ ବୃଦ୍ଧି ଘଟିଛି। ଏଥିସହ ରାଜସ୍ଥାନ ଓ ଛତିଶଗଡ଼ରେ ସୀମିତ ଥିବା କଂଗ୍ରେସ ସହ ଏଏପି ନିଜକୁ ସମକକ୍ଷ କରିପାରିଛି। ଦ୍ୱିତୀୟତଃ ୨୦୧୭ ରାଷ୍ଟ୍ରପତି ନିର୍ବାଚନ ବେଳେ କଂଗ୍ରେସର ସମର୍ଥ ସହଯୋଗୀ ଭୂମିକା ତୁଲାଇଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ଭୋଟରେ ହ୍ୟାଟ୍ରିକ୍ ବିଜୟ ହାସଲ କରି ନିଜ ସ୍ଥିତିକୁ ଆହୁରି ମଜଭୁତ କରିପାରିଛି। ତୃତୀୟରେ ତେଲଙ୍ଗାନାରେ ଭାଜପା ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଆପ୍ରାଣ ଉଦ୍ୟମ କରୁଥିବାବେଳେ ଶାସକ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) କେନ୍ଦ୍ରୀୟ ରାଜନୀତିରେ ବିରୋଧୀ ମଞ୍ଚ ପାଇଁ ଭୂମି ପ୍ରସ୍ତୁତ କରୁଛି। କିନ୍ତୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ କଂଗ୍ରେସ ନେତୃତ୍ୱର ବୋଲ ମାନି ସର୍ବପୁରାତନ ଦଳର ଛତା ତଳେ ରହିବାକୁ ଅମଙ୍ଗ। ତେଣୁ ଏଏପି, ଟିଏମ୍‌ସି ଏବଂ ଟିଆର୍‌ଏସ୍ ରାଷ୍ଟ୍ରପତି ନିର୍ବାଚନ ବେଳେ କଂଗ୍ରେସକୁ ବିରୋଧୀ ମେଣ୍ଟର ମଙ୍ଗ ଧରାଇବାକୁ ସୁଯୋଗ ଦେବାକୁ ଚାହିଁ ନ ପାରନ୍ତି।

## ପାୱାର, ମମତାଙ୍କୁ ଫୋନ୍ କଲେ ସୋନିଆ

ରାଷ୍ଟ୍ରପତି ନିର୍ବାଚନ ବିଗୁଲ ବାଜିବା ପରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଚ୍ୟାଲେଞ୍ଜ ଦେବା ପାଇଁ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ସୋନିଆ ଶୁକ୍ରବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର, ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଫୋନ୍ କରିଛନ୍ତି। ସୋନିଆ କୋଭିଡ୍ ସଂକ୍ରମିତ ହୋଇଥିବାରୁ ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ



ମୁମ୍ବାଇ ପଠାଇଛନ୍ତି। ଖାର୍ଗେ ପାୱାରଙ୍କୁ ଭେଟି ସମଭାବପନ୍ନ ଦଳଗୁଡ଼ିକ ପକ୍ଷରୁ ମିଳିତ ପ୍ରାର୍ଥୀ ଦେବା ଲାଗି ଆଲୋଚନା କରିଛନ୍ତି। ଏହା ପରେ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଭେଟି ଡିଏମ୍‌କେ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ୍ କରି ଟିଏମ୍‌ସିର ସମର୍ଥନ ଲୋଡ଼ିବେ। ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି), ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଟିଆର୍‌ଏସ୍ ଏବଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ନେତୃତ୍ୱାଧୀନ ୱାଇଏସ୍‌ଆର୍ କଂଗ୍ରେସ ଭଳି ଅଣଭାଜପା ଦଳ କଂଗ୍ରେସର ଖେଳ ବିଗାଡ଼ିବା ଆଶଙ୍କା ଥିବାରୁ ବିରୋଧୀଙ୍କ ପକ୍ଷରୁ ଜଣେ ଅଣକଂଗ୍ରେସ ପ୍ରାର୍ଥୀଙ୍କ ଉପରେ ସହମତି ପ୍ରକାଶ ପାଇପାରେ ବୋଲି କୁହାଯାଉଛି। ସିପିଆଇର ବିନୟ ବିଶ୍ୱମ୍ କହିଛନ୍ତି, ବିଜେଡି, ୱାଇଏସ୍‌ଆର୍‌ସିପି ଏବଂ ଟିଆର୍‌ଏସ୍ ଭାଜପା ବିରୋଧରେ ଯିବାକୁ ଆଗ୍ରହ ପ୍ରକାଶ କଲେ ରାଷ୍ଟ୍ରପତି ନିର୍ବାଚନ ରୋଚକ ହେବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୯୪,୪୦,୮୭୭ | ୬୩,୨୮,୯୫୯ | ୫୧,୨୧,୩୬,୮୧୧ |
| ଭାରତ | ୪,୩୨,୦୭,୨୨୯ | ୫,୨୪,୭୪୭ | ୪,୨୬,୪୪,୦୯୨ |
| ଓଡ଼ିଶା | ୧୨,୮୮,୫୯୬ | ୯୧୨୬(+୫୩) | ୧୨,୭୯,୨୯୨ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ୧୬ରୁ ବନ୍ଦ ରହିବ ଶିମିଳିପାଳ ଅଭୟାରଣ୍ୟ

**ବାରିପଦା ଅଫିସ,୧୦।୬:** ବର୍ଷା ଋତୁର ଆଗମନ ଯୋଗୁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଚଳିତ ମାସ ୧୬ରୁ ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ରହିବ। ବର୍ଷା ଦିନେ ଅଭୟାରଣ୍ୟ ମଧ୍ୟରେ ଥିବା ରାସ୍ତାଘାଟ ଖରାପ ହୋଇଥାଏ। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଅଭୟାରଣ୍ୟକୁ ସାମୟିକ ଭାବେ ବନ୍ଦ ରଖାଯାଇଥାଏ । ଶିମିଳିପାଳକୁ ପ୍ରବେଶ ପଥ ଶାମାଖଣ୍ଟା ବ୍ଲକ ପୀଠାବଟା ଫାଟକ ସମେତ ଯଶୀପୁର ବ୍ଲକ କାଳିଆଣୀ ଫାଟକ ବନ୍ଦ ରହିବ। ଆସନ୍ତା ନଭେମ୍ବର ୧ତାରିଖଠାରୁ ପୁଣି ପର୍ଯ୍ୟଟକମାନଙ୍କ ପ୍ରବେଶ ଲାଗି ଅନୁମତି ପ୍ରଦାନ କରାଯିବ ବୋଲି ଶିମିଳିପାଳ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

### ହାତୀ ଆକ୍ରମଣରେ ଫରେଷ୍ଟର ଗୁରୁତର

#### ବାଘ ଗଣନା କାର୍ଯ୍ୟରେ ସାମିଲ ଥିଲେ

**ବାରିପଦା ଅଫିସ,୧୦।୬:** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଅଧୀନ ଚହଲା ରେଞ୍ଜରୁ ବାଘ ଗଣନା ସାରି ଫେରିବା ବାଟରେ ଜଣେ ଫରେଷ୍ଟର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ତରୁଣ କୁମାର ଦାସ। ଗତ ୬ତାରିଖରୁ ଶିମିଳିପାଳ ଅଭୟାରଣ୍ୟରେ ବାଘ ଗଣନା ଆରମ୍ଭ ହୋଇଛି। ଏହା ୧୩ତାରିଖରେ ଶେଷ ହେବ। ଏହି କାର୍ଯ୍ୟରେ ୫ଶହରୁ ଉର୍ଦ୍ଧ୍ୱ ବନ କର୍ମଚାରୀ ସାମିଲ ହୋଇଛନ୍ତି। ତେବେ ଗୁରୁବାର ଫରେଷ୍ଟର ଦାସ ଚହଲା ରେଞ୍ଜ ଅଞ୍ଚଳରୁ ବାଘ ଗଣନା ସାରି ଫେରିବା ବେଳେ ଏକ ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିଲା । ତାଙ୍କ ଛାତି ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

# 'ସ୍କୁଲ ରୂପାନ୍ତରଣ ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି'



ଦ୍ୱିତୀୟ ପର୍ଯ୍ୟାୟର ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ଶେଷ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫–ଟି ସଚିବ ଭି.କେ. ପାଣ୍ଡିଆନ।

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**

## ସରିଲା ଦ୍ୱିତୀୟ ପର୍ଯ୍ୟାୟ ସ୍କୁଲ ରୂପାନ୍ତରଣ

- ୫ ଜିଲାର ୪୧୬ ରୂପାନ୍ତରିତ ସ୍କୁଲ ଲୋକାର୍ପିତ
- ଦୁଇଟି ପର୍ଯ୍ୟାୟରେ ୩୯୮୧ ସ୍କୁଲ ରୂପାନ୍ତରିତ

ସ୍କୁଲ ରୂପାନ୍ତରଣ କେବଳ ସ୍କୁଲର କାୟିକ ପରିବର୍ତ୍ତନ ନୁହେଁ, ଏହା ପିଲାଙ୍କ ମାନସିକ ସ୍ତରରେ ବିରାଟ ପରିବର୍ତ୍ତନ ଆଣିପାରିଛି। ଏହାଦ୍ୱାରା ପିଲାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଭବିଷ୍ୟତରେ ସେମାନେ ସଫଳ ହେବା ସହିତ ଓଡ଼ିଶାର ରୂପାନ୍ତରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟର ଷଷ୍ଠ ତଥା ଶେଷ ଦିବସରେ ୫ ଜିଲାର ୪୧୬ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରି ଏହା କହିଛନ୍ତି। ଏହି ସ୍କୁଲ୍‌ଗୁଡ଼ିକ ମଧ୍ୟରେ କୋରାପୁଟ ଜିଲାର ୯୫ ହାଇସ୍କୁଲ, ଗଜପତିର ୩୧, ସମ୍ବଲପୁରର ୪୦, ବଲାଙ୍ଗୀରର ୧୦୦ ଓ ଯାଜପୁରର ୧୫୦ ହାଇସ୍କୁଲ ରହିଛି। ଏହା ସହିତ ଦ୍ୱିତୀୟ ପର୍ଯ୍ୟାୟ ସ୍କୁଲ ରୂପାନ୍ତର ଶେଷ ହୋଇଛି। ଦୁଇଟି ପର୍ଯ୍ୟାୟରେ ମୋଟ ୩,୯୮୧ ସ୍କୁଲ ରୂପାନ୍ତରିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧,୦୭୫ ସ୍କୁଲ ରୂପାନ୍ତରିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨,୯୦୬ ସ୍କୁଲର ରୂପାନ୍ତରଣ ହୋଇଛି। ସ୍କୁଲ ରୂପାନ୍ତର ବାସ୍ତବରେ ଓଡ଼ିଶାର ଭବିଷ୍ୟତର ରୂପାନ୍ତର ପାଇଁ ମୂଳଦୁଆ ପକାଇଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ପିଲାଙ୍କ ଭିତରେ ମୁଁ ଭବିଷ୍ୟତ ଓଡ଼ିଶାର ଝଲକ ଦେଖିପାରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ପିଲାମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଅତ୍ୟନ୍ତ ଉତ୍ସାହର ସହିତ ନିଜ ଭବିଷ୍ୟତର ସ୍ୱପ୍ନକୁ ଉପସ୍ଥାପନ କରିଥିଲେ। କୋରାପୁଟରୁ ନିବେଦିତା, ଗଜପତିରୁ ରେଶମା, ସମ୍ବଲପୁରରୁ ଆକୃତି, ବଲାଙ୍ଗୀରରୁ ଅଞ୍ଜନେୟ ଏବଂ ଯାଜପୁରରୁ ମନୀଷା ପ୍ରମୁଖ ଛାତ୍ରୀଛାତ୍ର ସେମାନଙ୍କ ବକ୍ତବ୍ୟରେ ସ୍କୁଲ ରୂପାନ୍ତର ବିଷୟରେ ନିଜ ଅନୁଭବ ବର୍ଣ୍ଣନା କରିଥିଲେ।

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମନ୍ତ୍ରୀ ଟୁକୁନି ସାହୁ, ରୋହିତ ପୂଜାରୀ, ବିଧାୟକ ଅମର ପ୍ରସାଦ ଶତପଥୀ, ରଘୁରାମ ପଡଲ ଓ ଜିଲା ପରିଷଦ ସଭାପତି ଜି. ତିରୁପତି ରାଓ ପ୍ରମୁଖ ସ୍କୁଲଗୁଡିକର ଅନୁକୂଳ ପରିବେଶ ପିଲା ଓ ଅଭିଭାବକଙ୍କ ଭିତରେ ଭରସା ସୃଷ୍ଟି କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରି ମୁଖ୍ୟମନ୍ତ୍ରୀଙ୍କ ୫ଟି ସଚିବ ଭି.କେ. ପାଣ୍ଡିଆନ କହିଲେ, କୋଭିଡ୍ ଓ ପଞ୍ଚାୟତ ନିର୍ବାଚନ ପରି ଆହ୍ୱାନମୂଳକ ସମୟ ସତ୍ତ୍ୱେ ଦୁଇଟି ପର୍ଯ୍ୟାୟରେ ୩,୯୮୧ଟି ହାଇସ୍କୁଲ ରୂପାନ୍ତରଣ ସଫଳତାର ସହ ଶେଷ ହୋଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଉନ୍ନୟନ କମିଶନର ପ୍ରଦୀପ ଜେନା ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଓସେପାର ପ୍ରକଳ୍ପ ନିର୍ଦ୍ଦେଶକ ଅନୁପ ସାହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିମିଳିପାଳରୁ ୪ ଶିକାରୀ ଗିରଫ



ଗିରଫ ୪ ଶିକାରୀ।

**ବାରିପଦା ଅଫିସ/ଠାକୁରମୁଣ୍ଡା,୧୦।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କେନ୍ଦୁମୁଣ୍ଡି ରେଞ୍ଜ ଅଞ୍ଚଳରୁ ବନକର୍ମଚାରୀମାନେ ୪ ଶିକାରୀଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନେ କରଞ୍ଜିଆ ବ୍ଲକ ବାରୁଡିହୀ, ପାହାଡ଼ପୁର ଓ ରାମଯୋଡ଼ି ଗ୍ରାମର ବାସୁଦେବ ନାୟକ, ଚକ୍ରଧର ଗାଗରାଇ, ସୁଦର୍ଶନ ନାୟକ ଓ କେରସେ ସିଂଖୁଣ୍ଟିଆ। ସେମାନଙ୍କଠାରୁ ୧୨କେଜି ହରିଣ ମାଂସ, ଗୋଟିଏ ବାଇକ୍ ଓ ୩ଟି ଦେଶୀ ବନ୍ଧୁକ ଜବତ ହୋଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।




## 'ଆର୍ଥିକ ଦୁର୍ବଳ ବର୍ଗ ମୁହଁରେ ହସ ଫୁଟାଇଛି ଭାଜପା'

**ଭୁବନେଶ୍ୱର, ୧୦।୬(ବ୍ୟୁରୋ):** ଦେଶ ସ୍ୱାଧୀନତା ହେବାର ୭୦ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରର କୌଣସି ସରକାର ପଛୁଆ ବର୍ଗଙ୍କ ବିକାଶ ପାଇଁ ଚିନ୍ତା କରି ନ ଥିଲେ। ୨୦୧୯ ଜାନୁୟାରୀ ୧୩ରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶାକୁ ଲାଘବ କରିବା ଉଦ୍ଦେଶ୍ୟରେ ମୋଦି ସରକାର ଯୁଗାନ୍ତକାରୀ ନିଷ୍ପତ୍ତି ନେଇଛନ୍ତି। ଏହା ସେମାନଙ୍କ ମୁହଁରେ ହସ ଫୁଟାଇପାରିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭୁବନେଶ୍ୱରରେ ଅନୁଷ୍ଠିତ ଆର୍ଥିକ ଅନଗ୍ରସର ସମାବେଶରେ ଶୁକ୍ରବାର ଯୋଗଦେଇ ସମୀର କହିଛନ୍ତି, ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ସମେତ ସମସ୍ତ ଆର୍ଥିକ ଦୁର୍ବଳ ଶ୍ରେଣୀ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ୧୦୩ତମ ସମ୍ବିଧାନ ସଂଶୋଧନ ବିଧେୟକ ଜରିଆରେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସେମାନଙ୍କ ପାଇଁ ୧୦% ସ୍ଥାନ ସଂରକ୍ଷଣ ରହିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ମେଡିକାଲ, ଆଇଆଇଏମ୍, ଆଇଆଇଟି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଆଦି ଶିକ୍ଷାନୁଷ୍ଠାନରେ ଏହା ଲାଗୁ କରାଯାଇଛି। ୟୁପିଏସ୍‌ସି ସମେତ ସମସ୍ତ କେନ୍ଦ୍ର ସରକାର ଚାକିରିରେ ମଧ୍ୟ ଏହି ସଂରକ୍ଷଣ ବ୍ୟବସ୍ଥା ରହିଛି। ହେଲେ ଓଡ଼ିଶା ସରକାର କେବଳ ମେଡ଼ିକାଲ ଶିକ୍ଷାକ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଇ ଅନ୍ୟାନ୍ୟ ପାଠ୍ୟକ୍ରମ ଏବଂ ଚାକିରି କ୍ଷେତ୍ରରେ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମୀର କହିଛନ୍ତି।

## ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି

**ପୁରୀ ଅଫିସ, ୧୦।୬:** ଶ୍ରୀମନ୍ଦିରରେ ଶୁକ୍ରବାର ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି ଅନୁଷ୍ଠିତ ହୋଇଛି। ସନ୍ଧ୍ୟାଧୂପ ବଢ଼ିବା ପରେ ଶ୍ରୀମଦନମୋହନ ରତ୍ନସିଂହାସନ ନିକଟକୁ ଓ ପରେ ଖଟଶେଯ ଉପରକୁ ବିଜେ କରିଥିଲେ। ଭିତର ଶୋଧ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ମହାପ୍ରଭୁଙ୍କ ଆଲଟ ଲାଗି ନୀତି ହୋଇଥିଲା। ପରେ ଜଣେ ସେବକ ଡଗର ଭାବେ ଆସି ମଦନମୋହନଙ୍କୁ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଜଣାଇଥିଲେ। ଏହାପରେ ଠାକୁରଙ୍କୁ ଭିତର ବେଢାରେ ଘେରାଏ ପରିକ୍ରମା କରାଇ ପୁନର୍ବାର ବଟବୃକ୍ଷ ମୂଳେ ବିଜେ କରାଯାଇଥିଲା। କୁତ କଉତୁକ ଋଷି ଭାବେ ଜଣେ ସେବକ ଦଣ୍ଡ ପ୍ରଣାମ କରି ମହାପ୍ରଭୁଙ୍କୁ ଦକ୍ଷିଣ ଘରକୁ ନେଇଥିଲେ। ଠାକୁର ଖଟରେ ବିଜେ ହେବା ପରେ ପଞ୍ଚାମୃତ ମହାସ୍ନାନ ସହ ବେଶ କରାଯାଇଥିଲା। ଶୀତଳ ଭୋଗ ମଣୋହି ହୋଇ ଖିରି, ଅମାଲୁ ଭୋଗ କରାଯାଇ ବନ୍ଦାପନା ହୋଇଥିଲା। ଭୋଗ ପରେ ଠାକୁର ଦକ୍ଷିଣଘର ସ୍ୱସ୍ଥାନକୁ ବିଜେ କରିଥିଲେ। ଶ୍ରୀଜଗନ୍ନାଥଙ୍କ ନିକଟରେ ଛତି ଟେକା ହୋଇ ଅଭିଷେକ ନୀତି ସମ୍ପନ୍ନ ହୋଇଥିଲା।



# କମ୍ପାନୀ ଅଧିକାରୀଙ୍କୁ ଗୋଡ଼ାଇ ପିଟିଲେ




କମ୍ପାନୀ ଅଧିକାରୀଙ୍କୁ ଉତ୍ୟକ୍ତ ଲୋକେ ଗୋଡ଼ାଇ ଗୋଡ଼ାଇ ପିଟୁଛନ୍ତି(ବାମ)। ଲୋକେ ଜନଶୁଣାଣିକୁ ବିରୋଧ କରି ପ୍ରଶାସନିକ ଅଧିକାରୀଙ୍କୁ ଘେରାଉ କରିଛନ୍ତି।

## ପ୍ରକଳ୍ପ ନିର୍ମାଣ ପାଇଁ ଜନଶୁଣାଣିକୁ ବିରୋଧ

## ଜନଶୁଣାଣି ବାତିଲ, ପୋଲିସରେ ମାମଲା

**ଝାରସୁଗୁଡ଼ା ଅଫିସ,୧୦।୬**

ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅଞ୍ଚଳରେ ଶୁକ୍ରବାର ଏକ କମ୍ପାନୀର ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଜନଶୁଣାଣି ଆୟୋଜନ କରାଯାଇଥିଲା। ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବା ସହ କମ୍ପାନୀ ଅଧିକାରୀଙ୍କୁ ମାଡ଼ ମାରିବାକୁ ପଛାଇ ନ ଥିଲେ।

ହାଇଦ୍ରାବାଦର ରାମ୍‌କୀ ଏନ୍‌ଭିରୋ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀ ତରଫରୁ ଝାରସୁଗୁଡ଼ା ଜିଲା ଲଖନପୁର ତହସିଲ ଅନ୍ତର୍ଗତ ଜୁନିୟନ ଅଞ୍ଚଳର ୬୪ ଏକର ଜମିରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଛନ୍ତି। ଏହାସତ୍ତ୍ୱେ କମ୍ପାନୀ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରୟାସ ଜାରି ରଖିଛି। ପରିବେଶ ମଞ୍ଜୁରୀ ପାଇଁ ଶୁକ୍ରବାର ଲଖନପୁର ସମଲେଇ ପଡ଼ିଆରେ ଜିଲା ପ୍ରଶାସନ ତରଫରୁ ଜନଶୁଣାଣିର ଆୟୋଜନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଓ କମ୍ପାନୀ କର୍ତ୍ତୃପକ୍ଷ ଜନଶୁଣାଣି ସ୍ଥଳରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସ୍ଥାନୀୟ ଲୋକେ ଏହାକୁ କଡ଼ା ବିରୋଧ କରିଥିଲେ। ସେମାନେ ପୋଷ୍ଟର, ବ୍ୟାନର ଧରି ରାମ୍‌କୀ କମ୍ପାନୀ ଗୋବ୍ୟାକ୍ କହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ପ୍ରଶାସନିକ ଅଧିକାରୀଙ୍କୁ ଘେରାଉ କରି ମଞ୍ଚ ଉପରକୁ ଯିବାକୁ ଦେଇ ନ ଥିଲେ। ଉତ୍ତେଜନା ଦେଖାଦେବାରୁ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ପରେ ଅତିରିକ୍ତ ଜିଲାପାଳ ପ୍ରବୀର ନାୟକ ଜନଶୁଣାଣି ବାତିଲ କରିବାକୁ ବାଧ୍ୟ ହୋଇଥିଲେ। ପରବର୍ତ୍ତୀ ସମୟରେ ଉତ୍ୟକ୍ତ ଲୋକେ ସେଠାରେ ଉପସ୍ଥିତ କମ୍ପାନୀ ଅଧିକାରୀ ଓ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଫଳରେ ସେଠାରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପସ୍ଥିତ ପୋଲିସ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତି ଶାନ୍ତ କରିଥିଲା। କମ୍ପାନୀର ଭାଇସ୍ ପ୍ରେସିଡେଣ୍ଟ ସଞ୍ଜୀବ କୁମାର ଏ ନେଇ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି, ଜନଶୁଣାଣି ସ୍ଥାନରେ କେତେକ ଅଜଣା ଲୋକ କମ୍ପାନୀ ଅଧିକାରୀ ଓ କର୍ମଚାରୀଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରି ଧମକଚମକ ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଲଖନପୁର ଥାନା କେସ୍ ନଂ.୧୩୦/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ।

ପ୍ରକଳ୍ପକୁ ବିରୋଧ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଚାଷୀନେତା ବିରଞ୍ଚି ସାହୁ, ଗୋପୀନାଥ ମାଝି, ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ଡିହିରିଆ, ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ, ପୁଷ୍ପାଞ୍ଜଳି ସେଠ୍, ଲଖନପୁର ସରପଞ୍ଚ ଆରତି ପ୍ରଧାନ, କୁଡାଲୋଇ ସରପଞ୍ଚ ସନାତନ ନାୟକ, ପିପିଲିମାଲ ସରପଞ୍ଚ ଦୀନବନ୍ଧୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ପ୍ରବୀର ନାୟକ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ବିଡିଓ ସଞ୍ଜୀବ ପଟେଲ, ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାୟକ, ସହକାରୀ ବୈଜ୍ଞାନିକ ଅନୁଷା ଏକ୍କା, ଅଶୋକ ଭୋଇ, ବ୍ରଜରାଜନଗର ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍, ଲଖନପୁର ଆଇଆଇସି ଦୁଃଖିନ୍ଦ୍ର ସାହୁ, ବନହରପାଲି ଆଇଆଇସି ରଶ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ହିରଣ୍ୟ ନାୟକ କହନ୍ତି, ସ୍ଥାନୀୟ ଲୋକେ ଜନଶୁଣାଣିକୁ ବିରୋଧ କଲାପରେ ଜିଲାପ୍ରଶାସନ ଏହାକୁ ବାତିଲ କରିଛି। ଏ ସମ୍ପର୍କରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦିଲ୍ଲୀ ଓ ଭୁବନେଶ୍ୱରଙ୍କୁ ଜଣାଇ ଦିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ୨୦୨୧ ଅଗଷ୍ଟ ୨୭ରେ କମ୍ପାନୀର ପ୍ରସ୍ତାବିତ ଜନଶୁଣାଣିକୁ ସ୍ଥାନୀୟ ଲୋକେ ବିରୋଧ କଲାପରେ ଜିଲା ପ୍ରଶାସନ ଏହାକୁ ବାତିଲ କରିଥିଲା।

# ଶପଥ ନେଲେ ହାଇକୋର୍ଟର ୨ ବିଚାରପତି

**କଟକ ଅଫିସ, ୧୦।୬**



ଜଷ୍ଟିସ ଶୁଭାଶିଷ ତାଳପତ୍ର ଓ ସଞ୍ଜୟ କୁମାର ମିଶ୍ରଙ୍କୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଶପଥପାଠ କରାଉଛନ୍ତି।

ଓଡ଼ିଶା ହାଇକୋର୍ଟର ୨ ଜଣ ନବନିଯୁକ୍ତ ବିଚାରପତି ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ସେମାନେ ହେଲେ ଜଷ୍ଟିସ ଶୁଭାଶିଷ ତାଳପତ୍ର ଓ ସଞ୍ଜୟ କୁମାର ମିଶ୍ର। ଓଡ଼ିଶା ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ ଅନୁଷ୍ଠିତ ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଯୋଗଦେଇ ଉଭୟ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ଡିଜିପି ସୁନୀଲ ବଂଶଲ, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ପି.କେ. ପାର୍‌ହୀ, ପ୍ରମୁଖ ସଚିବ ପି. କେ. ପାତ୍ର, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପିନାକ ମିଶ୍ର, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସମେତ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଶୁଭାଶିଷ ୨୦୧୧ ନଭେମ୍ବର ୧୫ ତାରିଖରେ ଗୁଆହାଟୀ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ ଶପଥ ନେଇଥିଲେ। ଏହାପରେ ସେ ତ୍ରିପୁରା ହାଇକୋର୍ଟରେ ସ୍ଥାୟୀ ବିଚାରପତି ଭାବେ ୨୦୧୩ ସେପ୍ଟେମ୍ବର ୧୩ ତାରିଖରେ ଶପଥ ଗ୍ରହଣ କରିଥିଲେ। ୨୦୧୮ ନଭେମ୍ବର ଓ ୨୦୧୯ ନଭେମ୍ବରରେ ସେ କିଛିଦିନ ପାଇଁ ତ୍ରିପୁରା ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ତାଙ୍କୁ ଓଡ଼ିଶା ହାଇକୋର୍ଟକୁ ବିଚାରପତି ଭାବେ ବଦଳି କରାଯାଇଛି। ସେହିପରି ସଞ୍ଜୟ ୧୯୯୦ ମସିହାରେ ଏମ୍.ଏସ୍. ଆଇନ କଲେଜରୁ ଏଲ୍‌ଏଲ୍‌ବି ପାସ୍ କରିବା ପରେ ଆଇନଜୀବୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଓଡ଼ିଶା ହାଇକୋର୍ଟରେ ବହୁ ମାମଲା ପରିଚାଳନାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ତାଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ପଦୋନ୍ନତି ଦେବା ପ୍ରସ୍ତାବକୁ ଗତ ଜାନୁୟାରୀରେ ସୁପ୍ରିମକୋର୍ଟ କଲେଜିୟମ ଗ୍ରହଣ କରିଥିଲେ।






# 'ଲୋକ ସମ୍ପର୍କ ବିଭାଗ ସରକାର ଓ ଜନତାଙ୍କ ମଧ୍ୟରେ ସଂଯୋଗର ସେତୁ'



ବୈଠକରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କୁ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ଅନ୍ୟ ଅଧିକାରୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ଭୁବନେଶ୍ୱର, ୧୦।୬(ବ୍ୟୁରୋ)**

ସୂଚନା ଓ ଲୋକସମ୍ପର୍କ ବିଭାଗ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ସଂଯୋଗ ସେତୁର ଭୂମିକା ନିର୍ବାହ କରିଥାଏ। ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମ ଓ ସଫଳତାକୁ ଜନସାଧାରଣଙ୍କ ନିକଟରେ ଠିକ୍‌ଭାବରେ ଉପସ୍ଥାପନର ଗୁରୁତ୍ୱ ବହନ କରିଥାଏ ବୋଲି ସୂଚନା ଓ ଲୋକସମ୍ପର୍କ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ମନ୍ତ୍ରୀ ଅମାତ ଗୁରୁବାର ଲୋକସମ୍ପର୍କ ଭବନ ପରିଦର୍ଶନ କରିବା ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ମନ୍ତ୍ରୀଙ୍କୁ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବିଭାଗକୁ ଅଧିକ କ୍ରିୟାଶୀଳ ତଥା ସଫଳ କରି ଗଢ଼ିତୋଳି ଉତ୍କର୍ଷ ପ୍ରତିପାଦନ କରିବାକୁ ଅଧିକାରୀ ଓ କର୍ମଚାରୀମାନେ ସଚେତନତାର ସହ ଉଦ୍ୟମ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ବିଭାଗର ବିଭିନ୍ନ ସମସ୍ୟା ଦୂର ପାଇଁ ଯଥୋଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ, ସରକାରଙ୍କ ଯୋଜନା, କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା, ଜାତୀୟ ଦିବସ ତଥା ମହାପୁରୁଷଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ କରିବା ସହିତ ବିଭିନ୍ନ ପ୍ରକାଶନ ପାଇଁ ବିଭାଗ ପଦକ୍ଷେପ ନେଇଥାଏ। ବର୍ତ୍ତମାନ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଉପଯୋଗରେ ଇଣ୍ଟରନେଟ୍, ଇ-ମେଲ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ ପରି ସାମାଜିକ ଗଣମାଧ୍ୟମ ସହାୟତାରେ ସୂଚନା ଅଧିକାରୀମାନେ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ସବୁସ୍ତରରେ ପହଞ୍ଚାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ବିଭାଗର କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତି ସଫଳ କାର୍ଯ୍ୟାନ୍ୱୟନରେ ବିଭିନ୍ନ ପ୍ରତିବନ୍ଧକ ଅତିକ୍ରମ କରି ବିଭାଗର ଅଧିକାରୀମାନେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ବୈଠକରେ ବିଭାଗୀୟ ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଡିଜିପିଙ୍କ ଗୁରୁତ୍ୱ



ସମୀକ୍ଷା ବୈଠକରେ ଡିଜିପି ସୁନୀଲ ବଂଶଲଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀମାନେ।

## ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ନେଇ ସମୀକ୍ଷା ବୈଠକ

- ମୁତୟନ ହେବେ ୫୦ ପ୍ଲାଟୁନ୍ ଫୋର୍ସ
- ଶ୍ରୀମନ୍ଦିର ପରିସର, ବାହାରେ ସିସିଟିଭି ବ୍ୟବସ୍ଥା

**କଟକ ଅଫିସ, ୧୦।୬**

ଆସନ୍ତା ୧୪ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ଏଥିପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଶୃଙ୍ଖଳିତ ଭାବେ ଦେବସ୍ନାନ ପୂର୍ଣ୍ଣିମାକୁ ସମାପ୍ତ କରିବାକୁ ଡିଜିପି ବଂଶଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ପରିସର ଓ ବାହାରେ ବହୁ ସଂଖ୍ୟାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବାକୁ ଡିଜିପି ଗୁରୁତ୍ୱାରୋପ କରିଥିଲେ। ସେହିପରି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍.କେ. ଶର୍ମା ଯୋଗଦେଇ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସ୍ନାନବେଦୀ ନିକଟକୁ ଭକ୍ତଙ୍କୁ ବାରଣ, ଜନଗହଳି ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ଏବଂ ଅପରାଧକୁ ଦମନ ଭଳି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଯୋଗଦେଇ ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ପରିସର ଓ ବାହାରେ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ୩ କମାଣ୍ଡାଣ୍ଟ, ୭ ଅତିରିକ୍ତ ଏସ୍‌ପି, ୧୪ ଡିଏସ୍‌ପି, ୩୦ ଇନ୍ସପେକ୍ଟର ଏବଂ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏହି ବୈଠକରେ ପୁରୀ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।




ହତବୁଦ୍ଧି ହୋଇ ଯାଅନା। ଭୁଲିଯିବା ପାଇଁ ଚେଷ୍ଟା କରନା। ଅବଚେତନା ଭିତରକୁ ଖସିପଡନା। କାରଣ, ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ପଡିବ। ... ଗୋଟିଏ ଦିନରେ କେହି ନିଜ ପ୍ରକୃତିକୁ ଜୟ କରିପାରେ ନାହିଁ। ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ଥିଲେ ବିଜୟ ସୁନିଶ୍ଚିତ। –ଶ୍ରୀମା

# ଚାପରେ କେନ୍ଦ୍ର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରତି କେନ୍ଦ୍ର ଅତି ସମ୍ବେଦନଶୀଳ ବୋଲି ବହୁ ସମୟରେ ଦାବି କରେ। ତେବେ ବର୍ତ୍ତମାନ ମିଜୋରାମରେ ଏକ ସମସ୍ୟାରେ ତା' ଦାବିର ପରୀକ୍ଷା ହୋଇଯିବ। କିଛି ଦିନ ହେଲା ମିଜୋରାମରେ ପ୍ରମୁଖ ସିଭିଲ ସୋସାଇଟି ଗ୍ରୁପ୍‌ଗୁଡ଼ିକ ରାଜ୍ୟର ମୁଖ୍ୟ ଶାସନ ସଚିବ ରେଣୁ ଶର୍ମାଙ୍କୁ ହଟାଇବା ପାଇଁ ଅଭିଯାନ ଚଳାଇ ଆସୁଛନ୍ତି। ମିଜୋ ଓ ସ୍ଥାନୀୟ ଭାଷା କହିପାରୁଥିବା ଜଣେ ଅଧିକାରୀଙ୍କୁ ତାଙ୍କ ସ୍ଥାନରେ ଅବସ୍ଥାପିତ କରିବାକୁ ସେମାନେ ଚାହୁଁଛନ୍ତି। ପ୍ରତିବାଦକାରୀମାନେ କହନ୍ତି, ମିଜୋ ଭାଷା କହି ଲୋକଙ୍କ ସହ ସମ୍ପର୍କ ରଖିବାରେ ଶର୍ମାଙ୍କ ଅକ୍ଷମତା ହେଉଛି ବାସ୍ତବ ସମସ୍ୟା ଏବଂ ଏହା ପ୍ରଶାସନରେ ବାଧା ସୃଷ୍ଟି କରୁଛି। ମିଜୋ ଲୋକଙ୍କ ଦାବିକୁ କେନ୍ଦ୍ର ବାରମ୍ବାର ଅଣଦେଖା କରିବାରୁ ପ୍ରତିବାଦ ଏବେ ସାଧାରଣ ସ୍ତରରେ ପହଞ୍ଚିଛି। ଏହି ବିବାଦ ନୂଆ ନୁହେଁ। ୧୯୮୮ ବ୍ୟାଚ୍‌ର ଏଜିଏମ୍‌ୟୁଟି କ୍ୟାଡର ଅଧିକାରୀ ଶର୍ମାଙ୍କୁ,ତାଙ୍କ ପୂର୍ବାଧିକାରୀ ଲାଲନୁମାଁୱି ଚୁଆଉଙ୍ଗୋ ଅବସର ପରେ ଗତ ବର୍ଷ ଅକ୍ଟୋବରରେ କେନ୍ଦ୍ର କିଭଳି ଏହି ପଦବୀରେ ନିଯୁକ୍ତି ଦେଇଥିଲା ସେ ସମ୍ପର୍କରେ ଉକ୍ତ ସ୍ତମ୍ଭରେ ପ୍ରକାଶ କରାଯାଇଥିଲା। ବିଚିତ୍ର କଥା ହେଉଛି, ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ସେହି ସମାନ ଦିନ ସମାନ ପଦବୀରେ ନିଯୁକ୍ତି ଲାଗି ଅତିରିକ୍ତ ମୁଖ୍ୟ ସଚିବ ଜେ.ସି.ରାମଥାଙ୍ଗାଙ୍କୁ ନାମାଙ୍କିତ କରିଥିଲେ। କିନ୍ତୁ କେନ୍ଦ୍ରର ପ୍ରାର୍ଥୀ ଶର୍ମା ଦାୟିତ୍ୱ ନେଲା ପରେ ଏହି ଦ୍ୱନ୍ଦ୍ୱ ଶେଷ ହେଲେ ମଧ୍ୟ ସମସ୍ୟା ଶାନ୍ତ ପଡ଼ିନାହିଁ। ଶର୍ମାଙ୍କୁ ବିରୋଧ କରିବା ପଛରେ ରାଜ୍ୟ ସରକାରଙ୍କ ପରୋକ୍ଷ ସମର୍ଥନ ରହିଛି ବୋଲି ପର୍ଯ୍ୟବେକ୍ଷକମାନେ କହନ୍ତି। ସମସ୍ୟାକୁ ନେଇ କେନ୍ଦ୍ର ଚାପରେ ରହିଛି। ତେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ସତର୍କତାମୂଳକ ପଦକ୍ଷେପ ନେଇ ଶର୍ମାଙ୍କୁ ହଟାଇବା ପାଇଁ ହେଉଥିବା ଦାବିକୁ ସ୍ୱୀକାର କରି ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଶେଷ କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି।

### ଉଭୟଙ୍କର ଲାଭ

ବିଶେଷସୂତ୍ରରୁ ଜଣାପଡ଼ିଛି ଯେ, ତୈଳ ଏବଂ ପ୍ରାକୃତିକ ବାଷ୍ପ ନିଗମ( ଓଏନ୍‌ଜିସି)ର ଶୀର୍ଷ ପଦ ପାଇଁ ପ୍ରାଇଭେଟ୍ ସେକ୍ଟର ବା ଘରୋଇ କ୍ଷେତ୍ରରୁ ଜଣେ ଏକ୍‌ଜିକ୍ୟୁଟିଭଙ୍କୁ ଆଣିବା ଲାଗି କେନ୍ଦ୍ର ବିଚାର କରୁଥିବା ଜଣାପଡ଼ିଛି। ଶଶୀ ଶଙ୍କର ଅବସର ନେବା ପରେ ଗତ ବର୍ଷ ମାର୍ଚ୍ଚରୁ ଏହି ପଦବୀ ଖାଲିପଡ଼ିଛି। ସରକାରଙ୍କ ରିସର୍ଚ୍ଚ–କମ୍ –ସିଲେକ୍‌ସନ କମିଟି ପ୍ରାଇଭେଟ୍ ସେକ୍ଟରର ଏକ୍‌ଜିକ୍ୟୁଟିଭମାନଙ୍କୁ ଏବଂ ସରକାରରେ ଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଖୋଜିବା ପାଇଁ ଯୋଜନା କରୁଛି। କୁହାଯାଏ, ଆହ୍ୱାନଗୁଡ଼ିକୁ ସାମ୍ନା କରିବାର କ୍ଷମତା ବୃଦ୍ଧି କରି ତଥା ଦକ୍ଷତା ବଢାଇ କମ୍ପାନୀକୁ ସୁଧାରିବାରେ ଜଣେ ପ୍ରାଇଭେଟ ସେକ୍ଟର ଲିଡର୍ କିମ୍ବା ମ୍ୟାନେଜର ସାହାଯ୍ୟ କରିବାର ଅଧିକ ସମ୍ଭାବନା ରହିଛି। ଏଣୁ ଯୋଜନାକୁ ଅଧିକ ଆକର୍ଷକ କରିବା ଲାଗି ସରକାର ସେମାନଙ୍କୁ ଲାଭପ୍ରଦ ସୁବିଧାସୁଯୋଗ ଦେବା ପାଇଁ ବିକଳ୍ପଗୁଡ଼ିକ ଉପରେ ବିଚାର କରୁଛନ୍ତି। ଅନ୍ୟପକ୍ଷରେ ଆଇଏଏସ୍ ଅଧିକାରୀମାନଙ୍କୁ ଆଣିଲେ ଅଧିକ ବ୍ୟବସାୟ ହୁଏ ବୋଲି ତାମିଲନାଡୁରେ ବହୁ କର୍ପୋରେଟ ହାଉସ୍ ବିଶ୍ୱାସ କରନ୍ତି। ନିକଟରେ ଚେନ୍ନାଇର ଦୁଇ ପ୍ରମୁଖ କର୍ପୋରେଟ ଦୁଇ ପୂର୍ବତନ ଆଇଏଏସ୍ ଅଧିକାରୀ ଆର୍. ଗୋପାଳନ ଏବଂ ଏମ୍.ଏଫ୍. ଫାରୁକିଙ୍କୁ ସେମାନଙ୍କ କମ୍ପାନୀରେ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରିବା ଲାଗି କାଗଜପତ୍ର ପ୍ରସ୍ତୁତ କରିଛନ୍ତି। ଅବଶ୍ୟ ଦୁଇ ପୂର୍ବତନ ବାବୁ ଏହି କମ୍ପାନୀଗୁଡ଼ିକର ବୋର୍ଡରେ କିଛିଦିନ ପାଇଁ କାମ କରିଛନ୍ତି। କିନ୍ତୁ ଶୀର୍ଷ ପଦବୀକୁ ସେମାନଙ୍କ ପଦୋନ୍ନତି ଅନେକ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ସମ୍ଭବତଃ, କେନ୍ଦ୍ର ଓ ରାଜ୍ୟରେ କାର୍ଯ୍ୟ କରିବାର ଲମ୍ବା ଅନୁଭବ ଥିବା ଏହି ବାବୁମାନେ ଏକ ନୂଆ ସମ୍ଭାବନା ଆଣିପାରିବେ। ଏଣୁ ଉଭୟ ପୂର୍ବତନ ବାବୁ ଏବଂ ସେମାନଙ୍କ କର୍ପୋରେଟ ମାଷ୍ଟରମାନଙ୍କ ପାଇଁ ଏହି ବ୍ୟବସ୍ଥା ଭଲ ଓ ଲାଭପ୍ରଦ ହେବ।

### ଆଇଏଏସ୍ ସଙ୍କଟ

କମ୍ ବା ସମାନ ସଂଖ୍ୟକ ଲୋକଙ୍କୁ ନେଇ ଅଧିକ ଶାସକୀୟ ପରିଣାମ ପାଇବାକୁ କେନ୍ଦ୍ର ସଙ୍କଳ୍ପ ନେଇଥିଲାବେଳେ, ଆଇଏଏସ୍ ଅଧିକାରୀମାନଙ୍କ ସଂଖ୍ୟା କମ୍ କରି ଏହା କରାଯିବ ବୋଲି ଜଣାପଡ଼ି ନ ଥିଲା। ତେବେ ସେହି ସଙ୍କଳ୍ପ ଏବେ କମ୍ କର୍ମଚାରୀରେ ଅଧିକ ସରକାରୀ କାର୍ଯ୍ୟ କରିବାକୁ ଅନୁମତି ଦେଇଛି। ଗୋଟିଏ ବର୍ଷରୁ ଊର୍ଦ୍ଧ୍ୱ ହେଲା ଆଇଏଏସ୍ ଅଭାବର କଠିନ ସ୍ଥିତିକୁ ଭୋଗିବା ସତ୍ତ୍ୱେ ସରକାର ସର୍ଭିସରେ ଅଧିକାରୀମାନଙ୍କ ପ୍ରବେଶରେ ଉନ୍ନତି ଆଣିବା ଲାଗି ସେମିତି କିଛି ବ୍ୟବସ୍ଥା କରିନାହାନ୍ତି। ନିକଟରେ ପ୍ରକାଶିତ ୟୁପିଏସ୍‌ସି ଫଳରୁ ଜଣାପଡ଼ିଛି ଯେ, ସର୍ଭିସରେ ଆଇଏଏସ୍ ଅଧିକାରୀଙ୍କ ପ୍ରବେଶ ସଂଖ୍ୟା ୧୮୦। ମୋଦି ପ୍ରଥମେ ପ୍ରଧାନମନ୍ତ୍ରୀ ହେବାବେଳେ ୨୦୧୪ରେ ଏହି ସମାନ ସଂଖ୍ୟା ଥିଲା। ୨୦୧୩ରେ ସିଭିଲ୍ ସର୍ଭିସରେ ମୋଟ ଅଧିକାରୀମାନଙ୍କ ପ୍ରବେଶ ସଂଖ୍ୟା ୧,୨୨୮ରୁ କମି ଏବେ ୭୪୯ରେ ପହଞ୍ଚିଛି। ମାର୍ଚ୍ଚ ପ୍ରାରମ୍ଭରେ, ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଅନ୍ ପର୍ସନାଲର ଏକ ରିପୋର୍ଟ ଆଇଏଏସ୍ ଅଧିକାରୀମାନଙ୍କ ପ୍ରବେଶ ସଂଖ୍ୟା ବୃଦ୍ଧି କରିବାକୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି)କୁ ସୁପାରିସ କରିଥିଲା। ହେଲେ ସରକାର ଏହି ବିଷୟ ଉପରେ କୌଣସି ପଦକ୍ଷେପ ନେଇ ନାହାନ୍ତି। ସରକାର ଏବେସୁଦ୍ଧା ଏକ ନିର୍ଦ୍ଦିଷ୍ଟ ଫର୍ମୁଲାରେ କାମ କରୁଛନ୍ତି ଓ ଅଧିକାରାମାନଙ୍କ ପ୍ରବେଶ ସଂଖ୍ୟା ହଠାତ୍ ବୃଦ୍ଧି କରିବାକୁ ଚାହୁଁନାହାନ୍ତି। ଏଣୁ ବ୍ୟବସ୍ଥାର ପୁନର୍ଗଠନ ପାଇଁ ସରକାର ଚେଷ୍ଟା କରୁଥିବାରୁ ଏଭଳି କମ୍ ପ୍ରବେଶ କରାଉଛନ୍ତି। ପୁନଶ୍ଚ ଏହି ବ୍ୟବସ୍ଥା କେତେଦିନ ଚାଲିବ ତାହା ବି ଆମେ ଜାଣୁନା।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | 9 | | 4 | |
| | | 9 | | 6 | 4 | | | 5 |
| | | | 8 | | | 6 | | |
| | 6 | | 7 | | 2 | | | |
| 7 | | | | 8 | | 1 | 3 | 4 |
| | | | | 9 | | | | |
| | | 1 | | | | 2 | 9 | |
| | | | 5 | | | | | 3 |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 8 | 1 | 7 | 4 | 6 | 2 | 3 |
| 3 | 4 | 1 | 6 | 2 | 8 | 5 | 7 | 9 |
| 7 | 2 | 6 | 5 | 9 | 3 | 4 | 8 | 1 |
| 1 | 8 | 2 | 9 | 4 | 5 | 3 | 6 | 7 |
| 6 | 5 | 4 | 7 | 3 | 1 | 2 | 9 | 8 |
| 9 | 7 | 3 | 2 | 8 | 6 | 1 | 5 | 4 |
| 2 | 1 | 9 | 4 | 5 | 7 | 8 | 3 | 6 |
| 4 | 3 | 7 | 8 | 6 | 2 | 9 | 1 | 5 |
| 8 | 6 | 5 | 3 | 1 | 9 | 7 | 4 | 2 |

ଗତକାଲିର ଉତ୍ତର

# ଅପରିପକ୍ୱ ନିଷ୍ପତ୍ତିର ପରିଣାମ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ଇନ୍ଦିରା ପାର୍କରେ ପ୍ରାତଃଭ୍ରମଣ ସାରି ସିମେଣ୍ଟ ବେଞ୍ଚରେ ବସିଥିଲି। ମୋ ପାଖ ବେଞ୍ଚରେ ଦି'ଜଣ ବୟସ୍କ ବ୍ୟକ୍ତି କଥାବାର୍ତ୍ତା ହେଉଥିଲେ। ସେମାନଙ୍କ କଥାବାର୍ତ୍ତାରୁ ଜାଣିଲି, ଜଣେ ହେଉଛନ୍ତି ନରେଶବାବୁ ଏବଂ ଅନ୍ୟ ଜଣେ ନିତ୍ୟାନନ୍ଦବାବୁ। ଦୁହେଁ ଓଡ଼ିଶା ସରକାରଙ୍କ ଅଧୀନରେ କାମ କରି ଅବସର ନେଇଛନ୍ତି। ସେମାନଙ୍କର କଥାବାର୍ତ୍ତା ଆଡ଼କୁ ମୋର ଧ୍ୟାନ ଆକର୍ଷିତ ହେଲା।

ନରେଶବାବୁ କହିଲେ, ଜାଣିଛନ୍ତି! ଶ୍ରୀମନ୍ଦିର ପରିକ୍ରମା ନେଇ ଶଙ୍କରାଚାର୍ଯ୍ୟ ସରକାରଙ୍କ ଉପରେ ଖୁବ୍ କ୍ଷୁବ୍ଧ। ତାଙ୍କ କହିବା କଥା ହେଲା, ଶ୍ରୀମନ୍ଦିରର ବିକାଶ ନାମରେ ଚତୁଃପାର୍ଶ୍ୱ ମଠ ମନ୍ଦିର ଇତ୍ୟାଦିକୁ ଯେପରି ମାଟିରେ ମିଶାଇ ଦିଆଗଲା, ସେ ସମ୍ବନ୍ଧରେ ସରକାର ବା ଶ୍ରୀମନ୍ଦିର ପରିଚାଳନା କମିଟି କେହି ତାଙ୍କ ସହିତ ପରାମର୍ଶ କରିନାହାନ୍ତି। ନିତ୍ୟାନନ୍ଦବାବୁ କହିଲେ, ବର୍ତ୍ତମାନ ମାମଲାଟି ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ସେ ବିଷୟରେ ମତବ୍ୟକ୍ତ କରିବା ଠିକ୍ ହେବନାହିଁ।

ନରେଶବାବୁ କହିଲେ, ଏ ଗୋଟିଏ କଥା ନୁହେଁ, ବହୁ କଥାରେ ସରକାରଙ୍କ ଅପରିପକ୍ୱ ନିଷ୍ପତ୍ତି ଲୋକମାନଙ୍କୁ ଅସୁବିଧାରେ ପକାଇବା ସଙ୍ଗେ ସଙ୍ଗେ ସରକାର ମଧ୍ୟ ନିନ୍ଦିତ ହେଉଛନ୍ତି ଏବଂ ମାଲିମକଦ୍ଦମାରେ ବହୁ ଅର୍ଥ ଶ୍ରାଦ୍ଧ ହେଉଛି। ଏକଥା କହି ସେ କହିଲେ– ଭାଇ ! ଏଠି ତିନିପ୍ରକାର ଅଧ୍ୟାପକ ବେସରକାରୀ କଲେଜରେ କାମ କରନ୍ତି। ସମାନ କାମକୁ ସମାନ ଦରମା ପରିବର୍ତ୍ତେ ଅଧ୍ୟାପକମାନଙ୍କୁ ବର୍ଗୀକରଣ କରାଯାଇ ପ୍ରବରଣମଣ୍ଡଳୀ( ସିଲେକ୍‌ସନ ବୋର୍ଡ) ଦ୍ୱାରା ମନୋନୀତ ହୋଇ ବେସରକାରୀ କଲେଜରେ ଥିବା ଅଧ୍ୟାପକ, ସରକାରୀ କର୍ମଚାରୀଙ୍କ ହାରରେ ଦରମା ପାଉଥିବା ବେଳେ ଆଉ ଦଳେ ଅଧ୍ୟାପକ ଏବଂ ସବାଶେଷରେ ବ୍ଲକ୍‌ଗ୍ରାଣ୍ଟ ପାଉଥିବା ଅଧ୍ୟାପକଗଣ ଅଛନ୍ତି। ଏମାନେ ସମସ୍ତେ ଅନୁଦାନପ୍ରାପ୍ତ ଅଧ୍ୟାପିକା/ଅଧ୍ୟାପକ ହୋଇଥିଲେ ମଧ୍ୟ ପ୍ରବରଣମଣ୍ଡଳୀ ଦ୍ୱାରା ମନୋନୀତ ହୋଇ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଅଧ୍ୟାପିକା/ ଅଧ୍ୟାପକମାନଙ୍କୁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନଙ୍କ ସୁପାରିସ ଆଧାରରେ ବେତନ ପ୍ରଦାନ କରାଯାଉଛି। ଆଉ ଦଳେ ଅଧ୍ୟାପକ ଯେଉଁମାନେ ପ୍ରବରଣମଣ୍ଡଳୀ ଦ୍ୱାରା ମନୋନୀତ ହୋଇନାହାନ୍ତି, କିନ୍ତୁ ସମ୍ପୃକ୍ତ ମହାବିଦ୍ୟାଳୟର ପରିଚାଳନା କମିଟିର ଅନୁକମ୍ପା ହେତୁ ସେହି ମହାବିଦ୍ୟାଳୟରେ ନିଯୁକ୍ତି ପାଇଛନ୍ତି, ସେମାନଙ୍କୁ ଭିନ୍ନ ହାରରେ ଅର୍ଥାତ୍ ରାଜ୍ୟ ସରକାରଙ୍କ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ/ ପ୍ରଥମ ଶ୍ରେଣୀ କର୍ମଚାରୀ ହାରରେ ବେତନ ପ୍ରଦାନ କରାଯାଉଛି। ଆଉ କିଛି ଅଧ୍ୟାପକ ଅଛନ୍ତି, ସେମାନେ ସେହି ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା କୌଣସି ପ୍ରକାରରେ ନିଯୁକ୍ତି ପାଇଥିବାରୁ ସେମାନଙ୍କୁ ସରକାର ସବୁଠାରୁ କମ୍ ହାରରେ, ଅର୍ଥାତ୍ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ/ଅଧ୍ୟାପିକା କୁହାଯାଇ ଭିନ୍ନ ହାରରେ ଦରମା ପ୍ରଦାନ କରୁଛନ୍ତି। ଏଥିପାଇଁ ଅଧ୍ୟାପିକା ଅଧ୍ୟାପକମାନଙ୍କ ଭିତରେ ନାନା ଦ୍ୱନ୍ଦ୍ୱ ଏବଂ ଦରକାର ପଡ଼ିଲେ ବିଧାନସଭା ଘେରାଉ ଇତ୍ୟାଦି କାର୍ଯ୍ୟକ୍ରମ ସମୟକ୍ରମେ ହେଉଅଛି। ଆମ କହିବାର କଥା, ସରକାରଙ୍କର କୌଣସି ସ୍ପଷ୍ଟ ନିଯୁକ୍ତି ନୀତି ନ ଥିବାରୁ ଏପରି ତାରତମ୍ୟ ହେଉଛି। ଏସବୁ ଘଟଣା ପାଇଁ ଦାୟୀ କିଏ ?



ତା'ପରେ ନିତ୍ୟାନନ୍ଦବାବୁ ନରେଶବାବୁଙ୍କୁ କହିଲେ,ଆମ୍ଭେମାନେ ଏକ ନିର୍ଦ୍ଦିଷ୍ଟ ବୟସରେ ସରକାରୀ ଚାକିରିରୁ ଅବସର ଗ୍ରହଣ କଲା ପରେ ପ୍ରାୟ ବେତନର ଅର୍ଦ୍ଧେକ ପେନ୍‌ସନ୍ ଆକାରରେ ପାଇଥାଉ। ଏଥିରେ ଦୁଃଖ ନାହିଁ। କିନ୍ତୁ ଆମ ରାଜନେତାଙ୍କ କଥା ଟିକେ ଭାବନ୍ତୁ ତ ? ଏମାନେ ପାଞ୍ଚବର୍ଷ ପାଇଁ ବିଧାନସଭା ବା ଲୋକ ସଭାର ସଦସ୍ୟ ଭାବେ ନିର୍ବାଚିତ ହୋଇ ପେନ୍‌ସନ୍ ପାଇଥା'ନ୍ତି। ପୁଣିଥରେ ଏମାନେ ବିଧାନସଭା ସଦସ୍ୟ କିମ୍ବା ସାଂସଦ ଭାବେ ନିର୍ବାଚିତ ହେଲେ, ପାଉଥିବା ପେନ୍‌ସନ୍ ବୃଦ୍ଧି ହୁଏ।

ଏପରି ଅସଂଗତି ଆପଣ କେଉଁଠି ଦେଖିଛନ୍ତି ବୋଲି ନିତ୍ୟାନନ୍ଦବାବୁ ପ୍ରଶ୍ନ କଲେ। ନରେଶବାବୁ କହିଲେ, ଆପଣ ଆଉ ଗୋଟିଏ କଥା ଛାଡ଼ିଗଲେ। ବର୍ତ୍ତମାନ ସରକାର କିଛି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚୁକ୍ତିଭିତ୍ତିରେ ନିଯୁକ୍ତି କରୁଛନ୍ତି। ଏଥିରେ ମଧ୍ୟ ତାରତମ୍ୟ ଅଛି। ଧରନ୍ତୁ ଜଣେ ଅତିରିକ୍ତ ଶାସନ ସଚିବ ବା ସ୍ୱତନ୍ତ୍ର ଶାସନ ସଚିବ ଭାବେ ଅବସର ଗ୍ରହଣ କଲେ ଯଦି ସଚିବାଳୟରେ କୌଣସି ଖାଲି ପଦବୀ ଥାଏ, ତେବେ ତାଙ୍କୁ ମାସିକ ୪୨ ହଜାର ଟଙ୍କା ଦରମାରେ ରଖାଯାଉଛି। ଏହା ମଧ୍ୟ ସବୁ କ୍ଷେତ୍ରରେ ସମାନ ନୁହେଁ। କେତେକ କ୍ଷେତ୍ରରେ ଦେଖାଯାଉଛି, ସେହି ପାହ୍ୟାର କର୍ମଚାରୀ ଅବସର ଗ୍ରହଣ କଲାପରେ ତାଙ୍କୁ ସରକାରଙ୍କ ଅଧୀନରେ କାର୍ଯ୍ୟକଲେ ଚାକିରିରେ ଥିଲାବେଳେ ପାଉଥିବା ଦରମା–ପେନ୍‌ସନ ହାରରେ ଦରମା ମିଳୁଛି। ଏହାଦ୍ୱାରା ସେମାନେ ୪୨ ହଜାର ଟଙ୍କା ଦରମାରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କଠାରୁ ଯଥେଷ୍ଟ ଅଧିକ ଦରମା ପାଉଛନ୍ତି। ସରକାରଙ୍କୁ ଯିଏ ଖୋସାମତ କଲା, ସେ ଅବସର ପରେ ସେହି ସମାନ କାମପାଇଁ ଅନ୍ୟ ଅବସରପ୍ରାପ୍ତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କଠାରୁ ଅଧିକ ଦରମା ପାଉଛି। ସେ ପୁଣି କହି ଚାଲିଲେ, ଏକ ନିର୍ଦ୍ଦିଷ୍ଟ ବିଭାଗରେ କୁହାଗଲା ଆମେ ଖର୍ଚ୍ଚଭାର କମେଇବା ପାଇଁ ପେପରଲେସ୍ ଟ୍ରାଞ୍ଜାକ୍ସନ୍ କରୁଛୁ। ଏହାଦ୍ୱାରା କାଳି କଲମ ଓ କାଗଜ ବାବଦରେ ଖର୍ଚ୍ଚ ହେଉଥିବା ଅର୍ଥକୁ ରୋକି ପାରିଛୁ ଏବଂ ଏହାଦ୍ୱାରା ସମୟ ମଧ୍ୟ ସଂଚୟ କରିପାରିଛୁ। ମାତ୍ର ଏଇ କେଇଦିନ ତଳେ ଏସବୁ କାମ ପାଇଁ କର୍ମଚାରୀମାନେ ପାଉଥିବା ପାରିତୋଷିକ ବୃଦ୍ଧି ପାଇଛି। ଏହା ଦିନ ଦ୍ୱିପ୍ରହରରେ ଲଣ୍ଠନ ଦେଖାଇବା ବ୍ୟତୀତ ଆଉ କ'ଣ ହୋଇପାରେ ? ପୁଣି ଏକଥା କୁହାଯାଉଛି ଯେ, ଅବସର ପରେ ସରକାରୀ କର୍ମଚାରୀମାନେ ୬୫ ବର୍ଷ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିରେ ରହିପାରିବେ। ଏଥିରେ ମଧ୍ୟ ବ୍ୟତିକ୍ରମ ଦେଖାଯାଉଛି। ୬୫ ବର୍ଷ ପରେ ମଧ୍ୟ କିଛି ବିଭାଗର କର୍ମଚାରୀ ଉପରିସ୍ଥ ହାକିମଙ୍କୁ ଖୋସାମତ କରି ରହୁଥିବାର ଦେଖାଯାଉଛି। ଏହାଦ୍ୱାରା ଅନ୍ୟ କର୍ମଚାରୀଙ୍କ ଅନ୍ତର୍ଦାହ ହେଉନାହିଁ କି ? ସରକାର ଏସବୁ ଦିଗ ପ୍ରତି ଧ୍ୟାନ ଦେବା ଉଚିତ। ସେ ପୁଣି କହିଚାଲିଲେ ଅସଲ କଥା ହେଉଛି, ଓଡ଼ିଶାରେ ପ୍ରତିବାଦର ସ୍ୱର କ୍ଷୀଣ। ଆମେ ଆନ୍ଦୋଳନ କଥା କହୁନାହୁଁ। ଶାସନରେ ଥିବା ଦଳ ଯଦି ଭୁଲ୍ କରେ, ତାକୁ ଚେତାଇ ଦେବା ପ୍ରତ୍ୟେକ ବୁଦ୍ଧିଜୀବୀଙ୍କର କର୍ତ୍ତବ୍ୟ ବୋଲି ଆମେ ମନେକରୁ। ଏପରି କରିବା ଦ୍ୱାରା ସରକାରଙ୍କ ଉଚ୍ଚାରଣ ଏବଂ ଆଚରଣରେ ସ୍ୱଚ୍ଛତା ଆସିବ ଏବଂ ଜନସାଧାରଣ ମଧ୍ୟ ତାଙ୍କର ହକ୍ ବିଷୟରେ ସଚେତନ ହେବେ।

ନରେଶବାବୁ ଏବଂ ନିତ୍ୟାନନ୍ଦବାବୁ ସରକାରଙ୍କ ବିଧିବ୍ୟବସ୍ଥା ବିଷୟରେ ଆଉ କ'ଣ ଗପି ଚାଲିଥିଲେ। ମୋର ସମୟ ନ ଥିବାରୁ ମୁଁ ଘରମୁହାଁ ହେଲି।

ମୋ: ୯୪୩୮୦୭୨୮୫୦

# ଗର୍ବର ବିଷୟ



ଉପେନ୍ଦ୍ର ବିଶ୍ୱାଳ

କେନିଆର ପୂର୍ବ ପ୍ରଧାନମନ୍ତ୍ରୀ ରାଇଲା ଓଡିଙ୍ଗାଙ୍କ କନ୍ୟା ହେଉଛନ୍ତି ୪୪ ବର୍ଷୀୟା ରୋଜମାରୀ। ମସ୍ତିଷ୍କରେ ଟ୍ୟୁମରଜନିତ ଜଟିଳ ସମସ୍ୟା ଯୋଗୁ ଅସ୍ତ୍ରୋପଚାର କରିବାକୁ ବାଧ୍ୟ ହେଲେ ସେ। ମାତ୍ର ଦୁର୍ଭାଗ୍ୟ ବଶତଃ ଅସ୍ତ୍ରୋପଚାର ପରେ ସମ୍ପୂର୍ଣ୍ଣଭାବେ ହରେଇବସିଲେ ନିଜ ଦୃଷ୍ଟିଶକ୍ତି। ଦକ୍ଷିଣ ଆଫ୍ରିକା, ଚାଇନା, ଇସ୍ରାଏଲ ସମେତ ଅନ୍ୟାନ୍ୟ କେତେକ ରାଷ୍ଟ୍ରରୁ ନିରାଶ ହୋଇ ଶେଷରେ ଆସି ପହଞ୍ଚିଲେ ଭାରତରେ। କେରଳର କୋଚିଠାରେ ମାତ୍ର ତିନିସପ୍ତାହର ପାରମ୍ପରିକ ଚିକିତ୍ସାରେ ଫେରିପାଇଲେ ନିଜର ଦୃଷ୍ଟିଶକ୍ତି। ଭାରତର ଏପ୍ରକାର ପ୍ରାଚୀନ ଚିକିତ୍ସା ପଦ୍ଧତିକୁ ଆଫ୍ରିକା ମହାଦେଶକୁ ନେଇ ସେଠାକାର ଜନସାଧାରଣଙ୍କ ନିକଟରେ ତାହା କେମିତି ସହଜ ଉପଲବ୍ଧ ହେବ ସେଥିପାଇଁ ସେବେଠୁ (୨୦୧୯ ମସିହାରୁ) ଲାଗିପଡିଛନ୍ତି ବାପ–ଝିଅ। ଗତ ଏପ୍ରିଲରେ ଅହମଦାବାଦଠାରେ ଅନୁଷ୍ଠିତ ''ବିଶ୍ୱ ପାରମ୍ପରିକ ଔଷଧ କେନ୍ଦ୍ର''ର ଶିଳାନ୍ୟାସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଡବ୍ଲ୍ୟୁଏଚ୍‌ଓ'ର ମହାନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଏକଥା କହୁଥିଲାବେଳେ ତାଳିମାଡ଼ରେ କମ୍ପି ଉଠିଥିଲା ଉତ୍ସବସ୍ଥଳ ଏବଂ ସଭିଙ୍କ ଆଖି ଲାଖିରହିଥିଲା ମଞ୍ଚ ସାମନାରେ ବସିଥିବା ଓ ପରିବାରଙ୍କ ଉପରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ଭାରତର ମିଳିତ ସହଯୋଗରେ ନିର୍ମାଣ ହେବାକୁ ଯାଉଥିବା ଏହି 'ଆୟୁର୍ବେଦିକ ଔଷଧ ଗବେଷଣା ଓ ପ୍ରସ୍ତୁତି କେନ୍ଦ୍ର'ଟି ବିଶ୍ୱର ପ୍ରଥମ ଓ ପ୍ରମୁଖ କେନ୍ଦ୍ର ଭାବେ ଗୌରବ ବହନ କରିବା ସହିତ 'ଭାରତୀୟ ପାରମ୍ପରିକ ଔଷଧ ଓ ଚିକିତ୍ସା'ର ପୁନରୁତ୍ଥାନ ଏବଂ ତା'ର ଭବ୍ୟ ଭବିଷ୍ୟତ ସମ୍ବନ୍ଧେ ସୂଚିତ କରାଏ।

ଏବେ ଆସନ୍ତୁ ଜାଣିବା ଅତ୍ୟାଧୁନିକ ପ୍ଲାଷ୍ଟିକ ସର୍ଜରିର ଜନ୍ମ ଜାତକକୁ। ରାମାୟଣ ଯୁଗରେ ସୂର୍ପଣଖାଙ୍କ ନାକକଟା ପ୍ରସଙ୍ଗପରି ଇତିହାସରେ ମଧ୍ୟ ହାଇଦର ଅଲ୍ଲୀ ଓ ଟିପୁ ସୁଲତାନଙ୍କ ଦ୍ୱାରା ବ୍ରିଟିଶ ସେନାପତି ଏବଂ କେତେଜଣ ଗୁପ୍ତଚରଙ୍କ 'ନାକକଟା' ବୃତ୍ତାନ୍ତ ଖୁବ୍ ରୋଚକ । ଏକଦା ବ୍ରିଟିଶ ସେନା ବିରୋଧରେ ଯୁଦ୍ଧ କରୁଥିବାବେଳେ ବ୍ରିଟିଶ ସେନାପତିଙ୍କ ନାକ କାଟି ଦେଇଥିଲେ ହାଇଦର ଅଲ୍ଲୀ। ପରେ ଅବଶ୍ୟ ଜଣେ ନାପିତ ସମ୍ପ୍ରଦାୟର ବୈଦ୍ୟଙ୍କଠାରୁ ଚିକିତ୍ସିତ ହୋଇ ପୂର୍ବାବସ୍ଥାକୁ ଫେରି ପାଇଥିଲେ ସେ। ୧୭୬୯ରୁ ୧୭୯୯ ମଧ୍ୟରେ ବ୍ରିଟିଶ ସେନା ସହିତ ହାଇଦର ଅଲ୍ଲୀ ଓ ଟିପୁ ସୁଲତାନ ବାପ–ପୁଅଙ୍କର ଅନେକ ଯୁଦ୍ଧ ସଂଘଟିତ ହୋଇଛି। ଉକ୍ତ ସମୟ ମଧ୍ୟରେ ବ୍ରିଟିଶ ସେନାଙ୍କୁ ସହାୟତା କରୁଥିବା ଅଭିଯୋଗରେ ଥରେ ଟିପୁ ସୁଲତାନ ୪ଜଣ ମରାଠୀ ବେପାରୀଙ୍କୁ ଧରିଆଣି ବନ୍ଦୀ କରି ରଖିଥିଲେ ଏବଂ କିଛିଦିନପରେ ସେମାନଙ୍କ ନାକ କାଟି ଛାଡି ଦେଇଥିଲେ। ଉକ୍ତ ଘଟଣାର କିଛିଦିନ ପରେ ଜଣେ ବ୍ରିଟିଶ ଅଧିକାରୀ ତନ୍ମଧ୍ୟରୁ ଜଣଙ୍କୁ ଭେଟିଥିଲେ, ଯାହାଙ୍କର ଥିଲା ଏକ କୃତ୍ରିମ ନାକ। ଯାହାକୁ ସେ କୁମ୍ଭାର ସମ୍ପ୍ରଦାୟର ଜଣେ ମରାଠୀ ବୈଦ୍ୟଙ୍କ ଚିକିତ୍ସା କ୍ରମେ କୃତ୍ରିମ ନାକ ପ୍ରତିରୋପଣ କରାଇଥିଲେ। ଏହି ଘଟଣାର କିଛିଦିନ ପରେ ସେହି ବ୍ରିଟିଶ ଅଧିକାରୀ ଜଣଙ୍କ ଦୁଇଜଣ ବ୍ରିଟିଶ ଡାକ୍ତରଙ୍କୁ ସାଥିରେ ଧରି ପହଞ୍ଚିଲେ ଉକ୍ତ କୁମ୍ଭାରବୈଦ୍ୟ କାବାସ ଜୀଙ୍କ ଘରେ। ଏହି ଚିକିତ୍ସାପଦ୍ଧତି ଶିଖାଇଦେବାକୁ ନିର୍ଦ୍ଦେଶ ଦେଲେ ସେ। ତା'ପରେ ସେହି ଦୁଇ ଡାକ୍ତର



ଏପ୍ରକାର ଅଭିନବ ଚିକିତ୍ସା ପଦ୍ଧତି ସମ୍ବନ୍ଧେ ଶିକ୍ଷା ଲାଭକରି ଇଂଲଣ୍ଡରେ ପ୍ରଚାର କରିବାକୁ ଲାଗିଲେ, ଯାହାକି ପ୍ରକାଶିତ ହୋଇଥିଲା "The Gentle–man's Magazine of London" ଅକ୍ଟୋବର ୧୭୯୪ ସଂଖ୍ୟାରେ। କ୍ରମଶଃ ୟୁରୋପରେ ଏହା ଖୁବ୍ ଆଲୋଚିତ ହେବାରୁ ୧୮୧୪ – ୧୮୧୬ ମଧ୍ୟରେ ଇଂଲଣ୍ଡର ଜଣେ ବିଶିଷ୍ଟ ଚିକିତ୍ସକ ଯୋସେଫ କର୍ପୂ (୧୭୬୪–୧୮୪୬) ଭାରତ ଆସି ଭାରତୀୟ ପ୍ରାକୃତିକ ଚିକିତ୍ସା ଓ ଔଷଧ ସମ୍ବନ୍ଧେ ଅଧିକ ଶିକ୍ଷା ଓ ଗବେଷଣା କରିବାକୁ ଲାଗିଲେ। ଭାରତରେ ୨ବର୍ଷର ରହଣି ଭିତରେ ଅନେକ ବିଦ୍ୟା ଆୟତ୍ତ କରିବା ସହିତ ସୁଶ୍ରୁତ ସଂହିତାକୁ ଇଂଲିଶ ଅନୁବାଦ କରି ତାଙ୍କ ଦେଶକୁ ନେଇ ଯାଇଥିଲେ। ଯେଉଁଥିରେ ୧୧୨୦ପ୍ରକାର ବ୍ୟାଧିର ଉପଚାର ପଦ୍ଧତି, ୧୦୦ ପ୍ରକାର ଚିକିତ୍ସା ସରଞ୍ଜାମ, ୭୦୦ପ୍ରଜାତିର ଔଷଧୀୟ ଗୁଳ୍ମ ଏବଂ ୧୨୧ ପ୍ରକାର ଔଷଧ ନିର୍ମାଣର ବିଧି ସନ୍ନିବେଶ ଥିଲା। ତା'ପରେ ଯାଇ ସମଗ୍ର ୟୁରୋପ ଜଗତରେ ସୁଶ୍ରୁତ(ଖ୍ରୀ.ପୂ. ୧୫୦୦)ଙ୍କ 'ନାସା ସନ୍ଧାନ' ପଦ୍ଧତି, Rhinoplasty ନାମରେ ବିଶ୍ୱରେ ପ୍ରସିଦ୍ଧିଲାଭ କଲା। ଏ ସମ୍ବନ୍ଧେ ଲଣ୍ଡନ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ତଥା ବିଶେଷଜ୍ଞ ସାର୍ ଉଇଲିୟମ ହଣ୍ଟର (୧୮୬୧–୧୯୩୭)ଙ୍କ ସ୍ୱୀକାରୋକ୍ତି ବି ପ୍ରଣିଧାନଯୋଗ୍ୟ। ତାଙ୍କ କହିବାନୁଯାୟୀ 'ପ୍ରାଚୀନ ଭାରତର ଶରୀର ବିଜ୍ଞାନୀମାନେ ଚିକିତ୍ସା କ୍ଷେତ୍ରରେ ଅତ୍ୟନ୍ତ ସାହସିକ ଓ କୌଶଳ ପୂର୍ବକ ପଦ୍ଧତି ବ୍ୟବହାର କରୁଥିଲେ। ବିଶେଷକରି ପ୍ଲାଷ୍ଟିକ ସର୍ଜରିରେ ସେମାନେ ଏତେ ପାରଙ୍ଗମ ଥିଲେ ଯେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଯାହାକୁ ଆମେ ୟୁରୋପୀୟମାନେ ତାଙ୍କଠୁ ଧାର ସୂତ୍ରରେ ଆଣି ଚିକିତ୍ସା କ୍ଷେତ୍ରରେ ଉପଯୋଗ କରୁଛୁ।'

ଏବେ ଆସନ୍ତୁ ଯିବା ଆଧୁନିକ ବିଜ୍ଞାନର ଜନକ କୁହାଯାଇଥିବା ନିଉଟନଙ୍କ ନିକଟକୁ। ଆମକୁ ଶିଖାହେଲା – ନିଉଟନ ହେଉଛନ୍ତି ମାଧ୍ୟାକର୍ଷଣ ଶକ୍ତିର ଉଦ୍ଭାବକ। ମାତ୍ର ବାସ୍ତବରେ ଭାରତୀୟ ଋଷି–ବିଜ୍ଞାନୀମାନେ ହେଉଛନ୍ତି ତାହାର ପ୍ରକୃତ ଜନକ। ନିଉଟନଙ୍କ ୫୫୦ବର୍ଷ ପୂର୍ବରୁ ଭାସ୍କରାଚାର୍ଯ୍ୟ (ଦ୍ୱିତୀୟ) ମାଧ୍ୟାକର୍ଷଣ ଶକ୍ତି ସମ୍ବନ୍ଧେ ନିମ୍ନମତେ ବର୍ଣ୍ଣନା କରିଛନ୍ତି – ''ଆକୃଷ୍ଟ ଶକ୍ତିଶ୍ଚ ମହୀତୟା ଯତ / ଖସ୍ତମ ଗୁରୁ ସାଭିମୁଖମ ସ୍ୱଶକ୍ତ୍ୟା / ଆକୃଷ୍ୟତେ ତତ୍ ପତତୀବ ଭାତି / ସମେସମନ୍ତାତ କ୍ୱ ପତତ୍ୱୟଂ ଖେ'' । ଅର୍ଥାତ୍ ପୃଥିବୀର ଆକର୍ଷଣ ଶକ୍ତି ଅଛି। ସେଥିରେ ସେ ଭାରି ପଦାର୍ଥକୁ ନିଜ ଆଡ଼କୁ ଆକର୍ଷିତ କରେ। ମାତ୍ର ଆକାଶର ଚାରିଦିଗେ ସମାନ ଆକର୍ଷଣ ଥିଲେ ବସ୍ତୁଟି ଶୂନ୍ୟରେ ସନ୍ତୁଳନ ରକ୍ଷାକରେ। ପୃଥିବୀବାସୀ ଯେବେ ଜାଣିଲେ 'ପୃଥିବୀ' ଗୋଲ ବୋଲି, ତା'ର ବହୁପୂର୍ବରୁ ତାହା ଜଣାଥିଲା ପ୍ରାଚୀନ ଭାରତକୁ। ସେହିଭଳି ଆର୍ଯ୍ୟଭଟ୍ଟ (୧ମ)ଙ୍କ ଗୋଲକାଧ୍ୟାୟ, ଭାସ୍କରାଚାର୍ଯ୍ୟ (୨ୟ)ଙ୍କ ସିଦ୍ଧାନ୍ତ ଶିରୋମଣିରେ ମଧ୍ୟ ଏହା ବର୍ଣ୍ଣିତ ଅଛି – ''କପିତଥ ଫଳବତ ପୃଥ୍ୱୀ, ଦକ୍ଷିଣୋତ୍ତର ୟେହ ସମମ''। ଅର୍ଥାତ୍ କଇଁଥଫଳ ପରି ପୃଥିବୀ ଗୋଲ । ମାତ୍ର ଉତ୍ତର ଓ ଦକ୍ଷିଣଭାଗକୁ ସାମାନ୍ୟ ଚେପଟା। ଗାଲିଲିଓ ଓ କୋପର୍ନିକସଙ୍କ ଅନେକ ପୂର୍ବରୁ ଆର୍ଯ୍ୟଭଟ୍ଟ, ଗୋଲକାଧ୍ୟାୟରେ ଉଲ୍ଲେଖ କରିଛନ୍ତି – ''ଚଳା ପୃଥ୍ୱୀ ସ୍ଥିରାଭାତି ଭୂଗୋଳ ବ୍ୟୋମନି''। ଅର୍ଥାତ୍ ପୃଥିବୀ ଗତିଶୀଳ କିନ୍ତୁ ସୂର୍ଯ୍ୟ ସ୍ଥିର। ଏବେ ପୁଣି ଫେରିବା ନିଉଟନଙ୍କ ପାଖକୁ। ପ୍ରାଚୀନ ଭାରତରେ ଗତିର ନିୟମ ସମ୍ବନ୍ଧେ ଋଷି କଣାଦ ଯାହା ବର୍ଣ୍ଣନା କରିଛନ୍ତି ଅବିକଳ ସେହିକଥା ନିଉଟନଙ୍କ ନିୟମ କହୁଛି। ବୈଜ୍ଞାନିକ ଡାଲ୍‌ଟନଙ୍କ ପୂର୍ବରୁ ଦୁନିଆ ଭ୍ରାନ୍ତପୂର୍ବକ କହୁଥିଲା, ଅଣୁ ହେଉଛି ଅବିଭାଜ୍ୟ। ମାତ୍ର ଡାଲ୍‌ଟନଙ୍କ କାହିଁ କେତେହଜାର ବର୍ଷ ପୂର୍ବରୁ କଣାଦ'ବୈଶେଶିକ ସୂତ୍ରରେ' ଅଣୁ, ପରମାଣୁ ସମ୍ବନ୍ଧେ ଠିକ୍ ସୂଚନା ଦେଇଥିଲେ। ଏହିପରି ଅନେକ କିଛି ରହିଛି, ଯାହା ଆମପାଇଁ ଗର୍ବ ଓ ଗୌରବର ବିଷୟ ନୁହଁକି? , ଗୋଡିଶୂଳ, ସଜନାଗଡ଼,

**ବାଲେଶ୍ୱର, ମୋ – ୯୪୩୭୪୩୬୦୭୩,**
unbiswal05@gmail.com

## ଏଇ ଭାରତରେ

ସେପ୍ଟିକ ଟାଙ୍କି ସଫା କରିବାର ଆଉ ଟେନ୍‌ସନ ରହିବ ନାହିଁ, କାରଣ ଆଇଆଇଟି ମାଡ୍ରାସର ଗବେଷକମାନେ ଏବେ ବିକାଶ କରିଛନ୍ତି ଏକ ନୂତନ ରୋବୋ ଯାହା କମ୍ ସମୟରେ ସେପ୍ଟିକ ଟାଙ୍କି ସଫା କରିଦେଉଛି। ଏହାକୁ ନିକଟରେ ପରୀକ୍ଷା କରାଯାଇଛି। ତାମିଲନାଡୁ ଓ ମହାରାଷ୍ଟ୍ର ସରକାର ମଧ୍ୟ ଏହାକୁ କାର୍ଯ୍ୟରେ ଲାଗାଇବା ଲାଗି ବିଚାର କରୁଛନ୍ତି। ପ୍ରାଧ୍ୟାପକ ପ୍ରଭୁ ରାଜଗୋପାଳଙ୍କ ନେତୃତ୍ୱରେ ଗବେଷକ ଟିମ ଏହି ରୋବୋ ନିର୍ମାଣ କରିଛନ୍ତି। ଏହାର ନାମ ରଖାଯାଇଛି ହୋମୋସେପ୍। ଏହା ଟାଙ୍କି ମଧ୍ୟରେ କଠିନ ମଳକୁ ତରଳ ଆକାର କରି ବାହାରକୁ ନେଇଆସୁଛି। ଗବେଷକମାନେ ନିର୍ମାଣ କରିଥିବା ପ୍ରଥମ ଦୁଇଟି ରୋବୋକୁ ସଫେଇ ସମୟରେ ମୃତ୍ୟୁ ଘଟିଥିବା ଦୁଇ ଜଣ କର୍ମଚାରୀଙ୍କ ସ୍ତ୍ରୀକୁ ଦିଆଯାଇଛି। ହୋମୋସେପ ପୂର୍ବରୁ ଗବେଷକମାନେ ସେପୋୟ–ରୋବୋ ନିର୍ମାଣ କରିଥିଲେ। କିନ୍ତୁ ତା'କାର୍ଯ୍ୟରେ ସଫେଇ କର୍ମଚାରୀମାନେ ସନ୍ତୁଷ୍ଟ ନ ହେବାରୁ ଏଭଳି ନୂତନ ରୋବୋ ନିର୍ମାଣ କରାଯାଇଛି ଓ ଏହାଦ୍ୱାରା ପାରମ୍ପରିକ ସଫେଇଜନିତ ମୃତ୍ୟୁ ଆଉ ହେବନି ବୋଲି କହନ୍ତି ପ୍ରଫେସର ରାଜଗୋପାଳ। ସଫେଇ କର୍ମଚାରୀ ଆନ୍ଦୋଳନ(ଏସ୍‌କେଏ)ର ଏକ ଟିମ୍ ଗବେଷକମାନଙ୍କୁ ସହଯୋଗ କରୁଛନ୍ତି। ଦୁଇଟି ରୋବୋ ବଣ୍ଟନ କରିବା ପରେ ଏବେ ଆଉ ୮ଟିର ନିର୍ମାଣ କାର୍ଯ୍ୟ ଜାରି ରହିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜୁନ୍ ୧୯୯୭

- ଚୀନର ଦକ୍ଷିଣ ପଶ୍ଚିମାଞ୍ଚଳ ସିଚୁଆଁ ପ୍ରଦେଶର ୪ଟି ଗ୍ରାମରେ ମାଟି ଅତଡ଼ା ଧସି ୧୫୦ ମୃତ।
- କଙ୍ଗୋର ରାଷ୍ଟ୍ରପତି ପାସକାଲ ଲସୋବା ଏବଂ ପୂର୍ବତନ ରାଷ୍ଟ୍ରପତି ଡେନିସ ସାସୋଉଙ୍କ ମଧ୍ୟରେ ଯୁଦ୍ଧବିରତି ରାଜିନାମା ସ୍ୱାକ୍ଷରିତ।
- ବେଆଇନ ଘୋଷିତ ତ୍ରିପୁରା ଜାତୀୟ ମୁକ୍ତି ସାମ୍ମୁଖ୍ୟ (ଏନ୍‌ଏଲ୍‌ଏଫ୍‌ଟି)ର ସଶସ୍ତ୍ର ଉଗ୍ରବାଦୀଙ୍କ ଆକ୍ରମଣରେ ୯ ଅର୍ଦ୍ଧସାମରିକ ବାହିନୀର ଯବାନଙ୍କ ସମେତ ୧୮ ନିହତ।
- ପ୍ରଖ୍ୟାତ ଶାସ୍ତ୍ରୀୟ ସଂଗୀତ ଗାୟକ ତଥା ଠୁମ୍‌ରୀ ଓ ଦାଦ୍ରାର ମାଷ୍ଟର ଓସ୍ତାଦ ଆଫଜଲ ହୁସେନଙ୍କ ୯୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଜମିଅଛି ଯେତେ ବ୍ୟର୍ଥ ସାଧନା
ଅଭିଶାପ ସମ ଅସୀମ ଭାବନା
ତୁମରି ପରଶେ ନବ ରୂପ ଧରି
ଜୀଇଁଉଠୁ ତାହା ମରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା–ଗୋରି !
–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଟିକେଟ ବିକ୍ରିରେ ଅସନ୍ତୋଷ

ମହାଶୟ,

ବାରବାଟୀ ଷ୍ଟାଡିୟମରେ ସାଉଥ ଆଫ୍ରିକା ଓ ଭାରତ ମଧ୍ୟରେ ମ୍ୟାଚ ପାଇଁ ବିକ୍ରି ନିମନ୍ତେ ଉଦ୍ଦିଷ୍ଟ ଟିକେଟ କାଉଣ୍ଟର ପାଖରେ ଅପେକ୍ଷାରତ ମହିଳାମାନଙ୍କୁ କ୍ରିକେଟ ବିଷୟରେ ଜ୍ଞାନ ଅଛି କି ନାହିଁ, କାହା ପାଇଁ ଆସିଛ, କେଉଁମାନେ ତୁମକୁ ପଠାଇଛନ୍ତି, କ୍ରିକେଟ ଖେଳାଳିମାନଙ୍କୁ ଜାଣିଛ କି ନାହିଁ ଇତ୍ୟାଦି ଗଣମାଧ୍ୟମ ପ୍ରତିନିଧିମାନଙ୍କ ଦ୍ୱାରା ପଚରାଯିବା ଜରୁରୀ କି ? କଟକ ବାରବାଟୀ ଷ୍ଟାଡିୟମର ପ୍ରାୟ ୪୪,୦୦୦ ଦର୍ଶକଙ୍କ ପାଇଁ ଉଦ୍ଦିଷ୍ଟ ଟିକେଟରୁ ମାତ୍ର ୧୨,୫୦୦ ଟିକେଟ ସାଧାରଣରେ ବିକ୍ରି ପାଇଁ ଆସିଥିବା ବେଳେ ବାକି ୨୫,୦୦୦ ଟିକେଟ ବିସିସିଆଇ ପାଇଁ କମ୍ପ୍ଲିମେଣ୍ଟାରୀ ଟିକେଟ, ମନ୍ତ୍ରୀ, ଭି ଭି ଆଇପି, ଖେଳାଳି ଓ ପ୍ରଶାସନ ପାଇଁ ସଂରକ୍ଷିତ ରଖିବା ଅସନ୍ତୋଷ ସୃଷ୍ଟି କରୁଛି। ସେମାନେ ନିଜକୁ ଭି ଭି ଆଇପି ମନେକରି ନିଜର ସୁବିଧା ସୁଯୋଗ ଖୋଜିବା ପରିବର୍ତ୍ତେ, ଜନତାଙ୍କ ସହ ସାମିଲ ହେଲେ ତାଙ୍କ ମହାନତାର ପରିଚୟ ପ୍ରଦାନ କରିବ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ଜୁନ୍, ୨୦୨୨



## ସଂକ୍ଷେପରେ

### ନୂତନ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଯାଜପୁର ଟାଉନ,୧୦।୬ (ଡି.ଏନ.ଏ.):** ୪ ମାସ ୧୦ ଦିନର ବ୍ୟବଧାନ ପରେ ଶୁକ୍ରବାର ଯାଜପୁର ଜିଲା ସମାଜ କଲ୍ୟାଣ ଅଧିକାରୀ ଭାବେ ଶୁଭଶ୍ରୀ ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ପାତ୍ର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକଙ୍କୁ ନିଜର ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ପରେ ନିଜ ଅଫିସରେ ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲା ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ ସେଫାଳି ସ୍ୱାଗତିକା ତାଙ୍କୁ ସ୍ୱାଗତ କରିଥିଲେ। ପାତ୍ର ଏଥିପୂର୍ବରୁ ଗଞ୍ଜାମ ଜିଲା ଖଲିକୋଟ ସମେତ ବିଭିନ୍ନ ସ୍ଥାନରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଛନ୍ତି। ତାଙ୍କର ପଦୋନ୍ନତି ହେବା ପରେ ପ୍ରଥମଥର କରି ସେ ଏହି ଜିଲାସ୍ତରୀୟ ଦାୟିତ୍ୱ ଭାର ସମ୍ଭାଳିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଉକ୍ତ ଦାୟିତ୍ୱରେ ଥିବା ଇନ୍ଦୁରେଖା ନାୟକ ୨୦୨୧ ଡିସେମ୍ବର ୩୧ରେ ଅବସର ଗ୍ରହଣ କରିବା ପରେ ଉକ୍ତ ପଦବୀ ଖାଲି ପଡ଼ିଥିଲା।

### ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



**ବରୀ,୧୦।୬ (ଡି.ଏନ.ଏ.):** ଯେଉଁ ଚାଟଶାଳୀରୁ ଶିକ୍ଷାଦାନ ଆରମ୍ଭ କରିଥିଲେ ପରବର୍ତ୍ତୀ ସମୟରେ ସେହିଠାରେ ସ୍ଥାପିତ ବିଦ୍ୟାଳୟରେ ପ୍ରଧାନଶିକ୍ଷକଭାବେ ନିଯୁକ୍ତି ପାଇ ଅବସର ଗ୍ରହଣ କରିଥିବା ଅର୍ଜୁନ ଚରଣ ଦାଶଙ୍କ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଦାଶ କଳାମାଟିଆ ପଞ୍ଚାୟତ ଅଧୀନ ଇସମାଇଲପୁର ରାଜସ୍ୱ ଗ୍ରାମରେ ଏକ ଚାଟଶାଳୀ କରି ଗରିବ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ପରେ ସେହିଠାରେ ହିଁ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ହୋଇଥିଲେ। କେବଳ ଶିକ୍ଷକତା ନୁହେଁ ବରୀ ଅଞ୍ଚଳରେ ମଞ୍ଚ କଳାକୁ ବଞ୍ଚାଇ ରଖିବା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ଯୋଗୁ ବହୁ କଳାକାର ସୃଷ୍ଟି ହୋଇଛନ୍ତି। ଆଜି ବି ତାଙ୍କର ମଞ୍ଚ ନିର୍ଦ୍ଦେଶନାକୁ ପାଥେୟ କରି ବହୁ କଳାକାର ସେମାନଙ୍କ ଜିବୀକା ନିର୍ବାହ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋପାରିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କ୍ରୀଡ଼ାବିତ ପ୍ରଶାନ୍ତ ସାହୁ, ପ୍ରାକ୍ତନ ସମିତିସଭ୍ୟ ରବୀନ୍ଦ୍ର ରାୟ, ଯୁବ ସମାଜସେବୀ ସୁଧାଂଶୁ ଜେନା, ନିକୁଞ୍ଜ ରାୟ, ସନ୍ତୋଷ ପାତ୍ରଙ୍କ ସମେତ କଳାମାଟିଆ ପଞ୍ଚାୟତର ବହୁ ଶୁଭେଚ୍ଛୁ ଓ ଛାତ୍ରୀଛାତ୍ର ତାଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ବିୟୋଗରେ ବରୀ ଅଞ୍ଚଳ ଜଣେ ଶିକ୍ଷାବିତ୍ ଓ କଳାକ୍ଷେତ୍ରରେ ନୈପୁଣ୍ୟତା ହାସଲ କରିଥିବା ବ୍ୟକ୍ତିଙ୍କୁ ହରାଇଲା ବୋଲି ବରୀ ବିଧାୟିକା ସୁନନ୍ଦା ଦାସ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି।

### ଜେଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**ଯାଜପୁର ଟାଉନ,୧୦।୬(ଡି.ଏନ.ଏ.):** ଯାଜପୁର ଉପକାରାଗାର ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୫୦ଜଣ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବିଶେଷ କରି ହେପଟାଇଟ୍ସ-ବିର କାଉନସିଲିଂ ଓ ରକ୍ତ ପରୀକ୍ଷା କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ବରିଷ୍ଠ ଚିକିତ୍ସକ ତଥା ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ବଳ, ଭେଷଜ ବିଶେଷଜ୍ଞ ଡା. ପି.କେ ମଲ୍ଲିକ ଏବଂ ଡା. ପାର୍ଥ ପ୍ରମୁଖ ଯୋଗଦେଇ ଅନ୍ତେବାସୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜେଲ୍ ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ ସଞ୍ଚାଳନ କରିଥିବା ବେଳେ ଫାର୍ମାସିଷ୍ଟ ସୁରେନ୍ଦ୍ର ମହାପାତ୍ର, ଉପକାରାପାଳ ନିନିବାବୁ ସିଂ, ମୁଖ୍ୟ ରକ୍ଷୀ ନିମାଇଁ ବିଶ୍ୱାଳଙ୍କ ସମେତ ଅନ୍ୟକାରାରକ୍ଷୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଫଟୋ:ଜେଲ୍ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

# 'ଶ୍ରମ ପାଇଁ ଶିଶୁଙ୍କୁ ବାଧ କରିବା ଅପରାଧ'

**ଯାଜପୁର ଟାଉନ,୧୦।୬(ଡି.ଏନ.ଏ.)**



ଶିବିରରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ଜିଲାସ୍ତରୀୟ ଶିଶୁଶ୍ରମିକ ନିରାକରଣ ସଚେତନତା ଶିବିର

ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ କରାଇବା ଏକ ଧର୍ତ୍ତବ୍ୟ ଅପରାଧ। ସେମାନଙ୍କ ସବୁମତେ ଉନ୍ନତି ଓ ସୁରକ୍ଷା ଆମର ଦାୟିତ୍ୱ। ଏଣୁ ଯାଜପୁର ଜିଲାଠାରୁ ଆରମ୍ଭ କରି ଆମ ରାଜ୍ୟ ଓ ଦେଶରେ ଶିଶୁ ଶ୍ରମିକ ପ୍ରଥାର କିପରି ମୂଳୋତ୍ପାଟନ ହୋଇପାରିବ ସେଦିଗରେ ପ୍ରତ୍ୟେକ ନାଗରିକ ଯତ୍ନବାନ ହେବା ଆବଶ୍ୟକ ବୋଲି ଶୁକ୍ରବାର ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମଲ୍ଲିକ ଏହି ସମସ୍ୟାର ସମାଧାନ ଦିଗରେ ସମସ୍ତ କର୍ମଚାରୀ ଏପରି କି ଅଙ୍ଗନୱାଡି କର୍ମୀ ପର୍ଯ୍ୟନ୍ତ ଘୋଷିତ ହୋଇଥିବା ଶ୍ରମ ନିରୀକ୍ଷକମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ପୁନଶ୍ଚ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ନିର୍ମାଣ ବିଭାଗର ଯନ୍ତ୍ରୀ ଓ ଅଧିକାରୀ, ପୋଲିସ, ଶିଶୁ ମଙ୍ଗଳ ସମିତି, ଆକ୍ସନଏଡ, ଚାଇଲ୍ଡଲାଇନ ପ୍ରମୁଖଙ୍କ ମଧ୍ୟ ଏ ଦିଗରେ ସମାନ ଦାୟିତ୍ୱ ରହିଛି। ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିଶୁ ଶ୍ରମିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ମୂଳପୋଛ ହୋଇପାରନ୍ତା ଓ ସମ୍ପୃକ୍ତ ଶିଶୁ ବା ନାବାଳିକା/ନାବାଳକମାନଙ୍କୁ ସରକାରଙ୍କ ପ୍ରଦତ୍ତ ବିଭିନ୍ନ ସୁବିଧା ସୁଯୋଗରେ ସାମିଲ ପୂର୍ବକ ମୁଖ୍ୟସ୍ରୋତରେ ସାମିଲ କରାଯାଇପାରନ୍ତା ବୋଲି ମଲ୍ଲିକ କହିଛନ୍ତି। ତେବେ ଏ ଦିଗରେ ଜିଲା ଶ୍ରମ ଅଧିକାରୀ ସଂଯୋଜକ ଭାବେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଟ୍ରେଡ୍ ଲାଇସେନ୍ସ ଦେବା ସମୟରେ ପ୍ରତିଷ୍ଠାନଗୁଡ଼ିକରେ ବାଳଶ୍ରମିକ ନ ରଖିବା ପାଇଁ ଏକ ଚୁକ୍ତିନାମା କରିବାକୁ ବୈଠକରେ ମତ ପ୍ରକାଶ ପାଇଛି। ବ୍ଲକସ୍ତରରେ ମଧ୍ୟ ଶିଶୁ ଟାସ୍କଫୋର୍ସ ଗଠନ ପାଇଁ ମଲ୍ଲିକ ପରାମର୍ଶ ଦେଇଛନ୍ତି। ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି, ଡିଏସ୍‌ପି ମମତା ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସହକାରୀ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ, ଗ୍ରାମୀଣ ଶ୍ରମ ନିରୀକ୍ଷକ ସଞ୍ଜୀବ କୁମାର ଦେଓ, ଆକ୍ସନଏଡ୍‌ର ଜିଲା ସଂଯୋଜକ ସୁରେନ୍ଦ୍ର ଦିଗାଲ, ସିଡବ୍ଲୁସି ସଭ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟିଙ୍କ ସମେତ ଜିଲା ଓ ବିରଜା ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ତୁରନ୍ତ ଜାଗା, ଘର ଯୋଗାଇ ଦେବାକୁ ଦାବି



ବିସ୍ଥାପିତାଙ୍କୁ ଭେଟିବାକୁ ଆସିଥିବା କଂଗ୍ରେସ ପ୍ରତିନିଧି ଦଳ।

**ଯାଜପୁର ଟାଉନ,୧୦।୬(ଡି.ଏନ.ଏ.)**

## ଷଢ଼େଇ ପୋଖରୀ ବିସ୍ଥାପିତଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ

ଯାଜପୁର ତହସିଲ ଅଧୀନ ଷଢ଼େଇ ପୋଖରୀରେ ବସବାସ କରୁଥିବା ଲୋକଙ୍କୁ ସହର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ତରଫରୁ ବିସ୍ଥାପିତ କରାଯାଇଛି। ଏହିକ୍ରମରେ କଂଗ୍ରେସର ଏକ ପ୍ରତିନିଧି ଦଳ ଉକ୍ତ ବିସ୍ଥାପିତଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଦୁଇଦିନ ହେବ ବିସ୍ଥାପିତମାନେ ଭୋକ ଉପାସରେ ରହିଛନ୍ତି। ଘର ଭଙ୍ଗାଯିବା ପୂର୍ବରୁ ଆସବାବପତ୍ର ବାହାର କରିବାକୁ ମଧ୍ୟ ପ୍ରଶାସନ ସୁଯୋଗ ଦେଲାନାହିଁ। ଖରାରେ ବିସ୍ଥାପିତମାନେ ଭାଗ୍ୟକୁ ଆଦରି ପଡିରହିଛନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ରହିବାକୁ ଜାଗା ଯୋଗାଇ ଦେବା ସହ ଆବାସ ଯୋଜନାରେ ସାମିଲ କରିବାକୁ ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଛି। ଏହାପରେ ଏହି ପ୍ରତିନିଧି ଦଳ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ)ଅକ୍ଷୟ କୁମାର ମଲ୍ଲିକଙ୍କୁ ଭେଟି ବିସ୍ଥାପିତଙ୍କ ଦୁଃଖ ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନଙ୍କ ପାଇଁ ରାଶନ ଯୋଗାଇ ଦେବା ସହ ବର୍ତ୍ତମାନ ସେମାନଙ୍କୁ ଥଇଥାନ କରିବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ନିର୍ବାଚନମଣ୍ଡଳୀ ନେତା ସନ୍ତୋଷ ନନ୍ଦ, ଜିଲା ସଭାପତି ମନୋଜ ରାଉତ, ଦିଗମ୍ବର କର, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ବିଳାସ ଚନ୍ଦ୍ର ରାଉତରାୟ, ଆଲୋକ ବେହେରା, ସନ୍ତୋଷ ବେହେରା, ଦିନବନ୍ଧୁ ଜେନା, ଅନିଲ କୁମାର ମହାନ୍ତି, କାହ୍ନୁଚରଣ ସ୍ୱାଇଁ, ନକୁଳଦେବ ସାହୁ, ପ୍ରଦୀପ ବେହୁରିଆ ଓ ଜଗବନ୍ଧୁ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ସମବାୟ ସମିତି ଲାଇସେନ୍ସ ରଦ୍ଦ, ରିଟେଲର ନିଲମ୍ବିତ

### ଯୋଗାଣ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ

**ବରୀ,୧୦।୬(ଡି.ଏନ.ଏ.)**

ଯୋଗାଣ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗରେ ଜଣେ ରିଟେଲର ଓ ଏକ ସେବା ସମବାୟ ସମିତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯାଜପୁର ଉପଜିଲାପାଳଙ୍କ ପତ୍ର ସଂଖ୍ୟା ୪୭୭/୨୬।୦୫।୨୦୨୨ରେ କଳାମାଟିଆ ପଞ୍ଚାୟତର ରିଟେଲର ପ୍ରକାଶ ଚନ୍ଦ୍ର ନାୟକଙ୍କୁ ନିଲମ୍ବିତ କରାଯାଇଛି। ଏଥିସହିତ ପତ୍ର ସଂଖ୍ୟା ୪୭୨/୨୬।୦୫।୨୦୨୨ ଅନୁଯାୟୀ ବରୀ-ବାଗ୍‌ଦା ସେବା ସମବାୟ ସମିତିର ଲାଇସେନ୍‌ସକୁ ରଦ୍ଦ କରାଯାଇଛି। ରିଟେଲର ପ୍ରକାଶ ଚନ୍ଦ୍ର ନାୟକଙ୍କ ବଣ୍ଟନ ବ୍ୟବସ୍ଥାର ଉକ୍ତ ଦାୟିତ୍ୱକୁ କଳାମାଟିଆ ପଞ୍ଚାୟତ ତଳକାଇପଡ଼ାସ୍ଥିତ ମା' ସନ୍ତୋଷୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଇଥିବା ବେଳେ ବରୀ-ବାଗ୍‌ଦା ସେବା ସମବାୟ ସମିତି ବଦଳରେ ଡିଲର ବନମାଳି ସାହୁଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଥିସହିତ ସମବାୟ ସମିତି ଓ ସମ୍ପୃକ୍ତ ରିଟେଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ପ୍ରକାଶଥାଉକି, ଦୀର୍ଘ ଦିନ ଧରି ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଓ ରିଟେଲର ଖାଦ୍ୟ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଠିକ୍ କାଗଜପତ୍ର ଦେଖାଇ ନ ପାରିବା, ହିତାଧିକାରୀଙ୍କୁ ଦୁର୍ବ୍ୟବହାର କରିବା, ବିଭିନ୍ନ ସମୟରେ ରିଟେଲରଙ୍କ ଗୋଦାମ ଗୃହରେ କେତେ ଖାଦ୍ୟ ସାମଗ୍ରୀ ଗଚ୍ଛିତ ରହିଛି ତାହା ଉଲ୍ଲେଖ ନ କରିବା ନେଇ ଅଭିଯୋଗ ହୋଇ ଆସୁଥିଲା ବୋଲି ବରୀ ଯୋଗାଣ ନିରୀକ୍ଷକ ସୂର୍ଯ୍ୟକାନ୍ତ ବେହେରା ପ୍ରକାଶ କରିଛନ୍ତି।

# ଭ୍ରାମ୍ୟମାଣ ପାଠାଗାର ଉଦ୍‌ଘାଟିତ

**ଧର୍ମଶାଳା,୧୦।୬(ଡି.ଏନ.ଏ.)**




ଭାମ୍ୟମାଣ ପାଠାଗାର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

ଧର୍ମଶାଳା ବ୍ଲକ୍ ନହଙ୍ଗାପାଟଣା ଗ୍ରାମର ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେଏକ ଭ୍ରାମ୍ୟମାଣ ପାଠାଗାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ଜିଲାର ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଅନୁକୂଲ୍ୟରେ ଛାତ୍ରୀଛାତ୍ରଙ୍କ ନିକଟରେ ପାଠାଗାର ପହଞ୍ଚାଇବା ଉଦ୍ଦେଶ୍ୟରେ ଏଭଳି ବ୍ୟବସ୍ଥା କରାଯାଇଛି। ଶିଶୁଶ୍ରୀ ପାଠାଗାରର ରାଜ୍ୟ ଆବାହକ ତଥା ଶିଶୁ ସାହିତ୍ୟିକ ଡ. ରବିନାରାୟଣ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ, ମୁଖ୍ୟବକ୍ତା ଅଧାପକ ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କାହ୍ନୁଚରଣ ଦାଶ, ପ୍ରଧାନଶିକ୍ଷକ ପବିତ୍ର କୁମାର କର, ପୂର୍ବତନ ସମିତିସଭ୍ୟ ଜଳଧର ସାହୁ ପ୍ରମୁଖ ଯୋଗଦେଇ ପୁସ୍ତକ କିଣିବା, ପଢ଼ିବା ଓ ଉପହାର ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀ ରାଜସ୍ମିତା କୁଣ୍ଡୁ, ଦେବଜାନୀ କୁଣ୍ଡୁ ଓ ଯାଜ୍ଞସେନୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଯାଜପୁରରେ ଶିଳ୍ପ ସୁରକ୍ଷା କାର୍ଯ୍ୟକ୍ରମ

**ଯାଜପୁର ରୋଡ,୧୦।୬(ଡି.ଏନ୍.ଏ.)**

## ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ବ୍ୟାସନଗରର ଏକ ହୋଟେଲରେ ଶିଳ୍ପ ସୁରକ୍ଷା ଏବଂ ଶିଳ୍ପପତିମାନଙ୍କ ବହୁବିଧ ସମସ୍ୟା ସମାଧାନ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିଳ୍ପ ସୁରକ୍ଷା ଏବଂ ଯାଜପୁରରେ ରହିଥିବା ବିଭିନ୍ନ ସମସ୍ୟା ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଇପିକଲ ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା, ଶିଳ୍ପ ନିର୍ଦ୍ଦେଶକ ଏମ.ଡି. ସଦ୍ଦିକ୍ ଆଲମ ପ୍ରମୁଖ ଯୋଗ ଦେଇଥିଲେ।

୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ୨୫ ବୃହତ୍ ଶିଳ୍ପ ସଂସ୍ଥା ସହିତ ୱାନ ଟୁ ୱାନ ଆଲୋଚନା କରାଯିବା ସହିତ ସେମାନଙ୍କ ପ୍ରମୁଖ ସମସ୍ୟା ଯଥା ଇଡ୍‌କୋ ଜମି ଅଧିଗ୍ରହଣ ଉପରେ ୨ ଘଣ୍ଟା ଧରି ବିସ୍ତୃତ ଆଲୋଚନା ହୋଇଥିଲା। ୨ୟ ପର୍ଯ୍ୟାୟରେ ୫୦ କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଶିଳ୍ପ ସହ ଜଡ଼ିତ ସଂସ୍ଥାମାନଙ୍କ ସହିତ ଆଲୋଚନା କରାଯାଇ ସେମାନଙ୍କୁ ଯାଜପୁର ଜିଲାରେ ହେଉଥିବା ସମସ୍ୟା ସମାଧାନ ଲାଗି ପ୍ରତିଶ୍ରୁତି ମିଳିଥିଲା। ଏହାର ନିରାକରଣ ଏବଂ ସମାଧାନ ପାଇଁ ଜିଲାପାଳ କଞ୍ଚାମାଲ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲାରେ ବିଦ୍ୟୁତ୍ ବଣ୍ଟନରେ ଥିବା ସମସ୍ୟା ସମାଧାନ ପାଇଁ ସରକାରଙ୍କ ତରଫରୁ କାର୍ଯ୍ୟ ଜାରି ରହିଛି। ଜିଲାରେ ଥିବା ୧୩୦ ଫ୍ଲାଏ ଆସ୍ ଉଦ୍ୟୋଗ ପାଇଁ କଞ୍ଚାମାଲ ସମସ୍ୟା ରହିଥିବା ବେଳେ ଏହାର ସମାଧାନ ପାଇଁ ଜିଲାପାଳଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଏବଂ କ୍ଷମତା ପ୍ରଦାନ କରାଯିବା ସହିତ ତୁରନ୍ତ ଏହାର ସମାଧାନ ହେବ ବୋଲି ସଚିବମାନେ ମତ ରଖିଥିଲେ।

# ହିଙ୍ଗୁଳା ବିଦ୍ୟାପୀଠ ଲୋକାର୍ପିତ

**ରସୁଲପୁର,୧୦।୬(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତସ୍ଥିତ ହିଙ୍ଗୁଳା ବିଦ୍ୟାପୀଠ ଲୋକାର୍ପିତ ହୋଇଛି। ୫-ଟି ବିଦ୍ୟାଳୟ ରୂପାନ୍ତରଣ ଯୋଜନାରେ ଉକ୍ତ ବିଦ୍ୟାଳୟକୁ ସାମିଲ କରାଯାଇଥିଲା। ଉକ୍ତ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତାଙ୍କ ପଞ୍ଚାୟତର ଉକ୍ତ ବିଦ୍ୟାଳୟକୁ ୫-ଟିରେ ସାମିଲ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କୋରେଇ ବିଧାୟକ ଅଶୋକ କୁମାର ବଳ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିସହ ସରପଞ୍ଚ ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ ପ୍ରମୁଖ ବିଦ୍ୟାଳୟରେ ୫-ଟି ଯୋଜନା ଜରିଆରେ ନିର୍ମାଣ କରାଯାଇଥିବା ୨ଟି ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରି, ଇ-ଲାବ୍ରୋଟାରିକୁ ଉଦ୍‌ଘାଟନ କରିଥିଲେ। ପରେ ଉଭୟ ପ୍ରତିନିଧି ବିଦ୍ୟାଳୟର ବିଭିନ୍ନ ପ୍ରକୋଷ୍ଠ ବୁଲି ଦେଖିବା ସହିତ ପିଲାଙ୍କ ସହ କେତେକ ମୁହୂର୍ତ୍ତ ବିତାଇଥିଲେ। ବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଶିକ୍ଷଣୀୟ ପରିବେଶରୁ ଲାଭ ଉଠାଇବା ସହ ଭଲ ପାଠ ପଢି ବିଦ୍ୟାଳୟ ଓ ତାଙ୍କ ଅଞ୍ଚଳର ନାଁକୁ ଉଚ୍ଚା କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆ, ତୁଷାରକାନ୍ତି ଦତ୍ତ, ଅନନ୍ତ ନାରାୟଣ ମିଶ୍ର, ସୁରେଶ କୁମାର କର, ରଞ୍ଜନ କୁମାର ମିଶ୍ର, ପୁରାତନ ଛାତ୍ର ଦୁର୍ଗାମାଧବ ଦାସ, ନିରଞ୍ଜନ ବାରିକ, ଅସିତ୍ ଅମିତାଭ ଦାସ, ଜଗଦିଶ ପତି, ସୁକାନ୍ତ ବିଶ୍ୱାଳ, ପ୍ରମୋଦ ଦାସ, ମନୋରଞ୍ଜନ ପଣ୍ଡା, ନେପାଳ ଦାସ, ବିଶ୍ୱଜିତ୍ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଅତିଥି ବିଦ୍ୟାଳୟ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରୁଛନ୍ତି।

# ଧର୍ମଶାଳାରେ ୨୨ ସ୍କୁଲ ଲୋକାର୍ପିତ



ରୂପାନ୍ତରିତ ହୋଇଥିବା ବାଘୁଆ ବ୍ରାହ୍ମଣୀଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ।

**ଧର୍ମଶାଳା,୧୦।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ୍‌ରେ ୫-ଟି ଯୋଜନାରେ ରୂପାନ୍ତରିତ ହୋଇଥିବା ୨୨ ହାଇସ୍କୁଲ୍‌କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମୋଡ୍‌ରେ ଲୋକାର୍ପଣ କରିଛନ୍ତି। ଉକ୍ତ ବ୍ଲକ୍‌ର ଜାରକା ହାଇସ୍କୁଲ, ଅମରେଶ୍ୱରୀ ହାଇସ୍କୁଲ ଉତ୍ତରଶାସନ, ପତିତପାବନ ହାଇସ୍କୁଲ ଗଙ୍ଗାଧରପୁର, ଦାମୋଦର ବିଦ୍ୟାପୀଠ ଅଚ୍ୟୁତପୁର, ଲାଲବାହାଦୁର ହାଇସ୍କୁଲ କାଏମା, ଶ୍ୟାମସୁନ୍ଦର ହାଇସ୍କୁଲ ମିର୍ଜାପୁର, ଉଦୟବଙ୍ଗ ହାଇସ୍କୁଲ ପଟୁଣିଆ, ପଞ୍ଚାୟତ ହାଇସ୍କୁଲ ଅରେଇକଣା, ୟୁଜିପିଏଲ୍‌ଏନ୍ ହାଇସ୍କୁଲ୍ ନହଙ୍ଗାପାଟଣା, ସିନ୍ଦୁରିଆ ନୋଡାଲ ସ୍କୁଲ୍ ସିନ୍ଦୁରିଆ, ସିଦ୍ଧନାରାୟଣ ନୋଡାଲ ହାଇସ୍କୁଲ କ୍ଷେତ୍ରପାଳ, ଗୋପାଳଜୀୟୁ ହାଇସ୍କୁଲ ମୁରାରୀପୁର, ଆରୁହା ହାଇସ୍କୁଲ, ମାସିନ୍ଦୁରେଇ ହାଇସ୍କୁଲ କୁରିକଣା, ଲକ୍ଷ୍ମୀନାରାୟଣ ହାଇସ୍କୁଲ ତରଞ୍ଜିଆ, ସ୍ୱପ୍ନେଶ୍ୱର ହାଇସ୍କୁଲ ବାଟିଯୋଡ଼ା, ପଞ୍ଚାୟତ ହାଇସ୍କୁଲ ବିଛାଖଣ୍ଡି, ବ୍ରାହ୍ମଣୀଦେବୀ ହାଇସ୍କୁଲ ବାଘୁଆ, ବଳରାମପୁର ହାଇସ୍କୁଲ, କବାଟବନ୍ଧ ହାଇସ୍କୁଲ ଓ ପଞ୍ଚାୟତ ହାଇସ୍କୁଲ ରେଖରଦେଇପୁର ଲୋକାର୍ପିତ ହୋଇଛି। ଲୋକାର୍ପଣ ଉତ୍ସବ ଅବସରରେ ଜାରକା ହାଇସ୍କୁଲଠାରେ ବିଇଓ ନିକୁଞ୍ଜ ବିହାରୀ ମହାନ୍ତି, ପ୍ରଧାନଶିକ୍ଷକ ବୀରବର ବେହେରା, ବରିଷ୍ଠ ଶିକ୍ଷକ ସଦୀପ୍ତ କୁମାର ମହାନ୍ତି, ଜିତେନ୍ଦ୍ର ରାଉତ, ନରେନ୍ଦ୍ର କୁମାର ଲେଙ୍କା ଓ ଜୟପ୍ରକାଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବରୀରେ ୪ ସ୍କୁଲ୍ ଲୋକାର୍ପଣ




ରୂପାନ୍ତରଣ ହୋଇଥିବା ଧାରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ।

**ବରୀ,୧୦।୬(ଡି.ଏନ.ଏ.)**

ବରୀ ବ୍ଲକ୍‌ର ୪ ରୂପାନ୍ତରିତ ସ୍କୁଲ୍ ଯଥା; ଅଜାଣ ସରକାରୀ ଉଚ୍ଚ ବିଦ୍ୟାଳୟ, ଧାରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଆମ୍ରକାନନ ଶିକ୍ଷାନିକେତନ ଓ ଅଙ୍ଗାଲୋ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ଲୋକାର୍ପଣ କରିଛନ୍ତି। ବରୀ ବ୍ଲକ୍ ଭାରପ୍ରାପ୍ତ ବିଡିଓ ଡ. ମାନସ ରଞ୍ଜନ ଭୋଇ, ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ଦାସ, ଗ୍ରାମ ପଞ୍ଚାୟତ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, କନିଷ୍ଠ ଯନ୍ତ୍ରୀ ବିପ୍ଳବ ପରିଜା, ତନୁଶ୍ରୀ ସାମଲ, ରାକେଶ ମଲିକଙ୍କ ସମେତ ବ୍ଲକ୍‌ସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟଙ୍କ ସମେତ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ। ଏସବୁ ସ୍କୁଲ୍‌ରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ୀକରଣ ନିମନ୍ତେ ସ୍ମାର୍ଟ କ୍ଲାସ୍‌ରୁମ୍, ସ୍ମାର୍ଟ ଲାଇବ୍ରେରି, ଅତ୍ୟାଧୁନିକ ଲାବ୍, ବିଶୁଦ୍ଧ ପାନୀୟ ଜଳ ଓ ଉତ୍ତମ ଖେଳପଡିଆ ପରି ବ୍ୟାପକ ବ୍ୟବସ୍ଥା କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ସମେତ ବହୁ ଅଭିଭାବକ ରାଜ୍ୟ ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କ ନଗ୍ନ ଫଟୋ ଭିଡିଓ ଭାଇରାଲ, ଅଭିଯୁକ୍ତ ଗିରଫ

ପାରାଦୀପ, ୧୦।୬(ସ୍ୱ.ପ୍ର.)- ପାରାଦୀପ ଆଦର୍ଶଥାନା ଅଞ୍ଚଳର ଜଣେ ଯୁବତୀଙ୍କ ନଗ୍ନ ଭିଡିଓ ଭାଇରାଲ ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଏନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ କଳନଡା ଗ୍ରାମର ସୁବ୍ରତ ଓଝା (୨୨)। ସେ ପାରାଦୀପ ଅଠରବାଙ୍କିସ୍ଥିତ ପୋର୍ଟ କଲୋନୀରେ ରୁହନ୍ତି। ସୁବ୍ରତ ସାମାଜିକ ଗଣମାଧମ ଜରିଆରେ ଯୁବତୀଙ୍କ ସହ ପ୍ରଥମେ ବନ୍ଧୁତା, ପରେ ପ୍ରେମ ଓ ଶାରୀରିକ ସମ୍ପର୍କ ରଖିଥିଲେ। କିଛିଦିନ ତଳେ ଉଭୟଙ୍କ ମଧ୍ୟରେ ମତଭେଦ ହୋଇଥିଲା। ସେମାନେ ପରସ୍ପରଠାରୁ ଦୂରେଇ ଯିବା ପରେ ଅଭିଯୁକ୍ତ ସୁବ୍ରତ ସେମାନଙ୍କ ଅନ୍ତରଙ୍ଗ ସମୟର ଭିଡିଓ ଭାଇରାଲ କରିଦେଇଥିଲେ ବୋଲି ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୧୮୫/୨୨) ରୁଜୁ ହୋଇଛି।

### ଗୋରେଖନାଥ ପୀଠରେ ମାନସିକ ରୋଷେଇ ଆରମ୍ଭ

ରଘୁନାଥପୁର,୧୦।୬(ଡି.ଏନ.ଏ.) ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ଶୁକ୍ରବାରଠାରୁ ମାନସିକ ରୋଷେଇ ଆରମ୍ଭ ହୋଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ପ୍ରସାଦ ପିଛା ୫ ଟଙ୍କା ହିସାବରେ ଜଣେ ବ୍ୟକ୍ତି ୧୫୦ ଜଣଙ୍କ ପାଇଁ ଟ୍ରଷ୍ଟ କାର୍ଯ୍ୟାଳୟରେ ୭୫୦ ଟଙ୍କା ଡିପୋଜିଟ କରି ରସିଦ କାଟିଥିଲେ। ଏଥିରେ ପ୍ରସାଦ ପ୍ରସ୍ତୁତକାରି ସେବକଙ୍କୁ ମୁଣ୍ଡପିଛା ୪ ଟଙ୍କା ପ୍ରଦାନ କରାଯାଉଥିବାବେଳେ ପୀଠ ମହାସୁଲ ବାବଦରେ ୧ ଟଙ୍କା ଟ୍ରଷ୍ଟରେ ଦାଖଲ ହେଉଛି। ଗୋଟିଏ ଦିନରେ ସର୍ବାଧିକ ୨ ହଜାର ବ୍ୟକ୍ତିଙ୍କ ପାଇଁ ପ୍ରସାଦ ପ୍ରସ୍ତୁତ କରିବାକୁ ନିଷ୍ପତି ହୋଇଛି। ମାନସିକଧାରୀଙ୍କୁ ଏଥିପାଇଁ ତିନିଦିନ ପୂର୍ବରୁ ରସିଦ କାଟିବାକୁ ପଡ଼ିବ ବୋଲି ବୈଠକରେ ସ୍ଥିର ହୋଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ: ଅଭିଯୁକ୍ତ କୋର୍ଟ ଚାଲାଣ

ବାଲିକୁଦା, ୧୦।୬(ସ୍ୱ.ପ୍ର.) ବାଲିକୁଦା ବ୍ଲକ ମୂଲୁଗାଁ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିରି ଗାଁର ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗାଁର ଆରତ ଦାସ (୫୫)। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଆଳି ପିଙ୍ଗଳ ଉପ କାରାଗାରକୁ ପଠାଇ ଦିଆଯାଇଛି। ଏ ନେଇ ବାଲିକୁଦା ଥାନାରେ ମାମଲା (ନଂ.୨୫୦/୨୨)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଗାଁର ସନ୍ତୋଷ ଜେନାଙ୍କୁ ଗତ ୪ ତାରିଖରେ ଘର ସମ୍ମୁଖରେ ଆରତ ଓ ତାଙ୍କ ପୁଅ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ପାଟି ଶୁଣି ସନ୍ତୋଷଙ୍କ ସ୍ତ୍ରୀ ବାହାରକୁ ଆସି ସ୍ୱାମୀଙ୍କୁ ରକ୍ଷା କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କୁ ମଧ ଆକ୍ରମଣ କରାଯାଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ନୂଆ ଜୀବନ ପାଇଲା ବୁଲା କୁକୁର

**ଜଗତସିଂହପୁର ଅଫିସ, ୧୦।୬**


ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ବୁଲା କୁକୁରର ଚିକିତ୍ସା କରାଯାଉଛି।

- ବେକ ଚାରିପାଖେ ଘା' ହୋଇ ପୋକ ହୋଇଯାଇଥିଲା
- ମାନେକା ଗାନ୍ଧୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫୋନ କରିଥିଲେ
- ସାଇକ୍ରିଷ୍ଣାଙ୍କ ପ୍ରାଣୀ ପ୍ରେମକୁ ନେଇ ଚାରିଆଡେ ଚର୍ଚ୍ଚା

ବାଲିକୁଦା ମେଡିକାଲ ରାସ୍ତାରେ ବୁଲୁଥିବା ଏକ କୁକୁର ବେକ ଚାରିପାଖରେ ଘା ହୋଇଯାଇଥିଲା। ଏଥିସହ ପୋକ ସାଲୁବାଲୁ ହେଉଥିଲା। ବାଲିକୁଦା ଥାନା ଅନ୍ତର୍ଗତ ନରିଲୋ ଗ୍ରାମର ସାଇକ୍ରିଷ୍ଣା ଦାସ ଓ ପିପୁଲ ଫର ଆନିମଲ ମୁଖ୍ୟ ମାନେକା ଗାନ୍ଧୀଙ୍କ ଯୋଗୁ କୁକୁରଟି ଏବେ ନୂଆ ଜୀବନ ପାଇଥିବା ଚର୍ଚ୍ଚା ହେଉଛି। ଉକ୍ତ ବୁଲା କୁକୁରର ବେକରେ ବେଲ୍ଟ ବନ୍ଧାଯିବା ଯୋଗୁ ପ୍ରାୟ ୪ ଇଞ୍ଚ ଗଭୀର ଘା 'ହୋଇଯାଇଥିଲା। ବିକଳରେ କୁକୁରଟି ଚିତ୍କାର କରି ଏଣେତେଣେ ବୁଲୁଥିବା ବେଳେ ସାଇକ୍ରିଷ୍ଣାଙ୍କ ନଜରରେ ପଡ଼ିଥିଲା। କୁକୁରଟିର ଏତାଦୃଶ ଅବସ୍ଥା ଦେଖି ସେ ବିଚଳିତ ହୋଇଯାଇଥିଲେ। କୁକୁରଟି କିପରି ଭଲ ହେବ ସେନେଇ ସେ ଚିନ୍ତିତ ଥିଲେ। ସେ ବ୍ରହ୍ମପୁରରେ ରହୁଥିବା ବାନ୍ଧବୀ ରଶ୍ମିରେଖାଙ୍କୁ ସବୁ କଥା କହି ସହାୟତା ମାଗିଥିଲେ। ରଶ୍ମିରେଖା ପ୍ରାଣୀ ପ୍ରେମୀ ହୋଇଥିବାରୁ ଆନ୍ତରିକତା ପ୍ରକାଶ କରି ପିପୁଲ ଫର ଆନିମଲ ମୁଖ୍ୟ ମାନେକା ଗାନ୍ଧୀଙ୍କୁ ମେଲ୍ କରିଥିଲେ। ଏହାପରେ ମାନେକା ତୁରନ୍ତ ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ବୀରକିଶୋର ପରିଡ଼ାଙ୍କୁ ଫୋନ କରି କୁକୁରକୁ ଉଦ୍ଧାର କରି ଚିକିତ୍ସା ପାଇଁ କହିଥିଲେ। ତାପରେ ଉକ୍ତ କୁକୁର ଉଦ୍ଧାର କରାଯାଇ ଚିକିତ୍ସା ଆରମ୍ଭ ହୋଇଛି। ଇତିମଧ୍ୟରେ କୁକୁରଟିର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ପୂର୍ଣ୍ଣ ସୁସ୍ଥ ହେଲା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ସିଡିଭିଓ ପରିଡ଼ା କହିଛନ୍ତି।

ଏ ସମ୍ପର୍କରେ ସାଇକ୍ରିଷ୍ଣା କହିଛନ୍ତି, ଗତ ମେ ୨୨ରେ ସେ ୟୁଜିସି ନେଟ୍ ଫର୍ମ ପୂରଣ ପାଇଁ ବାଲିକୁଦା ମେଡିକାଲ ରୋଡ ଯାଇଥିଲେ । ସେଠାରେ କୁକୁରଟି ଡାକ୍ତରଖାନାର ଭଙ୍ଗା ଘରେ ରହୁଥିବା ଜାଣିପାରିଥିଲେ। ତା'ର ଉଦ୍ଧାର ପାଇଁ ସେ ଷ୍ଟ୍ରିଟ୍ ଆନିମଲ ଲଭର୍ ନାମରେ ଥିବା ଫେସବୁକ୍ ଗ୍ରୁପ୍‌ରେ ପୋଷ୍ଟ କରି ସହଯୋଗର ହାତ ବଢାଇବାକୁ ଅନୁରୋଧ କରିଥିଲେ । କିନ୍ତୁ ସହଯୋଗ ମିଳି ନ ଥିଲା । ଏହି ଗ୍ରୁପ୍‌ରେ ଥିବା ବାନ୍ଧବୀ ରଶ୍ମିରେଖାଙ୍କ ସହ ସେ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ଏହାପରେ ରଶ୍ମିରେଖା ଭୁବନେଶ୍ୱରସ୍ଥିତ ପିପୁଲ ଫର ଆନିମଲ କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରିବା ସହ ମାନେକା ଗାନ୍ଧୀଙ୍କୁ ଇମେଲ କରିବା ପରେ କୁକୁଟିର ଚିକିତ୍ସା ନିମନ୍ତେ ପଦକ୍ଷେପ ନିଆଯାଇଛି।

କିନ୍ତୁ ପ୍ରଥମ ଦିନ କୁକୁରଟି ଧରାପଡି ନ ଥିଲା । ଦ୍ୱିତୀୟ ଦିନ ସାଇକ୍ରିଷ୍ଣା ନିଜେ କୁକୁରଟିକୁ ଧରି ସିଡିଭିଓଙ୍କୁ ସୂଚନା ଦେଲାପରେ ପାଖାପାଖି ଅଧ ଘଣ୍ଟା ପରେ ଡଗ୍ କ୍ୟାଚର୍‌ମାନେ ସେଠାରେ ପହଞ୍ଚି ତାକୁ ଉଦ୍ଧାର କରିଛନ୍ତି । ଆନିମଲ ହେଲ୍ପଲାଇନ୍ ଦାୟିତ୍ୱରେ ଥିବା ବରିଷ୍ଠ ଚିକିତ୍ସକ ଡ. ବିଦ୍ୟାଧର ଶତପଥୀ କହିଛନ୍ତି କୁକୁରଟି ଗୁରୁତର ଅବସ୍ଥାରେ ଥିଲା । ଉଦ୍ଧାର ପରେ ଜିଲା ପ୍ରାଣୀ ଚିକିତ୍ସାଳୟର ଏକ କୋଠରିରେ ରଖାଯାଇ ଚିକିତ୍ସା ଅବ୍ୟାହତ ରହିଛି। ଏଥିମଧ୍ୟରେ କୁକୁରଟି ଖାଇବା ସହ କେତେକାଂଶରେ ସୁସ୍ଥ ହୋଇଗଲାଣି । ପୁରା ସୁସ୍ଥ ହେବାକୁ ଆଉ ପାଖାପାଖି ୧୦ ଦିନ ଲାଗିଯିବ ବୋଲି କହିଛନ୍ତି । ସିଡିଭିଓ ପରଡ଼ାଙ୍କ କହିବା କଥା ହେଲା ଗତ ମେ ୨୩ ତାରିଖରେ ମାନେକା ଗାନ୍ଧୀ ଥରେ ନୁହେଁ ୨ ଥର ଫୋନ କରି ତୁରନ୍ତ ସହାୟତା ଯୋଗାଇବାକୁ କହିଥିଲେ । ଏବେ କୁକୁରର ଚିକିତ୍ସା ଚାଲିଥିବା ସେ ପ୍ରକାଶ କରିଛନ୍ତି।

### କୁକୁର ପ୍ରେମରେ ଡାକ୍ତର

କୁକୁରଟିର ସ୍ୱାସ୍ଥ୍ୟାବସ୍ଥା ଯେତିକି ଉନ୍ନତି ହେଉଛି ତା'ପ୍ରତି ଆତ୍ମୀୟତା ସେତିକି ବଢିଚାଲିଛି । ଦେଖିଲା ମାତ୍ରେ ଛାଡିବାକୁ ରାଜି ହେଉନି । ଲାଞ୍ଜ ହଲାଇବା ସାଙ୍ଗକୁ ଶରୀରର ଭାବଭଙ୍ଗୀ ଏଭଳି କରୁଛି ଯାହା ମନ ଓ ଆତ୍ମାକୁ ବାନ୍ଧି ଦେଉଛି । ତାକୁ ଦେଖିଲେ ମନ ଖୁସି ହୋଇଯାଉଛି । କିନ୍ତୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ଅନ୍ୟତ୍ର ଚାଲିଯିବ । ଏକଥା ଭାବିଲା ବେଳକୁ ଦୁଃଖ ଲାଗୁଛି । ଏହା କହିଛନ୍ତି ଚିକିତ୍ସା କରୁଥିବା ବରିଷ୍ଠ ପ୍ରାଣୀ ଚିକିତ୍ସକ କୁଞ୍ଜବିହାରୀ ସ୍ୱାଇଁ ।

# ଟ୍ରାଫିକ ସମସ୍ୟାର ସମାଧାନ ଦାବିରେ ଖବରଦାତାଙ୍କ ନୀରବ ଧାରଣା


ଖବରଦାତାମାନେ ଧାରଣାରେ ବସିଛନ୍ତି।

**ପାରାଦୀପ,୧୦।୬(ସ୍ୱ.ପ୍ର.)**

ପାରାଦୀପର ଅଠରବାଙ୍କି ଦୋଛକି ରାସ୍ତାର ଟ୍ରାଫିକ ସମସ୍ୟାର ସମାଧାନ ପାଇଁ କାର୍ଯରତ ଖବରଦାତାମାନେ ଗତ ୨ତାରିଖରେ ଏକ ଦାବିପତ୍ର ଦେଇଥିଲେ। ଉକ୍ତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି କୁହାଯାଇଥିଲା। ମାତ୍ର ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଶୁକ୍ରବାର ଖବରଦାତାମାନେ ବିରୋଧ କରିଛନ୍ତି। ସେମାନେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଗାନ୍ଧୀ ମୂର୍ତ୍ତି ପାଖରେ କିଛି ସମୟ ପାଇଁ ନୀରବ ଧାରଣା ଦେଇଥିଲେ। ପରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ପହଞ୍ଚି ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଏବେ ରାସ୍ତାର ୪୫ରୁ ଅଧିକ ଜାଗାରେ ନୋ ପାର୍କିଂଯୋନ ଫଳକ ଲଗାଯାଇଛି। ରାସ୍ତାରେ ଥିବା ଭାରୀଯାନ ଗୁଡ଼ିକୁ ହଟାଇବା ପାଇଁ ଆରଟିଓ ଏବଂ ପୋଲିସ ଲାଗିଛନ୍ତି। ସମ୍ଭବତଃ ଆଉ ସପ୍ତାହେ ମଧ୍ୟରେ ରାସ୍ତା ମୁକ୍ତ ହୋଇଯିବ। ଏହାପରେ ଖବରଦାତାମାନେ ଫେରିଯାଇଛନ୍ତି। ଆସନ୍ତା ୧୯ ତାରିଖ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ୨୦ରେ ରାଜପଥ ଅବରୋଧ କରାଯିବ ବୋଲି ଖବରଦାତାମାନେ ସୂଚନା ଦେଇଛନ୍ତି।

### ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ

**ବିରିଡି,୧୦।୬ (ଡି.ଏନ୍.ଏ.)**

ବିରିଡି ଥାନା ଅନ୍ତର୍ଗତ ମଇଁଦିପୁର ପୋଲ ନିକଟରୁ ଶୁକ୍ରବାର ସ୍ଥାନୀୟ ପୋଲିସ ୫ ଗ୍ରାମ ବ୍ରାଉନ ସୁଗାର ସହ ଜଣକୁ ଧରିବାରେ ସକ୍ଷମ ହୋଇଛି । ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ବାଗଲପୁର ଗ୍ରାମର ସଂପୂର୍ଣ୍ଣ ସାମଲ (୩୭)। ଏ ନେଇ ଥାନାରେ ମାମଲା (ନଂ.୧୦୮/୨୨)ରୁଜୁ ହୋଇଛି । ତାଙ୍କୁ ଗିରଫପରେ କୋର୍ଟଚାଲାଣ କରାଯାଇଛି।

# ଗ୍ରାମ ପୋଖରୀ ଖନନ ଅର୍ଥ ଆତ୍ମସାତ ଅଭିଯୋଗ

**କୁଜଙ୍ଗ, ୧୦।୬ (ଡି.ଏନ୍.ଏ.)**



ବିଡିଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ଲୋକେ।

କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ଗଙ୍ଗାଧରପୁର ଗ୍ରାମ ୧୮ନଂ. ୱାର୍ଡରେ ପୋଖରୀ ଖନନ ବାବଦ ଅର୍ଥ ଆତ୍ମସାତ କରାଯାଇଥିବା ନେଇ ଗ୍ରାମର ବହୁ ଲୋକେ ଶୁକ୍ରବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ଅନୁଦାନ ଅର୍ଥରେ ୨୦୨୦-୨୧ ଆର୍ଥିକ ବର୍ଷରେ ଗ୍ରାମ ପୋଖରି ଖୋଳାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ମିଳିଥିଲେ ମଧ ଗ୍ରାମବାସୀ ମିଳିମିଶି ଏହି ପୋଖରୀ ଖନନ କରିଥିଲେ। ଏହାପରେ ଗ୍ରାମବାସୀ ବିଲ୍ ନିମନ୍ତେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ଜେନା ଓ ତତ୍କାଳୀନ ସରପଞ୍ଚ ରୋଜାଲିନ ମହାପାତ୍ରଙ୍କୁ ଜଣାଇଥିଲେ। ହେଲେ କୋଭିଡ୍ କଟକଣା ଆଳ ଦେଖାଇ ଦୁଇବର୍ଷ ହେବ ବିଲ ଦିଆଯାଉ ନାହିଁ ବୋଲି ପ୍ରମୋଦ ମଲ୍ଲିକ, ଦୀପ୍ତିରଞ୍ଜନ ଯୋଗଣିଆ, ମନୋଜ ଯୋଗଣିଆ, ଟୁଲୁନା ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ବାବଦରେ ଅନୁସନ୍ଧାନ କରିବା ପରେ ପୋଖରୀ ଖନନ ନିମନ୍ତେ ବିଲ୍ ହୋଇସାରିଥିବା ନେଇ ସେମାନେ ଜାଣିବାକୁ ପାଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ସେମାନେ ଗତ ୭ ତାରିଖରେ ମଧ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ବୋଲି କହିଛନ୍ତି।

ବିଡିଓ ପାଣିଗ୍ରାହୀ କହିଛନ୍ତି, ସେ ଏ ପ୍ରସଙ୍ଗରେ ପୂର୍ବତନ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲେ। ସେମାନେ କହିଥିଲେ, ଗ୍ରାମ୍ୟ କମିଟି ଜରିଆରେ ଉକ୍ତ ଘଟଣାର ସମାଧାନ କରାଯିବ। ଏଥିପାଇଁ ସେମାନେ ତାଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ମାତ୍ର ଦସ୍ତଖତକୁ ନେଇ ସନ୍ଦେହ ଜାତ ହେବାରୁ ସେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ଜେନାଙ୍କୁ ମୋବାଇଲ ଫୋନ୍‌ରେ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ପୂର୍ବତନ ସରପଞ୍ଚ ରୋଜାଲିନ ମହାପାତ୍ର କହିଛନ୍ତି, ବିଭାଗରେ ଟଙ୍କା ମହଜୁଦ ରହିଛି। ଯେହେତୁ ଗ୍ରାମବାସୀ ପୋଖରୀ ଖୋଳିଥିଲେ ତେଣୁ ସମସ୍ତେ ଏକାଠି ବସି ଏକ ରିଜୋଲ୍ୟୁସନ କରିଦେଲେ ସେମାନଙ୍କୁ ଅର୍ଥ ପ୍ରଦାନ କରାଯିବ।

### ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସ୍ୱାଭାବିକ ହେଲା

**କୁଜଙ୍ଗ,୧୦।୬(ଡି.ଏନ୍.ଏ.)**

କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଗୁରୁବାର ବ୍ଲକ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଠାରେ ଦୁର୍ନୀତି ହେବା ସହ ଅଦାଲତର ନିର୍ଦ୍ଦେଶ ଉଲ୍ଲଂଘନ କରଯାଇଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ଧାରଣା ଯୋଗୁ ଏହି କାର୍ଯ୍ୟାଳୟରେ କାମ ଠପ୍ ହୋଇଥିଲା। ଖବରପାଇ ଜିଲା ଉପନିବନ୍ଧକ ଶ୍ରୀକାନ୍ତ ବେଉରା ଶୁକ୍ରବାର କୁଜଙ୍ଗ ଆସି ବନ ବିଭାଗ ଡାକବଙ୍ଗଳାରେ ଓକିଲ ସଂଘର ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏଥିରେ କୁଜଙ୍ଗ ଉପନିବନ୍ଧକ ସୁଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ।ଏଣିକି କୋର୍ଟ ନିର୍ଦ୍ଦେଶକୁ ଗୁରୁତ୍ୱ ଦିଆଯିବା ସହ ଭିଜିଟିଙ୍ଗ ରେଜିଷ୍ଟ୍ରେସନ ନିମନ୍ତେ ଯିବାକୁ ପଡିଲେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ନେବାକୁ ଆଲୋଚନାରେ ନିଷ୍ପତ୍ତି ହୋଇଥିଲା । ଯେଉଁ ପ୍ଲଟକୁ ନେଇ ବିବାଦ ସୃଷ୍ଟି ହୋଇଛି ସେନେଇ ତଦନ୍ତ କରାଯିବ ବୋଲ ଜିଲା ଉପନିବନ୍ଧକ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ବିବାଦର ସମାଧାନ ହୋଇଯାଇଛି ବୋଲି ଓକିଲ ସଂଘର ସଭାପତି ସୁଶାନ୍ତ ପଟ୍ଟନାୟକ କହିଛନ୍ତି। ଆଲୋଚନା ପରେ ଉପନିବନ୍ଧକ କାର୍ଯ୍ୟାଳୟରେ କାର୍ଯ୍ୟ ସ୍ୱାଭାବିକ ଅବସ୍ଥାକୁ ଫେରିଆସିଛି। ଏହି ଆଲୋଚନାରେ ଓକିଲ ସଂଘ ସମ୍ପାଦକ ଦାମୋଦର ସ୍ୱାଇଁ, ଅମୃତ ଦାସ, ଏ.ଏନ.ଡି. ଯାଦବ, ନଳିନ ରଞ୍ଜନ ଦାସ, ଭାରତଭୂଷଣ ଦାସ ଓ ମାନତା ସାହାଜୀ ପ୍ରମୁଖ ଯୋଗଦେଇଥିଲେ।

### ତୈଳ ବିଶୋଧନାଗାର ଆଗରେ ବିକ୍ଷୋଭ



ପାରାଦୀପ ରିଫାଇନେରି ଶ୍ରମିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପାରାଦୀପ, ୧୦।୬(ସ୍ୱ.ପ୍ର.)**

ପାରାଦୀପ ରିଫାଇନେରି ଶ୍ରମିକ ସଂଘ ପକ୍ଷରୁ ଶୁକ୍ରବାର ତୈଳ ବିଶୋଧନାଗାର ଆଗରେ କିଛି ସମୟ ପାଇଁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବେକାରୀଙ୍କୁ ନିଯୁକ୍ତି, ଶ୍ରମିକଙ୍କ ସର୍ବନିମ୍ନ ଦରମା ୨୬ ହଜାର ଟଙ୍କା, କାର୍ଯ୍ୟରତ ଶ୍ରମିକଙ୍କ ସୁରକ୍ଷା ନିରାପତ୍ତା ସାମଗ୍ରୀ ଯୋଗାଇ ଦେବା ଆଦି ଦାବିରେ ଏହି ବିକ୍ଷୋଭ କରାଯାଇଥିଲା ବୋଲି ସଂଘ ସଭାପତି ସୁବାସ ମହାପାତ୍ର ସୂଚନା ଦେଇଛନ୍ତି। ଏଥିରେ ଦାମୋଦର ତରାଇ, ସଂଗ୍ରାମ ରାଉତ, ଚିନ୍ମୟୀ ସାହାଣୀ ପ୍ରମୁଖ ସାମିଲ ହୋଇଥିଲେ।

### ସରପଞ୍ଚ, ପୂର୍ବତନ ସରପଞ୍ଚ ବିବାଦ: ୨ ମାମଲା ରୁଜୁ

**ବିଞ୍ଝାରପୁର, ୧୦।୬(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତର ସରପଞ୍ଚ ଓ ପୂର୍ବତନ ସରପଞ୍ଚଙ୍କ ମଧ୍ୟରେ ଉପୁଜିଥିବା ବିବାଦ ଥାନାରେ ପହଞ୍ଚିଛି। ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ବୁଧବାର ବିଞ୍ଝାରପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କୁ ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିବାକୁ ଧମକ ଦେଇଥିଲେ। ସେହିପରି ପୂର୍ବତନ ସରପଞ୍ଚ ଦେବାନନ୍ଦ ସରପଞ୍ଚଙ୍କ ବିରୋଧରେ ଥାନା କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କୁ ଜାତିକୁ ଆକ୍ଷେପ କରାଯିବା ସହ ୱାର୍ଡସଭ୍ୟଙ୍କୁ ଉସୁକାଇ ମାଡ଼ ମାରିବାକୁ ଧମକ ଦିଆଯାଇଛି। ପୋଲିସ ଉଭୟଙ୍କ ଅଭିଯୋଗ ଗ୍ରହଣ କରି ତଦନ୍ତ କରିବା ସହିତ ୨ଟି ମାମଲା ୩୮୬/୨୨ ଏବଂ ୩୮୭/୨୨ ରୁଜୁ କରିଛି।

### ଜାଲରେ ଫସିଥିବା ମାଙ୍କଡ଼ ଛୁଆ ଉଦ୍ଧାର


ବନ ବିଭାଗ କର୍ମଚାରୀମାନେ ମାଙ୍କଡ ଛୁଆକୁ ଜାଲରୁ ଉଦ୍ଧାର କରୁଛନ୍ତି।

**ରଘୁନାଥପୁର,୧୦।୬(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଗୋକୁଳପୁର ଠାରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଆମ୍ବ ଖାଇବାକୁ ଆସି ଜାଲରେ ଫସି ଯାଇଥିବା ଏକ ମାଙ୍କଡ଼ ଛୁଆକୁ ବନବିଭାଗ କର୍ମଚାରୀ ଶୁକ୍ରବାର ଉଦ୍ଧାର କରିଛନ୍ତି। ଉକ୍ତ ଗ୍ରାମର ଡିକେ ସିଂହଙ୍କ ବାଡ଼ିରେ ଥିବା ଆମ୍ବର ସୁରକ୍ଷା ପାଇଁ ଗଛରେ ଜାଲ ଘେରା ଯାଇଥିଲା। ମାଙ୍କଡ଼ ପଲ ଆସି ଆମ୍ବ ଖାଇବା ସମୟରେ ଏହି ସମୟରେ ମାଙ୍କଡ ଛୁଆଟି ଜାଲରେ ଗୁଡେଇ ହୋଇ ଯାଇଥିଲା। ସ୍ଥାନୀୟ ଲୋକେ ବହୁ ଚେଷ୍ଟା କରି ତାକୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ। ଏନେଇ ଫରେଷ୍ଟର ସୁକାନ୍ତ କୁମାର ବେହେରାଙ୍କୁ ଖବର ଦେଇଥିଲେ। ଫରେଷ୍ଟର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଦୁଇ ବନ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଜାଲ କାଟି ମାଙ୍କଡ଼ ଛୁଆକୁ ଉଦ୍ଧାର କରି ଚାଲି ଯାଇଥିଲେ।

# ଶିଶୁଙ୍କୁ ଶ୍ରମିକ କାମରେ ଲଗାଇବା ସାମାଜିକ ବ୍ୟାଧି

**ଜଗତସିଂହପୁର ଅଫିସ, ୧୦।୬**



ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଜିଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ**

ଏବେବି କୃଷି କର୍ମ, ବସ୍‌ଷ୍ଟାଣ୍ଡ, ରେଲୱେ ଷ୍ଟେଶନ୍, ଢାବା ଓ ହୋଟେଲ ଆଦିରେ ଶିଶୁ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଶିଶୁମାନଙ୍କୁ ଶ୍ରମରେ ନିୟୋଜିତ କଲେ ସେମାନଙ୍କ ଅଧିକାର କ୍ଷୁର୍ଣ୍ଣ ହୁଏ। ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬ର ଧାରା ୩ ଅନୁସାରେ ଶିଶୁମାନଙ୍କୁ ୧୮ଟି ବୃତ୍ତି ତଥା ୬୫ଟି ପ୍ରକ୍ରିୟାରେ ନିୟୋଜନ କରିବା ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ଏସବୁ ଜାଣି ମଧ ଆମେ ଶିଶୁ ଶ୍ରମିକ ପ୍ରଥା ବନ୍ଦ ପାଇଁ ଆନ୍ତରିକତା ପ୍ରକାଶ କରୁନେ। ତେଣୁ ସଂକଳ୍ପ ନେବା ଉଚିତ ଯେପରି ଆମ ଘରେ, କାର୍ଯ୍ୟାଳୟରେ କିମ୍ବା ଅନୁଷ୍ଠାନରେ ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରା ନ ଯିବ। ଶୁକ୍ରବାର ଜଗତ୍‌ସିଂହପୁର ଜିଲାଶ୍ରମ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା କହିଥିଲେ, ଶିକ୍ଷା ଗ୍ରହଣ କରିବା ପ୍ରତ୍ୟେକ ଶିଶୁଙ୍କର ଅଧିକାର। ଏହି ଅଧିକାରର ସୁରକ୍ଷା ପ୍ରତ୍ୟେକ ନାଗରିକ କର୍ତ୍ତବ୍ୟ। ତେଣୁ ୧୪ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯାଉଥିବା ବେହେରା କହିଥିଲେ। ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଉତ୍କଳ ରଞ୍ଜନ ମହାନ୍ତି କହିଥିଲେ, ଶିଶୁ ଓ କିଶୋରମାନେ କେଉଁଠି କାମ କରୁଛନ୍ତି ସେମାନଙ୍କୁ ଖୋଜି ବାହାର କରିବା ଉଚିତ। ଶିଶୁ ଶ୍ରମିକମାନଙ୍କ ପରିବାରବର୍ଗଙ୍କୁ ସଚେତନ କରାଇବା, ସେମାନଙ୍କ ଦାରିଦ୍ର୍ୟ ଦୂର ପାଇଁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ କହିଥିଲେ, ଜିଲାରେ ୨୦୧୪ରୁ ଏଥିମଧ୍ୟରେ ୨୦୦ ଶିଶୁ ଶ୍ରମିକଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇଛି। ସେମାନଙ୍କ ମଧ୍ୟରୁ ରାଜ୍ୟ ବାହାର ୪୬, ଅନ୍ୟ ଜିଲାର ୮୬ ଓ ଜଗତ୍‌ସିଂହପୁର ଜିଲାର ୬୮ ଜଣ ଅଛନ୍ତି । ଅନ୍ୟ ରାଜ୍ୟ ଓ ଜିଲାର ଶିଶୁ ମଙ୍ଗଳ ସମିତିକୁ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। ଆମ ଜିଲାର ୪ ଜଣ ଶିଶୁଙ୍କୁ ଆନୁଷ୍ଠାନିକ ଭାବେ ଯତ୍ନ ନିଆଯାଉଥିବା ବେଳେ ଓ ୭ ଜଣଙ୍କୁ ପୃଷ୍ଠପୋଷକତା ସହାୟତା ଯୋଗାଇ ଦିଆଯାଇଛି। ଅବଶିଷ୍ଟଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କୋମଳମତୀ ଶିଶୁଙ୍କୁ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ କଲେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବ ବୋଲି ମତପ୍ରକାଶ କରିଥିଲେ। ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଦେବା ସହ ଜିଲାରେ ଶିଶୁ ଶ୍ରମିକ ନିରାକରଣ ପକ୍ଷ ପାଳନ ସମ୍ବନ୍ଧରେ ସୂଚନା ଦେଇଥିଲେ। ସହକାରୀ ଶ୍ରମ ଅଧିକାରି ସୌମ୍ୟା ରଞ୍ଜିତା ଦଳାଇ କହିଥିଲେ, ମେ ୧୫ ତାରିଖରୁ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ଯେଉଁମାନେ ଶିଶୁ ଶ୍ରମିକ ନିୟୋଜନ କରିବେ ସେମାନଙ୍କୁ ୬ ମାସରୁ ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୨୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ। ସେହିପରି ୧୪ରୁ ୧୮ ବର୍ଷ କିଶୋରଙ୍କୁ ବିପଦପୂର୍ଣ୍ଣ ବୃତ୍ତିରେ ନିୟୋଜିତ କଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଓ ଜରିମାନା ଧାର୍ଯ୍ୟ କରାଯିବା ବ୍ୟବସ୍ଥା ରହିଥିବା କହିଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ନିଯୁକ୍ତିଦାତା, ଇଟାଭାଟି, ହୋଟେଲ, ଢାବା ମାଲିକ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦଇ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ନେଇ ଶପଥ ପାଠ କରିଥିଲେ ।

## ସଂକ୍ଷେପରେ

### ୫-ଟି ସଚିବଙ୍କୁ ଭେଟିଲେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷା



ଆଳି,୧୦।୬(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ପଞ୍ଚାୟତ ସମିତିର ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ଉପାଧ୍ୟକ୍ଷା ମିନତୀ ବାରିକ ୫-ଟି ସଚିବ ଭି. କେ. ପାଣ୍ଡିଆନ୍‌ଙ୍କୁ ଭେଟିଥିଲେ। ଆଳି ବ୍ଲକରେ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଦିଗରେ ୫-ଟି କିପରି ଭାବେ ସହାୟକ ହୋଇପାରିବ ସେନେଇ ଅଧ୍ୟକ୍ଷ ସାମଲ ଓ ଉପାଧ୍ୟକ୍ଷା ବାରିକଙ୍କ ସହ ସଚିବ ପାଣ୍ଡିଆନ୍ ଆଲୋଚନା କରିଛନ୍ତି। ସରକାରଙ୍କ ଜନମଙ୍ଗଳକାରୀ ଯୋଜନା କିପରି ଲୋକମାନଙ୍କ ନିକଟରେ ପହଞ୍ଚିବ ସେ ବିଷୟରେ ଆଲୋଚନା କରିବା ସହ ମିଶନ ଶକ୍ତି ଯୋଜନାରେ କିଭଳି ଭାବେ ମହିଳାମାନେ ଅଧିକରୁ ଅଧିକ ଉପକୃତ ହୋଇପାରିବେ ସେ ନେଇ ଆଲୋଚନା କରିଥିଲେ। ଅଧ୍ୟକ୍ଷ ସାମଲ ବିଭିନ୍ନ ସମସ୍ୟା ସହିତ ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିରର ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ମନ୍ଦିର ଉନ୍ନତୀକରଣ ନିମନ୍ତେ ସାଢେ ୩ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ କୋଭିଡ୍ ନିମନ୍ତେ ତାହା ଅଟକି ରହିଛି। ଏବେ ସ୍ଥିତି ସୁଧୁରିଯାଇଛି। ତେଣୁ ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଦୃଷ୍ଟି ଦେବାକୁ ନିବେଦନ କରିଥିଲେ।

### ସମବାୟ ନିର୍ବାଚନ ସଙ୍କେତ ପରିବର୍ତ୍ତନରୁ ଅସନ୍ତୋଷ

ଡେରାବିଶ, ୧୦।୬ (ସ୍ୱ.ପ୍ର.):କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନରେ ଥିବା ୧୦ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ୭ଟିରେ ଆସନ୍ତା ୧୯ରେ ନିର୍ବାଚନ ହେବ। ଏଥିପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପରିଚାଳନା କମିଟି ନିର୍ଦ୍ଦେଶକଙ୍କ ନିର୍ବାଚନୀ ସଙ୍କେତ ପ୍ରାର୍ଥୀଙ୍କୁ ମିଳିଥିଲା। ତେବେ ଅଚାନକ ଭାବେ ଏହି ଚିହ୍ନକୁ ଶୁକ୍ରବାର ପରିବର୍ତ୍ତନ କରି ଦିଆଯାଇଛି। ଯାହା ସଭ୍ୟ ଓ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। କେତେଜଣ ସଭ୍ୟ ଓ ପ୍ରାର୍ଥୀ ଏପରି ପରିବର୍ତ୍ତନକୁ ନେଇ ଆସନ୍ତା ସୋମବାର ଜିଲାପାଳଙ୍କ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନିୟମିତତା ସମ୍ପର୍କରେ ଅଭିଯୋଗ କରିବେ ବୋଲି ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ସହକାରୀ ଉପନିବନ୍ଧକ ମନମୋହନ ରାଉତଙ୍କୁ ପଚାରିବାରେ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ଦିଆଯାଇଥିବା ଚିହ୍ନ ବଦଳରେ ଭୁଲ କ୍ରମେ ସମିତିର ସମ୍ପାଦକ ଓ ନିର୍ବାଚନ ପରିଚାଳନା ଅଧିକାରୀ ଦେଇଥିଲେ। ଏହା ଜଣାପଡିବା ପରେ ନିର୍ବାଚନୀ ଚିହ୍ନର ପରିବର୍ତ୍ତନ କରାଯାଇଛି ବୋଲି ସେ କହିଛନ୍ତି।



ଶୀତଳ ଭଣ୍ଡାରକୁ ଉଦ୍‌ଘାଟନ କରାଯାଉଛି।

# ଚାପ ନାହିଁ: ଜିଲା ବିକାଶ ବାଟବଣା

- ଲୋକଙ୍କୁ କାମ ମିଳିଲେ ଦାଦନ ସମସ୍ୟା ହଟିବ
- ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପାଇଁ ସିଙ୍ଗଲ ୱିଣ୍ଡୋ ଆବଶ୍ୟକ
- କୃଷି ଓ ପର୍ଯ୍ୟଟନକୁ ଗୁରୁତ୍ୱ ଦେବାକୁ ଦାବି

କେନ୍ଦ୍ରାପଡ଼ା ଅଫିସ, ୧୦।୬

ରାଜ୍ୟ ସରକାର ଓଡ଼ଶାକୁ ୧୩ରୁ ୩୦ ଜିଲା ସୃଷ୍ଟି କଲେ। ଅବିଭକ୍ତ କଟକ ଜିଲାରୁ କେନ୍ଦ୍ରାପଡ଼ା ୧୯୯୩ ଏପ୍ରିଲରେ ସ୍ୱତନ୍ତ୍ର ଜିଲାର ମାନ୍ୟତା ପାଇଲା। ତେବେ ଏହି ଜିଲା ମାନ୍ୟତା ପରେ ସବୁ କିଛି ଠିକ୍‌ଠାକ୍ ଚାଲିନାହିଁ। ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଜିଲାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ଲୋକ ସମ୍ବଳ ବିନିଯୋଗ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଫଳରେ ସେମାନେ ଦାଦନ ଘଟିବାକୁ ବାହାରକୁ ଯାଉଛନ୍ତି। ଶିଳ୍ପ ଓ କ୍ଷୁଦ୍ର ଶିଳ୍ପ ପାଇଁ ପ୍ରଶାସନିକ ବ୍ୟବସ୍ଥା ଯଥେଷ୍ଟ ନୁହେଁ। ସିଙ୍ଗଲ ୱିଣ୍ଡୋରେ ଏହାର ସମାଧାନ ହୋଇପାରିବ। ସେହିପରି ଜିଲାର ଭିତ୍ତିଭୂମି କୃଷି ଓ ପର୍ଯ୍ୟଟନ ହୋଇଥିଲେ ମଧ୍ୟ ଏହାକୁ ସର୍ବଦା ଅଣଦେଖା କରାଯାଇଛି। ଲୋକମାନେ ପ୍ରଶାସନ ଓ ରାଜନେତାଙ୍କ ଉପରେ ଚାପ ପକାଉ ନ ଥିବାରୁ କେନ୍ଦ୍ରାପଡ଼ା ଜିଲା ବିକାଶ ବାଟବଣା ହୋଇଥିବା ମତ ପ୍ରକାଶ ପାଇଛି।

### କୃଷି ଓ କୃଷକଙ୍କୁ ଅବହେଳା



ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ କେନ୍ଦ୍ରାପଡ଼ା ଜିଲାର କୃଷି ଓ କୃଷକଙ୍କ ପ୍ରତି ସର୍ବଦା ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲାର ଅର୍ଥନୀତି କୃଷିଭିତ୍ତିକ। ମାତ୍ର ଜଳ ପରିଚାଳନା ଏକ ମୁଖ୍ୟ ସମସ୍ୟା ହୋଇରହିଛି। ଆଳି, ରାଜନଗର, ରାଜକନିକାରେ ଆଦୌ କେନାଲ ନାହିଁ। ମହାକାଳପଡ଼ାରେ ମାତ୍ର ୨୦ ପ୍ରତିଶତକୁ ଜଳସେଚନ ବ୍ୟବସ୍ଥା ଅଛି। ଚାଷ ପାଇଁ ଜଳ ନିଷ୍କାସନ ବଡ ବିପଦ ହୋଇଥିବା ବେଳେ ଜିଲା ଗଠନର ୨୯ ବର୍ଷ ପରେ ମଧ୍ୟ ଏଥିପ୍ରତି ପ୍ରଶାସକ ଅଥବା ରାଜନେତା ସମ୍ବେଦନଶୀଳ ନୁହନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର କୃଷକଙ୍କ ପାଇଁ କାଳିଆ, କିଷାନ ଯୋଜନାରେ କୃଷକଙ୍କ ଅଭିବୃଦ୍ଧି ପାଇଁ ସହାୟତା ରାଶି ଯୋଗାଉଥିଲେ ମଧ୍ୟ ତୃଣମୂଳ ସମସ୍ୟାକୁ ଏଡାଇ ଯାଉଛନ୍ତି। ଫଳରେ ଯୁବବର୍ଗ ଚାଷ ପରିବର୍ତ୍ତେ ଦାଦନ ଖଟିବାକୁ ଜିଲା ବାହାରକୁ ଯାଉଛନ୍ତି।

–ରାଧାକାନ୍ତ ମହାନ୍ତି, ଡେରାବିଶ, କେନ୍ଦ୍ରାପଡ଼ା

### ମୌଳିକ ସେବା ମିଳୁନି



ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ, ପାନୀୟ ଜଳ ପରି ମୌଳିକ ସମସ୍ୟାରେ ଜିଲାବାସୀ ପଡିଛନ୍ତି। ଜିଲାର ୧୬ ପଞ୍ଚାୟତକୁ ସିଧାସଳଖ ଯାତାୟାତ ପଥ ନାହିଁ। ଶିକ୍ଷାନୁଷ୍ଠାନର ଭିତ୍ତିଭୂମିରେ ଶିକ୍ଷକ ଅଭାବ ଅନ୍ତରାୟ ସୃଷ୍ଟି କରିଛି। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ରୋଗୀଙ୍କୁ ଚିକିତ୍ସା ବଦଳରେ ଅନ୍ୟତ୍ର ଚିକିତ୍ସା ପାଇଁ ରେଫର କାଗଜ ମିଳୁଛି। ଜିଲାର ବହୁଦିନଆ ଦାବି ମେଡିକାଲ କଲେଜ, କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, କୃଷି ବିଦ୍ୟାଳୟ, ସାମୁଦ୍ରିକ ଗବେଷଣାଗାର ଆଦିକୁ ଅଣଦେଖା କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଏକ ମାତ୍ର ପାନୀୟ ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ରାପଡ଼ାକୁ ଚିହ୍ନଟ କରିଛନ୍ତି। ଏହାସତ୍ତ୍ୱେ ଏହାର ନିରାକରଣ କରାଯାଉନାହିଁ। ଜିଲା ବିକାଶ ପାଇଁ ଲୋକମାନେ ପ୍ରଶାସନ ଓ ରାଜନେତାଙ୍କ ଉପରେ କୌଣସି ଚାପ ପକାଇ ପାରୁନାହାନ୍ତି।

– ସାଗର ଜେନା, କଂସାର, କେନ୍ଦ୍ରାପଡ଼ା

### କୃଷି ଓ ପର୍ଯ୍ୟଟନକୁ ଅବହେଳା



କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ କେନ୍ଦ୍ରାପଡ଼ା ଜିଲାରେ ସ୍ଥାନୀୟ କୃଷି ଅବହେଳାରେ ଅଛି। ସେହିପରି ପର୍ଯ୍ୟଟନ କ୍ଷେତ୍ର ଆମକୁ ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇପାରିବ। ମାଛ, କୁକୁଡାଠାରୁ ଆରମ୍ଭ କରି ଅର୍ଥକରୀ ଫସଲ ପାଇଁ ଉପଯୁକ୍ତ ଜଳବାୟୁ ଓ ଭିତ୍ତିଭୂମି ଅଛି। ତେବେ ଯୋଜନା ଅଭାବରୁ ସ୍ଥାନୀୟ କୃଷି ଅବହେଳିତ ଅବସ୍ଥାରେ ଅଛି। ଏପରି କି ଝୋଟ ଚାଷ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଝୋଟ ଗବେଷଣା କେନ୍ଦ୍ର ବନ୍ଦ ହୋଇଛି। ସେହିପରି ଏହି ଜିଲାରେ ଜାତୀୟ ଉଦ୍ୟାନ ଭିତରକନିକା ବିଶ୍ୱ ବିଦିତ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ନ ଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ନଗଣ୍ୟ ହୋଇଛି। ଏହାବ୍ୟତୀତ ଧାର୍ମିକ ସ୍ଥଳକୁ ସୌନ୍ଦର୍ଯ୍ୟକରଣ କରାଯାଇ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ ତାହା ମଧ୍ୟ କରାଯାଉନାହିଁ।

– ନୀହାର ରଞ୍ଜନ ପ୍ରଧାନ, ଛୋଟି, କେନ୍ଦ୍ରାପଡ଼ା

### ଜିଲାର ଉତ୍ପାଦ ବାହାରକୁ ପଠାଇବାକୁ ପଡ଼ିବ



ଜିଲାରେ ଖଣି ନାହିଁ। ତେବେ ବୃହତ୍ ଓ କ୍ଷୁଦ୍ର ଶିଳ୍ପ ଜିଲା ବିକାଶକୁ ଆଗେଇ ନେଇପାରିବ। ପ୍ରତି ନିର୍ବାଚନ ସମୟରେ ବନ୍ଦର, ଶିଳ୍ପ ଆଦି ନେଇ ପ୍ରତିଶ୍ରୁତି ମିଳୁଛି। ଏହି ପ୍ରତିଶ୍ରୁତି ପାଳନ ପାଇଁ ଜିଲାବାସୀ ରାଜନେତାଙ୍କ ଉପରେ ଚାପ ସୃଷ୍ଟି କରିପାରୁନାହାନ୍ତି। କ୍ଷୁଦ୍ର ଶିଳ୍ପ ପାଇଁ ସିଙ୍ଗଲ ୱେଣ୍ଡୋ ଆବଶ୍ୟକ। ବହୁ ଯୁବ ଉଦ୍ୟୋଗୀ କ୍ଷୁଦ୍ର ଶିଳ୍ପ ପାଇଁ ଆଗ୍ରହୀ ଥିଲେ ମଧ୍ୟ ଆଇନର ବିଭିନ୍ନ କଟକଣା ବାଟବଣା କରୁଛି। ସ୍ଥାନୀୟ ଉତ୍ପାଦ ପ୍ରତି ବାହାର ଜିଲାବାସୀଙ୍କ ଅପେକ୍ଷା ନାହିଁ। ବରଂ ଜିଲା ବାହାର ଉତ୍ପାଦ ଉପରେ ଆମେ ନୀର୍ଭରଶୀଳ ହେଉଛୁ। କର୍ମ ନିଯୁକ୍ତି ସହ ଉତ୍ପାଦ ବାହାରକୁ ଗଲେ ଜିଲାର ଅର୍ଥନୀତିରେ ଅଗ୍ରଗତି ହେବ।

– ଶୁଭାଶିଷ ଷଡଙ୍ଗୀ, ରାଜକନିକା, କେନ୍ଦ୍ରାପଡ଼ା

# ଦେଶୀ ମଦ ଭାଟି ଭାଙ୍ଗିଲେ ମହିଳା



ଜମ୍ବୁ ଗାଁରେ ମହିଳାମାନେ ବେଆଇନ ଦେଶୀ ମଦ ଭାଟି ଭାଙ୍ଗିବାକୁ ଯାଉଛନ୍ତି।

**ମଜୁରି ପଇସା ଯାଉଛି ମଦ ଭାଟିକୁ**

ମହାକାଳପଡ଼ା,୧୦।୬ (ଡି.ଏନ.ଏ.)

ମଦକୁ ନା। ସ୍ୱାମୀମାନେ ମଦ୍ୟପାନ କରି ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି ବୋଲି ବହୁ ମହିଳା ଅଭିଯୋଗ କରିଛନ୍ତି। ଦୈନିକ ମଜୁରି ଲାଗି ଆଣୁଥିବା ଟଙ୍କାରେ ସ୍ୱାମୀ ମଦ୍ୟ ପାନ କରି ସ୍ତ୍ରୀ, ପିଲା ଛୁଆଙ୍କୁ ବାଡିଆପିଟା କରୁଥିବା ନଜରକୁ ଆସିଛି। ଫଳରେ ପାରିବାରିକ ଜୀବନରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହାକୁ ନେଇ ମହିଳା ମହାସଂଘ ପକ୍ଷରୁ ଚାଲିଥିବା ବେଆଇନ ମଦ ବିକ୍ରି ଓ ଭାଟିକୁ ମହିଳାମାନେ ମିଳିତ ହୋଇ ହାତରେ ଲାଠି ଧରି ଶୁକ୍ରବାର ଭଙ୍ଗାରୁଜା କରିଛନ୍ତି। ଏଭଳି ଦେଖିବାକୁ ମଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ଗାଁରେ।

ଜମ୍ବୁ ପଞ୍ଚାୟତର ମହିଳା ମହାସଂଘ ସଦସ୍ୟାମାନେ ପୂର୍ବାହ୍ନରେ ବେଆଇନ ଦେଶୀ ମଦ ଖୁଲମ୍‌ଖୁଲା ବିକ୍ରିକୁ ବିରୋଧ କରିବା ସହ ୨୦ରୁ ଅଧିକ ମଦ ଭାଟିକୁ ଭଙ୍ଗାରୁଜା କରି ମଦ ଜାରକିନ ବାହାରକୁ ଆଣି ଭାଙ୍ଗିଥିଲେ। ଅପରପକ୍ଷରେ ଜମ୍ବୁ ଦୈନିକ ବଜାରରେ ଟନ୍ ଟନ୍ ଗୁଡ଼ ବିକ୍ରିକୁ ମହିଳାମାନେ ବିରୋଧ କରିବା ସହ ଦୋକାନୀଙ୍କୁ ତାଗିଦ୍ କରିଛନ୍ତି। ସୂଚନାଯୋଗ୍ୟ ଗୁଡ଼ ପୋଚରୁ ଦେଶୀ ମଦ (ଜଳା) ପ୍ରସ୍ତୁତ ହୋଇଥାଏ। ଜିଲା ଅବକାରୀ ବିଭାଗ ଓ ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଦେଶୀ ମଦକୁ ବିରୋଧ କରି ମହିଳା ମହାସଂଘ ଅଭିଯାନରେ ସମ୍ପାଦିକା ନୀଳିମା ମଣ୍ଡଳ, ଶକୁନ୍ତଳା ମଣ୍ଡଳ, ସିପାଲୀ ମଣ୍ଡଳ, ଶେଫାଳୀ ବେରା, ଶେଫାଳୀ ମଣ୍ଡଳ, ସୁବର୍ଣ୍ଣ ହାଲଦାର୍, ସନ୍ଧ୍ୟା କଳା, କାଞ୍ଚନ ଲାୟା, ସାରଥି ପରିମାଣିକ, ଲକ୍ଷ୍ମୀ ମଣ୍ଡଳ, ତପତି ମାନ୍ନା, ନମିତା କଳା, ମାନସୀ ଦାସ, କଳ୍ପନା କଳା, ଆରତୀ ମଣ୍ଡଳ, ମଲ୍ଲିକା ମିର୍ଦ୍ଧାଙ୍କ ସମେତ ୫୦ରୁ ଅଧିକ ମହିଳା ସାମିଲ ହୋଇଥିଲେ।

### ଶ୍ରୀରାମପୁରରେ ସ୍ୱଳ୍ପ ଚାଳିତ ଶୀତଳଭଣ୍ଡାର ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୧୦।୬(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତରେ ଏକ ସ୍ୱଳ୍ପ ଚାଳିତ ଶୀତଳଭଣ୍ଡାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୀତଳ ଭଣ୍ଡାରକୁ ଉଦ୍‌ଘାଟନ କରିଥିଲେ। ମହିଳା ଏସ୍‌ଏଚ୍‌ଜି ଗୋଷ୍ଠୀ ଏହାର ପୂର୍ଣ୍ଣ ଉପଯୋଗ କରି ସଶକ୍ତ ଓ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ସହକାରୀ ଉଦ୍ୟାନ ଅଧିକାରୀ ଏସ. ସେଠୀ, ମିଶନ ଶକ୍ତି ଅଧିକାରୀ ସୁଶ୍ରୀ ଭୂୟାଁ, ଏମ୍‌ବିକେ ବୀଣା ମହାନ୍ତି, ମା' ମଙ୍ଗଳା ଏସ୍‌ଏଚ୍‌ଜିର ସଦସ୍ୟା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

# ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ସର୍ତ୍ତମୂଳକ ସମନ

**କ୍ୱାକ୍‌ଙ୍କ ଚିକିତ୍ସାରେ ମହିଳାଙ୍କ ମୃତ୍ୟୁ ମାମଲା**

କେନ୍ଦ୍ରାପଡ଼ା ଅଫିସ, ୧୦।୬:

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ଜଣେ କ୍ୱାକ୍‌ଙ୍କ ଚିକିତ୍ସା ପରେ ୨୦୨୦ ମସିହାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏ ନେଇ ମାର୍ଶାଘାଇ ବ୍ଲକ ତାଳସଙ୍ଗା ଗ୍ରାମର ପ୍ରତାପ ମହାନ୍ତି ଜାତୀୟ ମାନବାଧିକାର କମିଶନରେ ଉପଯୁକ୍ତ କ୍ଷତିପୂରଣ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନ ପତ୍ର ଦେଇଥିଲେ। ଏହି ମାମଲାରେ କମିଶନ ପକ୍ଷରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ରିପୋର୍ଟ ପ୍ରଦାନ ପାଇଁ ସର୍ତ୍ତମୂଳକ ସମନ ହୋଇଛି। ଏ ସମ୍ପର୍କରେ ଆବେଦନକାରୀ ମହାନ୍ତି କହିଛନ୍ତି, ମହାକାଳପଡ଼ା ବ୍ଲକ ଜମ୍ବୁଠାରେ ତନ୍ମୟ ଗିରି ନାମକ ଜଣେ ବ୍ୟକ୍ତି ଔଷଧ ବିକ୍ରି ସହ ଚିକିତ୍ସା କରିଥାନ୍ତି। ୨୦୨୦ ଫେବୃୟାରୀରେ ଲକ୍ଷ୍ମୀବାଈ ମଣ୍ଡଳ ତାଙ୍କ ନିକଟକୁ ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତନ୍ମୟ ଏକ ଇଞ୍ଜେକଶନ ଲକ୍ଷ୍ମୀବାଈଙ୍କୁ ଦେବା ପରେ ମାତ୍ର ୩୦ ମିନିଟ୍ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମହାକାଳପଡ଼ା ଥାନାରେ ମାମଲା ସତ୍ତ୍ୱେ ପରିବାର ବର୍ଗଙ୍କୁ କୌଣସି କ୍ଷତିପୂରଣ ମିଳି ନ ଥିଲା। ସେହିପରି ତନ୍ମୟ ଜଣେ କ୍ୱାକ୍ ବୋଲି ପୋଲିସ ରିପୋର୍ଟରୁ ଜଣାପଡିଛି। ତଦନ୍ତ ସମୟରେ ତନ୍ମୟ ଫେରାର ହୋଇ ଯାଇଥିବାରୁ ତାଙ୍କ ଦୋକାନରୁ ପ୍ରାୟ ୫୦ ହଜାର ଟଙ୍କାର ଔଷଧକୁ ଜବତ କରାଯାଇଥିଲା। କମିଶନ ପକ୍ଷରୁ ଏ ସମ୍ପର୍କରେ ରିପୋର୍ଟ ଆସନ୍ତା ୪ ସପ୍ତାହ ମଧ୍ୟରେ ସ୍ୱାସ୍ଥ୍ୟ ସଚିବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କେନ୍ଦ୍ରାପଡ଼ା ଜିଲାର କ୍ୱାକ୍‌ଙ୍କ ଉପସ୍ଥିତି ସମ୍ପର୍କରେ ରିପୋର୍ଟ ମଗାଯାଇଛି।

# ଭିଜିଲାନ୍ସ ଜାଲରେ ଡେରାବିଶ ଏବିଇଓ

**ଲାଞ୍ଚ ନେଉଥିବା ବେଳେ ଧରାପଡ଼ି ଗିରଫ**

ଡେରାବିଶ, ୧୦।୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ(ଏବିଇଓ) ଜଣେ ଶିକ୍ଷକଙ୍କଠାରୁ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଲାଞ୍ଚ ଟଙ୍କା ଜବତ ହେବା ସହ ଏବିଇଓ ବିପିନ ବିହାରୀ ସିଂଙ୍କୁ ଗିରଫ କରାଯାଇଛି। ଏଥିସହ କେନ୍ଦ୍ରାପଡ଼ା ବ୍ଲକ ବାଲିଆସ୍ଥିତ ବିପିନଙ୍କ ବାସଭବନରେ ମଧ୍ୟ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ବିଭାଗରେ ନଂ.୩୫/୨୨ରେ ମାମଲା ରୁଜୁ କରାଯାଇଛି। ଏଥିସହ ବିପିନଙ୍କୁ କଟକସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।

ସୂଚନା ଅନୁଯାୟୀ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ପଲ୍ଲୀ ଗାଁର ଭାଗବତ ନୋଡ଼ାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିରୁଦ୍ଧ ସିଂଙ୍କ ବକେୟା ଦରମା ଟଙ୍କା ପ୍ରଦାନ ପାଇଁ ଏବିଇଓ ସିଂ ତାଙ୍କଠାରୁ ୫୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଧାନ ଶିକ୍ଷକ ଅନିରୁଦ୍ଧ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗକୁ ପୂର୍ବରୁ ସୂଚନା ଦେଇଥିଲେ। କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଅନିରୁଦ୍ଧ ରଙ୍ଗବୋଳା ଟଙ୍କାକୁ ବିପିନଙ୍କୁ ନେଇ ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ କର୍ମଚାରୀ ବିପିନଙ୍କ ହାତରୁ ଲାଞ୍ଚ ଟଙ୍କାକୁ ଜବତ କରିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଅନିରୁଦ୍ଧଙ୍କୁ ପଚାରିବାରୁ ସେ କହିଲେ ତାଙ୍କର ଏକ ବ୍ୟାଙ୍କ ଲୋନ୍ କିସ୍ତି ପ୍ରଦାନରେ ଖିଲାପ ରହିଥିଲା। ବ୍ୟାଙ୍କ ପକ୍ଷରୁ ଆସିଥିବା ଚିଠିକୁ ବିପିନ ଅନିରୁଦ୍ଧଙ୍କୁ ଜଣାଇ ନ ଥିଲେ। ଅପରପକ୍ଷରେ ତାଙ୍କର ଗତ ମେ ମାସର ଦରମାକୁ ପ୍ରଦାନ ନ କରି ସ୍ଥଗିତ ରଖିଥିଲେ। ଏ ବାବଦରେ ଅନିରୁଦ୍ଧ ବାରମ୍ବାର ଏବିଇଓଙ୍କୁ ଭେଟି ଜଣାଇଥିଲେ ମଧ୍ୟ ଦରମା ଟଙ୍କା ପ୍ରଦାନ କରି ନ ଥିଲେ। ୫୦୦୦ ଟଙ୍କା ଦେଲେ ବକେୟା ଦରମା ଟଙ୍କା ମିଳିବ ବୋଲି ଏବିଓ ବିପିନ ଅନିରୁଦ୍ଧଙ୍କୁ କହିଥିଲେ। ଏହି ୫୦୦୦ ଟଙ୍କାରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ୩୦୦୦ ଟଙ୍କା, ଅଫିସ୍ ଖର୍ଚ୍ଚ ୧୦୦୦ ଟଙ୍କା ଓ ଟ୍ରେଜେରିକୁ ଅନିରୁଦ୍ଧଙ୍କ ବିଲ୍ ପଠାଇବା ପାଇଁ ୧୦୦୦ ଟଙ୍କା ଖର୍ଚ୍ଚ ହେବ ବୋଲି ବିପିନ ତାଙ୍କୁ ଦାବି କରିଥିବା ଅନିରୁଦ୍ଧ କହିଛନ୍ତି। ତେବେ ବାରମ୍ବାର ଦୌଡ଼ି ନିରାଶ ହେବା ପରେ କଟକ ଭିଜିଲାନ୍ସ ବିଭାଗ କର୍ତ୍ତୃପକ୍ଷଙ୍କ ସହାୟତା ନେଇଥିବା ଅନିରୁଦ୍ଧ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ କଟକ ଭିଜିଲାନ୍ସ ବିଭାଗ ଡିଏସ୍‌ପି ଜ୍ୟୋତିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ସାମିଲ ହୋଇଥିଲେ।



ଗିରଫ ହୋଇଥିବା ଏବିଇଓ ବିପିନ ବିହାରୀ ସିଂ।

# ସମୁଦ୍ର, ଜଙ୍ଗଲକୁ ପୂଜାର୍ଚ୍ଚନା

**କଣ୍ଡରାପାଟିଆ ଗାଁକୁ ସୁରକ୍ଷା ଦେଉଛି ହେନ୍ତାଳ ବଣ**

ମହାକାଳପଡ଼ା,୧୦।୬ (ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତର କଣ୍ଡରାପାଟିଆ ଗାଁରେ ସମୁଦ୍ର ଓ ଜଙ୍ଗଲକୁ ଗୁରୁବାର ପୂଜାର୍ଚ୍ଚନା କରାଯାଇଛି। ୧୯୮୨ଠାରୁ ଏହି ପୂଜାର୍ଚ୍ଚନା ଗ୍ରାମବାସୀ କରି ଆସୁଛନ୍ତି। ମା' ମନସାଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରି ଜଙ୍ଗଲ ମଧ୍ୟରେ ପୂଜା କରିଛନ୍ତି। ମା'ଙ୍କୁ ପୂଜାର୍ଚ୍ଚନା କଲେ ସମୁଦ୍ର, ଜଙ୍ଗଲ, ସର୍ପ ଶାନ୍ତି ହେବେ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ଏହି ଗ୍ରାମକୁ ଦୀର୍ଘବର୍ଷ ହେବ ହେନ୍ତାଳବଣ ସୁରକ୍ଷା ପାଚେରି ଭାବେ ଉଭା ହୋଇଛି।

କଣ୍ଡରାପାଟିଆ ଗାଁରେ ୮୦ରୁ ଅଧିକ ପରିବାର ବସବାସ କରନ୍ତି। ଜନସଂଖ୍ୟା ୪୦୦ରୁ ଅଧିକ ହେବ। ଗ୍ରାମର ପୂର୍ବ ଓ ଉତ୍ତର ଦିଗରେ ବିସ୍ତୀର୍ଣ୍ଣ ଲୁଣା ଓ ହେନ୍ତାଳ ଜଙ୍ଗଲ ପରିବ୍ୟାପ୍ତ। ୧୯୬୭, ୧୯୮୨, ୧୯୯୯, ୨୦୧୩, ୨୦୧୪ ଭଳି ବାତ୍ୟାରେ କିଛି କ୍ଷତି ହୋଇନାହିଁ ବୋଲି ଗ୍ରାମର ବରିଷ୍ଠ ନାଗରିକମାନେ କହିଛନ୍ତି। ଗାଁଲୋକଙ୍କ କହିବା କଥା ଯେତେ ବଡ ବାତ୍ୟା ଆସୁ ଆମ ଜଙ୍ଗଲ ଅଛି ବୋଲି ଆମର କିଛି ହେବ ନାହିଁ। ରାତି ପାହିଲେ ଆମେମାନେ ଜଙ୍ଗଲ ଉପରେ ନିର୍ଭର କରିଥାଉ। ଚାଷ ଜମି ନ ଥିବାରୁ ସମୁଦ୍ରରୁ ମାଛ, କଙ୍କଡା ଧରି ପରିବାର ପ୍ରତିପୋଷଣ କରିଥାଉ ବୋଲି ଗାଁର ସୁବିମଲ୍ ଦଣ୍ଡପାଟ, ମହାଦେବ ମଣ୍ଡଳ, ହୃଷୀକେଶ ଗିରି, ଗଦାଧର ଗିରି, ଅମଳ ସରକାର, ଭାଗ୍ୟଧର ସାମନ୍ତ, ଶ୍ରୀପତି ମଜୁନଦାର ପ୍ରମୁଖ କହିଛନ୍ତି। ଏହି ପୂଜାର୍ଚ୍ଚନାରେ ଗାଁର ଆବାଳ ବୃଦ୍ଧ ବନିତା ଯୋଗଦେଇ ମା'ଙ୍କ ଆଶିଷ ଲାଭ କରିଥିଲେ। ଶେଷରେ ମା'ଙ୍କ ଭସାଣି ପର୍ବ ପାଳିତ ହୋଇଯାଇଛି।



ମା' ମନସାଙ୍କ ପୂଜାର୍ଚ୍ଚନା ଜମ୍ବୁ ପଞ୍ଚାୟତ କଣ୍ଡରାପାଟିଆ ଗାଁର ଲୋକମାନେ କରୁଛନ୍ତି।

# ଭିତରକନିକାରେ ୩୦ କୁମ୍ଭୀର ବସା ଚିହ୍ନଟ

ରାଜନଗର, ୧୦।୬(ଡି.ଏନ.ଏ.)

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳଗୁଡିକରେ ବାସ କରୁଥିବା ବଉଳା କୁମ୍ଭୀରଙ୍କ ୩୦ଟି ବସା ଶୁକ୍ରବାର ଚିହ୍ନଟ କରାଯାଇଛି। ଭିତରକନିକା ଫରେଷ୍ଟ ବ୍ଲକ, ଡାଙ୍ଗମାଳ ଫରେଷ୍ଟ ବ୍ଲକ ଓ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ୨୫ଟି ବସା ଚିହ୍ନଟ ସରିଛି। ଏଥିସହ ରାଜନଗର ରେଞ୍ଜ ଅଞ୍ଚଳରେ ୫ଟି ବସା ଚିହ୍ନଟ ହୋଇଥିବା ଜଣାପଡିଛି। ଟିମ୍ ଗଠନ କରି ଜଙ୍ଗଲ ମଧ୍ୟରେ କୁମ୍ଭୀର ବସା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ତାରିଖ ଯାଏ ଦୀର୍ଘ ୩ ମାସ ଧରି ବଉଳା କୁମ୍ଭୀରଙ୍କ ପ୍ରଜନନ ପ୍ରକ୍ରିୟା ଜାରି ରହିଥାଏ। ମା' କୁମ୍ଭୀରମାନେ ବସା କରି ଅଣ୍ଡା ଦେବା ସହ ଅଣ୍ଡାରୁ ଛୁଆ ଫୁଟାଇଥାନ୍ତି। ମା' କୁମ୍ଭୀର ଅନ୍ତଃସତ୍ତ୍ୱା ହେବା ପରେ ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଖୋଜିଥାଏ। ନାଳଠାରୁ ଟିକେ ଉଚ୍ଚା ସ୍ଥାନରେ ଯେପରି ଜୁଆର ସମୟରେ ବସା ଭାସି ନ ଯାଏ ସେହିପରି ନିରାପଦ ସ୍ଥାନକୁ ବାଛିଥାଏ। ଖରଖରି ପତ୍ର ଓ କାଠିକୁଟାକୁ ମା' କୁମ୍ଭୀର ସଂଗ୍ରହ କରି ଦେଢ଼ରୁ ୨ ଫୁଟ ଉଚ୍ଚର ଗଦା କରିଥାଏ। ଏହି ଗଦା ଉପରେ ମା' କୁମ୍ଭୀର ଅଣ୍ଡା ଦେବା ପରେ ତା' ଉପରେ ପୁଣି ପତ୍ର ଓ କାଠି କୁଟା ଘୋଡାଇ ରଖିଥାଏ। ପ୍ରତ୍ୟେକ ମା' କୁମ୍ଭୀର ୪୦ ରୁ ୫୦ଟି ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଅଣ୍ଡା ଦେବାର ୭୫ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରିଥାଏ। ସବୁଠୁ ବଡକଥା ହେଲା କୁମ୍ଭୀର ଅଣ୍ଡା ଦେବା ପରେ ବସା ଉପରେ, ବସା ପାଖରେ କିମ୍ବା ୫ ରୁ ୧୦ ଫୁଟ ଦୂରତା ମଧ୍ୟରେ ବସାକୁ ଜଗି ରହିଥାଏ। ଏହି ସମୟରେ କୁମ୍ଭୀରମାନେ ଅତ୍ୟଧିକ ହିଂସ୍ର ହୋଇ ଉଠିଥାନ୍ତି। ଏଥିପାଇଁ ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ମେ ୧ରୁ ଜୁଲାଇ ୩୧ ଯାଏ ୩ ମାସ ଧରି ଭିତରକନିକାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥାଏ। ଡାଙ୍ଗମାଳ ରେଞ୍ଜ କାର୍ଯ୍ୟାଳୟ ଅଞ୍ଚଳରେ ୭ଟି ବସା ଚିହ୍ନଟ ହୋଇଛି। ଚିନ୍ତାମଣି ମହାନ୍ତି କ୍ରିକ୍ ଅଞ୍ଚଳରେ ଅଧିକ କୁମ୍ଭୀର ବସା ଦେଇଥିବା ଜଣାପଡିଛି। ରାଜନଗର ରେଞ୍ଜର ବରୁଣେଇରେ ୧ ଓ ଗୁପ୍ତିରେ ୪ଟି କୁମ୍ଭୀର ବସା ଆଜିଯାଏ ଚିହ୍ନଟ ହୋଇଛି। ଜୁଲାଇ ୧୫ ତାରିଖ ଯାଏ ଏହି ବସା ଚିହ୍ନଟ ପ୍ରକ୍ରିୟା ଚାଲିବ ବୋଲି ବନ ବିଭାଗ ସୂତ୍ରରୁ ଜଣାପଡିଛି। ୧୯୭୦ରେ ଏକ ଅନୁଧ୍ୟାନରେ ଭାରତରେ କୁମ୍ଭୀରମାନଙ୍କ ସଂଖ୍ୟା ନଗଣ୍ୟ ବୋଲି ଜଣାପଡିଥିଲା। ପରେ କେନ୍ଦ୍ର ସରକାର ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥାର ସହାୟତାରେ କୁମ୍ଭୀର ବଂଶ ବୃଦ୍ଧି ପାଇଁ ଯୋଜନା ଆରମ୍ଭ କରିଥିଲେ। ରାଜନଗରରେ ପ୍ରଥମେ ୩୪ଟି ପରିପକ୍ୱ କୁମ୍ଭୀର ସହ ୯୬ଟି ବଉଳା କୁମ୍ଭୀରକୁ ନେଇ ଆରମ୍ଭ ହୋଇଥିବା ଏହି ସଂଖ୍ୟା ଏବେ ୧୭୮୪ରେ ପହଞ୍ଚିଛି।



ରାଜନଗର ଡାଙ୍ଗମାଳରେ ଏକ କୁମ୍ଭୀର ବସାକୁ ଜଗି ରହିଛି।

# ଭୁବନେଶ୍ୱରରେ ଟିମ୍ ଇଣ୍ଡିଆ, ଦକ୍ଷିଣ ଆଫ୍ରିକା



କଟକର ବାରବାଟୀ ଷ୍ଟାଡିୟମରେ ରବିବାର ହେବାକୁଥିବା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବାପରେ ମେ' ଫେୟାର ହୋଟେଲରେ ଭାରତୀୟ ସ୍ପିନର ଅକ୍ଷର ପଟେଲଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ସ୍ୱାଗତ କରୁଛନ୍ତି। ହୋଟେଲ ମଧ୍ୟକୁ ପ୍ରବେଶ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା, ୟୁଜବେନ୍ଦ୍ର ଚହଲ, ଇଶାନ କିଷନ ଓ ଦକ୍ଷିଣ ଆଫ୍ରିକା ଖେଳାଳି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି):** ଆସନ୍ତା ରବିବାର କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁଥିବା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ଗୁରୁବାର ନୂଆଦିଲ୍ଲୀରେ ସିରିଜର ପ୍ରଥମ ମ୍ୟାଚ ଖେଳିବା ପରେ ଉଭୟ ଦଳର ଖେଳାଳି ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅପରାହ୍ନ ୧ଟା ୫୦ରେ ବିମାନ ଅବତରଣ କରିବା ପରେ ଉଭୟ ଦଳର ଖେଳାଳିଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମେ' ଫେୟାର ହୋଟେଲକୁ ଅଣାଯାଇଥିଲା। ଖେଳାଳି ଓ ଅଫିସିଆଲ ଆସିବା ସମୟରେ ବିମାନ ବନ୍ଦରରୁ ଏଜି ଛକ ଦେଇ ଜୟଦେବ ବିହାର ଏବଂ ହୋଟେଲ ପର୍ଯ୍ୟନ୍ତ ରାସ୍ତାକୁ ଜନସାଧାରଣଙ୍କ ପାଇଁ ବନ୍ଦ କରି ଦିଆଯାଇଥିଲା। ଉଭୟ ବସ୍‌ର ସୁରକ୍ଷା ପାଇଁ ଆଗ, ପଛ, ଉଭୟ କଡ଼ରେ କମିଶନରେଟ୍ ପୋଲିସର ଏସକର୍ଟ ଗାଡ଼ି ରହିଥିଲା। ଏଥର ଭାରତୀୟ ଦଳରେ ବିରାଟ କୋହଲି, ରୋହିତ ଶର୍ମା, ଲୋକେଶ ରାହୁଲଙ୍କ ଭଳି ବଡ଼ ଖେଳାଳି ନ ଥିଲେ ହେଁ ବିମାନ ବନ୍ଦରରେ ଏବଂ ହୋଟେଲ ନିକଟରେ ଖେଳାଳିଙ୍କୁ ଦେଖିବା ଲାଗି ପ୍ରଶଂସକଙ୍କ ଭିଡ ରହିଥିଲା। ହୋଟେଲ ଭିତରେ ବରିଷ୍ଠ କମିଶନରେଟ୍ ପୋଲିସ ଅଧିକାରୀ, ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି

### ଘୋଡ଼ା ନାଚ, ଯୋଡ଼ି ଶଙ୍ଖ ନାଦରେ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ଖେଳାଳିଙ୍କୁ ସ୍ୱାଗତ

ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ମେହେତାବ ଖାଁ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଖେଳାଳିଙ୍କୁ ପାରମ୍ପରିକ ସମ୍ବଲପୁରୀ ନୃତ୍ୟ, ଘୋଡ଼ାନାଚ ସାଙ୍ଗକୁ ଶଙ୍ଖ ନାଦରେ ସ୍ୱାଗତ କରାଯାଇଥିଲା। ତା ସାଙ୍ଗକୁ ଉତ୍ତରୀୟ ଏବଂ ଫୁଲତୋଡ଼ା ଦିଆଯାଇଥିଲା। ପ୍ରଥମେ ଅଫିସିଆଲ ଏବଂ ପରେ ଉଭୟ ଦଳର ଖେଳାଳି ହୋଟେଲରେ ପ୍ରବେଶ କରିଥିଲେ। ପଡ଼ିଆରେ ଖେଳାଳିମାନେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ ହେଁ ବସ୍‌ରୁ ଓହ୍ଲାଇବା ପରେ ସାଥିହୋଇ ହୋଟେଲକୁ ଯାଉଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଦଳର ଯୁବ ଅଧିନାୟକ ଋଷଭ ପନ୍ତ ଆକର୍ଷଣର କେନ୍ଦ୍ରରେ ରହିଥିଲେ। ଶେଷରେ ଯାଇଥିଲେ ଓପନର ଇଶାନ କିଶନ।

## କଡ଼ା ସୁରକ୍ଷା ବ୍ୟବସ୍ଥା

ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏୟାରପୋର୍ଟରୁ ହୋଟେଲ ପର୍ଯ୍ୟନ୍ତ ଥିବା ରାସ୍ତାରେ ପୋଲିସ କର୍ମଚାରୀମାନେ ଜଗି ରହିଥିଲେ। ଏଜି ଛକ, ୧୨୦ ବାଟାଲିଅନ, ଜୟଦେବ ବିହାର ଆଦି ଗୁରୁତ୍ୱପୂର୍ଣ୍ଣ ଛକରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଏସ୍‌ଓଜିର ସ୍ୱତନ୍ତ୍ର ଟେକ୍ନିକାଲ ୟୁନିଟ୍ ବସ୍‌କୁ ଜଗି ରହିଥିଲା। ବସ୍‌କୁ ଚାରିପାଖରେ କାରକେଡ୍ କରାଯାଇଥିଲା। ଦୁଇ ଦେଶର ଖେଳାଳିଙ୍କ ଉଭୟ ବସ୍‌ର ଆଗରେ, ପଛରେ ଓ କଡ଼ରେ ଏସ୍କର୍ଟ ଭ୍ୟାନ ରହିଥିଲା। ଗୁରୁତ୍ୱପୂର୍ଣ୍ଣ ଛକରେ ବ୍ୟାରିକେଡ୍ କରାଯାଇଥିଲା। ମେ' ଫେୟାର ହୋଟେଲରେ ମଧ୍ୟ ତ୍ରିସ୍ତରୀୟ ସୁରକ୍ଷା ମଧ୍ୟରେ ରଖାଯାଇଥିଲା। କମିଶନରେଟ ପୋଲିସର ଭୁବନେଶ୍ୱର ଜିଲା ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଡିସିପି ଓ ଏସିପି ର୍‍ୟାଙ୍କର ଅଧିକାରୀମାନେ ହୋଟେଲରେ ଜଗି ରହିଥିଲେ।



ଖେଳାଳିଙ୍କୁ ସ୍ୱାଗତ କରାଯିବା ଅବସରରେ ଘୋଡ଼ା ନାଚ।

# ଖେଳାଳିଙ୍କ ମେନ୍ୟୁରେ ମଣ୍ଡା, କାକରା, ଛେନାପୋଡ଼

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି)**

କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ଉଭୟ ଦଳର ଖେଳାଳି ଓ ଅଫିସିଆଲ୍‌ମାନେ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ହୋଟେଲ ମେ'ଫେୟାର ପର୍ଯ୍ୟନ୍ତ ଅଣାଯାଇଛି। ୧୧ ତାରିଖରେ ଖେଳାଳିମାନେ ନେଟ୍ ପ୍ରାକ୍ଟିସ ପାଇଁ କଟକ ଯିବେ। ୧୨ ତାରିଖରେ ମ୍ୟାଚ ଖେଳିବା ପରେ ୧୩ ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ। ଖେଳାଳିଙ୍କ ପାଇଁ ହୋଟେଲ ପକ୍ଷରୁ ସ୍ୱତନ୍ତ୍ରଭାବେ ମେନ୍ୟୁ ପ୍ରସ୍ତୁତ କରାଯାଇଛି। ହୋଟେଲର ମୁଖ୍ୟ ସେଫ୍ ମୃଦଳ ମଣ୍ଡଳଙ୍କ ସୂଚନା ଅନୁସାରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ପାଇଁ ବିଶେଷ କରି ଆମିଷ ଖାଦ୍ୟ ରହିଥିବାବେଳେ ଭାରତୀୟ ଖେଳାଳିଙ୍କ ପାଇଁ ଆମିଷ ଓ ନିରାମିଷ ଖାଦ୍ୟର ମିଶ୍ରଣ ରହିବ। ଏହା ବ୍ୟତୀତ ଓଡ଼ିଶାର ସବୁଠାରୁ ବଡ଼ ପର୍ବ ରଜ ପାଖେଇ ଆସିଥିବାରୁ ଖେଳାଳିମାନଙ୍କୁ ମଣ୍ଡା, ଚକୁଳି,





କାକରା, ରସଗୋଲା, ରସମଲେଇ ଓ ଛେନାପୋଡ଼ ଆଦି ଓଡ଼ିଆ ଖାଦ୍ୟ ପରଷା ଯିବ। ସମସ୍ତ ଖାଦ୍ୟ କମ୍ ମସଲା ଓ କମ୍ ତେଲରେ ତିଆରି ହେବ। ଉଭୟ ଦେଶର ଖେଳାଳିଙ୍କ ମେନ୍ୟୁରେ ରୋଷ୍ଟ ଚିକେନ, ଦେଶୀ ଚିକେନ ଝୋଳ, ମଟନ ତରକାରି, ଚିଙ୍ଗୁଡ଼ି ଓ ପାମ୍ଫ୍ଲେଟ୍ ମାଛ ଭଳି

**ବାରବାଟୀ ଟି୨୦**

ଆମିଷ ଖାଦ୍ୟ ରହିବ। ସେହିପରି ନିରାମିଷରେ ଡାଲମା, ବଟର ପନିର, ବଡ଼ିଚୂରା, ଛତୁ ବେସର ଓ ଶାଗ ସ୍ୱତନ୍ତ୍ର ଭାବେ ପରଷାଯିବ। ଓଡ଼ିଶାର ପାରମ୍ପରିକ କଂସା ଓ ପିତ୍ତଳ ଥାଳି, ଗ୍ଲାସ ସାଙ୍ଗକୁ ଚାମଚରେ ଖାଦ୍ୟ ପରଷା ଯିବାର ବ୍ୟବସ୍ଥା କରାଯାଇଛି।

## ମେନ୍ୟୁ

**ବ୍ରେକ୍‌ଫାଷ୍ଟ**
ଟୋଷ୍ଟେଡ୍ ବ୍ରେଡ, ଡ୍ରାଏ ଫ୍ରୁଟ୍ସ, କ୍ଷୀର, ଦହି, ଜୁସ୍, ପଇଡ଼ ପାଣି, ସୁଗାର ଫ୍ରି ଜାମ୍, ଇଡ୍‌ଲି, ଦୋସା, ସମ୍ବର, ଚଟଣି, ଚା', କଫି, ଅମ୍ଲେଟ, ଅଳ୍ପ ତେଲ ଓ ମସଲାଯୁକ୍ତ ଚିକେନ୍ ତରକାରି।

**ଲଞ୍ଚ୍**
ବାସମତି ସହ ଅନ୍ୟ ୩ ପ୍ରକାର ଚାଉଳର ଭାତ, କାନିକା ରାଇସ, ରୁଟି, ଗ୍ରୀନ୍ ସାଲାଡ, ଓଡ଼ିଆ ଡାଲମା, ହନି ଚିକେନ୍, ଦେଶୀ କୁକୁଡ଼ା ଝୋଳ, ତନ୍ଦୁରୀ ଚିକେନ୍, ଗ୍ରୀଲ୍ଡ ମାଛ, ମଟନ କରି, ଚିଙ୍ଗୁଡ଼ି ଓ ପାମ୍ଫ୍ଲେଟ୍ ମାଛ, ଡାଲି, ତଡ଼କା, ପନିର, ଦିୱାନି ଦମ୍ କି ହାଣ୍ଡି, ଆମେରିକାନ ଚପ୍‌ସି ପ୍ରନ୍ ନୁଡଲ୍ସ ସହ ଖେଳାଳିଙ୍କ ପସନ୍ଦ ଅନୁସାରେ ଅନ୍ୟ ଖାଦ୍ୟ।

**ଡିନର**
ପ୍ରକାର ଚାଉଳର ଭାତ, ରୁଟି, ଗ୍ରୀନ୍ ସାଲାଡ, ସିଝା ଅଣ୍ଡା, ଗ୍ରୀଲ୍ଡ ଚିକେନ, ଦେଶୀ କୁକୁଡ଼ା ଝୋଳ, ତନ୍ଦୁରୀ ଚିକେନ୍, ଗ୍ରୀଲ୍ଡ ମାଛ, ମଟନ କରି, ଚିଙ୍ଗୁଡ଼ି ଓ ପାମ୍ଫ୍ଲେଟ୍ ମାଛ, ଡାଲି, ତଡ଼କା, ପନିର, ଦିୱାନି ଦମ୍ କି ହାଣ୍ଡି, ସମ୍ବର, ପାମ୍ପଡ଼, ଆମ୍ବ ଆଚାର, ଦହି, ରାଇତା।

# ବାରବାଟୀ ଆସିବେ ସୌରଭ

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି)**

ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ସମୟରେ ସାଧାରଣତଃ ଓଡ଼ିଶା କ୍ରିକେଟ ଆସୋସିଏଶନର ଅତିଥିଭାବେ ବାରବାଟୀ ଷ୍ଟାଡିୟମକୁ ଅନେକ ଭିଆଇପି ଆସିଥାନ୍ତି। ଏଥର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ମ୍ୟାଚ ଅବସରରେ ବାରବାଟୀରେ ଉପସ୍ଥିତ ରହିବେ ବୋଲି ଜଣାଯାଇଛି। ଏହା ବ୍ୟତୀତ ଅନ୍ୟ କେତେକ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଏହି ତାଲିକାରେ ସାମିଲ ହେଉଥିବା ସୂଚନା ମିଳିଛି।

# ବିନା ମାସ୍କରେ ପ୍ରବେଶ ନିଷେଧ

**କଟକ ଅଫିସ, ୧୦।୬**

- ୪ଘଣ୍ଟା ପୂର୍ବରୁ ଖୋଲା ହେବ ଗ୍ୟାଲେରି
- ନକଲି ଟିକେଟ ଧରିବ ପୋଲିସ
- ଦର୍ଶକଙ୍କ ଆଗରେ ଛିଡ଼ା ହୋଇପାରିବେ ନାହିଁ ପୋଲିସ
- ପାର୍କିଂ ପାଇଁ ୫ଟି ସ୍ଥାନ

ଆଉ ଗୋଟିଏ ଦିନ ପରେ ବାରବାଟୀରେ ଖେଳାଯିବ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ। ଶନିବାର ବାରବାଟୀରେ ନେଟ୍ ପ୍ରାକ୍ଟିସ୍ କରିବେ ଉଭୟ ଦଳ। ତେଣୁ ଗ୍ରାଉଣ୍ଡରେ ଖେଳାଳିମାନେ ପହଞ୍ଚିବା ଆଗରୁ ପ୍ରସ୍ତୁତି ଶେଷ କରିବାକୁ ପ୍ରୟାସ ଜାରି ରହିଛି। ତେବେ ମ୍ୟାଚ ଦେଖିବାକୁ ଆସୁଥିବା ଦର୍ଶକଙ୍କୁ ବିନା ମାସ୍କରେ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ନାହିଁ। ଖେଳ ଦେଖିବା ବେଳେ ବିଶୃଙ୍ଖଳା କଲେ ପୋଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଷ୍ଟାଡିୟମ ଭିତରେ ପ୍ରାୟ ୫୦ହଜାର ଲୋକଙ୍କ ସମାଗମ ହେବ। ଷ୍ଟାଡିୟମ ବାହାରେ ୧୦ରୁ ୧୫ ହଜାର ଲୋକ ରହିବେ। ତେଣୁ ୧୫ରୁ ୨୦ ହଜାର ଦୁଇଚକିଆ ଏବଂ ଚାରିଚକିଆ ଗାଡି ଉକ୍ତ ଦିନ ସହର ମଧ୍ୟକୁ ପ୍ରବେଶ କରିପାରେ। ସମସ୍ତ ସ୍ଥିତିକୁ ନଜରରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏନେଇ ଡିଜିପି ସୁନୀଲ ବଂଶଲ ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ମ୍ୟାଚ ଦିନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ସମସ୍ତ ପୋଲିସ ଅଧିକାରୀ ଓ ଟ୍ରାଫିକ୍ କର୍ମଚାରୀମାନଙ୍କୁ ନେଇ ଷ୍ଟାଡିୟମ ପରିସରରେ ଶୁକ୍ରବାର ଆଲୋଚନା କରିଥିଲେ। ଏହି ଅବସରରେ ଷ୍ଟାଡିୟମ ଭିତରକୁ ଖାଦ୍ୟ, ପାଣି ବୋତଲ ଆଣିପାରିବେନି ଦର୍ଶକ। ସାଧାରଣ ଦର୍ଶକଙ୍କ ପାଇଁ ୫ଟି ସ୍ଥାନରେ ପାର୍କିଂ ସ୍ଥଳ କରାଯାଇଛି। ପ୍ରତ୍ୟେକ ଗ୍ୟାଲେରିରେ ପୋଲିସ କର୍ମଚାରୀ ମୁତୟନ ହେବେ। କାହାର କେଉଁ ଡ୍ୟୁଟି ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଛି। ଦର୍ଶକଙ୍କ ଆଗରେ କୌଣସି ପୋଲିସ ଠିଆ ହୋଇପାରିବେନି। ପୋଲିସ ଖେଳକୁ ଉପଭୋଗ ନ କରି ଦାୟିତ୍ୱ ତୁଲାଇବ ବୋଲି କହିଛନ୍ତି କମିଶନର। ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯାଉଛି। ସେହିପରି ପୋଲିସ ଏବଂ ଟ୍ରାଫିକ୍ କର୍ମଚାରୀ ମଧ୍ୟରେ ଦାୟିତ୍ୱ ବାଣ୍ଟି ଦିଆଯାଇଛି। କଟକରେ ୬୨ ପ୍ଲାଟୁନ ଫୋର୍ସ ଓ ଭୁବନେଶ୍ୱରରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। କଟକରେ ଡିସିପିଙ୍କ ସମେତ ଅନ୍ୟ ଅଧିକାରୀମାନେ ଦାୟିତ୍ୱ ତୁଲାଇବେ। ଏହା ସହିତ ୨୩ ଜଣ ଏସିପି, ୪୧ଜଣ ଇନ୍ସପେକ୍ଟର ଓ ସୁବେଦାର, ୨୭୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୨୦୦ କନ୍‌ଷ୍ଟେବଲ, ୨୫ ଟ୍ରାଫିକ ହାବିଲଦାର ଓ ୬୦ ଜଣ ଟ୍ରାଫିକ କନ୍‌ଷ୍ଟେବଲ ମୁତୟନ ହେବେ। ନକଲି ଟିକେଟ କାରବାର ରୋକିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଗତ ଗୁରୁବାର କାଉଣ୍ଟରରୁ କିଣିଥିବା ଟିକେଟରେ ସ୍ୱତନ୍ତ୍ର ଚିହ୍ନ ରହିଛି। ଯାହାକୁ ଦେଖି ଟିକେଟ ଅସଲି କି ନକଲି ଜାଣି ହେବ। ଉକ୍ତ ଚିହ୍ନକୁ ଟିକେଟ ଯାଞ୍ଚ କାର୍ଯ୍ୟରେ ଥିବା ପୋଲିସ କର୍ମଚାରୀଙ୍କୁ ଦେଖାଯାଇଛି। ଏଥିସହ ଶାନ୍ତିଶୃଙ୍ଖଳାର ସହ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରିବା ପାଇଁ ମ୍ୟାଚର ୪ ଘଣ୍ଟା ଆଗରୁ ଗ୍ୟାଲେରି ଖୋଲାଯିବ। ୨ ସ୍ତରରେ ଚେକିଂ କରାଯାଇ ଲୋକଙ୍କୁ ଷ୍ଟାଡିୟମ ମଧ୍ୟକୁ ପ୍ରବେଶ କରାଯିବ। ପାର୍କିଂ ପାଇଁ ୫ଟି ସ୍ଥାନ କରାଯାଇଛି। ସେହିପରି ଷ୍ଟାଡିୟମ ମଧ୍ୟରେ ପାନୀୟ ଜଳ ବ୍ୟବସ୍ଥା ଓ ଖାଦ୍ୟ ବ୍ୟବସ୍ଥା ଓସିଏ ପକ୍ଷରୁ କରାଯାଇଛି। ସେସବୁ କିପରି ବ୍ୟବସ୍ଥିତ ଢଙ୍ଗରେ ହେବ ସେ ନେଇ ଆମେ ଧ୍ୟାନ ଦେବୁ ବୋଲି ପୋଲିସ କମିଶନର କହିଛନ୍ତି। ଏହି ଅବସରରେ ଡିସିପି ପିନାକ ମିଶ୍ର, ଅତିରିକ୍ତ ଡିସିପି ପ୍ରମୋଦ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷିଣ ଆଫ୍ରିକା ୧ଟା ଓ ଭାରତ ୫ଟାରେ ଅଭ୍ୟାସ କରିବ

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି)**

ଆସନ୍ତା ୧୨ ତାରିଖରେ ହେବାକୁଥିବା ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ପାଇଁ ଉଭୟ ଦକ୍ଷିଣ ଆଫ୍ରିକା ଓ ଟିମ୍ ଇଣ୍ଡିଆ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚି ସାରିଥିବାବେଳେ ଶନିବାର ଅଭ୍ୟାସ ପାଇଁ ବାରବାଟୀ ଷ୍ଟାଡିୟମ ଯିବେ। ସୂଚନା ଅନୁସାରେ ଦକ୍ଷିଣ ଆଫ୍ରିକା ଦଳ ଅପରାହ୍ନ ୧ଟାରେ କଟକ ଯିବ। ତେବେ ତାଙ୍କ ଅଭ୍ୟାସକୁ ଇଚ୍ଛାଧୀନ ରଖାଯାଇଛି। ତେଣୁ ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତି ଅନୁସାରେ ଏହି ଦଳ ନେଟ୍ସ ସେସନରେ ଯୋଗଦେବ। ଆବଶ୍ୟକ ପଡ଼ିଲେ ସମୟରେ ପରିବର୍ତ୍ତନ କରାଯିବ। ଋଷଭ ପନ୍ତଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ କିନ୍ତୁ ଅପରାହ୍ନ ୫ଟାରେ ବାରବାଟୀରେ ପହଞ୍ଚି ଅଭ୍ୟାସ କରିବ। ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରଥମ ଟି୨୦ରେ ଭାରତ ହାରି ଯାଇଥିବାରୁ କଟକ ମ୍ୟାଚର ଗୁରୁତ୍ୱ ବଢ଼ି ଯାଇଛି। ୫ ମ୍ୟାଚ ବିଶିଷ୍ଟ ସିରିଜକୁ ବରାବର ସ୍ଥିତିକୁ ଆଣିବାକୁ ହେଲେ ଭାରତକୁ ଆଗାମୀ ମ୍ୟାଚ ଜିତିବାକୁ ପଡ଼ିବ। ତେଣୁ ଆସନ୍ତା ରବିବାର ବାରବାଟୀରେ ଏକ ରୋମାଞ୍ଚକ ମ୍ୟାଚ ହେବ ବୋଲି କ୍ରିକେଟ ପ୍ରେମୀ ଆଶା କରୁଛନ୍ତି।



ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି ଡିଜିପି ସୁନୀଲ ବଂଶଲ ଓ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ।





ସନ୍ଧାନୀ କୁକୁର ସହାୟତାରେ ପିଚ୍‌କୁ ଯାଞ୍ଚ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଜେନା ବହିଷ୍କୃତ

କଟକ ଅଫିସ, ୧୦।୬: ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିବା ସମ୍ବଲପୁରର ଭିଜିଲାନ୍ସ ଇନ୍ସପେକ୍ଟର ମାନସୀ ଜେନାଙ୍କୁ ଡିଜିପି ସୁନୀଲ ବଂଶଲ ଶୁକ୍ରବାର ଚାକିରିରୁ ବହିଷ୍କାର କରିଛନ୍ତି। ସମ୍ବଲପୁର ଭିଜିଲାନ୍ସ ଡିଭିଜନ ଅଧୀନରେ ଇନ୍ସପେକ୍ଟର ଭାବେ ମାନସୀ କାର୍ଯ୍ୟ କରୁଥିଲେ। ଜଣେ ସରକାରୀ ଅଧିକାରୀଙ୍କ ନାମରେ ଥିବା ମାମଲାକୁ ରଫାଦଫା କରିବା ପାଇଁ ମଧ୍ୟସ୍ଥ ମୁକେଶ ସାହୁଙ୍କ ଜରିଆରେ ମାନସୀ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଅଧିକାରୀ ଜଣକ ଭିଜିଲାନ୍ସର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗର ଆଭ୍ୟନ୍ତରୀଣ ଟିମ୍ ଗଠନ କରାଯାଇଥିଲା। ମାନସୀଙ୍କ କହିବାନୁସାରେ, ଗତ ମେ’ ୧୩ ତାରିଖରେ ଅଧିକାରୀ ଜଣକ ମୁକେଶଙ୍କୁ ୧୦ ଲକ୍ଷ ଟଙ୍କା ଦେଇଥିଲେ। ଲାଞ୍ଚ ଟଙ୍କା ମୁକେଶ ମାନସୀଙ୍କୁ ଦେବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଏହାପରେ ୧୪ ତାରିଖରେ ମାନସୀ ଓ ମୁକେଶଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ସରକାରୀ ଅଧିକାରୀଙ୍କ ଅଭିଯୋଗକ୍ରମେ ଉଭୟଙ୍କ ନାମରେ ଭିଜିଲାନ୍ସ ସେଲ୍‌ରେ ମାମଲା(ନଂ.୫/୨୨) ରୁଜୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ମାନସୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା।

### ମାଙ୍କଡ଼ା ପଥର ଖଣିରେ ଚଢ଼ାଉ, ୭ ଗାଡ଼ି ଜବତ

ନିରାକାରପୁର,୧୦।୬(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା କମାଗୁରୁ, ଜଙ୍କିଆ, ଗୋଲବାଇ, ଅଚ୍ୟୁତପୁର ରାଜସ୍ୱ ବିଭାଗ ଅଧୀନ ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଓ କଳାମୁଗୁନି ପଥର ଚାଲାଣ କରାଯାଉଛି। ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ବଢ଼ିଚାଲିଛି। ଜଙ୍କିଆ ଥାନାଧିକାରୀ ଦିଗବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ଗଠନ କରାଯାଇ ଡମଣଭୁଇଁ, ଗୟାବନ୍ଧ, ରମାବିଲି ଅଞ୍ଚଳର ବିଭିନ୍ନ ଖଣିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଗୋଟିଏ ପାୱାରଟିଲର, ୩ଟି ଟ୍ରକ୍, ଟ୍ରାକ୍ଟର ସମେତ କଳାମୁଗୁନି ପଥର ବୋଝେଇ ୨ଟି ଡମ୍ପର ଓ ଏକ ହାଇୱାକୁ ଜବତ ହୋଇଛି। ପ୍ରକାଶ ଯେ, କିଛି ଦିନ ପୂର୍ବେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ବେଳେ ନୂଆ ଜଗନ୍ନାଥ ସଡକରେ ଜଣେ ଖବରଦାତା ଫଟୋ ଉତ୍ତୋଳନ କରୁଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ପହଞ୍ଚି ସମ୍ପୃକ୍ତ ଖବରଦାତାଙ୍କୁ ଧମକ ଦେବା ସହିତ ମୋବାଇଲ ଛଡ଼ାଇନେଇଥିଲେ।

# ଅକ୍ଟୋବର ୧୪ରୁ ଚାଷୀ ସତ୍ୟାଗ୍ରହ

ଭୁବନେଶ୍ୱର, ୧୦।୬ (ବ୍ୟୁରୋ)

ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ମାତ୍ର ଏଠାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ସରକାର ଚେଷ୍ଟା କରୁନାହାନ୍ତି। ରାଜ୍ୟ ସରକାର ବଜେଟକୁ ମନଇଚ୍ଛା ଗୋଷ୍ଠୀଖଳା, ମଶାଣି, ଗାଧୁଆଘର, କଲ୍ୟାଣ ମଣ୍ଡପ ଭଳି ଅଣ ଉତ୍ପାଦନ ଭିତ୍ତିକ ପ୍ରକଳ୍ପରେ ଖର୍ଚ୍ଚ କରୁଛନ୍ତି। ଚାଷୀଙ୍କୁ ରୋଜଗାରର ଗ୍ୟାରେଣ୍ଟି ଦେଉ ନାହାନ୍ତି କି ଚାଷୀ ଆତ୍ମହତ୍ୟାର ସ୍ଥାୟୀ ସମାଧାନ ପାଇଁ ଚାଷୀ ପେନଶନକୁ ୫ହଜାର ଟଙ୍କା ଲେଖାଏ ଲାଗୁ କରୁନାହାନ୍ତି। ସରକାରଙ୍କ ବଜେଟର ଆକାର ପ୍ରତିବର୍ଷ ବଢ଼ିବା ସତ୍ତ୍ୱେ କୃଷି କ୍ଷେତ୍ରରେ ସୁଧାର ଆସୁନାହିଁ କାହିଁକି? ଏଭଳି ଅଭିଯୋଗ ଉଠାଇବା ସହ ଚାଷୀଙ୍କୁ ପେନସନ ପ୍ରଦାନ ଦାବିରେ ଅକ୍ଟୋବର ୧୪ରୁ ଚାଷୀ ସତ୍ୟାଗ୍ରହର ଡାକରା ଦେଇଛି ନବନିର୍ମାଣ କୃଷକ ସଂଗଠନ।

ଶୁକ୍ରବାର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନର କେନ୍ଦ୍ରୀୟ ସଂଯୋଜକ


ଖବରଦାତା ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର କେନ୍ଦ୍ରୀୟ ସଂଯୋଜକ ଅକ୍ଷୟ କୁମାର ସୂଚନା ଦେଉଛନ୍ତି।

ଅକ୍ଷୟ କୁମାର କହିଛନ୍ତି, ବିଲାତି ମିଶନ, ଆଳୁ ମିଶନ୍, ନୀଳ ବିପ୍ଳବ, ଶ୍ୱେତ ବିପ୍ଳବ ନାମରେ ସରକାର ଯେତେ ସୁନ୍ଦର ଯୋଜନା କରୁଛନ୍ତି, ସେସବୁ କିଛି ବି ଫଳପ୍ରଦ ହେଉନାହିଁ। ଏପରିକି ଧାନର ଯେଉଁ ଏମ୍‌ଏସ୍‌ପି ଧାର୍ଯ୍ୟ ଦର ରହିଛି, ସେହି ଦର ମଣ୍ଡିରେ ଚାଷୀମାନେ ପାଉ ନାହାନ୍ତି। ଟୋକନ, ଟାର୍ଗେଟ, ଟ୍ରକ୍ ଏସବୁ ବାହାନାରେ ଚାଷୀର ଧାନ ଉଠୁନାହିଁ। ୟୁକ୍ରେନ୍, ଇସ୍ରାଏଲ ଭଳି ଦେଶ ଚାଷରେ ବହୁବାଟ ଆଗେଇ ଥିବାବେଳେ ଆମ ଦେଶ ଓ ରାଜ୍ୟରେ କୃଷି କ୍ଷେତ୍ରରେ ଆୟ ବଢୁନାହିଁ। କନ୍ଧମାଳ ହଳଦୀଠାରୁ ବଲାଙ୍ଗୀର ପିଆଜ, ଦେବଗଡ଼ର ଫଳ ଚାଷ, ନବରଙ୍ଗପୁରର କପାଚାଷ କାହାର ସୁରକ୍ଷା ପାଇଁ ରାଜ୍ୟ ସରକାର କିଛି ବି କରୁ ନାହାନ୍ତି। ଫଳରେ ଏଠାରେ ଚାଷୀ କେବଳ ବଞ୍ଚି ରହିଛି, ମାତ୍ର ତା’ର ଶିକ୍ଷା, ସ୍ୱାସ୍ଥ୍ୟ ଆର୍ଥିକ ଆୟର ଗ୍ୟାରେଣ୍ଟି ନାହିଁ। ଛତିଶଗଡ଼ ଧାନ ଉପରେ ବୋନସ ଦେଉଥିବାବେଳେ ଆମ ସରକାର ପଛଘୁଞ୍ଚା ଦେଉଛନ୍ତି। ସେହିପରି କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା ହେବ ବୋଲି କରିଥିବା ଘୋଷଣା ଏବେ ଧୂଆଁବାଣରେ ପରିଣତ ହୋଇଛି ବୋଲି ଅକ୍ଷୟ କହିଛନ୍ତି। ସମ୍ମିଳନୀରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ, ନିମାଇଁ ରାୟ, ରଶ୍ମିରଞ୍ଜନ ସ୍ୱାଇଁ ଏବଂ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନଓ୍ୱର ଅଲ୍ଲୀ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ଏଏସ୍ଆଇ

## କୋହଳ ଦଫା ପାଇଁ ଲାଞ୍ଚ ନେଉଥିଲେ

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୧୦।୬(ଡି.ଏନ୍.ଏ.)

ଏକ ମାମଲାରେ କୋହଳ ଦଫା ଲଗାଇବା ପାଇଁ ଜଣେ ମହିଳାଙ୍କଠାରୁ ୬ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଖୋର୍ଦ୍ଧା ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବୋଲଗଡ଼ ଥାନା ଏଏସ୍ଆଇ ଭଗବାନ ସ୍ୱାଇଁ। ଭିଜିଲାନ୍ସ ଟିମ୍ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛି। ସୂଚନା ମୁତାବକ, ବୋଲଗଡ଼ ଥାନା ଅଧୀନ ଖରିଡ଼ାପଲ୍ଲୀ ଅଞ୍ଚଳର ଜଣେ ମହିଳାଙ୍କ ପୁଅ ଓ ତା’ର ସହଯୋଗୀଙ୍କ ବିରୋଧରେ କୌଣସି ଏକ ଘଟଣାରେ ଏପ୍ରିଲରେ ଥାନାରେ ମାମଲା ରୁଜୁ ହୋଇଥିଲା। ଏନେଇ ମହିଳା ଜଣଙ୍କ ମାମଲା ସଂକ୍ରାନ୍ତରେ ଏଏସ୍ଆଇ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। କୋହଳ ଦଫା ଲଗାଇବା ପାଇଁ ସ୍ୱାଇଁ ତାଙ୍କୁ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସେ ଖୋର୍ଦ୍ଧା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଥାନା ପରିସରରେ ଏଏସ୍ଆଇ ସ୍ୱାଇଁ ଲାଞ୍ଚ ଟଙ୍କା ନେଉଥିବା ବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ପ୍ରଥମେ ଖୋର୍ଦ୍ଧା ପରେ ଭୁବନେଶ୍ୱର ଭିଜିଲାନ୍ସ ଅଫିସକୁ ନେଇଯାଇଛନ୍ତି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ମାମଲା (ନଂ.୧୪/୨୨) ରୁଜୁ ହୋଇଛି। ଏଏସ୍ଆଇ ସ୍ୱାଇଁଙ୍କ ବୋଲଗଡ଼ ସରକାରୀ ବାସଭବନ ଓ ବାଙ୍କୀ ଥାନା ଦୁଲଣାପୁର ସ୍ଥିତ ପୈତୃକ ଘରେ ମଧ୍ୟ ଚଢ଼ାଉ ହୋଇଥିବା ଖୋର୍ଦ୍ଧା ଭିଜିଲାନ୍ସ ଅଧିକାରୀ ମନୋରଞ୍ଜନ ପାଇକରାୟ କହିଛନ୍ତି।


ଭଗବାନ ସ୍ୱାଇଁ

# ଓଏସ୍ଓୟୁ ସାମାଜିକ ମୁଖ୍ୟ ସ୍ରୋତର ସେତୁ

ସମ୍ବଲପୁର,୧୦।୬(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ସ୍ୱଳ୍ପ ସମୟ ମଧ୍ୟରେ ଅନେକ ସଫଳତା ହାସଲ କରିଛି। ଏହି ଧାରା ଜାରି ରହିଲେ ବିଶ୍ୱ ବିଦ୍ୟାଳୟ ଶିଖର ଛୁଇଁବ। ଏଥିପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସମସ୍ତ ସହଯୋଗ କରିବାକୁ ପ୍ରତିବଦ୍ଧ। ଓଏସ୍ଓୟୁର ସାମାଜିକ କର୍ତ୍ତବ୍ୟ ଉଚ୍ଚ ପ୍ରଶଂସନୀୟ। ଜେଲ ଅନ୍ତେବାସୀଙ୍କୁ ଉଚ୍ଚ ଶିକ୍ଷାଦାନ କରି ସମାଜର ମୁଖ୍ୟ ସୋତ୍ରରେ ସାମିଲ କରିବା ପାଇଁ ଓଏସ୍ଓୟୁ ସେତୁ ହୋଇଛି। ବିଶ୍ୱବିଦ୍ୟାଳୟର ସପ୍ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ ରୋହିତ ପୂଜାରୀ ଏହା କହିଥିଲେ।

ଓଏସ୍ଓୟୁ କୁଳପତି ପ୍ରଫେସ ଅର୍କ କୁମାର ଦାସମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟପ୍ରଦେଶ ସରକାରଙ୍କ ଆଡ୍‌ମିଶନ ଓ ଫି’ ରେଗୁଲେଟୋରି କମିଶନ ଅଧ୍ୟକ୍ଷ ରବୀନ୍ଦ୍ର କନହରେ ଯୋଗଦେଇ ପ୍ରତିଷ୍ଠା ଦିବସର ଦୀକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ, ପାରମ୍ପରିକ ଶିକ୍ଷା ଓ ମୁକ୍ତ ଦୂର ଶିକ୍ଷା ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଜାତୀୟ ନୂତନ ଶିକ୍ଷାନୀତିରେ

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ



ଓଏସ୍ଓୟୁରେ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥି।

ମୁକ୍ତ ଶିକ୍ଷାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ପର୍ଯ୍ୟଟନ ଶିଳ୍ପ ଜଡିତ ରହିଛି। ସମ୍ବଲପୁରୀ ଶାଢୀ, ରେଶମ କିଟ, ଚିଲିକାର ମାଛ ଓ ଚିଙ୍ଗୁଡି ଚାଷ, ଜଳଜୀବଙ୍କ ଖାଦ୍ୟ ପ୍ରକ୍ରିୟାକରଣ ପାଠ୍ୟକ୍ରମରେ ସାମିଲ କଲେ ବିଦ୍ୟାର୍ଥୀମାନେ ସ୍ୱାବଲମ୍ବୀ ହୋଇପାରିବେ। ଚାରୁ କଳା, କାରୁ କଳା, ବାନ୍ଧ କଳା ଭଳି ବିଷୟ ପାଠ୍ୟକ୍ରମରେ ସାମିଲ ହୋଇପରିବ। ଓଡ଼ିଶୀ, ସମ୍ବଲପୁରୀ, ଛଉ ନୃତ୍ୟକୁ ଶାସ୍ତ୍ରୀୟ ଓ ଲୋକନୃତ୍ୟକୁ ନେଇ ସାର୍ଟିଫିକେଟ କୋର୍ସ କରାଯାଇ ପାରିବ ବୋଲି କହିଥିଲେ। ସେହିପରି କୁଳପତି ମହାପାତ୍ର କହିଥିଲେ, ୨୦୪୦ ମସିହା ସୁଦ୍ଧା ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ଓ ପାଠ୍ୟକ୍ରମ ସଂଖ୍ୟା ବୃଦ୍ଧି କରିବା ଲକ୍ଷ୍ୟ ରହିଛି। ନିକଟରେ ଡାଟା ସାଇନ୍ସ, ସାଇବର ସିକ୍ୟୁରିଟି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଗ୍ରାଫିକ ଡିଜାଇନ, ମେସିନ ଲର୍ଣ୍ଣିଂ ପ୍ରଭୃତି ୨୫ ପାଠ୍ୟକ୍ରମ ରହିଛି ବୋଲି କହିଥିଲେ। ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝି ଯୋଗ ଦେଇ ମତ ରଖିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ମାନସ ରଞ୍ଜନ ପୂଜାରୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୪୮ ସରକାରୀ ହସ୍ପିଟାଲରେ ଇ-ପଞ୍ଜୀକରଣ

ଭୁବନେଶ୍ୱର, ୧୦।୬(ବ୍ୟୁରୋ)

ରାଜ୍ୟର ଆଉ ୧୪୮ ସରକାରୀ ହସ୍ପିଟାଲରେ ଇ-ପଞ୍ଜୀକରଣ ବ୍ୟବସ୍ଥା ହେବ। ୩୧ ଡିଏଚ୍‌ଏଚ୍, ୧୧ ଏମ୍‌ସିଏଚ୍ ଓ ୧୦୬ ୟୁପିଏଚ୍‌ସିଠାରେ କଷ୍ଟୋମାଇଜଡ ହସ୍ପିଟାଲ ମ୍ୟାନେଜମେଣ୍ଟ ଇନ୍‌ଫରମେଶନ୍ ସିଷ୍ଟମ୍ ଲାଗୁ କରାଯିବ। ଏଥିପାଇଁ ଶୁକ୍ରବାର ରାଜ୍ୟ ସରକାର ଓ ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟ ଅଫ୍ ଆଡ୍‌ଭାନ୍ସଡ କମ୍ପ୍ୟୁଟିଙ୍ଗ(ସି-ଡାକ୍) ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର ଓ ସି-ଡାକ୍ ପକ୍ଷରୁ ରାଜୀବ ଯାଦବ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହାଦ୍ୱାରା ରାଜ୍ୟର ଜନସାଧାରଣ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉପକୃତ ହୋଇପାରିବେ। ଏହା ମାଧ୍ୟମରେ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ସହ ଓପିଡି ପାଇଁ ରେଜିଷ୍ଟ୍ରେଶନ୍ କରାଯାଇପାରିବ। ଲୋକେ ଆଉ ଧାଡ଼ିରେ ଠିଆ ନ ହୋଇ ଘରେ ବସି ମୋବାଇଲ୍ ଆପ୍ଲିକେଶନ ମାଧ୍ୟମରେ ଡାକ୍ତରଙ୍କଠାରୁ ଆପଏଣ୍ଟମେଣ୍ଟ ନେଇପାରିବ। ଏହା ମାଧ୍ୟମରେ ଇଲେକ୍ଟ୍ରୋନିକ୍ ହେଲ୍‌ଥ ରେକର୍ଡ ସାଇତି ରଖାଯିବା ସହ ବିଭିନ୍ନ ନିଦାନର ରିପୋର୍ଟ ମଧ୍ୟ ମିଳିପାରିବ। ସି-ଡାକ୍ ପକ୍ଷରୁ

## ରାଜ୍ୟ ସରକାରଙ୍କ ସହ ସି-ଡାକ୍‌ର ଚୁକ୍ତିନାମା


ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର କରାଯାଉଛି।

ସଫ୍ଟୱେୟାର ଏବଂ ଓକାକ୍ ପକ୍ଷରୁ ହାଡ୍‌ୱେୟାର ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ, ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି, ଡିଏମ୍‌ଇଟି ଡା. ରମାରମଣ ମହାନ୍ତି ଓ ଓକାକ୍‌ର ସିଇଓ ମନୋଜ କୁମାର ପଟ୍ଟନାୟକ ଏବଂ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ତଥା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସରକାରଙ୍କ ତରଫରୁ ହସ୍ପିଟାଲ ମ୍ୟାନେଜ୍‌ମେଣ୍ଟ ଇନ୍‌ଫରମେଶନ ସିଷ୍ଟମ୍ ଲାଗୁ କରିବା ନିମନ୍ତେ ପାଇଲଟ୍ ପ୍ରୋଜେକ୍ଟ ଭାବେ ସି-ଡାକ୍ ସହ ଏକ ଚୁକ୍ତି ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍, ଆଚାର୍ଯ୍ୟ ହରିହର କର୍କଟ ପ୍ରତିଷ୍ଠାନ ଓ ସର୍ଦ୍ଦାର ବଲ୍ଲଭଭାଇ ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ) କଟକଠାରେ ଏହି ବ୍ୟବସ୍ଥା ସଫଳ ଭାବେ କାର୍ଯ୍ୟକାରୀ ହୋଇଛି।

# ଖେଳ ଶେଷ ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

## କ୍ରିକେଟ ମ୍ୟାଚ୍‌କୁ ନେଇ ଡିଜିପିଙ୍କ ସମୀକ୍ଷା ବୈଠକ

କଟକ ଅଫିସ, ୧୦।୬

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ଏନେଇ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଡିଜିପି ସୁନୀଲ ବଂଶଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର-କଟକ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ ଉଭୟ ଦେଶର ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଡିଜିପିଙ୍କୁ ଅବଗତ କରାଇଥିଲେ। ଖେଳାଳିମାନେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରଠାରୁ ଖେଳ ଶେଷ ହେବା ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଖେଳାଳିଙ୍କ ହୋଟେଲରେ ରହଣି, ନେଟ୍ସ ଅଭ୍ୟାସ ସମୟରେ ଖେଳାଳିଙ୍କ ଭୁବନେଶ୍ୱରରୁ କଟକ ଗସ୍ତ ଏବଂ ପ୍ରତ୍ୟାବର୍ତ୍ତନ, ଖେଳ ଦିନ ଷ୍ଟାଡିୟମ ପରିସର ଓ ବାହାରେ ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଏଥିସହ ଟ୍ରାଫିକ ବ୍ୟବସ୍ଥା ସୁନିୟନ୍ତ୍ରିତ, ଗୁରୁତ୍ୱପୂର୍ଣ୍ଣ ଛକରେ ପୋଲିସ ମୁତୟନ, ଦର୍ଶକଙ୍କ ନିମନ୍ତେ ପାର୍କିଂ ବ୍ୟବସ୍ଥା ସମ୍ପର୍କରେ ଡିଜିପିଙ୍କୁ ଜଣାଇଥିଲେ। ସେହିପରି ଖେଳ ସୁପରିଚାଳନା ନିମନ୍ତେ ୩ ଡିସିପି, ୭ ଅତିରିକ୍ତ ଡିସିପି, ୩୨ ଏସିପି, ୪୫ ଇନ୍ସପେକ୍ଟର, ୨୭୭ ଏସ୍ଆଇ/ଏଏସ୍ଆଇ, ୨୧ ଟ୍ରାଫିକ ହାବିଲଦାର, ୯୨ ଟ୍ରାଫିକ କନଷ୍ଟେବଲ, ୧୭୬ ଏପିଆର କନଷ୍ଟେବଲ, ୪୩ ମହିଳା କନଷ୍ଟେବଲ, ୧୭୧ ହୋମଗାର୍ଡ ଏବଂ ୧୮୬ ସେକ୍ସନ ଫୋର୍ସ ମୁତୟନ କରାଯିବ ବୋଲି ପ୍ରିୟଦର୍ଶୀ ଡିଜିପିଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ ଶୃଙ୍ଖଳା) ଆର୍. କେ. ଶର୍ମା, କଟକ ଡିସିପି ପିନାକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଡିଜିପି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା), ପୋଲିସ କମିଶନର ଓ କଟକ ଡିସିପି ବାରବାଟୀ ଷ୍ଟାଡିୟମକୁ ଯାଇ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ।

# ସୁଚାରୁରୂପେ ଦାୟିତ୍ୱ ସମ୍ପାଦନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ରଥଯାତ୍ରା ସମୀକ୍ଷା ବୈଠକ

ଭୁବନେଶ୍ୱର,୧୦।୬(ବ୍ୟୁରୋ)

ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପାଦନ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ତଥା କର୍ମଚାରୀମାନେ ନିଷ୍ଠାପର ଭାବରେ ନିଜର ଦାୟିତ୍ୱ ସମ୍ପନ୍ନ କରିବାକୁ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ମନ୍ତ୍ରୀ ରଥଯାତ୍ରା ଉପଲକ୍ଷେ ବିଭାଗ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଶୃଙ୍ଖଳିତ ଓ ସରସସୁନ୍ଦର କରିବାରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଦାୟିତ୍ୱଗୁଡ଼ିକ ବାବଦରେ ସଚେତନ ହୋଇ ସଫଳ ସମ୍ପାଦନରେ ଅଧିକାରୀ ତଥା କର୍ମଚାରୀମାନେ ପ୍ରତିବଦ୍ଧ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ରଥଯାତ୍ରାର ବିଶ୍ୱ ପ୍ରସିଦ୍ଧିକୁ ଦୃଷ୍ଟିରେ ରଖି ପ୍ରଚାର, ବିଜ୍ଞାପନ ଓ ପ୍ରଦର୍ଶନୀ ଇତ୍ୟାଦି ନେଇ ବିଶେଷ ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଥିଲେ। ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମୀକ୍ଷା ବୈଠକରେ ଯୋଗଦେଇ ସାମାଜିକ ଗଣମାଧ୍ୟମରେ ବିଭାଗୀୟ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ପ୍ରସାର ପାଇଁ ପରାମର୍ଶ ଦେବା ସହିତ ଶ୍ରୀଜଗନ୍ନାଥଙ୍କ ମହିମା ସମ୍ବଳିତ ବିଭିନ୍ନ କିମ୍ବଦନ୍ତୀ, ଲୋକକଥା, ତଥ୍ୟର ପ୍ରଚାର ଉପରେ ବିଭାଗ ଗୁରୁତ୍ୱ ଦେବ ବୋଲି ଉଲ୍ଲେଖ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ବିଭାଗ ତରଫରୁ ହେବାକୁ ଥିବା କାର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ। ଦୂରଦର୍ଶନ ଜରିଆରେ ସିଧା ପ୍ରସାରଣ, ଅନ୍ୟାନ୍ୟ ବୈଦ୍ୟୁତିକ ଗଣମାଧ୍ୟମକୁ ଲାଇଭ୍ କମନ୍ ଫିଡ୍ ଯୋଗାଣ, ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନ, ଖବରଦାତାମାନଙ୍କ ଗସ୍ତ, ସମ୍ମାନନୀୟ ଅତିଥିମାନଙ୍କ ପରିଚୟ, ବିଭିନ୍ନ ପ୍ରକାଶନର ରଥଯାତ୍ରା ବିଶେଷାଙ୍କ ବିକ୍ରୟ, ଫଟୋଚିତ୍ର ପ୍ରଦର୍ଶନୀ, ବିଜ୍ଞାପନ ପ୍ରସାରଣ ସହିତ ହୋର୍ଡିଂ ବ୍ୟବସ୍ଥା ଇତ୍ୟାଦି ପ୍ରସଙ୍ଗ ଉପରେ ନିର୍ଦ୍ଦେଶକ ତ୍ରିପାଠୀ ଅବଗତ କରାଇଥିବା ବେଳେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଲେନିନ୍ ମହାନ୍ତି ରଥଯାତ୍ରା ଦିନ ଉଭୟ ପତ୍ରିକାର ବିଶେଷାଙ୍କ ସଂଖ୍ୟା ଲୋକାର୍ପିତ ହେବ ବୋଲି ଉଲ୍ଲେଖ କରିଥିଲେ।

ଏହି ସମୀକ୍ଷା ବୈଠକରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସଙ୍କ ସମେତ ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ, କ୍ଷେତ୍ରୀୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।


ରଥଯାତ୍ରା ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟମାନେ।


**OFFICE OF THE NOTIFIED AREA COUNCIL KASHINAGAR, GAJAPATI**

Ph & Fax no: 06815-284215, e-Mail: kasinagarn.hud@nic.in
Letter No.1026/NAC Date:08.06.2022

**LIMITED TENDER CALL NOTICE**

**No.C-493:** Sealed quotations are invited for "Selection of agency for disposal of E-Waste" to the intending (buyers) authorized E-waste collection agencies /dismantler centers (dismantler / PROs / firms /suppliers /dealers /NGOs) registered with CPCB / OSPCB. The E-waste collected from Kashinagar NAC is stored / stacked in Material Recovery Facilities (MRFs). The bidder shall quote the buying price of the e-waste already collected and stacked in MRF centre of Kashinagar NAC. The bidder must submit the application along with the financial documents on or before **24.06.2022 at 05:30 PM** through by postal / courier. Applications received after due date and time shall be summarily rejected and Kashinagar NAC is not responsible for any delay of postal / courier delivery. The received applications shall be opened on **27.06.2022 at 11:00 AM** in the office of Kashinagar NAC. The authority reserves the right to accept, cancel or reject the quotation without assigning any reason thereof.

**Sd./- Executive Officer, NAC, Kashinagar**
**OIPR-13116/11/0005/2223**

GOVT. OF ODISHA
**DEPARTMENT OF WATER RESOURCES**
O/o. THE SUPERINTENDING ENGINEER, PRACHI DIVISION, BHUBANESWAR - 12
E-mail: prachi.division@yahoo.co.in, Phone: 0674-2562427, Fax: 0674-2562472
No. 3133 Dt.08.06.2022

**e-PROCUREMENT NOTICE No. SEPRD-09/2022-23**

No. A-316: Bid documents consisting of work, estimate cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tendersorissa.gov.in** complete online process only.

| | | | |
|---|---|---|---|
| 01 | Nature of work | : | Canal Works, embankment works & structure works |
| 02 | No. of works | : | 7 Nos. |
| 03 | Bid Identification No. | : | SEPRD - 09/2022-23 |
| 04 | Estimated Cost | : | 6.00 Lakhs to Rs.71.00 Lakhs |
| 05 | Earnest Money Deposit | : | Referred to DTCN |
| 06 | Cost of Tender Paper | : | Referred to DTCN |
| 07 | Period of Completion | : | Referred to DTCN |
| 08 | Date & time of availability of Bid documents in the portal | : | From 10.06.2022 (11.00 A.M.) to 17.06.2022 (5.00 P.M.) |
| 09 | Date and time of opening of Tender Document & online bids | : | 18.06.2022 at 11.00 A.M. |
| 10 | Date of Lottery (In case of situation arises) | : | 22.06.2022 at 11.00 A.M. |
| 11 | Name and address of the Officer Inviting Bid | : | Superintending Engineer, Prachi Division, Bhubaneswar - 12, E-mail: **prachi.division@yahoo.co.in**, Phone: 0674-2562427, Fax: 0674-2562472 |

Further details can be seen from the State Govt. Portal **www.tendersorissa.gov.in**.

**Sd./- Superintending Engineer**
**Prachi Division, Bhubaneswar**
**OIPR-32096/11/0004/2223**

GOVERNMENT OF ODISHA
**HEALTH & FAMILY WELFARE DEPARTMENT**

**NOTICE**

**File No. HFW-AYUR-AYURM-0020-2022/2590/H Dated: 07.06.2022**
No. E-209: The Counselling of 147 canddiates recommended for the post of Ayurvedic Medical Officers who have been selected pursuant to OPSC Advt. No. 2 of 2021-22 will be held through online counselling from 15.06.2022 to 19.06.2022. Accordingly, the concerned candidates will have to participate in the online Counselling and to lock their choices in order of preference through the proforma to be made available in the website of Directorate of AYUSH i.e. **https://ayushodisha.nic.in**.
The Counselling Serial Number of 147 selected Ayurvedic Medical Officers as per the Resolution No. 14327, dated 04.07.2017 of GA & PG Department along with vacancy position is available in the website of Health & Family Welfare Department.
Hence, all the 147 selected candidates are hereby requested to participate in the online counselling from 15.06.2022 to 19.06.2022 in the website **https://ayushodisha.nic.in**.

**Sd./- Joint Secretary to Government**

**DISCLAIMER:** The candidates are allowed to exercise as many options, for place of posting, as available in the website. The place of posting of the candidates, who fail to obtain their choice of posting after the outcome of this counselling, will be done randomly by the system.

**OIPR-10001/11/0012/2223**

**ADVERTISEMENT**

No. S-04: Directorate of Treasuries & Inspection (DT&I), Odisha, Bhubaneswar intends to engage **10 Nos. of OSDs** for a period of One year or till the filling up of vacancies whichever is earlier as per GA Deptt. notification No. 23750 Dt.27.08.14. Retired Ministerial Service Officers of HoD Cadre whose age is below 64 years as on Dt.01.06.2022, who are well conversant with the Treasury work as well as Govt. Office work and having sound knowledge on computer application in office work may apply in the prescribed Application Form (available in office website i.e. **https://www.odishatreasury.gov.in/webportal/newtender.do**) for engagement as OSD. A consolidated remuneration of **Rs.13,000/- per month** will be paid to the selected candidates during the period of engagement.
**The last date of receipt of the application is Dt.02.07.2022.**
The shortlisted candidates are required to appear for an interview which will be conducted on **Dt.11.07.2022 in the O/o. D.T.&I(O), BBSR at 11.30 A.M.**

**Sd./- R.N. Das**
**Director of Treasuries & Inspection**
**Odisha, Bhubaneswar**
**OIPR-05005/11/0002/2223**

**ସର୍ବାଧିକ ବେତନ ପାଉଥିବା ସିଇଓ**

**ନୂଆଦିଲ୍ଲୀ:** ଭାରତୀୟ ଆଇଟି ଉଦ୍ୟୋଗରେ ସର୍ବାଧିକ ବେତନ ପାଉଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଭାବେ ଥଏରୀ ଡେଲାପୋର୍ଟ (ୱିପ୍ରୋ)ଙ୍କ ନାମ ରହିଛି। ସେ ୨୦୨୧-୨୨ରେ ବାର୍ଷିକ ଦରମା, ଭତ୍ତା ଓ କମିଶନ ବାବଦରେ ପ୍ରାୟ ୧୦.୫ ନିୟୁତ ଡଲାର ବା ୭୯.୮କୋଟି ଟଙ୍କା ପାଇଛନ୍ତି ବୋଲି ସୂଚନା ମିଳିଛି। ସେହିଭଳି ଦରମା ପରିମାଣ ଦୃଷ୍ଟିରୁ ତାଙ୍କ ତଳକୁ ରହିଛନ୍ତି ଇନଫୋସିସ ସିଇଓ ସଲିଲ ପାରେଖ। ସୂଚନାଯୋଗ୍ୟ ବିଶ୍ୱର ସବୁଠାରୁ ଅଧିକ ଦରମା ନେଉଥିବା ଆଇଟି କମ୍ପାନି ସିଇଓ ହେଲେ ଆକସେନଚର ସିଇଓ ଜୁଲି ସ୍ୱିଟ୍, ତାଙ୍କର ବାର୍ଷିକ ଦରମା ୨୩ ନିୟୁତ ଡଲାର ବା ପ୍ରାୟ ୧୭୯ କୋଟି ଟଙ୍କା ରହିଛି।

## ସଂକ୍ଷେପରେ

### କର୍ମଚାରୀ ଭତ୍ତା ପୁନଃ ଲାଗୁ କରିବ ଇଣ୍ଡିଗୋ

**ନୂଆଦିଲ୍ଲୀ,୧୦।୬:** ଉଡ଼ାଣ ପରିଚାଳନା ଠିକ୍ ହୋଇ ଆସୁଥିବାରୁ ଦେଶର ସର୍ବବୃହତ୍ ଏୟାରଲାଇନ ଇଣ୍ଡିଗୋ ଶୁକ୍ରବାର ନିଜ ପାଇଲଟ୍‌ମାନଙ୍କର ଉଡ଼ାଣ ଭତ୍ତାକୁ ମହାମାରୀ ପୂର୍ବ ସ୍ତରରେ କରିବା ସମ୍ପର୍କରେ ଘୋଷଣା କରିଛି। ଏୟାରଲାଇନ୍ ପକ୍ଷରୁ ଜୁଲାଇ ୩୧୦ଠାରୁ ପାଇଲଟ୍‌ମାନଙ୍କ ପାଇଁ ଲେଓଭର ଏବଂ ଡେଡ୍‌ହେଡ୍ ଭତ୍ତାକୁ ପୁନଃ ଲାଗୁ କରାଯିବ। ସୂଚନାଯୋଗ୍ୟ, ଏୟାରଲାଇନ୍ ପକ୍ଷରୁ ଆଂଶିକ ଭତ୍ତା ଲାଗୁ କରାଯାଇଥିଲେ ମଧ କୋଭିଡ୍ ପୂର୍ବ ଭଳି ପାଇଲଟ୍‌ଙ୍କ ପାଇଁ ଭତ୍ତା ଲାଗୁ କରାଯାଇ ନାହିଁ। ଲମ୍ବା ଯାତ୍ରା ପାଇଁ କ୍ୟାବିନ୍ କ୍ରୁ ଏବଂ ପାଇଲଟଙ୍କୁ ଅନ୍ୟ ସହରରେ ରହିବାକୁ ପଡ଼ିଥାଏ। ଏହି ସମୟରେ ସେମାନଙ୍କୁ ଭତ୍ତା ଏବଂ ହୋଟେଲ ବ୍ୟବସ୍ଥା ଯୋଗାଇ ଦିଆଯାଇଥାଏ। ଏହିଭଳି ଅନ୍ୟ ସମସ୍ତ ପ୍ରକାର ଭତ୍ତାକୁ କୋଭିଡ୍ ମହାମାରୀ ଆରମ୍ଭ ପରେ ଇଣ୍ଡିଗୋ ପକ୍ଷରୁ ବନ୍ଦ କରିଦିଆଯାଇଥିଲା।

### ପୁଞ୍ଜିବଜାରରେ ଭାରି ହ୍ରାସ

**ମୁମ୍ବାଇ,୧୦।୬:** ଗୁରୁବାର ଭାରତୀୟ ପୁଞ୍ଜିବଜାରରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ଶେଷ କାରବାର ଦିବସ ଅର୍ଥାତ୍ ଶୁକ୍ରବାର ଭାରି ହ୍ରାସ ପରିଲକ୍ଷିତ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୧,୦୧୭ (୧.୮୪%) ଏବଂ ନିଫ୍ଟିରେ ୨୭୬ (୧.୬୮%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୪,୩୦୩ ଏବଂ ନିଫ୍ଟି ୧୬,୨୦୨ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୩୦୮ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୨୦୦୨ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ହ୍ରାସ ପରେ ନିବେଶକମାନେ ୩.୨ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଗୁରୁବାରର ଟପ୍ ଗେନର୍ସ ତାଲିକାରେ ଏମ୍‌ଆର୍‌ପିଏଲ୍, ଅଏଲ୍ ଇଣ୍ଡିଆ, ଥାଏରୋକେୟାର ଟେକ୍, ପିଏନ୍‌ବି ହାଉସିଂ ଫାଇନାନ୍ସ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ମେଡ୍ ପ୍ଲସ୍ ହେଲ୍‌ଥ ସର୍ଭିସ୍, ଗୁଜରାଟ ଗ୍ୟାସ୍, ଅମ୍ବର ଏଣ୍ଟରପ୍ରାଇସେସ୍, ଏଲ୍‌ଆଇସି ହାଉସିଂ ରହିଛନ୍ତି।

# ରେକର୍ଡ ସ୍ତରରେ ଅଶୋଧିତ ତୈଳ ଦର

ନୂଆଦିଲ୍ଲୀ,୧୦।୬




**ଦର ବୃଦ୍ଧି ସତ୍ତ୍ୱେ ସ୍ଥିର ରହିଛି ପେଟ୍ରୋଲ, ଡିଜେଲ ମୂଲ୍ୟ**

ଭାରତ ପକ୍ଷରୁ କ୍ରୟ କରାଯାଉଥିବା ଷ୍ଟାଣ୍ଡାର୍ଡ ଅଶୋଧିତ ତୈଳ ଦର ଏକ ଦଶକ ମଧ୍ୟରେ ଉଚ୍ଚ ସ୍ତରରେ ଅର୍ଥାତ୍ ବ୍ୟାରେଲ ପିଛା ୧୨୧ ଡଲାରରେ ପହଞ୍ଚିଛି। କେନ୍ଦ୍ର ତୈଳ ମନ୍ତ୍ରଣାଳୟ ଅନ୍ତର୍ଗତ ପେଟ୍ରୋଲିୟମ ନିୟୋଜନ ଏବଂ ବିଶ୍ଳେଷଣ ପ୍ରକୋଷ୍ଠ (ପିପିଏସି) ତଥ୍ୟ ଅନୁସାରେ, ୯ ଜୁନ୍‌ରେ ଭାରତୀୟ ମାନକ ଅଶୋଧିତ ତୈଳ ବ୍ୟାରେଲ୍ ପିଛା ୧୨୧.୨୮ ଡଲାର ଛୁଇଁଛି। ଏହା ପୂର୍ବରୁ ଅଶୋଧିତ ତୈଳର ଏତେ ମାତ୍ରାରେ ଦରବୃଦ୍ଧି ଶେଷ ଥର ପାଇଁ ୨୦୧୨ ଫେବୃୟାରୀ-ମାର୍ଚ୍ଚ ମାସରେ ଦେଖାଦେଇଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଶୋଧିତ ତୈଳ ଦର ବୃଦ୍ଧି ସତ୍ତ୍ୱେ ଦେଶରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରି ମୂଲ୍ୟ ସ୍ଥିର ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରେ ପରେ ଭାରତୀୟ ଅଶୋଧିତ ତୈଳର ମାନକ ମୂଲ୍ୟ ଗତ ଫେବୃୟାରୀ ୨୫ରୁ ମାର୍ଚ୍ଚ ୨୯ ମଧ୍ୟରେ ବ୍ୟାରେଲ ପିଛା ହାରାହାରି ୧୧୧.୮୬ ଡଲାର ରହିଥିଲା। ସେହିପରି ମାର୍ଚ୍ଚ ୩୦ରୁ ଏପ୍ରିଲ ୨୭ ମଧ୍ୟରେ ଏହି ଦର ବ୍ୟାରେଲ ପିଛା ୧୦୩.୪୪ ଡଲାର ରହିଥିବା ପିପିଏସି ତଥ୍ୟରୁ ଜଣାଯାଇଛି। ଆମେରିକା ଭଳି ପ୍ରମୁଖ ତୈଳ ଆମଦାନୀକାରୀ ଦେଶର କ୍ରୟ ଚାହିଦାରେ ବହୁଳ ବୃଦ୍ଧି ଫଳରେ ଗତ ବୁଧବାର ଅଶୋଧିତ ତୈଳ ଦର ୧୩ ସପ୍ତାହ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଥିଲା। ଅଗଷ୍ଟ ମାସ ପାଇଁ ବ୍ରେଣ୍ଟ କ୍ରୁଡ୍ (ଉତ୍ତର ସାଗରରୁ ଆସୁଥିବା ଅଶୋଧିତ ତୈଳ) ୮୧ ସେଣ୍ଟ (୦.୮୧ ଡଲାର) କମ୍ ହୋଇ ବ୍ୟାରେଲ ପିଛା ୧୨୨.୨୬ ଡଲାରରେ କାରବାର ଚାଲୁଥିବା ବେଳେ ଜୁଲାଇ ପାଇଁ ଆମେରିକୀୟ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍ କ୍ରୁଡ୍ ୭୯ ସେଣ୍ଟ କମ୍ ହୋଇ ବ୍ୟାରେଲ ପିଛା ୧୨୦.୭୨ ଡଲାରରେ କ୍ରୟ ଚାଲିଥିଲା। ଭାରତ ନିଜ ଅଶୋଧିତ ତୈଳ ଆବଶ୍ୟକତାର ୮୫% ଅନ୍ୟ ଦେଶଗୁଡ଼ିକଠାରୁ ଆମଦାନୀ କରିଥାଏ। ଏଭଳି ସ୍ଥିତିରେ ଅନ୍ତର୍ଜାତୀୟ ବଜାରରେ ମାନକ ଦର ଅନୁସାରେ ଇନ୍ଧନର ରିଟେଲ ଦର ନିର୍ଦ୍ଧାରିତ କରାଯାଇଥାଏ। ସାର୍ବଜନୀନ କ୍ଷେତ୍ରର ଅଏଲ୍ କର୍ପୋରେଶନଗୁଡ଼ିକ ପ୍ରତ୍ୟେକ ଦିନ ଆମଦାନୀ ଖର୍ଚ୍ଚ ଅନୁସାରେ ଦର ନିର୍ଦ୍ଧାରଣ କରନ୍ତି। ତେବେ ୨୦୨୧ ନଭେମ୍ବରରୁ ପେଟ୍ରୋଲ ପମ୍ପଗୁଡ଼ିକରେ ବିକ୍ରି ହେଉଥିବା ଇନ୍ଧନ ଦର ଆମଦାନୀ ଖର୍ଚ୍ଚ ତୁଳନାରେ କମ୍ ରଖାଯାଇଛି।

# ପଣ୍ଡା ଟ୍ରାଭେଲ ମାର୍ଟର ସିଏସ୍‌ଆର୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୦।୬

ଓଡ଼ିଶାର ପ୍ରମୁଖ ବେଳାଭୂମିଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ କରି ଏକ ସ୍ଥାୟୀ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ପଣ୍ଡା ଟ୍ରାଭେଲ ମାର୍ଟ ଆଗଭର ହୋଇଛି। ଭୁବନେଶ୍ୱର ୟୁଥ୍ ଫର୍ ସଷ୍ଟେନେବିଲିଟି ଓ ଦ ୬ ଏଏମ୍ କ୍ଲବ୍‌ର ମିଳିତ ସହାୟତାରେ ଏହା ରାଜ୍ୟର ୫ଟି ପ୍ରମୁଖ ବେଳାଭୂମିର ସଫେଇ କାର୍ଯ୍ୟ ହାତକୁ ନେଇଛି । ଏହି କାର୍ଯ୍ୟକ୍ରମ ପଣ୍ଡାର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ଉକ୍ତ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ବିଶ୍ୱ ସାଗର ଦିବସ ପରିପ୍ରେକ୍ଷୀରେ ଏହି ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଓଲିଉଡ୍ ଅଭିନେତ୍ରୀ ବି.ଏମ୍. ବୈଶାଳୀଙ୍କ ସମେତ ପଣ୍ଡା ଟ୍ରାଭେଲ ମାର୍ଟର ଆଦିତ୍ୟ ପଣ୍ଡା, ସାମାଜିକ କର୍ମୀ ରାହୁଲ ମହାରଣା ଓ ୟୁଥ୍ ଫର୍ ସଷ୍ଟେନେବିଲିଟିର ପୂର୍ଣ୍ଣଶ୍ଳୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପଣ୍ଡା ଟ୍ରାଭେଲ ମାର୍ଟର ପ୍ରମୁଖ ଆଦିତ୍ୟ ପଣ୍ଡା କହିଛନ୍ତି, ବେଳାଭୂମିକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆମେ ଏହି ଅଭିଯାନ ଆରମ୍ଭ କରିଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ଅଭିଯାନ ବିଶେଷକରି ରାମଚଣ୍ଡୀ-କୋଣାର୍କ, ଅସ୍ତରଙ୍ଗ-ପୁରୀ, ଧବଳେଶ୍ୱର-ବ୍ରହ୍ମପୁର, ଦୀଘା-ବାଲେଶ୍ୱର ଓ ମାର୍କଣ୍ଡି-ଗଞ୍ଜାମ ଭଳି ପ୍ରମୁଖ ବେଳାଭୂମି ଅଞ୍ଚଳରେ କରାଯାଇଛି। ଉକ୍ତ ବେଳାଭୂମିଗୁଡ଼ିକୁ ସଫାରଖିବା ପାଇଁ ପ୍ରାୟ ଦେଢବର୍ଷ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ ବୋଲି ଉପରୋକ୍ତ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଧାର୍ଯ୍ୟ କରାଯାଇଛି।

# ଖିମ୍‌ଜୀ ଜୁଏଲର୍ସର ପାୟଲ୍ ଆଣ୍ଡ ଟୋ ରିଂ ଫେଷ୍ଟିଭାଲ

ଭୁବନେଶ୍ୱର,୧୦।୬

KHIMJI®
Jewellers since 1936

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ନିକଟରେ 'ପାୟଲ୍ ଆଣ୍ଡ ଟୋ ରିଂ ଫେଷ୍ଟିଭାଲ'ର ଶୁଭାରମ୍ଭ କରାଯାଇଛି। ଏପରିକି ଚଳିତ ବର୍ଷର ରଜପର୍ବ ଉପଲକ୍ଷେ ଖିମ୍‌ଜୀ ତା'ର ଗ୍ରାହକମାନଙ୍କ ପାଇଁ ରୁପା ପାଉଁଜିର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରୁଛି। ସେହିଭଳି ରୁପା ପାଉଁଜି ଓ ଗୋଡ଼ ମୁଦି କ୍ରୟ ମୂଲ୍ୟ ଉପରେ ୧୦% ରିହାତି ସାଙ୍ଗକୁ ଅନେକ ଆକର୍ଷଣୀୟ ଅଫର ମଧ୍ୟ ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି। ଏହା ଜୁନ୍ ୧୫ ପର୍ଯ୍ୟନ୍ତ ଏହାର ସମସ୍ତ ଷ୍ଟୋରରେ ବୈଧ ରହିଛି। ସେହିପରି ଏସ୍‌ବିଆଇ କ୍ରେଡିଟ୍ କାର୍ଡଧାରୀମାନଙ୍କ ପାଇଁ ୫% କ୍ୟାଶ୍‌ବ୍ୟାକ୍‌ର ସୁବିଧା ମଧ୍ୟ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ରଜ ହେଉଛି ଓଡ଼ିଶାର ପ୍ରମୁଖ ପର୍ବଗୁଡ଼ିକ ମଧ୍ୟରେ ଅନ୍ୟତମ, ଯାହା ନାରିତ୍ୱକୁ ସମ୍ମାନ ଜଣାଇ ପାଳନ କରାଯାଏ। ରଜ ଅବସରରେ ନାରୀମାନେ ନିଜକୁ ସର୍ବୋତ୍ତମ ଉପାୟରେ ସଜାଇଥାନ୍ତି। ଚଳିତ ରଜପର୍ବରେ ସେମାନଙ୍କ ଖୁସିକୁ ଦ୍ୱିଗୁଣିତ କରିବା ପାଇଁ ଖିମ୍‌ଜୀ ଜୁଏଲର୍ସ ପ୍ରତି ଯୁବତୀଙ୍କ ମନପସନ୍ଦର ଅଳଙ୍କାର ମଧ୍ୟରୁ ପାଉଁଜି ଏବଂ ଗୋଡ଼ ମୁଦି ଉପରେ ସ୍ୱତନ୍ତ୍ର ଅଫର ଆଣିଦେଇଛି। ଏହି ଅଫରଗୁଡିକ ଆମ ଗ୍ରାହକଙ୍କ ମୁହଁରେ ହସ ଫୁଟାଇବ ବୋଲି ମିତେଶ ମତବ୍ୟକ୍ତ କରିଛନ୍ତି।

### କାରଖାନା ଉତ୍ପାଦନରେ ୭.୧% ବୃଦ୍ଧି

ନୂଆଦିଲ୍ଲୀ,୧୦।୬

ବାର୍ଷିକ ଆଧାରରେ ଭାରତର କାରଖାନା ଉତ୍ପାଦନ ଅଭିବୃଦ୍ଧି ହାର ଏପ୍ରିଲରେ ୭.୧% ବୃଦ୍ଧି ଘଟିଛି। ଏହି ଅଭିବୃଦ୍ଧି ହାର ଗତ ୮ମାସ ମଧ୍ୟରେ ସର୍ବାଧିକ ବୋଲି ନ୍ୟାଶନାଲ ଷ୍ଟାଟିଷ୍ଟିକାଲ୍ ଅଫିସ ତଥ୍ୟରୁ ସୂଚନା ମିଳିଛି। ତେବେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ରେ ୯.୨% ହ୍ରାସ ଘଟିଛି। କାରଣ ବିନିର୍ମାଣ ଏବଂ ଖଣି ଉତ୍ପାଦନରେ ଭାରି ହ୍ରାସ ଘଟିଛି। ଖଣି ଉତ୍ପାଦନରେ ୧୯.୭% ଏବଂ ବିନିର୍ମାଣ ଉତ୍ପାଦନରେ ୮.୮% ହ୍ରାସ ଘଟିଥିବା ବେଳେ ବିଦ୍ୟୁତ୍ ଉତ୍ପାଦନରେ ୧.୮% ବୃଦ୍ଧି ପରିଲକ୍ଷିତ ହୋଇଛି। ଏପରିକି ପୁଞ୍ଜିଗତ ବସ୍ତୁରେ -୧୮.୭%, କଞ୍ଜୁମର ଡ୍ୟୁରେବଲ୍ସରେ -୧୩.୪% ସମେତ ଛଅଟି କ୍ଷେତ୍ରରେ ଏପ୍ରିଲରେ କ୍ରମିକ ଭାବରେ ସଙ୍କୋଚନ ଘଟିଛି।

# ଫାଇନାନ୍‌ସିପର 'ୟୁଭିଏ' କାର୍ଡ ଶୁଭାରମ୍ଭ

ନୂଆଦିଲ୍ଲୀ,୧୦।୬

ଦେଶର ଏକ ଅଗ୍ରଣୀ ଏଡୁ ଫିନ୍‌ଟେକ ଷ୍ଟାର୍ଟଅପ୍ କମ୍ପାନୀ ଭିସା ଦ୍ୱାରା କ୍ଷମତାପ୍ରାପ୍ତ ଅତ୍ୟାଧୁନିକ ୟୁଭିଏ କାର୍ଡର ଶୁଭାରମ୍ଭ କରିଛି। ଫାଇନାନ୍‌ସସିପର ୟୁଭିଏ କାର୍ଡ ବିଶେଷକରି ଛାତ୍ରୀଛାତ୍ର, ଅଭିଭାବକମାନଙ୍କ ଦୈନନ୍ଦିନ କାରବାର ଲାଗି ପ୍ରିପେଡ୍ ଫଟୋ ଆଇଡି କାର୍ଡ ଭାବେ କାର୍ଯ୍ୟ କରିବ। ଏହା ମାଧ୍ୟମରେ ଛାତ୍ରମାନେ ଦେୟ ପ୍ରଦାନ କରିବା, ଅଭିଭାବକଙ୍କ ଆର୍ଥିକ ଆବଶ୍ୟକତା ପୂରଣ, ନଗଦ ଟଙ୍କା ପ୍ରତ୍ୟାହାର କରିବା, ଇ କମର୍ସ ବ୍ୟବହାର ଓ ଖୁଚୁରା କାରବାରରେ ଏହା ବେଶ୍ ସହାୟକ ହେବ। ଏ ସମ୍ପର୍କରେ ଫାଇନାନ୍‌ସିପରର ସିଇଓ ତଥା ପ୍ରତିଷ୍ଠାତା ରୋହିତ ଗଜଭିୟେ କହିଛନ୍ତି, ବୈଷୟିକ ମାଧ୍ୟମରେ ଏଡୁ ଫିନ୍‌ଟେକ ସ୍ପେଶ୍‌ରେ ଏକ ବିପ୍ଳବ ଆଣିବା ଦିଗରେ କାର୍ଯ୍ୟ କରୁଛୁ। ଏପରିକି ଗୁଣାତ୍ମକ ଶିକ୍ଷାକୁ ବୃଦ୍ଧିକରି ପ୍ରଭାବ ସୃଷ୍ଟି କରିବାକୁ ମଧ ଲକ୍ଷ୍ୟ ରଖିଛୁ। ସାମ୍ପ୍ରତିକ ପାଣ୍ଡି ଓ ଶିଳ୍ପ ସହ ସହଯୋଗିତାରେ ଆମର ଉଦ୍ଦେଶ୍ୟକୁ ନୂଆ ଶକ୍ତି ପ୍ରଦାନ କରିଛି। ଏହାକୁ ଦୃଷ୍ଟିଦେଇ ଆମେ ଅସଂଖ୍ୟ ଡୁଆଲ ଇଣ୍ଟରଫେସ୍ ଉତ୍ପାଦର ଶୁଭାରମ୍ଭ କରିଛୁ ଯେଉଁଥିରେ ଏକ ଫଟୋ ପରିଚୟପତ୍ର ଯାହା ଛାତ୍ର, ଅଭିଭାବକ ଓ ଅନୁଷ୍ଠାନଗୁଡ଼ିକୁ ନଗଦବିହୀନ କାରବାର କରିବାକୁ ସୁବିଧା ଦେଇଥାଏ। ଏହା ଡିଜିଟାଇଜେଶନ ମାଧ୍ୟମରେ ହେଉଥିବାରୁ କାରବାର କରିବା ସମ୍ପୂର୍ଣ୍ଣ ନିରାପଦ । ଏହି ଭିସା କାର୍ଡରେ ଏକ ଇଏମ୍‌ଭି ଚିପ୍‌ସ ବ୍ୟବହାର ହୋଇଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍

### ସ୍ପାଇଡରମ୍ୟାନ୍ ଷ୍ଟାଇଲ୍‌ରେ ଚୋରି



**ପାଟନା:** ବର୍ତ୍ତମାନ ସମୟରେ ଚୋରି କରିବାର ନୂଆ ନୂଆ ପନ୍ଥା ଆପଣାଉଛନ୍ତି ଚୋର। ତେବେ ବିହାରର ବେଗୁସରାଇରେ ଚୋର ଏଭଳି କାଣ୍ଡ ଭିଆଇଛି, ଯାହା ଦ୍ୱାରା ଲୋକେ ଆଶ୍ଚର୍ଯ୍ୟ ହେବା ସହ ଆଗାମୀ ଦିନରେ ସଚେତନ ମଧ୍ୟ ହେବେ। ଅନେକ ସମୟରେ ଚଳନ୍ତା ଟ୍ରେନ୍‌ରୁ ଚୋରି ଘଟଣା ଆମେ ପଢ଼ିଛେ। କିନ୍ତୁ ଚୋରି ପାଇଁ ପୂର୍ବ ପ୍ରସ୍ତୁତି କରି କୌଣସି ଚୋର ବ୍ରିଜ୍‌ରେ ଝୁଲି ରହିବା ପ୍ରଥମ ଘଟଣା। ଚୋର ଆଖିପିଛୁଳାକେ ଯାତ୍ରୀଙ୍କ ମୋବାଇଲ ନେଇଯାଇଛି ଏବଂ ଯୁବକ ଜଣଙ୍କ ଅବାକ୍ ହୋଇ ଚାହିଁ ରହିଥିବାର ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି। ଗଙ୍ଗାନଦୀ ଉପର ଦେଇଯାଇଥିବା ରେଳଲାଇନ୍ ବ୍ରିଜ୍‌ରେ ଚୋର ଜଣଙ୍କ ଝୁଲି ରହିଥିଲେ। ଆଉ ସେ ସମୟରେ ଟ୍ରେନ୍ ସେହି ବାଟ ଦେଇ ଯାଉଥିଲା। ଜଣେ ଯାତ୍ରୀ ଟ୍ରେନ୍ କବାଟ ପାଖରେ ଛିଡ଼ା ହୋଇ ଭିଡିଓ ଉତ୍ତୋଳନ କରୁଥିବାବେଳେ ସ୍ପାଇଡରମ୍ୟାନ୍ ଷ୍ଟାଇଲ୍‌ରେ ଚୋର ଜଣଙ୍କ ଯୁବକଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ଚୋର ମୁହଁରେ ଏକ କପଡ଼ା ବାନ୍ଧି ରହିଥିଲେ। ତେବେ ଜିଆର୍‌ପି ପୋଲିସ ଚୋରକୁ ଧରିବା ପାଇଁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। କାରଣ ଚୋର ଜଣଙ୍କ ଫୋନ୍ ନେଇ ନଦୀ ଜଳରେ ପହଁରି କେଉଁଆଡ଼େ ଚାଲିଗଲେ, ପୋଲିଷ ତାଙ୍କ ପଛା ଆଉ ପାରପାରିଲେ ନାହିଁ। ମୁହଁ ଢାଙ୍କିବାରୁ ଚୋରକୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି।

# ସନ୍ତାନ ଚିହ୍ନଟ ପାଇଁ ୩ ବର୍ଷ



**ଦିସ୍‌ପୁର:** ପୁଅ ହେଉ ଅବା ଝିଅ ଘରେ ସନ୍ତାନ ଜନ୍ମ ହେଲେ ପରିବାରରେ ଆନନ୍ଦର ଲହରି ଖେଳିଯାଏ। କିନ୍ତୁ ଏହି ଆନନ୍ଦକୁ ଅନୁଭବ କରିବା ପାଇଁ ନାଜମା ଖାନମଏବଂ ତାଙ୍କ ପରିବାରକୁ ୩ ବର୍ଷ ଅପେକ୍ଷା କରିବାକୁ ପଡ଼ିଛି। ଆସାମ ବରାପେଟା ସରକାରୀ ଡାକ୍ତରଖାନାରେ ୨୦୧୯ ମେ'୩ ତାରିଖରେ ସମାନ ନାମ୍ନୀ ନଜମା ଖାନମ ଏବଂ ନଜମା ଖାତୁନ ଦୁଇଟି ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ପ୍ରସବ ପରେ ଖାନମଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା କାରଣରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବାବେଳେ ନବଜାତକୁ ନ୍ୟୁବର୍ନ କେୟାରରେ ରଖାଯାଇଥିଲା। କିଛି ସମୟ ପରେ ଯେତେବେଳେ ଖାନମଙ୍କ ଚେତା ଫେରିଥିଲା ସେତେବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତ ଶିଶୁକୁ ତାଙ୍କୁ ଦେଇଥିଲେ। ତେବେ ଖାନମ କି ତାଙ୍କ ପରିବାର ଏହାକୁ ସହଜରେ ବିଶ୍ୱାସ କରିପାରି ନ ଥିଲେ। ଡାକ୍ତରଖାନାରେ ଅଭିଯୋଗ କରିଥିଲେ ମଧ ସେମାନେ ଏହାକୁ ଖଣ୍ଡନ କରିଥିଲେ। ପରବର୍ତ୍ତୀ ସମୟରେ ଖାନମଙ୍କ ପରିବାର ସେହି ଗୋଟିଏ ଦିନରେ ପ୍ରସବ କରିଥିବା ମହିଳାଙ୍କ ସୂଚୀ ଦେଖିଥିଲେ। ଯେଉଁଥିରେ ସେମାନଙ୍କୁ ନଜମା ଖାନମ ଏବଂ ନଜମା ଖାତୁନଙ୍କ ନାମ ପାଇଥିଲେ। ଏହାପରେ ଖାନମଙ୍କ ପରିବାର ଲୋକେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ପ୍ରାୟ ୩ ବର୍ଷ ଧରି ବିଚାରାଧୀନ ହୋଇ ରହିବା ପରେ ଡିଏନ୍‌ଏ ଟେଷ୍ଟ ପାଇଁ କୋର୍ଟ ନିର୍ଦ୍ଦେଶ ଦେଲେ। ଟେଷ୍ଟ ରିପୋର୍ଟରୁ ଶିଶୁ ଜଣଙ୍କ ନାଜମା ଖାନମଙ୍କର ବୋଲି ପ୍ରମାଣିତ ହେଲା।

### ହାର୍ ମାନିବା ବିକଳ୍ପ ନୁହେଁ



ୱେଲିଂଟନ

ନ୍ୟୁଜିଲାଣ୍ଡର ହ୍ୱାଇଟ୍ ଆଇଲାଣ୍ଡରେ ୨୦୧୯ ଡିସେମ୍ବର ୯ରେ ଆଗ୍ନେୟଗିରି ବିସ୍ଫୋରଣ ହୋଇଥିଲା। ଏଥିରେ ୨୨ଜଣଙ୍କ ପ୍ରାଣହାନି ହୋଇଥିବାବେଳେ ୨୫ ଗୁରୁତର ଭାବେ ଆହତ ହୋଇଥିଲେ। ବିସ୍ଫୋରଣ ସମୟରେ ଷ୍ଟିଫେନ୍ କୋରାଲ ବ୍ରୋଭିଟ ତାଙ୍କ ବାପା ଓ ଭଉଣୀଙ୍କ ସହ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ତେବେ ଦୁର୍ଘଟଣାରେ କୋରାଲ ତାଙ୍କ ବାପା ଓ ଭଉଣୀଙ୍କୁ ହରାଇଥିଲେ। ଏଥିରେ କୋରାଲଙ୍କ ଶରୀରର ୭୦ ଭାଗ ପୋଡ଼ିଯାଇଥିଲା। ବର୍ତ୍ତମାନ କୋରାଲ ସୁସ୍ଥ। ୨ ବର୍ଷ ପରେ ଇନ୍‌ଷ୍ଟାଗ୍ରାମରେ ସେ ତାଙ୍କ ପ୍ରଥମ ସେଲ୍‌ଫି ଶେୟାର କରିଛନ୍ତି। କୋରାଲ ୨ ସପ୍ତାହ କୋମାରେ ରହିବାପରେ ଦୀର୍ଘଦିନ ପର୍ଯ୍ୟନ୍ତ ତାଙ୍କ ଶରୀରରେ ବ୍ୟାଣ୍ଡେଜ୍ ଗୁଡ଼ାହୋଇ ରଖାଗଲା। ହାର୍ ମାନିବା ବିକଳ୍ପ ନୁହେଁ ବୋଲି ସେ ତାଙ୍କ କ୍ୟାପ୍ସନରେ ଲେଖିଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ଁହିମାନି ପଣ୍ଡା**
ଆବିର୍ଭାବ: ୨୩।୦୮।୧୯୮୭
ତିରୋଧାନ: ୦୧।୦୬।୨୦୨୨
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଆମକୁ ଛାଡ଼ି ଚାଲିଗଲୁ, ତୋ କର୍ତ୍ତବ୍ୟ ନିଷ୍ଠା, ସ୍ନେହ, ଭଲପାଇବା ଆଉ ମଧୁର କଥା ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୋ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୭୧୬

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ନଳିନୀ ଜେନା**
ଗୋବିନ୍ଦ ପ୍ରସାଦ, ଢେଙ୍କାନାଳ
ଆବିର୍ଭାବ-୧୨।୦୩।୧୯୪୬
ତିରୋଧାନ- ୦୧।୦୬।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଧର୍ମପରାୟଣତା ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ହେଉ ଏତିକି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ପ୍ରାର୍ଥନା।
-:ତୁମର ହତଭାଗା:-
ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଁପ୍ରଦୀପ କୁମାର ତ୍ରିପାଠୀ (ଟୁନା)**
ପିତା: ପୁରୁଷୋତ୍ତମ ତ୍ରିପାଠୀ
ମାତା: ହେମାଙ୍ଗିନୀ ତ୍ରିପାଠୀ
ବାରାପାଳ, ରୂପ୍‌ସା, ବାଲେଶ୍ୱର
ଆବିର୍ଭାବ: ୨୬।୦୫।୧୯୭୨
ତିରୋଧାନ: ୨୧।୦୬।୨୦୨୧
ଚାହୁଁଚାହୁଁ ଗୋଟେବର୍ଷ ବିତିଗଲା। ତୁମ ଅନୁପସ୍ଥିତିକୁ ଅନୁଭବ କରିବା ଭାରି କଷ୍ଟ। ତୁମର ପ୍ରତିଟି ସ୍ମୃତି ଆମ ପାଇଁ ଅଭୁଲା, ତୁମର ନୀତି, ନିଷ୍ଠା, ସ୍ନେହ, ପ୍ରେମ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ବୈଷ୍ଣୋଦେବୀ ତୁମ ଅମର ଆତ୍ମାକୁ ସୁଖ, ଶାନ୍ତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ: ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ ।
ଧ-୭୦୬

### ସଲମାନଙ୍କ ଫିଲ୍ମରେ ପଲକ

**ମୁମ୍ବାଇ:** ଲୋକପ୍ରିୟ ଟେଲି ଅଭିନେତ୍ରୀ ଶ୍ୱେତା ତିୱାରୀଙ୍କ ଝିଅ ପଲକ ତିୱାରୀ ସୁପରଷ୍ଟାର ସଲମାନ୍‌ଙ୍କ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ନଜରକୁ ଆସିବେ। ପୂର୍ବରୁ ବିଗ୍‌ବସ୍ ଫେମ୍ ଶେହନାଜ ଗିଲ୍ ଫିଲ୍ମରେ ଅଭିନୟ କରିବା ନେଇ ଗଣମାଧ୍ୟମରେ ଏକାଧିକ ଖବର ପ୍ରସାରିତ ହୋଇଥିଲା। ତେବେ ବର୍ତ୍ତମାନ ପାଲକଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପଞ୍ଜାବୀ ଗାୟକ ଜସ୍ସି ଗିଲ୍ ଫିଲ୍ମରେ ଅଭିନୟ କରିବାକୁ ଥିବାବେଳେ ତାଙ୍କ ବିପକ୍ଷରେ ପଲକ ଅଭିନୟ କରିବେ ବୋଲି କୁହାଯାଉଛି। ତେବେ ଫିଲ୍ମରେ ଅଭିନୟ କରିବା ନେଇ ପାଲକଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇନାହିଁ। ଫିଲ୍ମର ନାମ ପରିବର୍ତ୍ତନ କରାଯାଇ ବର୍ତ୍ତମାନ 'ଭାଇରାନ୍' ରଖାଯାଇଛି। ଏଥିରେ ଭେଙ୍କଟେଶ, ପୂଜା ହେଗଡେ, ରାଘବ ଗଜୁୟାଲ ଏବଂ ସିଦ୍ଧାର୍ଥ ନିଗମ ଫିଲ୍ମରେ ଅଭିନୟ କରିବେ। ଫିଲ୍ମର ନିର୍ଦ୍ଦେଶନା ଦେବେ ଫରହାଦ ସାମଜି। ସଲମାନ ଫିଲ୍ମର ପ୍ରଯୋଜାନା ଦାୟିତ୍ୱରେ ଥିବାବେଳେ ଆସନ୍ତା ଡିସେମ୍ବର ୩୦ ତାରିଖରେ ଫିଲ୍ମଟି ମୁକ୍ତିଲାଭ କରିବ।



**ଜନ୍ମବାର୍ଷିକ ଶୁଭେଚ୍ଛା**



(ଚାନ୍ଦ)
**ସସ୍ମିତା ଲେଙ୍କା**
ସ୍ଥାନ: ମନୋହରପୁର, ଶାଳନିଆଁ, ହାଟଡିହୀ, କେନ୍ଦୁଝର
ପୁଷ୍ପାଞ୍ଜଳି ରାଉତ, ସୁଧାଂଶୁବାଳା ଦାସ, ସୁଶ୍ରୀ ଅନୁରାଧା ପ୍ରଧାନ, ସ୍ୱାଗତିକା ରାଉତ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ସାଙ୍ଗ, ସାଥୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୧୫

**CLASSIFIED DISPLAY**
ALL EDITION - B/W (Everyday)
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
**Mudra Finance**
Mob. 9470149388
Whatsapp: 9470149608



# ଅନନ୍ତ ପଥର ଯାତ୍ରୀ

ଡ. ହୃଷୀକେଶ ମଲ୍ଲିକ

**ରା**ଷ୍ଟ୍ର-ନାୟିକା ନନ୍ଦିନୀ ଶତପଥୀଙ୍କର ଜନ୍ମ ୯ ଜୁନ୍ ୧୯୩୧ରେ ଓ ପରଲୋକ ୪ ଅଗଷ୍ଟ ୨୦୦୬ରେ। ୭୫ ବର୍ଷର ଜୀବନ ଅବଧିରେ ଓଡ଼ିଶା ତଥା ଭାରତୀୟ ରାଜନୀତିକୁ ଦିଶା ପ୍ରଦାନରେ ଭାରତବର୍ଷର ଖୁବ୍ କମ୍ ରାଜନେତା ନନ୍ଦିନୀଙ୍କର ସମକକ୍ଷ। ବ୍ୟକ୍ତିଗତ ତଥା ସାମୂହିକ ଜୀବନର ଯାବତୀୟ ପ୍ରତିକୂଳତାରେ ସେ ସର୍ବଦା ଥିଲେ ଅଭୀକ-ଯାତ୍ରୀ। ତାଙ୍କର ଧ୍ୟେୟ ଥିଲା ସମାଜର ସବା ତଳସ୍ତରରେ ବଞ୍ଚୁଥିବା ମଣିଷର ଉତ୍ଥାନ। ଆର୍ତ୍ତିର ଆର୍ତ୍ତ ମୁର୍ଚ୍ଛନରେ ଖରା ଓ ତରାକୁ ସେ ଏକ କରିଦେଉଥିଲେ। ମାନବ-ଦରଦର ଏହି ଉର୍ବର ଭୂମିରେ ଚେର ମାଡ଼ିଥିଲା ତାଙ୍କର ଅକ୍ଷର-କଳା।

'ଅନ୍ଧଗଳି' କବିତାଟିକୁ ନନ୍ଦିନୀ ଦେବୀ ଲେଖିଥିଲେ ୧୭ ଜୁଲାଇ ୧୯୭୬ରେ ଓ ତାହା ପତ୍ରସ୍ଥ ହୋଇଥିଲା 'ଧରିତ୍ରୀ'ରେ ୧ ଜାନୁୟାରୀ ୧୯୭୭ରେ। ଏହାର ପୃଷ୍ଠଭୂମିରେ ହୁଏତ ଥିଲା ଲେଖିକାଙ୍କ ଜୀବନର ଏକ ଝଞ୍ଜା-କ୍ଷୁବ୍ଧ ଅଧ୍ୟାୟ। ଚାରିଆଡ଼େ ଅନ୍ଧାର, ଆକାଶର କଳାମେଘରେ ଅଦିନ ଝଡ଼ର ସୂଚନା, ପ୍ରଲମ୍ବିତ ରାସ୍ତାରେ ଝାଞ୍ଜି ଆଉ ଖରା, ସବୁ ଗୃହେ ଦ୍ୱାର ରୁଦ୍ଧ, କ୍ଳାନ୍ତ 'କ୍ଳାନ୍ତିହୀନ-ପାନ୍ଥ'। ଏହି ପାନ୍ଥ ଜଣକ ତେବେ କିଏ, ଯଦି ନ ହୁଅନ୍ତି ଖୋଦ୍ ଲେଖିକା! ୧୯୭୬ (ଜରୁରିକାଳୀନ ସ୍ଥିତି) ମଧ୍ୟଭାଗରୁ ନନ୍ଦିନୀ ଦେବୀ ଶିକାର ହୁଅନ୍ତି ଦଳୀୟ ଷଡ଼ଯନ୍ତ୍ରର ଓ ୧୬ ଡିସେମ୍ବରରେ ହୁଏ ତାଙ୍କ ଶାସନର ପତନ। ପରେ ପରେ ନାନା ମନଗଢ଼ା ଅଭିଯୋଗରେ ପ୍ରତିପକ୍ଷମାନେ ଆରମ୍ଭ କରନ୍ତି ତାଙ୍କୁ ଲୋକଚକ୍ଷୁରେ ନିନ୍ଦିତ କରିବାର ଅଭିଯାନ। ବ୍ୟକ୍ତିଗତ ଓ ରାଜନୈତିକ ଆକ୍ରୋଶରେ ଭରାଟ ଜୀବନର ଏହି ପର୍ଯ୍ୟାୟଟି ସାହସିନୀ ଏକ ପଥୁକୀ ପାଇଁ 'ଅନ୍ଧଗଳି' ନୁହେଁ କି? କବିର ମନୋଭୂମି ଓ କବିତାର ପାଠ୍ୟ ଭିତରେ ଥିବା ସଂଯୋଗ ଯଦି ସତରେ ତିଆରି କରେ କବିତାର ସବୁଠୁଁ ଗ୍ରହଣୀୟ ଅର୍ଥ, ତେବେ 'ଅନ୍ଧଗଳି' ହିଁ ହେବ ତା'ର ପ୍ରକୃଷ୍ଟ ଉଦାହରଣ। 'ଅନ୍ଧଗଳି'ର ସ୍ରଷ୍ଟା ଏହି ମହନୀୟା କବୟିତ୍ରୀଙ୍କୁ ସଦ୍ୟଗତ ତାଙ୍କ ଜନ୍ମଦିନରେ ଶତଶତ ପ୍ରଣାମ!

ମୋ: ୯୮୫୩୨୮୭୭୫୫

## ଅନ୍ଧଗଳି

ନନ୍ଦିନୀ ଶତପଥୀ

**ଅ**ନନ୍ତ ପଥର ଯାତ୍ରୀ
କ୍ଳାନ୍ତି ଶବ୍ଦ
ଅଭିଧାନୁ ପୋଛି
କାଳର ଗତିକୁ ଡେଇଁ
ଚାଲିବାକୁ ମନସ୍ଥ କରିଛି।
ଭାଂଗି ବାଟ
ଛାଇ ଖୋଜି
ଗଳିରେ ପଶିଲା,
କ୍ଷଣେ ଠିଆହେଲା।
''ଆଉ ଟିକେ ଛାଇ ହେଲେ
ବିଶ୍ରାମ ହୁଅନ୍ତା
ଆଗକୁ ଚାଲିବା ପାଇଁ
ବଳ ବି ଆସନ୍ତା।''

ଚାଲିଲା ପଥିକ
ଅନନ୍ତ ପଥର ଯାତ୍ରୀ...
କ୍ଳାନ୍ତି ଯା'ର ଜାତକରେ ନାହିଁ।
ଆକାଶରେ କଳାମେଘ
ସୂଚନା ଯା' ଅଦିନ ଝଡ଼ର
ବୈଶାଖର ଖରା ଆଉ ତାତି...

ଅନେକ ଲମ୍ବା ରାସ୍ତା—
ଅନେକ ଅନେକ ଲମ୍ବା...
ଝାଞ୍ଜି ଆଉ ଖରା
ସହି ସହି
ପାଦ ଆଉ ମୁଣ୍ଡ ତାତିଗଲା।
ହଠାତ୍ ପାଖରେ ଗଳି ଏକ
ଅଚିହ୍ନା ଅଜଣା।

କିଛି କିଛି ଛାଇ ବୋଧେ
ଘର ବା ଗଛର।
ପଥ ତ ଅନେକ ଦୀର୍ଘ
ଗତି ବି ଅନନ୍ତ।
ଛାଇ ତଳେ ଦଣ୍ଡେ ଠିଆହେଲେ
ଭଲ ବି ଲାଗନ୍ତା।
ପୁଣି ଚାଲିବାକୁ ବଳ ବି ଆସନ୍ତା।

... ...
ରୌଦ୍ରଦଗ୍ଧ ବାଟୋଇର
ବକ୍ଷ ସିକ୍ତ କରି
ଝରିଗଲା ବାରିଧାରା।
ଝଡ଼ ଆସି
ଦୋହଲାଇ ଦେଲା
ଶରୀରର ଅଣୁ ପରମାଣୁ।
'ଆଶ୍ରୟ, ଆଶ୍ରୟ'...
ଦ୍ୱାର ରୁଦ୍ଧ ଏଠି
ସବୁ ଗୃହେ।
ଆଗକୁ ଚାଲିଛି ପାନ୍ଥ
ଝଡ଼ ଆଉ ବୃଷ୍ଟି
ବହି ଅଙ୍ଗେ
ପଥ କାହିଁ?
'କ୍ଳାନ୍ତି'ହୀନ କ୍ଳାନ୍ତ ପାନ୍ଥ
ପଦ ନାହିଁ ଚଳେ।
ଅସାଡ଼ ଶରୀର
ଗଳି ଶେଷ ହେଲା ।।

(ରଚନା କାଳ: ୧୭।୦୭।୭୬)

# କବିତା

## ଧାନଚେର

ବସନ୍ତ କୁମାର ଖିଲାର

**ନୁ**ହେଁ ଖାଲି ଚାଷୀର
ସବୁ ଓଡ଼ିଆଙ୍କ ଜୀବନ ଯୋଡ଼ା
ଧାନଗଛ ସହ
ଚାକିରି, ବ୍ୟବସାୟ ଅବା ବିବିଧ ବୃତ୍ତି
ସବୁରି ଊର୍ଦ୍ଧ୍ୱରେ
ସମସ୍ତଙ୍କ ଅଦୃଶ୍ୟରେ
ଧାନଚେର ସହିତ ବନ୍ଧା
ଅୟୁତ ଓଡ଼ିଆର ଜୀବନ ଚେର।

ବୈଶାଖର ଝାଞ୍ଜିରେ ମୁଣ୍ଡରେ ଝାମ୍ପି
ହାତରେ ଲଙ୍ଗଳକଣ୍ଟି ଓ ପାଞ୍ଚଣ
ଦେହରେ ଗମ୍‌ଗମ୍ ଝାଳ
ହିଡ଼ ମୁଣ୍ଡରେ ଖଟା, ଶାଗ, ପଖାଳ
ସେତିକିରେ ପେଟ ଭରିଯାଏ
ଆତ୍ମା ପୂରିଉଠେ
କାମନା ଯେତେ ସଂକ୍ଷିପ୍ତ
ଦୁଃଖ ସେତେ ସଙ୍କୁଚିତ
ଏଇ ବୋଧେ ସରଳ ଜୀବନ ଦର୍ଶନ।

ଆଷାଢ଼ ଆକାଶର ମେଘ
ବିଜୁଳି, ଘଡ଼ଘଡ଼ି, ଘୋ' ଘୋ' ପବନ
ଧାନ ରୁଆ ପୋତା ଋତୁ
କାଦୁଅ ସଙ୍ଗରେ ଘଣ୍ଟାଚକଟା
ଚାଷୀର ରୂପାନ୍ତରିତ ଚେହେରା
କାଦୁଅର ଏକ ଜୀବନ୍ତ ମୂର୍ତ୍ତି।
ଅଶିଣରେ କିଆରିର ଧାନଫୁଲ
ଉଚ୍ଛୁଳିପଡ଼େ ରୂପସୀ
ଶୁଭ୍ର ପରୀମାନଙ୍କ ହସର ଜୁଆର।

ପୌଷର ପାଚିଲା ଧାନ
ପ୍ରାପ୍ତିର ପ୍ରତିଶ୍ରୁତି
ପ୍ରତିଟି ଧାନକେଣ୍ଡା ପାଲଟିଯାଏ
ସ୍ୱପ୍ନର ମାଇଲଖୁଣ୍ଟ।
ମାଘର ହାଡ଼ଥରା ଶୀତ
ଭେଦି ପାରେନା ଚାଷୀର ପିଞ୍ଜରା
ମିଞ୍ଜିମିଞ୍ଜି ଲଣ୍ଠନ ଆଲୁଅରେ
ବେଙ୍ଗଳା ପାଇଁ ପାଗଳ ସେ
ମହିଦାଣ୍ଡିରେ ବଳଦ ଯୁଟେ।
ଏମିତି ଗଢ଼େ ଚାଷୀର ଜୀବନ
ଝଡ଼, ବତାସ, ପ୍ରାକୃତିକ ବିପର୍ଯ୍ୟୟ
ସବୁ ସହେ, ଛାତିକୁ ପଥର କରେ
ଅଣ୍ଟାରେ ଗାମୁଛା ଭିଡ଼େ ଟାଣକରି।

ପୁଣି ଚାହେଁ ବୈଶାଖ ଜ୍ୟେଷ୍ଠର
ଚିହ୍ନା ଆକାଶକୁ
ମାଗୁଣି ତା' ଶଗଡ଼ ପାଇଁ
ଯାତ୍ରୀଙ୍କୁ ଚାହିଁଲା ଭଳି
ଖଲ୍ଲିକୋଟ ବଜାରରେ।
ଟାଣ ଖରାରେ
ପଥର ଭଳି ଟାଇଁଟାଇଁ
ମାଟିର ଛାତିରେ
ଜୋର୍ କରି ଜାବୁଡ଼ି ଧରନ୍ତି
ଲଙ୍ଗଳକଣ୍ଟିକୁ
ସେହି ଅଧା ଲଙ୍ଗଳା
ମହାତ୍ମାମାନେ।

ମୋ: ୯୯୩୭୭୭୯୧୬୮

### ଗୀତି-କବିତା

## ଗାଁ ଗୀତ

ଧନଞ୍ଜୟ ସ୍ୱାଇଁ

**ମୁ**ରୁକିହସାରେ ନିଦରୁ ଉଠଇ
ମୋ' ଗାଁ ସକାଳ ସୂର୍ଯ୍ୟ
ମାଇକାକରରେ ମୁହଁ ପଖାଳଇ
ଗୋଧୂଳି ପହର ସଞ୍ଜ... ।।୦।।

ସବୁ ବାପା ସେଠି ବୟସ୍କ ଦିଶନ୍ତି
ଋଣ କରି, ସୁଧ ଗଣି
ବୋଉ କୁମ୍ଭପକା ଦକ୍ଷିଣୀଶାଢ଼ିରେ
ଦିଶେ ଲକ୍ଷ୍ମୀ ଠାକୁରାଣୀ
ସେ ଗାଁରେ ମେଘଖଣ୍ଡେ ଆଉଜିଲେ
ସଅଳ ଆସଇ ରଜ
ମୋ' ଗାଁ ସକାଳ ସୂର୍ଯ୍ୟ... ।।୧।।

ଯୁଆଡ଼େ ଚାହିଁଲେ ସବୁ ଝିଅ ସେଠି
ସୁନ୍ଦରୀ ସୁଷମା ଭଳି
ସକାଳକୁ କହି ସଞ୍ଜେ ଆସନ୍ତି
ମିଛେଇ ପ୍ରେମିକା ପରି
ଦିଅଁ, ଦାଣ୍ଡଘର, ଦେଉଳଦୁଆର
ବାସେ ମୁରୁଜ, ମୁରୁଜ
ମୋ' ଗାଁ ସକାଳ ସୂର୍ଯ୍ୟ...।।୨।।

ମୋ: ୯୪୩୭୦୦୦୬୩୬

# ଥାଗରେ ଦିଗ୍‌ବଳୟ

ଜାହ୍ନବୀ ମିଶ୍ର



''**ସ୍ୱ**ପ୍ନ କେବେ କ'ଣ ସତ ହୁଏ?''-ପଚାରିଥିଲା ସାଙ୍ଗଟିଏ ଆର ସାଙ୍ଗକୁ।

ସେ କହିଥିଲା- 'ହଁ, ସ୍ୱପ୍ନ କେବେକେବେ ସତ ହୁଏ।'

- 'ତୋର କେବେ ସତ ହେଇଚି?'

- 'ହଁ ହେଇଚି, ଏଇ ଅଳ୍ପ କିଛିଦିନ ତଳେ।'

- 'ଆଚ୍ଛା କହିଲୁ ଟିକେ ଶୁଣିବା ତୋ' ସ୍ୱପ୍ନ ସତ ହେବାର କଥା।'

- 'ସ୍କୁଲରେ ପାଠ ପଢୁଥିବାବେଳେ ଅନେକ ଥର ଚିତ୍ରହାରରେ ଦେଖିଥିଲି, ନାୟିକା ତା'ର ଘେରବାଲା ଫ୍ରକ୍‌ଟିକୁ ଖୁବ୍ ଜୋର୍‌ରେ ଉଡ଼େଇ ଦେଇ ଚକାଭଉଁରି ଖେଳିଲା ପରି ଘିର୍‌ଘିର୍ ଘୂରି ବୁଲୁଥାଏ, ଆଉ ସେତେବେଳେ ତା' ଉପରେ ଶୂନ୍ୟରୁ, ମାନେ ଆକାଶରୁ ଫୁଲବର୍ଷା ହୁଏ। କେବେକେବେ ଫୁଲ ପାଖୁଡ଼ାଗୁଡ଼ିକ ବି ବର୍ଷା ହୁଅନ୍ତି। ମୋ' ପିଲା ମନରେ ଏ ଦୃଶ୍ୟଟି ସବୁବେଳେ ରୋମାଞ୍ଚ ଭରୁଥିଲା। ମୁଁ ଭାବି ହେଉଥିଲି- 'ବାଃ, କେତେ ବଢ଼ିଆ ଲାଗୁଥିବ କାହା ଉପରେ ଫୁଲବର୍ଷା ହେଲାବେଳେ।'

- 'ଓହୋ! ତାହେଲେ ତୋର ଏ ସ୍ୱପ୍ନଟା ଏବେ ପୂରଣ ହେଲା କି, ସତ ହେଇଗଲା କି ତୋର ଏ ପିଲାଦିନର ସ୍ୱପ୍ନଟା?'

-'ହଁ, ମୋ' ଉପରେ ପ୍ରଚୁର ଫୁଲବର୍ଷା ହେଲା ଠିକ୍ ଚିତ୍ରହାରର ନାୟିକା ଉପରେ ଫୁଲବର୍ଷା ହେଲା ପରି, ଆଉ ମୋ' ମୁଣ୍ଡ ଉପରେ, କୋଳରେ, ଦେହରେ ଏ ଫୁଲଗୁଡ଼ାକ ବେଶ୍ କିଛି ସମୟ ପାଇଁ ଜଡ଼େଇ ହେଇ ରହିଲେ ବି!'

- 'ସତରେ, ହାଓ ରୋମାଣ୍ଟିକ୍, ପୂରା କଥାଟା କହ ତ!'

- ''ଏଇ ଗତ ମାସରେ ପରିବାର ସହ ଯାଇଥିଲି ମଲ୍ଲିକାର୍ଜୁନ ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବାକୁ ତେଲେଙ୍ଗାନା ରାଜ୍ୟର ଶ୍ରୀଶୈଳମ୍ ପୀଠକୁ। ଫେରନ୍ତାବାଟରେ ଅମରାବାଦ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଥିବା ତେଲେଙ୍ଗାନା ବନ ବିଭାଗର କଟେଜ୍‌ରେ ଦୁଇଦିନ ରହିଥିଲୁ। ସେଇ ରହଣିବେଳେ ଦିନେ ସକାଳୁ ମୋ' ପରିବାର ଚାଲିଯାଇଥିଲେ ପାଖ ପାହାଡ଼କୁ ଟ୍ରେକିଂ କରିବାକୁ। ମୁଁ କିନ୍ତୁ ସେମାନଙ୍କ ସହ ଯୋଗ ନ ଦେଇ ଆମ କଟେଜ୍ ଆଗରେ ଗୋଟେ ବିରାଟ ଗଛମୂଳରେ ଥିବା ଏକ ବେଶ୍ ବଡ଼ ଆକାରର ପଥର ଉପରେ ବସି ସକାଳର ସ୍ନିଗ୍ଧ ଶୀତଳ ପରିବେଶକୁ ଉପଭୋଗ କରୁଥାଏ। ଗଛର ଗଣ୍ଡିକୁ ଆଉଜି ନାନା ଜାତିର ଜଙ୍ଗଲିଆ ପକ୍ଷୀଙ୍କ ରାବକୁ ତନ୍ମୟ ହେଇ ଶୁଣୁଥାଏ। ଠିକ୍ ଏତିକିବେଳକୁ ମୋ' ଉପରେ ଫୁଲବର୍ଷା ହେଲା। ପାଖାପାଖି ପାଞ୍ଚ ମିନିଟ୍‌ଯାଏ ଅବାରିତ ଫୁଲବର୍ଷା। ମୁଁ ମୋ' ଆଞ୍ଜୁଳାକୁ ଆଗକୁ ଦେଖାଇ ଦେଲାରୁ ଆଞ୍ଜୁଳା ଭର୍ତ୍ତି ହେଇଗଲା ଫୁଲରେ। ମୋ' କୋଳ ଫୁଲରେ ଭର୍ତ୍ତି, ମୋ' ମୁଣ୍ଡ ଉପରେ ବି ଗୁଡ଼ାଏ ଫୁଲ। କହିବାକୁ ଗଲେ ମୁଁ କିଛି ସମୟ ପାଇଁ ଏକପ୍ରକାର ଫୁଲରେ ମଣ୍ଡି ହେଇଯାଇଥିଲି।''

- ''କିନ୍ତୁ ତୋ' ଉପରେ ଫୁଲବର୍ଷା କଲା କିଏ? ପୁଣି ଏତେ ଗୁଡ଼େ!''

- ''ସେଇ କଥା ଜାଣିବା ପାଇଁ ଫୁଲବର୍ଷା ଟିକେ ଥମିଯିବାରୁ ଉପରକୁ ଚାହିଁଲି। ଦେଖିଲି ଚାରି ପାଞ୍ଚଟା ପାତିମାଙ୍କଡ଼ ଫୁଲଭର୍ତ୍ତି ଗଛର ଡାଳଗୁଡ଼ାକୁ ଖୁବ୍ ଜୋର୍‌ରେ ନିଜନିଜ ଭିତରେ ପ୍ରତିଯୋଗିତା କଲାପରି ହଲାଇ ଚାଲିଛନ୍ତି। ଫଳସ୍ୱରୂପ ଗଛରୁ ଫୁଲଗୁଡ଼ିକ ବର୍ଷା ପରି ପଡୁଛନ୍ତି ମୋ' ଉପରେ। ଆଉ ସେ ଫୁଲବର୍ଷାରେ ଗାଧେଇ ସତ ହେଇଥିବା ମୋ' ସ୍ୱପ୍ନର ତରଙ୍ଗାୟିତ ମାଦକତା ଅନୁଭବ କରି ମୁଁ ଏକପ୍ରକାର ବିଭୋର ହେଇଯାଇଥିଲି।''

ଏଥର ସାଙ୍ଗଟି ଫିକ୍‌କିନା ହସିଦେଲା। ଏମିତି ହସୁହସୁ ତା' ଆଖି ଭରିଯାଇଥିଲା ଲୁହରେ। ଏବେ ପ୍ରଥମ ସାଙ୍ଗଟି ମନେମନେ ଖୁସି ହେଇଥିଲା- ଯାହା ହେଉ ଏତେ ଘଣ୍ଟାର କଥାବାର୍ତ୍ତା ପରେ କରୋନାରେ ସଦ୍ୟ ସ୍ୱାମୀହରା ତିନି ବର୍ଷର ଝିଅର ମା', ମୋ' ସାଙ୍ଗଟି ଟିକେ ହସିଲା।

ପ୍ରଥମ ସାଙ୍ଗଟି ପୁଣି ଆରମ୍ଭ କଲା- ''ତୋର ମନେଅଛି, ସ୍କୁଲ୍‌ବେଳେ ଆମ ଶ୍ରେଣୀରେ ତୁ' ଥିଲୁ ସବୁଠୁଁ ସାହସୀ। ଥରେ କେମିତି ଚତୁର୍ଥ ଶ୍ରେଣୀରେ ଗୋଟେ ବଡ଼ ହନୁମାଙ୍କଡ଼ ଆମ ଶ୍ରେଣୀ ଭିତରକୁ ପଶିଆସିଥିଲା। ସବୁ ପିଲା ତାକୁ ଦେଖି ଭୟରେ ରଡ଼ି ଛାଡ଼ିଥିଲେ, ତାକୁ କିନ୍ତୁ ତୁ ଏକା ଘଉଡ଼େଇ ଦେଇଥିଲୁ ବାହାରକୁ। ସବୁବେଳେ ସେଥିପାଇଁ କିଛି କଷ୍ଟ କାମ ଥିଲେ ତୁ' ଥାଉ ଆଗରେ, ଆଉ ପୂରା ଶ୍ରେଣୀଟାଯାକର ପିଲା ଥାଆନ୍ତି ତୋ' ପଛରେ।''

ଆଜି ବି ମୋର ଏଇ ସାଙ୍ଗ ମନରେ ଭରି ରହିଚି ଅସରନ୍ତି ସାହସ। ଜୀବନରେ ଅଚାନକ ଆସିଥିବା ଏ ଦୁର୍ଯୋଗକୁ ମୁକାବିଲା କରିବାକୁ, ନିଜେ ଆର୍ଥିକ ସ୍ତରରେ ନିର୍ଭରଶୀଳ ହେବାକୁ ମୋ' ସାଙ୍ଗ ଆଜି ବାହାରିଚି ବି.ଏଡ୍. ପାଠ ପଢ଼ିବାକୁ। ସାବାସ୍...। ଏତକ କହି ପ୍ରଥମ ସାଙ୍ଗଟି ଦ୍ୱିତୀୟ ସାଙ୍ଗର ପିଠିଥାପୁଡ଼ାଇ ଦେଇଥିଲା।

- 'ମୁଁ କ'ଣ ପାରିବି? ଏତେ ବର୍ଷର ବ୍ୟବଧାନରେ ପୁଣି ପାଠ ପଢ଼ିବି।'

ଶିଥିଳ ଅପରାହ୍ଣରେ ଗୋଟେ ଖୋଲା ପଡ଼ିଆରେ ବସି କଥା ହେଉଥିବା ଏଇ ଦୁଇ ସାଙ୍ଗଙ୍କ ଭିତରୁ ପ୍ରଥମ ସାଙ୍ଗଟି ତା' ହାତରେ ଦୂର ଦିଗ୍‌ବଳୟକୁ ଦେଖାଇ ଦେଇ କହିଥିଲା- ''ଦେଖ୍ ଆଗକୁ, ତୋ' ଦୃଷ୍ଟିକୁ ପ୍ରସାରିତ କର। ଯେଉଁଠି ତୋ' ଦୃଷ୍ଟି ସରୁଚି ସେଇଟା ହେଲା ଦିଗ୍‌ବଳୟ। ସେଠି ମିଶିଛି ଆକାଶ ପୃଥିବୀ ସହ। ମଣିଷର ଦୃଷ୍ଟି ଏକ ନିର୍ଦ୍ଦିଷ୍ଟ ସୀମାଯାଏ ପ୍ରସାରିତ ହେଇପାରେ। ତା'ପରେ ମଣିଷର ଦୃଷ୍ଟି ଆଉ ଦୃଶ୍ୟକୁ ଧରି ରଖିପାରେନା। ସର୍ବାଧିକ ପ୍ରସାରି ହେଇ ମଣିଷର ଦୃଷ୍ଟି ଯେଉଁଠି ସରେ, ସେଇଠି ଥାଏ ଦିଗ୍‌ବଳୟ, ସମ୍ଭାବନାରେ ଭରପୂର, ନ ହେଲେ କ'ଣ ସେଠି ପୃଥିବୀ ସହ ଆକାଶ ମିଶୁଥା'ନ୍ତା!

ମନରେ ସାହସ ବାନ୍ଧିତୁ, ପୂର୍ବ ପରି ପୁଣି ତୋ' ସଂସାରକୁ ନେଇ ସ୍ୱପ୍ନ ଦେଖ୍ ତୋ' ଅନ୍ତର୍ଦୃଷ୍ଟିକୁ ପ୍ରସାରିତ କରି ସବୁବେଳେ ଦିଗ୍‌ବଳୟ ଉପରେ ନିବଦ୍ଧ କର, ସମ୍ଭାବନାମାନଙ୍କୁ ସାଥୀ କର, ଦେଖିବୁ ତୋ' ସଂସାର ଏ ଦୁର୍ଯୋଗକୁ ପାର କରି ପୁଣି ଥରେ ଖିଲିଖିଲି ହେଇ ହସିଉଠିବ। ତୋ' ସଂସାରକୁ ନେଇ ତୁ ଦେଖିଥିବା ସ୍ୱପ୍ନ ସତ ବି ହେଇଯାଇପାରେ।

ପ୍ରଥମ ସାଙ୍ଗର କଥା ଛୁଇଁଥିଲା ଦ୍ୱିତୀୟ ସାଙ୍ଗଟିର ମନକୁ। ତା' ଆଖିରେ ଡଳଡଳ ହେଉଥିବା ଲୁହଗୁଡ଼ାକୁ ପୋଛି ପକାଇ ନିଜକୁ ସ୍ୱାଭାବିକ କରିବାକୁ ଯାଇ କହିଥିଲା- ''କ'ଣ ତୋ'ର ସ୍ୱପ୍ନ ପରି, ମାଙ୍କଡ଼ ଗଛ ଡାଳ ହଲାଇ ତୋ' ଉପରେ ଫୁଲବର୍ଷା କଲା ପରି!''

ଏଥର ଦୁଇ ସାଙ୍ଗ ହସି ଉଠିଥିଲେ ସଶବ୍ଦ ଅନ୍ତରଙ୍ଗତାର ହସ। ସେ ହସର ପ୍ରତିଧ୍ୱନି ସେଦିନ ନିଶ୍ଚୟ ଛୁଇଁଥିବ ଦିଗ୍‌ବଳୟର ସେ ସୀମାକୁ, ଯେଉଁଠି ଆକାଶ ଆଉ ପୃଥିବୀ ମିଶିଥିଲେ।

ମୋ: ୯୧୩୭୬୧୧୯୭୫୩

## କାଳକାଳକୁ

''ଅନୁଭବ ଓ ଆବେଗ ହେଉଛି ସାର୍ବଜନୀନ ଭାଷା, ମାନ୍ୟତାର ଯୋଗ୍ୟ। ଗଭୀରତମ ସ୍ଥିତିରେ ବ୍ୟକ୍ତିର ପ୍ରାମାଣିକ ପରିଚୟ।''

— ହେନ୍‌ରୀ ଲ'ସନ୍



**ହେନ୍‌ରୀ ଲ'ସନ୍‌ଙ୍କ** ଜନ୍ମ ୧୭ଜୁନ୍ ୧୮୬୭ରେ, ଅଷ୍ଟ୍ରେଲିଆର ଗ୍ରେନ୍‌ଫେଲ୍ ଠାରେ ଓ ପରଲୋକ ୨ ସେପ୍ଟେମ୍ବର ୧୯୨୨ରେ ଆବୋସ୍‌ଫୋର୍ଡରେ। ଉପନିବେଶୀୟ କାଳଖଣ୍ଡରେ ହେନ୍‌ରୀ ହେଉଛନ୍ତି ଅଷ୍ଟ୍ରେଲିଆର ବହୁ ପରିଚିତ କବି ଓ ଲେଖକ। ଅଷ୍ଟ୍ରେଲିଆର ସର୍ବପ୍ରଧାନ କଥାକାର ଭାବେ ତାଙ୍କୁ ଗଣାଯାଏ। ତାଙ୍କର ପ୍ରସିଦ୍ଧ ଗଳ୍ପ ମଧ୍ୟରେ 'ଦ ଡ୍ରୋଭର୍ସ ୱାଇଫ୍', 'ଦ ଲୋଡେଡ୍ ଡଗ୍' ଓ 'ଦ ବୁଶ୍ ଅଣ୍ଡରଟେକର' ଆଦି ପ୍ରଧାନ ଓ ବିଶିଷ୍ଟ କବିତାଗୁଡ଼ିକ ମଧ୍ୟରେ 'ଏ ଫାଣ୍ଟାସି ଅଫ୍ ୱାର୍', 'ଏ ଲିଟଲ୍ ମିଷ୍ଟେକ୍', 'ଏ ମେ ନାଇଟ୍ ଇନ୍ ଦ ମାଉଣ୍ଟେନ୍‌ସ' ଓ 'ଏ ମିକ୍ସଡ୍ ବ୍ୟାଟଲ୍ ସଙ୍ଗ୍' ଆଦି ପ୍ରମୁଖ। ପାଠାଗାର ସମ୍ପର୍କରେ ତାଙ୍କର ଧାରଣା ହେଲା- ''ଏହା ଏପରି ଏକ ଜାଗା, ଯେଉଁଠି ଜଣେ ତା'ର କୌମାର୍ଯ୍ୟକୁ ନ ହରାଇ ହରାଇପାରେ ତା'ର ସୌକୁମାର୍ଯ୍ୟ।''

## ପୁସ୍ତକ ପରିଚୟ

### ବୋଉ



**ସମ୍ପାଦନା:** କମଳ କୁମାର ମହାନ୍ତି
**ପ୍ରକାଶକ:** ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୯୫/-

'ବୋଉ'କୁ ନେଇ ପଞ୍ଚସ୍ତରି ଜଣ କବିଙ୍କ ରଚିତ କବିତାର ଏଇ ମନୋଜ୍ଞ ସଂକଳନଟି କବିତା ନିର୍ବାଚନ ଓ ପ୍ରକାଶନଗତ ସୌଷ୍ଠବ ପାଇଁ ବେଶ୍ ରୁଚିନିଷ୍ଠ ହୋଇଛି। ଅକ୍ଷରକ୍ରମରେ କବିମାନଙ୍କୁ ସମ୍ପାଦକ ସଜେଇଛନ୍ତି। ଅନ୍ନପୂର୍ଣ୍ଣା ମହାନ୍ତିଙ୍କଠୁଁ ଆରମ୍ଭ ହୋଇଛି ଓ ସରିଛି ହୃଷୀକେଶ ମଲ୍ଲିକଙ୍କଠାରେ। ମଝିରେ ବହୁ ପ୍ରବୀଣ ଓ ନବୀନ କବି- ଯହିଁରେ ସାମିଲ ଅନ୍ନପୂର୍ଣ୍ଣା ମହାନ୍ତି, ଅବଦୁଲ୍ ଓସିଦ୍ ଖାଁ, ଅମୀୟବାଳା ପଟ୍ଟନାୟକ, ଅଶୋକ ମହାନ୍ତି, ଅଶ୍ୱିନୀ କୁମାର ମିଶ୍ର, ଅକ୍ଷୟ ବେହେରା, ଆଶୁତୋଷ ପରିଡ଼ା, ଈପ୍‌ସିତା ଷଡ଼ଙ୍ଗୀ, ଉମାକାନ୍ତ ରାଉତ (ଅରୂପ), କମଳ କୁମାର ମହାନ୍ତି, ଗାୟତ୍ରୀବାଳା ପଣ୍ଡା, ଗିରିଜା କୁମାର ବଳିୟାରସିଂହ, ତୁହିନାଂଶୁ ରଥ, ପିନାକୀ ସିଂହ, ପୀତାମ୍ବର ତରାଇ, ପ୍ରବାସିନୀ ମହାକୁଡ଼, ପ୍ରହଲ୍ଲାଦ ଶତପଥୀ, ପ୍ରମୋଦ କୁମାର ମହାନ୍ତି, ବନଜ ଦେବୀ, ବାଦଲ ମହାନ୍ତି, ବୀଣାପାଣି ପଣ୍ଡା, ମମତା ଦାଶ, ମନୋରମା ବିଶ୍ୱାଳ ମହାପାତ୍ର, ରତ୍ନାକର ରାଉତ, ଶ୍ରୀନିବାସ ଉଦ୍‌ଗାତା, ସରୋଜ ବଳ, ସୀତାକାନ୍ତ ମହାପାତ୍ର, ସେନାପତି ପ୍ରଦ୍ୟୁମ୍ନ କେଶରୀ ଓ ସୌଭାଗ୍ୟବନ୍ତ ମହାରଣା ପ୍ରମୁଖ। ବହି ଖୋଲିଲେ 'ବୋଉ'କୁ ନେଇ ରୁଡ୍‌ୟାର୍ଡ କିପ୍‌ଲିଙ୍ଗ୍‌ଙ୍କ କାଳଜୟୀ ଉଲ୍ଲେଖ ଆଖିରେ ପଡ଼େ: ''God could not be everywhere and therefore he made mothers.'' ସମ୍ପାଦକଙ୍କ 'ବୋଉ କଥା' ଶୀର୍ଷକ ଆଦ୍ୟଲେଖ ବୋଉର ବର୍ତ୍ତମାନ ଓ ଅବର୍ତ୍ତମାନକୁ ଛୁଁଇହୁଏ। ଶେଷ ପୃଷ୍ଠାରେ ମେକ୍‌ସିମ୍ ଗର୍କିଙ୍କ ମନ୍ତବ୍ୟ 'ନିଜ ସନ୍ତାନସନ୍ତତିଙ୍କ ମାଧ୍ୟମରେ ବୋଉ ହିଁ ଭବିଷ୍ୟତକୁ ଜନ୍ମଦିଏ'ର ଭୁଲିହେବାର ନୁହେଁ। କବି କମଳଙ୍କର ବୋଉ-ଉଦ୍ୟମ ମହାକାଳର ସଂପୁଟରେ ମୁକ୍ତା ହୋଇ ରହିବ- ଏ ବିଶ୍ୱାସ ରଖିହୁଏ।

### ବଦଳୁଥିବା ଠିକଣା



**ଲେଖକ:** ମିହିର କୁମାର ସାହୁ
**ପ୍ରକାଶକ:** ଲେଖାଲେଖି, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୨୦୦/-

'ଠିକଣା ବଦଳୁଥାଏ' ଶୀର୍ଷକରେ ପ୍ରତିଭା ରାୟ ଲେଖିଛନ୍ତି: ''ବଦଳୁଥିବା ଠିକଣା ନାମକରଣଟି ଅତ୍ୟନ୍ତ ସୁନ୍ଦର। ସୂକ୍ଷ୍ମ ଭାବରେ ଚିନ୍ତା କଲେ ବୁଝିହେବ ଯେ ପ୍ରତିଦିନ ମଣିଷର ଠିକଣା ବଦଳୁଥାଏ। ବାସ୍ତବରେ ଜୀବନଟା ହେଉଛି ବଦଳୁଥିବା ଠିକଣା।'' ବହିଟିସାରା ମିହିର ଜୀବନର ଲୁହ ଓ ଲହୁ, ଦୁଃଖ ଓ ବିଷାଦ, ସ୍ମୃତି ଓ ସ୍ୱପ୍ନକୁ ସମ୍ପାଦିଛନ୍ତି ମନଘେନା ଭାଷାରେ। ଜନ୍ମରୁ ଆରମ୍ଭ ହୋଇ କ୍ରମେ ଗତିଶୀଳ ହୋଇଛି ମିହିରଙ୍କ ଜୀବନ-ଯାତ୍ରା। ମୋଟ ୨୪ଟି ଅଧ୍ୟାୟ- ପ୍ରଥମ ଅଧ୍ୟାୟର ଶୀର୍ଷକ 'ମହାଜନ ଘର' ଓ ଶେଷ ଅଧ୍ୟାୟର ଶୀର୍ଷକ 'ଅନ୍ନଦାଶଙ୍କର, ପୁଅ ଅମିତ୍ ଓ ବହି-ପାହାଡ଼ର ଉପହାର'। ଏଥିରେ ଥିବା 'ଜେଜେମା'ର ମୃତ୍ୟୁ', 'ଶ୍ରୀବଳଦେବଜୀଉ ମନ୍ଦିର ଆମ ଗାଁ ଇଚ୍ଛାପୁର', 'ବାପାମା'ଙ୍କ ସାହିତ୍ୟ ରୁଚି', 'ଶାନ୍ତିନିକେତନ ଯାତ୍ରା ଓ ମୋ' ପାଠପଢ଼ା', 'ପ୍ରଥମ ଗପ ବହି, ପ୍ରଥମ ପ୍ରେମିକା-ପତ୍ନୀ ଓ ବିଶ୍ୱଭାରତୀ ପ୍ରାକ୍ତନୀ' ଆଦି ପରିଚ୍ଛେଦଗୁଡ଼ିକ ପଢ଼ି ବସିଲେ ମନ ଛାଡ଼େନି। ଲେଖକ ଲେଖିଛନ୍ତି ବହିଟି ସହ ଅକାଳରେ ପରଲୋକଗତା ପତ୍ନୀ ମିଲିଙ୍କ ସଂଯୋଗର କଥା- 'ଉତ୍ସର୍ଗ' ତେଣୁ ପାଠିକାପାଠକଙ୍କ ମନରେ ଆରମ୍ଭରୁ ଏକ ହାହାକାର ଗଢ଼ିତୋଳେ, ଯେଉଁ ହାହାକାର ସକଳ ସୁଆଦ ସତ୍ତ୍ୱେ ଜୀବନର ନିରର୍ଥକତାର ସ୍ଥାୟୀ ହାହାକାର। ବହିଟିରେ ମିହିର ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କ ସହ ନିଜର ସମ୍ବନ୍ଧକୁ ଚାକ୍ଷୁଷ କରିବା ପାଇଁ କେତେକ ଫଟୋଚିତ୍ର ଦେଇଛନ୍ତି, ଯଦିଓ ସେଗୁଡ଼ିକ ଯୁଗରୁଚିକୁ ପ୍ରତିଫଳିତ କରନ୍ତି ନାହିଁ। 'ବଦଳୁଥିବା ଠିକଣା'ର ପ୍ରଥମ ଖଣ୍ଡ ଭିତରେ ମିହିର ଦ୍ୱିତୀୟ ଖଣ୍ଡଟି ପାଇଁ ଅନେକ ଶୋଷ ସାଇତି ଯାଇଛନ୍ତି।

## ବର୍ଷାରେ ସ୍ମୃତି

ରାଧାରାଣୀ ତ୍ରିପାଠୀ

**ଅ**ପରାହ୍ଣ ସମୟ। ସ୍ୱାମୀଙ୍କ ଅଫିସ୍‌ରୁ ଫେରିବା ସମୟ ଆହୁରି ବାକି। ଭଡ଼ାଘର ଝରକାର ରେଲିଂକୁ ଧରି ବଉଦଘେରା ଆକାଶକୁ ଚାହିଁଛନ୍ତି ନିବେଦିତା। ସନ୍ଧ୍ୟା ଚାରିଟାରେ ବି ଏଇନେ ସକାଳ ହେଲା ପରି ଦିଶୁଛି ପରିବେଶ। ଥମ୍‌ଥମ୍ ହେଉଛି ମେଘ। ଏଇନେ କାଟିଦେବ ପରା।

ହଠାତ୍ ଘଡ଼ଘଡ଼ି ସାଙ୍ଗକୁ ବିଜୁଳି ଚମକିଲା ପଶ୍ଚିମ ଆକାଶରେ। ଚାହୁଁ ଚାହୁଁ ଅଜାଡ଼ି ଦେଇଗଲା କିଛି ବରକୋଳିଆ ଟୋପା। ବର୍ଷାର ସ୍ପର୍ଶ ପାଇ ଦାଣ୍ଡଧୂଳିରୁ ବିଛାଡ଼ି ହୋଇ ପଡ଼ିଲା ଏକ ଚିହ୍ନା ଚିହ୍ନା ବାସ୍ନା। ମାଟି ମାଆର ମମତାବୋଳା ସୁଗନ୍ଧ। କି ଅମାୟିକ ସତରେ! ବିଭୋର ହୋଇଗଲେ ନିବେଦିତା। ବୟସର ଅପରାହ୍ଣରେ ବି କିଶୋରୀ କନ୍ୟା ପରି ପୁଲକି ଉଠିଲା ତାଙ୍କ ତନୁମନ।

ଧୀରେ ଧୀରେ ଚାଳିଶ ବର୍ଷ ପଛକୁ ଫେରି ଯାଉଥିଲେ ସେ। ଏଇମିତି ପହିଲି ବର୍ଷା ଆସିବା ଆଗରୁ ତାଙ୍କ ବାଡ଼ିପଟ ତଥା ଖଳାବାଡ଼ିରେ ବାପାଙ୍କ ସହିତ ମିଶି କୁନିକୁନି ଘାସଗଛ ସବୁ ବାଛି ଦେଉଥିଲେ ସେ। ଅସରାଏ ବର୍ଷା ହୋଇ ଛାଡ଼ିଯିବା ପରେ ଏଥର ଗାତ ଖୋଳିବା ପାଳି। ବାପା କୁନି କୋଦାଳଟିଏ ଧରି ଗାତ କରିବେ। ଆଉ ନିବେଦିତା ସେଇ ଗାତମାନଙ୍କରେ ଗୁଆଁର, ଝୁଡ଼ଙ୍ଗ, ବରଗୁଡ଼ି, ଶିମ୍ବ ଆଦି ମଞ୍ଜି ପକାଇ ମାଟି ଘୋଡ଼ାଇ ଚାଲିଥିବେ।

ଦିନେ ଦିନେ ବର୍ଷା ଟପ୍‌ଟପ୍ ବରଷିବା ଆରମ୍ଭ ହେଲେ ବାପା କହନ୍ତି ଗଲୁ ଗଲୁ ମାଆ ଛତା ନେଇଆସିବୁ। ନିଜେ ପଛେ ଗାମୁଛାକୁ ମୁଣ୍ଡରେ ଘୋଡ଼େଇ ହୋଇ ତିନ୍ତୁଥିବେ ଅଥଚ ଝିଅ ଦେହରେ ଟୋପାଏ ପାଣି ପଡ଼ିଲେ ସହି ପାରିବେନି। ନିବେଦିତା ବିଜୁଳି ବେଗରେ ଯାଇ ଘରୁ ଛତା ଆଣି ବାପାଙ୍କ ପଛପଟେ ଛିଡ଼ା ହୋଇଯିବେ। ଯଦି ବାପା କହୁଥିଲେ ''ଆଲୋ ମାଆ! ମଞ୍ଜି ପୋତିବୁନି କି? ଗାତରେ ପାଣି ଭରିଯାଉଛି ଯେ।''

ମନକଥା ମନରେ ଲୁଚାଇ ନିବେଦିତା ଗେହ୍ଲେଇ ହୋଇ କହନ୍ତି- 'ନା ବାପା! ତୁମେ ହିଁ ମଞ୍ଜି ପୋତ। ମୋ' ହାତ କାଦୁଅ ହୋଇଯିବ।' କିନ୍ତୁ କେଜାଣି କେମିତି ଯେ ବୁଝି ପାରନ୍ତି ବାପା। ନିର୍ମଳ ହସଖିଏ ଓଠରେ ଖେଳାଇ କହନ୍ତି, 'ବୁଝୁଛି ଲୋ ମାଆ ବୁଝୁଛି, ଝିଅର ହାତ କାଦୁଅ ହେବାକୁ ଡର ନାହିଁ ଯେ... ବାପା ତିନ୍ତିଯିବ ବୋଲି ଡର। ନୁହଁ?' ବାପାଙ୍କ ମୁହଁକୁ ଚାହିଁ ଫିକ୍‌କିନି ହସି ଦିଅନ୍ତି ନିବେଦିତା।

ହଠାତ୍ ନିଜ କାନ୍ଧ ଉପରେ ସ୍ୱାମୀଙ୍କ ସ୍ପର୍ଶ ପାଇ ପ୍ରକୃତିସ୍ଥ ହୋଇ ଲେଉଟି ଚାହିଁଲେ ସେ। ଏ ଯାବତ୍ ତାଙ୍କ ଓଠ କୋଣରୁ ହସର ଦାଗ ଲିଭି ନ ଥାଏ। ସ୍ୱାମୀ ପଚାରିଲେ, 'ସତ କହିବ ନିବି, ଏଇ ବର୍ଷା ତୁମକୁ କୁଆଡ଼େ ନେଇ ଯାଇଥିଲା?' ହସିଦେଲେ ନିବେଦିତା। ଆଖି ନଚାଇ କହିଲେ, 'ସ୍ମୃତି ରାଇଜକୁ। ବାପାଙ୍କ ପାଖକୁ।'

'ଓହୋ... ସେଇଥିପାଇଁ ନିବିରାଣୀଙ୍କ ଓଠରେ ଏଇ ଶୁଦ୍ଧ ସୁବର୍ଣ୍ଣ ହସ ଚେନାଏ ଝଲସିଉଠୁଛି!' ଚିଡ଼େଇବାକୁ ଯାଇ କହି ପକାଇଲେ ସ୍ୱାମୀ।

ମୋ: ୮୨୪୯୮୦୭୨୬୭



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁନ୍ ୧୧/୨୦୨୨ Bhubaneswar, Saturday, June 11/ 2022




# ଅଦିତି, ଶିବମ୍, ଆରୁଷୀ, ମନୀଷ ଚାମ୍ପିୟନ

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି):** ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟରେ ଅନୁଷ୍ଠିତ ରାଜ୍ୟ ୭ ଓ ୧୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଶେଷ ହୋଇଛି। ଏହାର ୭ ବର୍ଷରୁ କମ୍ ବାଳିକାରେ ଅଦିତି ମହାରଣା ଚାମ୍ପିୟନ ଓ ରତ୍ନପ୍ରଜ୍ଞା ମହାପାତ୍ର ରନର୍ସଅପ୍ ଏବଂ ବାଳକରେ ଶିବମ୍ ଶବତ ଚାମ୍ପିୟନ ଓ ପରଂବ୍ରହ୍ମ ରାଉତ ରନର୍ସଅପ୍ ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳିକାରେ ଆରୁଷୀ ଶ୍ରୀଚନ୍ଦନ ଚାମ୍ପିୟନ ଓ ସୁହାନା ଜେନା ରନର୍ସଅପ୍ ଏବଂ ବାଳକରେ ମନୀଷ କୁମାର ଚାମ୍ପିୟନ ଓ ସତ୍ୟମ ସରବଜିତ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ମୁଖ୍ୟ ଅତିଥି, ରାଜ୍ୟଗୋଷ୍ଠୀ ଚେସ୍ ମେଡାଲିଷ୍ଟ ଶୂନ୍ୟସକ୍ତା ଶତପଥି, ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟର ଡାଇରେକ୍ଟର (ଟ୍ରେନିଂ ଆଣ୍ଡ ପ୍ଲେସମେଣ୍ଟ) ଗଙ୍ଗାଧର ମିଶ୍ର, ଏଓସିଏ କୋଷାଧ୍ୟକ୍ଷ ଭବେଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ସ୍ୱତନ୍ତ୍ର କାରାଗାର ଅନ୍ତେବାସୀଙ୍କୁ ଚେସ୍ ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୦।୬ (କ୍ରୀଡ଼ା ପ୍ରତିନିଧି):** କଟକ ଚୌଦ୍ୱାରସ୍ଥିତ ମଣ୍ଡଳ କାରାଗାର ଓ ଭୁବନେଶ୍ୱରସ୍ଥିତ ଝାରପଡ଼ା ସ୍ୱତନ୍ତ୍ର କାରାଗାରର ଅନ୍ତେବାସୀଙ୍କୁ ଏକ ଦୁଇ ମାସିଆ ଗୁଣାତ୍ମକ ସ୍ୱତନ୍ତ୍ର ଚେସ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ଭାରତୀୟ ତୈଳନିଗମ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ୫୦ ଜଣ କାରାଗାର ଅନ୍ତେବାସୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ବ୍ୟକ୍ତି ଆସନ୍ତା ଅକ୍ଟୋବର ୧୩ ଓ ୧୪ ତାରିଖରେ ବିଶ୍ୱ ଚେସ୍ ମହାସଂଘ (ଫିଡେ) ଦ୍ୱାରା ହେବାକୁଥିବା ବିଶ୍ୱ ଅନ୍‌ଲାଇନ୍ ପ୍ରିଜନର୍ସ ଚେସ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ୨୫ ଅନ୍ତେବାସୀଙ୍କ ଉପସ୍ଥିତିରେ ଚୌଦ୍ୱାର ମଣ୍ଡଳ କାରାଗାରରେ ଜେଲ୍ ଅଧିକ୍ଷକ ପ୍ରଦୀପ୍ତ କୁମାର ବେହେରା ଓ କାରାଗାର ଜେଲର ବିଭେନ୍ଦ ଭୂୟାଁ ସକାଳେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିପରି ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଆଉ ୨୫ ଅନ୍ତେବାସୀଙ୍କ ଉପସ୍ଥିତିରେ କାରାଗାର ଅଧିକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ଗେମ୍ ଖେଳି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ଭାରତୀୟ ତୈଳ ନିଗମର ମୁଖ୍ୟ ମହାପ୍ରବନ୍ଧକ ଡି.ପି. ଶତପଥି, ବରିଷ୍ଠ କ୍ରୀଡ଼ା ଅଧିକାରୀ ମହୁଆ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ପ୍ରବନ୍ଧକ (ମାନବ ସମ୍ବଳ) ଏସ.କେ. ପାଣିଗ୍ରାହୀ ଓ ଏଲ୍. ଗୋପିକାଙ୍କ ସହଯୋଗରେ ଅନ୍ତର୍ଜାତୀୟ ଚେସ୍ ପ୍ରଶିକ୍ଷକ ସତ୍ୟରଞ୍ଜନ ପଟ୍ଟନାୟକ, ଏସ୍‌ଆର୍ ଚେସ୍‌ର ମୁଖ୍ୟ ପ୍ରଶିକ୍ଷକ ସତ୍ୟଜିତ ପଟ୍ଟନାୟକ, ବରିଷ୍ଠ କୋଚ୍ ସୁବାଷ ଚନ୍ଦ୍ର ଶତପଥି ଓ ଅନ୍ତର୍ଜାତୀୟ ରେଟେଡ ଖେଳାଳି ଓ କୋଚ୍ ଅବିନାଶ ଦାସ ପ୍ରଶିକ୍ଷାର୍ଥୀ ମାନଙ୍କୁ ଗୁଣାତ୍ମକ ଚେସ୍ ପ୍ରଶିକ୍ଷଣ ଦେଇଥିଲେ।

# ମନୋଜ ତିୱାରୀଙ୍କ ବିରଳ ରେକର୍ଡ

**ବେଙ୍ଗାଲୁରୁ, ୧୦।୬ (ପି.ଟି.)**

ମନୋଜ ତିୱାରୀ ଶୁକ୍ରବାର ଯେଉଁ ସଫଳତା ହାସଲ କରିଛନ୍ତି ତାହା ରଣଜୀ ଟ୍ରଫି କ୍ରିକେଟର ୮୮ବର୍ଷ ଇତିହାସରେ ପ୍ରଥମ। ଏକ ରାଜ୍ୟ ସରକାରରେ ଜଣେ ମନ୍ତ୍ରୀ ଥାଇ ସେ ଶତକ ହାସଲ କରିପାରିଛନ୍ତି। ଝାଡ଼ଖଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲର ୫ମ ଦିବସ ଖେଳରେ ସେ ୧୩୬ ରନ ସହ ଅପରାଜିତ ରହି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମ୍ୟାଚ୍ ଡ୍ର ରହିବାରୁ ବେଙ୍ଗଲ ପ୍ରଥମ ଇନିଂସରେ ବିପୁଳ ଅଗ୍ରଣୀ ଭିତ୍ତିରେ ସେମିଫାଇନାଲରେ ପ୍ରବେଶ କରିଛି। ତିୱାରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାରରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ରହିଛନ୍ତି। ଖେଳ ବେଳେ ସମୟ ସୁବିଧା ଦେଖି ସେ ନିଜ ନିର୍ବାଚନମଣ୍ଡଳୀ ସମ୍ପର୍କିତ ଫାଇଲରେ ସ୍ୱାକ୍ଷର କରନ୍ତି। ସେ ୧୯ ଚୌକା ଓ ୨ ଛକା ଲଗାଇଛନ୍ତି। ବେଙ୍ଗଲର ଏହି ୩୬ ବର୍ଷୀୟ ଖେଳାଳି ମ୍ୟାଚର ପ୍ରଥମ ଇନିଂସରେ ମଧ୍ୟ ୭୩ ରନ କରିଥିଲେ। ବେଙ୍ଗଲ ସେମିଫାଇନାଲରେ ମଧ୍ୟପ୍ରଦେଶକୁ ଭେଟିବ। ଅନ୍ୟ ସେମିଫାଇନାଲ ମ୍ୟାଚ ମୁମ୍ବାଇ ଓ ଉତ୍ତର ପ୍ରଦେଶ ମଧ୍ୟରେ ହେବ। ଉଭୟ ମ୍ୟାଚ ଜୁନ୍ ୧୪ରେ ବେଙ୍ଗାଲୁରୁଠାରେ ଖେଳାଯିବ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଜମି ଠକେଇ ମାମଲାରେ ୨ କୋର୍ଟ ଚାଲାଣ

**ଗୋପାଳପୁର,୧୦।୬(ଡି.ଏନ୍.ଏ.):** ଜଣେ ମହିଳାଙ୍କ ଜମିର ଡକ୍ୟୁମେଣ୍ଟ ନକଲ କରି ବିକ୍ରି କରିବା ଅଭିଯୋଗରେ ଗୋପାଳପୁର ପୋଲିସ ଶୁକ୍ରବାର ଦୁଇଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଚମାଖଣ୍ଡି ଥାନା ଅଧୀନ ଡିଫେନ୍ସ କଲୋନୀର ମନୋଜ କୁମାର ମହାନ୍ତି ଓ ସନ୍ତୋଷ କୁମାର ଦାଶ। ଭୁବନେଶ୍ୱର ଲିଙ୍ଗରାଜ ନଗରର ରୀତାଞ୍ଜଳି ସାମନ୍ତରାୟଙ୍କ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ଆମ୍ଭପୁଆ ମୌଜାର ଖାତା ନଂ.୪୪୨/୨୦୭୮ ଜମିକୁ ବିକ୍ରି କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୧୦୭/୨୨ରେ ଠକେଇ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ପୋଲିସ କହିବାନୁସାରେ, ୨୩.୯.୨୦୧୯ରେ ରୀତାଞ୍ଜଳି ସାମନ୍ତରାୟଙ୍କ ନାମରେ ଥିବା ଏକ ପ୍ଲଟ୍‌ର ଡକ୍ୟୁମେଣ୍ଟ ନକଲ କରି ବ୍ରହ୍ମପୁର ସବ୍‌ରେଜିଷ୍ଟ୍ରାର-୨ କାର୍ଯ୍ୟାଳୟରେ ସଦର ଥାନା ଅନ୍ତର୍ଗତ ଅନନ୍ତେଇ ଗ୍ରାମର ଟୁନି ପାତ୍ରଙ୍କୁ ଠିଆ କରାଇ ମନୋଜ ଓ ସନ୍ତୋଷ ଦୁଇଜଣ ସାକ୍ଷୀଙ୍କ ଉପସ୍ଥିତିରେ ବିକ୍ରି କରି ଦେଇଥିଲେ। ପୁଣି ଉକ୍ତ ଜମିକୁ ୧୭.୩.୨୦୨୦ରେ ମନୋଜ ଓ ସନ୍ତୋଷ ୭୦ ଲକ୍ଷ ଟଙ୍କାରେ ବୁଗୁଡ଼ା ଅଞ୍ଚଳର ମନୋଜ କୁମାର ସାହୁଙ୍କୁ ବିକ୍ରି କରିଥିଲେ। ପରେ ମନୋଜ ଉକ୍ତ ଜମିରେ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିଥିଲେ। ଜମିର ମୂଳ ମାଲିକ ରୀତାଞ୍ଜଳି ଜମି ବିକ୍ରି ହୋଇଥିବା ସମ୍ପର୍କରେ ଜାଣିବା ପରେ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ମନୋଜ ଓ ସନ୍ତୋଷଙ୍କୁ କାବୁ କରିବା ସହ ସେଲ୍‌ଡିଡ୍, ଆଧାର କାର୍ଡ, ଭୋଟର କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରି ଅପରାହ୍ନରେ ଉଭୟଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ତଦନ୍ତରେ ଜାଣିବାକୁ ପାଇଛି ଯେ, ସବ୍‌ରେଜିଷ୍ଟ୍ରାର-୨ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେଜଣ କର୍ମଚାରୀ ଏଥିରେ ସମ୍ପୃକ୍ତି ରହିଥିବା ସନ୍ଦେହ କରୁଛି। ଗତ କିଛିଦିନ ହେଲା ବ୍ରହ୍ମପୁର ଓ ଗୋଳନ୍ଥରା ଅଞ୍ଚଳରେ ଏଭଳି ଜମି ଠକେଇ ଘଟଣା ବଢ଼ି ଚାଲିଥିବା ବେଳେ ଉକ୍ତ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଜରିଆରେ ଠକେଇ କାର୍ଯ୍ୟ ଚାଲିଥିବା ଅଭିଯୋଗ ଉଠୁଛି।

### ଭାଗ ନେଲେ ମହାରାଷ୍ଟ୍ର ଦକ୍ଷତା ବିକାଶ ସଚିବ ଓ ନିର୍ଦ୍ଦେଶକ



କାର୍ଯ୍ୟକ୍ରମରେ ଉପସ୍ଥିତ ଆଇଟିଆଇ ଅଧକ୍ଷ।

### ଦକ୍ଷତାର ମୂଳମନ୍ତ୍ର ଶିକ୍ଷା ଦେଲେ ଆଇଟିଆଇ ଅଧକ୍ଷ

**ବ୍ରହ୍ମପୁର ଅଫିସ,୧୦।୬:** ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ଶୁକ୍ରବାର ବର୍ଜ୍ୟବସ୍ତୁରୁ କିଭଳି ବିଭିନ୍ନ ଉପାଦେୟତା ସାମଗ୍ରୀ ପ୍ରସ୍ତୁତ ହୋଇପାରୁଛି ସେ ନେଇ ଏକ ଶିକ୍ଷଣୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅନ୍‌ଲାଇନ ମାଧ୍ୟମରେ ମହାରାଷ୍ଟ୍ରର ଦକ୍ଷତା ବିକାଶ ବିଭାଗକୁ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ସାମଗ୍ରୀଗୁଡ଼ିକ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଆଇଟିଆଇ ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ଦକ୍ଷତା ବିକାଶର ବିଭିନ୍ନ ସୋପାନ ସମ୍ପର୍କରେ କହିଥିଲେ। ଆଇଟିଆଇ କିପରି ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ ସହ ନିଯୁକ୍ତି, ଆତ୍ମନିର୍ଭରଶୀଳ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ସେ ସମ୍ପର୍କରେ ଅଧକ୍ଷ ସୂଚନା ଦେଇଥିଲେ। ବର୍ଜ୍ୟବସ୍ତୁରୁ ବିଭିନ୍ନ ଉପାଦାନକାରୀ ସାମଗ୍ରୀ ପ୍ରସ୍ତୁତ ଓ ନଷ୍ଟରୁ ଶ୍ରେଷ୍ଠ ମାଧ୍ୟମରେ ବର୍ଜ୍ୟବସ୍ତୁରୁ କିପରି ଆଇଟିଆଇରେ କଳାକୃତିଗୁଡ଼ିକୁ ନିର୍ମାଣ କରାଯାଇଛି ସେ ସମ୍ପର୍କରେ ଅଧକ୍ଷ ସୂଚନା ଦେଇଥିଲେ। ନିର୍ମିତ ହୋଇଥିବା ସ୍କ୍ରାପ୍ କଳାକୃତିକୁ ମହାରାଷ୍ଟ୍ରର ଦକ୍ଷତା ବିକାଶ ବିଭାଗ ପକ୍ଷରୁ ପ୍ରଶଂସା କରାଯାଇଥିଲା। ଏଥିସହ ଆଇଟିଆଇ ଅଧକ୍ଷଙ୍କୁ ସ୍କ୍ରାପ୍ ମ୍ୟାନ ବୋଲି ଆଖ୍ୟା ଦେଇଥିଲେ। ଏଥିରେ ମହାରାଷ୍ଟ୍ର ଦକ୍ଷତା ବିକାଶ ସଚିବ ଓ ନିର୍ଦ୍ଦେଶକଙ୍କ ସମେତ ବହୁ ସରକାରୀ ଆଇଟିଆଇର ଅଧକ୍ଷମାନେ ମଧ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ୨୦୨୧ ନଭେମ୍ବର ୧୬ରେ ମହାରାଷ୍ଟ୍ର ଆଇଟିଆଇର ଏକ ଟିମ୍ ବ୍ରହ୍ମପୁର ଆଇଟିଆଇକୁ ପରିଦର୍ଶନରେ ଆସିଥିଲେ।

# ବିଦ୍ୟୁତ୍ ବିଭାଗ କିରାଣିଙ୍କ ଦାଦାଗିରି ନେଇ ପ୍ରତିବାଦ

**ନୟାଗଡ ଅଫିସ,୧୦।୬**


ଖବରଦାତା ସମ୍ମିଳନୀରେ ଠିକାଦାରମାନେ।

- ଠିକାଦାର ସଂଘ କଲା ଖବରଦାତା ସମ୍ମିଳନୀ
- ମିଥ୍ୟା ଅଭିଯୋଗ କରି ବଦନାମ କରୁଛନ୍ତି: କିରାଣି

ନୟାଗଡ ବିଦ୍ୟୁତ୍ ଡିଭିଜନରେ କାର୍ଯ୍ୟରତ ଅଫିସ ଆସିଷ୍ଟାଣ୍ଟ ଗ୍ରେଡ ୩ କର୍ମଚାରୀ (କିରାଣି)ଙ୍କ ନାମରେ ଠିକାଦାର ସଂଘ ବିଭିନ୍ନ ପ୍ରକାରର ଅଭିଯୋଗ ଆଣି ଶୁକ୍ରବାର ଖବରଦାତା ସମ୍ମିଳନୀ ନୟାଗଡ କେସି କ୍ଲବଠାରେ କରିଛି। ଠିକାଦାର ସଂଘ ପକ୍ଷରୁ ସମ୍ମିଳନୀ ପରେ ବିଦ୍ୟୁତ୍ ଅଫିସ କିରାଣି ଅଶ୍ୱିନୀ କୁମାର ପତଙ୍ଗଙ୍କ ଶୁକ୍ରବାର ବଦଳି ହୋଇଥିବା ଜଣାପଡ଼ିଛି। ଠିକାଦାର ସଂଘର ଜିଲା ସଭାପତି ପ୍ରସନ୍ନ କୁମାର ନାୟକ ଓ ସମ୍ପାଦକ ମାଧବ ଚନ୍ଦ୍ର ସାହୁ ସମ୍ମିଳନୀର ସୂଚନା ଅନୁସାରେ, କିରାଣି ପତଙ୍ଗ ବିନା ହାତଗୁଞ୍ଜାରେ ଫାଇଲ ଆଗକୁ କରନ୍ତି ନାହିଁ। ବିଦ୍ୟୁତ୍ ବିଭାଗର ଜଣେ ମ୍ୟାନେଜର ସମ୍ପୃକ୍ତ ଅଫିସ କିରାଣିଙ୍କ ଦ୍ୱାରା ଲାଞ୍ଚ ସଂଗ୍ରହ କରନ୍ତି। ଏ ନେଇ ଅଭିଯୋଗ କରିବାକୁ ଗତ ମେ ୨୭ରେ ଠିକାଦାର ସଂଘ ପକ୍ଷରୁ ରାଜେନ୍ଦ୍ର କୁମାର ଦାଶ, ମାନସ ରଞ୍ଜନ ଦାସ, ପ୍ରଭାତ କୁମାର ପ୍ରଧାନ, ସଞ୍ଜୟ କୁମାର ବାଡତିଆ ଯାଇଥିଲେ। ମ୍ୟାନେଜରଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ କିରାଣି ପତଙ୍ଗ ସେଠାରେ ଉପସ୍ଥିତ ଥାଇ ଠିକାଦାର ପ୍ରଭାତ କୁମାର ପ୍ରଧାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ମାଡ ମାରିବାକୁ ହାତ ଉଠେଇ ଥିଲେ। ଏ ନେଇ ଠିକାଦାର ସଂଘ ପକ୍ଷରୁ ଭୁବନେଶ୍ୱର କର୍ପୋରେଟ ଅଫିସର ସିଇଓ, ନୟାଗଡ଼ ବିଦ୍ୟୁତ୍ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା।

ଏ ସମ୍ପର୍କରେ ସର୍କଲ ଅଫିସର ଜାଣିବା ପରେ ଘଟଣାର ୫ ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ ଠିକାଦାର ସଂଘର ଦାବି ରହିଛି କିରାଣି ପତଙ୍ଗଙ୍କ ଅନିୟମିତତା ଓ ଖରାପ ବ୍ୟବହାର ଘଟଣାର ତଦନ୍ତ କରାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେଉ। ଠିକାଦାରମାନେ ତୁରନ୍ତ ନ୍ୟାୟ ପାଆନ୍ତୁ। ଏ ନେଇ ନୟାଗଡ ବିଦ୍ୟୁତ୍ ଡିଭିଜନର ଅଫିସ କିରାଣି ଅଶ୍ୱିନୀ କୁମାର ପତଙ୍ଗଙ୍କୁ ପଚାରିବାରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ଏମ୍ପ୍ଲଇଜ ୟୁନିୟନର ଶାଖା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲି। ଆମର ଡିଭିଜନ ଅଫିସକୁ ମେ ୨୭ରେ ପ୍ରଭାତ କୁମାର ପ୍ରଧାନଙ୍କ ସମେତ କେତେଜଣ ଲୋକ ଆସିଥିଲେ ହେଁ ମୁଁ ଜାଣି ନ ଥିଲି। ତେବେ ସେହି ତାରିଖ ସନ୍ଧ୍ୟାରେ କାର୍ଯ୍ୟାଳୟ ବନ୍ଦ ପରେ ମୁଁ ବାହାରେ ଘରକୁ ଯିବାକୁ ଅପେକ୍ଷା କରିଥିଲି। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ହେବ ପ୍ରଭାତ ନାମକ ଜଣେ ବ୍ୟକ୍ତି ନିଜକୁ ଠିକାଦାର ପରିଚୟ ଦେଇ ମୋ ସହ ଦେଖା ହେଲେ। ମୋ ପାଖରେ ଜଣେ ଲାଇନ୍‌ମ୍ୟାନ ରାଜ କିଶୋର ପାଣିଗ୍ରାହୀ ଥିଲେ। ଏପରି ସମୟରେ ପ୍ରଭାତ ଅଫିସ ଖୋଲି ତାଙ୍କ କାମ କରିବାକୁ ଅନୁରୋଧ କରିଥିଲେ। ମନା କରିବାରୁ ସେ ମୋତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକ ଚମକ ଦେଇଥିଲେ। ସେ ସମୟରେ ତାଙ୍କ ସହ କିଛି ଅଜଣା ଲୋକ ଥିଲେ। ସେହିଦିନ ଘଟଣାକୁ ସମାଧାନ କରିବାକୁ ମୋତେ କୁହାଯାଇଥିଲା। କିନ୍ତୁ ପରେ ମୋ ନାଁରେ ମିଥ୍ୟା ଆରୋପ ଲଗାଇ ମୋତେ ଫସାଇ ଦେବାକୁ ଚେଷ୍ଟା କରାଯାଇଛି। କେଉଁ ମୁଁ ଥରେ ସମ୍ପୃକ୍ତି ନ ଥାଇ ମୋତେ ଅଯଥାରେ ବଦନାମ କରାଯାଉଛି। ଏପରି କି ଅଯଥାରେ ଦୋଷ ଦେଇ ଡିଭିଜନ ସମ୍ପାଦକ ପଦବୀରୁ କାଢ଼ି ସାରିଛନ୍ତି। ପୁଣି ନୟାଗଡ଼ରୁ ଦଶପଲ୍ଲା ବଦଳି କରାଯାଇଛି। ମୋତେ ଡିଭିଜନ ସମ୍ପାଦକ ପଦବୀରୁ ହଟାଇବାକୁ କେତେଜଣ ଠିକାଦାରଙ୍କୁ ଆମ ସଂଘର ଜଣେ କର୍ମକର୍ତ୍ତା ହାତବାରିସି କରି ଲଗାଇ ସଫଳ ହୋଇଛନ୍ତି। ଠିକ୍‌ରେ ମୁଁ ଥିବାରୁ ସବୁ ପ୍ରକାରର ତଦନ୍ତକୁ ସାମନା କରିବି। ମୋ ପାଖରେ କିଛି ପ୍ରମାଣ ରହିଛି ଯାହାକୁ ଗଣମାଧ୍ୟମକୁ ଖୁବ୍‌ଶୀଘ୍ର ଅବଗତ କରାଇବି ବୋଲି ସେ କହିଛନ୍ତି।

## ୫-ଟି ସଚିବଙ୍କୁ ଭେଟିଲେ ବ୍ଲକ ଅଧକ୍ଷା, ଉପାଧକ୍ଷ

**ରାୟଗଡ଼ା (ଗଜପତି), ୧୦।୬ (ଡି.ଏନ୍.ଏ.)**

ରାୟଗଡ଼ ବ୍ଲକର ଅଧକ୍ଷା ପୂର୍ଣ୍ଣବାସୀ ନାୟକ ଓ ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି ଶୁକ୍ରବାର ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଭେଟିଛନ୍ତି। ପଞ୍ଚାୟତ ସମିତିର ଦାୟିତ୍ୱ ନେଲା ପରେ ନବୀନ ନିବାସକୁ ଯାଇ ସେଠାରେ ସାକ୍ଷାତ କରି ବ୍ଲକର ଉନ୍ନତୀକରଣ ଦିଗରେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ସଚିବ ବ୍ଲକର ଉନ୍ନତି କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ନିର୍ମାଣାଧୀନ ୫-ଟି ସ୍କୁଲ କାର୍ଯ୍ୟକୁ ସହଯୋଗ ଏବଂ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ରାୟଗଡ଼ ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ ୫-ଟି ଜରିଆରେ ରୂପାନ୍ତରଣ କରାଯିବ ଏବଂ ଉକ୍ତ କାର୍ଯ୍ୟକୁ ତଦାରଖ କରି ନିର୍ଦ୍ଦିଷ୍ଟ ସମୟସୀମା ମଧରେ କରିବାକୁ କହିଥିଲେ।

## ଚୋର ସନ୍ଦେହରେ ଭିନ୍ନକ୍ଷମଙ୍କୁ ଖୁଣ୍ଟରେ ବାନ୍ଧିଲେ

**ବ୍ରହ୍ମପୁର ଅଫିସ,୧୦।୬**

ଗଞ୍ଜାମ ଜିଲା ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶରଧାବାଲି ଅଞ୍ଚଳରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ରାସ୍ତାରେ ଥିବା ଏକ ଖୁଣ୍ଟରେ ବାନ୍ଧିଥିବା ଦେଖିବାକୁ ମିଳିଛି। ସତେଯେମିତି ସମାଜରୁ ମାନବିକତା ହଜିଯାଇଛି। ଖବର ପାଇ ବୈଦ୍ୟନାଥପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛି। ପରେ ମେଡିକାଲରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନିଜ ନାମ ଓ ଠିକଣା ଜଣାପଡ଼ି ନ ଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ଭୋର ସମୟରେ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଘୂରି ବୁଲୁଥିବା ଦେଖି ସେ ଚୋରି କରିଥିବା ସନ୍ଦେହରେ ତାଙ୍କୁ ସ୍ଥାନୀୟ ଲୋକେ ହାତକୁ ଏକ ଖୁଣ୍ଟରେ ଦଉଡିରେ ବାନ୍ଧି ରଖିଥିବା ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା। ବୈଦ୍ୟନାଥପୁର ଥାନା ପୋଲିସ ସେଠାରେ ପହଞ୍ଚି ହାତ ବନ୍ଧା ଅବସ୍ଥାରେ ଠିଆ ହୋଇଥିବା ଭିନ୍ନକ୍ଷମଙ୍କୁ ସେଠାରୁ ଉଦ୍ଧାର କରିଥିଲା। ଅନ୍ୟପକ୍ଷରେ କିଛି ସ୍ଥାନୀୟ ଲୋକ କହିବା ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଶୁକ୍ରବାର ଭୋରରେ ଜଣେ ବ୍ୟକ୍ତି ସାଇକେଲ ରଖି ଫୁଲ ତୋଳୁଥିବା ବେଳେ ସେ ଉକ୍ତ ସାଇକେଲ ନେଇ ପଳାଇ ଥିଲେ। ଏହା ପରେ ଉକ୍ତ ସାଇକେଲ ମାଲିକ ତାଙ୍କୁ କାବୁ କରିବା ସହ ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପୋଲିସ ସମ୍ପୃକ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପରେ ତାଙ୍କର ଜଣେ ସମ୍ପର୍କୀୟ ଖବର ପାଇ ଥାନାରେ ପହଞ୍ଚି ତାଙ୍କୁ ନେଇଯାଇଥିବା ଥାନା ଅଧିକାରୀ ରାମ କୁମାର ମୁର୍ମୁ କହିଛନ୍ତି। ତେବେ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ହାତ ବାନ୍ଧିବା କେତେଦୂର ଠିକ୍ ଓ ଉକ୍ତ ସାଇକେଲ ମାଲିକ କିଏ ସେ ନେଇ ପୋଲିସ ତଦନ୍ତ କରୁଥିବା କହିଛି।

# ପ୍ରଥମ ଜନ ଆରୋଗ୍ୟ ସମିତି ବୈଠକ

**ଖଣ୍ଡପଡ଼ା,୧୦।୬( ସ୍ୱ.ପ୍ର.)**


ବୈଠକରେ ଯୋଗ ଦେବାକୁ ଆସିଥିବା ଲୋକମାନେ।

ଖଣ୍ଡପଡ଼ା ବ୍ଲକ ନୂଆଗଡ଼ିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିସରରେ ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରଥମ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିୟମ ଅନୁସାରେ, କଣ୍ଟିଲୋ ଜୋନ୍‌ର ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା ଅଧକ୍ଷା ଭାବେ ମନୋନୀତ ହୋଇ ସଭାକୁ ପରିଚାଳନା କରିଥିଲେ। କୋଭିଡ୍ କଟକଣା ଯୋଗୁ ବିଗତ ୨ବର୍ଷ ହେଲା ସମିତି ବୈଠକ ହୋଇପାରି ନ ଥିଲା। ଗତ ପଞ୍ଚାୟତ ନିର୍ବାଚନ ପରେ ଏହି କମିଟିର ସଭ୍ୟ ଭାବେ କଣ୍ଟିଲୋ, ବଡ଼ବାଣପୁର, ସିଧାମୂଳା ଓ ବେଣକ୍ଷଗାଡ଼ିଆ ପଞ୍ଚାୟତର ସରପଞ୍ଚମାନଙ୍କୁ ଗ୍ରହଣ କରାଯାଇଛି। ଜିଲା ପରିଷଦଙ୍କ ନୋମିନୀ ଭାବେ ଅଖିଳ କୁମାର ମହାରଣାଙ୍କୁ ରଖାଯାଇଛି। ଏହି କମିଟିର ଆବାହକ ଭାବରେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମାନସ କୁମାର ସାହୁ ରହିଛନ୍ତି। ଏହି ଅବସରରେ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଅଧିକାରୀ ଡା. ଅଭିସାର ପଣ୍ଡା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକ ସରଞ୍ଜାମ କ୍ରୟ କରିବା ସହ ଜନସାଧାରଣଙ୍କ ସୁବିଧା ପାଇଁ ସିସିଟିଭି ଲଗାଇବା, ଆମ୍ବୁଲାନ୍ସର ବ୍ୟବସ୍ଥା କରିବା, ରୋଗୀଙ୍କ ପାଇଁ ହୋମିଓପାଥିକ ଔଷଧ କ୍ରୟ କରିବା ଓ ପାଥୋଲୋଜି ବିଭାଗ ପାଇଁ ଆବଶ୍ୟକ ସରଞ୍ଜାମ କିଣିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଅଖିଳ କୁମାର ମହାରଣା, ଡ. ଏଲୋରା ଦାସ, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା ଓ ବଡ଼ବାଣପୁର ସରପଞ୍ଚ ପ୍ରତିମା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଥମେ ସମିତିର ଆବାହକ ସାହୁ ନବନିର୍ବାଚିତ ଜିଲା ପରିଷଦ ସଭ୍ୟା ମହାରଣାଙ୍କୁ ସ୍ୱାଗତ କରିବା ପରେ ଦିବଂଗତ ଡା. ସ୍ୱର୍ଗତ ସୁରେନ୍ଦ୍ରନାଥ ଷଡ଼ଙ୍ଗୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଶ୍ରୀମହାବୀର ଜୀଉଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା

**ଓଡ଼ଗାଁ,୧୦।୬ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁଠାରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠସ୍ଥଳ ତଥା ସହର ଉପକଣ୍ଠରେ ଗୁରୁବାର ଶ୍ରୀମହାବୀର ମନ୍ଦିର ପ୍ରତିଷ୍ଠା ହୋଇଛି। ଫଳରେ ଲଡୁବାବା, ଶ୍ରୀରଘୁନାଥଜୀଉ ଓ ବାବା ଦୃତିକେଶ୍ୱର ମହାଦେବଙ୍କ ପୀଠ ସହ ଅଧ୍ୟାତ୍ମିକ କ୍ଷେତ୍ରରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଯାଇଛି। ଜଗତକଲ୍ୟାଣ ଉଦ୍ଦେଶ୍ୟରେ ଡା. ଯୁଗଳ କିଶୋର ମହାପାତ୍ର ଓ ମହାବୀର ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ୩ଦିନ ବ୍ୟାପୀ ଶ୍ରୀମହାବୀର ଜୀଉଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅନୁସାରେ ମଙ୍ଗଳବାର ଶୁଭ ଅଙ୍କୁରୋପଣ ଓ ବିଗ୍ରହଙ୍କୁ ଧାନ୍ୟଗାର, ବୁଧବାର କଳସଯାତ୍ରା, ଦେବତା ଓ ବ୍ରାହ୍ମଣ ବରଣ, ଶ୍ରୀମହାବୀର ଜୀଉଙ୍କ ଜନ୍ମ ବିଧାନ, ସ୍ନାନ ଓ ଅଗ୍ନି ସ୍ଥାପନ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସୂର୍ଯ୍ୟପୂଜା, ଶ୍ରୀଜୀଉଙ୍କ ପ୍ରାଣ ପ୍ରତିଷ୍ଠା, ମନ୍ଦିର ପ୍ରତିଷ୍ଠା ସହ ଷୋଡ଼ଶ ଉପଚାର ପୂଜା କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ପଣି ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାର ପୂଜା, କଳସ ଧ୍ୱଜ ସ୍ଥାପନ ଶ୍ରୀଜୀଉଙ୍କ ସିଂହାସନ ବିଜେ ସହ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ପ୍ରତ୍ୟହଃ ସକାଳ ସନ୍ଧ୍ୟାରେ ଜ୍ଞାନଯଜ୍ଞ, ଅଖଣ୍ଡ ହନୁମାନ ଚାଳିଶା ଓ ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ପ୍ରତିଷ୍ଠାତା ଡା. ମହାପାତ୍ର ସସ୍ତ୍ରୀକ କର୍ତ୍ତା ଓ ପଣ୍ଡିତ ସତ୍ୟନାରାୟଣ ଷଡଙ୍ଗୀ ମୁଖ୍ୟ ପୁରୋଧା ତଥା ପୁସ୍ତକ ଆଚାର୍ଯ୍ୟ ଭାବେ ଯଜ୍ଞାଦି କାର୍ଯ୍ୟ ପରିଚାଳନା କରିଥିଲେ। ତାଙ୍କୁ ଦୁର୍ଗା ମାଧବ ଷଡଙ୍ଗୀ, ପଣ୍ଡିତ ଶାନ୍ତନୁ କୁମାର ଦାଶ, ଦିଗମ୍ବର ଷଡଙ୍ଗୀ, ଦିବାକର ପ୍ରହରାଜ, ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ପଣ୍ଡିତ ସହଯୋଗ କରିଥିଲେ। ୩ଦିନ ବ୍ୟାପୀ ମହୋତ୍ସବରେ ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତରଞ୍ଜନ ଷଡଙ୍ଗୀ, ଅବସରପ୍ରାପ୍ତ ବନ ସଂରକ୍ଷକ ସୁରେଶ ଚନ୍ଦ୍ର ହୋତାଙ୍କ ସମେତ ବହୁତ ପଦାଧିକାରୀ ଆସିଥିଲେ। ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ଲାଭ କରିଥିଲେ। ସର୍ବୋପରି ଶ୍ରୀମହାବୀର ମନ୍ଦିର ପ୍ରତିଷ୍ଠା ହୋଇଥିବା ସ୍ଥାନକୁ ସିନେମା ହଲ ଛକ ପରିବର୍ତ୍ତେ ଏବେ ମହାବୀର ଛକ ନାମରେ ନାମିତ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି।


ସିଂହାସନରେ ଶ୍ରୀମହାବୀର ଜୀଉ।

## ନୀଳକଣ୍ଠେଶ୍ୱର ଫୁଟ୍‌ବଲ କ୍ଲବ, ମେଡିକାଲ ଗ୍ରାଉଣ୍ଡ କ୍ଲବ ବିଜୟୀ

**ବ୍ରହ୍ମପୁର ଅଫିସ,୧୦।୬**

**ଜିଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଏମ୍‌କେସିଜି ଖେଳପଡିଆଠାରେ ଚାଲିଥିବା ଜିଲାସ୍ତରୀୟ ଲିଗ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଶୁକ୍ରବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଜଳେଶ୍ୱର ଷ୍ଟ୍ରାଇକରସ୍ ଓ ନୀଳକଣ୍ଠେଶ୍ୱର ଫୁଟବଲ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳେଶ୍ୱର ଷ୍ଟ୍ରାକର ୨ଟି ଗୋଲରେ ସୀମିତ ରହିଥିବା ବେଳେ ନୀଳକଣ୍ଠେଶ୍ୱର ଫୁଟବଲ କ୍ଲବ ୪ଟି ଗୋଲକରି ମ୍ୟାଚରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ ପଦ୍ମନାଭପୁର ଫୁଟବଲ କ୍ଲବ ଓ ମେଡ଼ିକାଲ ଗ୍ରାଉଣ୍ଡ ଫୁଟବଲ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମ୍ୟାଚ ଶେଷ ସୁଦ୍ଧା ପଦ୍ମନାଭପୁର ଗୋଟିଏ ମଧ ଗୋଲ କରିବାରେ ସମର୍ଥ ହୋଇପାରି ନ ଥିବା ବେଳେ ମେଡିକାଲ ଗ୍ରାଉଣ୍ଡ ଫୁଟବଲ କ୍ଲବ ଗୋଟିଏ ଗୋଲ କରି ମ୍ୟାଚ ବିଜୟୀ ଘୋଷିତ ହୋଇଥିଲେ। ଅନୁଷ୍ଠିତ ମ୍ୟାଚରେ ଅଭିମନ୍ୟୁ ବେହେରା,ପି.ରମେଶ, ଏନ୍.ଭାସ୍କର ରାଓ, ୱାଇ ପୂର୍ଣ୍ଣଚନ୍ଦ୍ର ରାଓ, ଆଶିଷ ଜେନା, ପ୍ରଶାନ୍ତ ସେଠୀ, କୈଳାସ ଶତପଥୀ ଓ ମହେନ୍ଦ୍ର ବେହେରା ପ୍ରମୁଖ ରେଫରି ଦାୟିତ୍ୱ ନିର୍ବାହ ସହ କ୍ରୀଡ଼ା ପରିଚାଳନା କରିଥିଲେ।

## ଗଞ୍ଜେଇ ଚୋରା ଚାଲାଣରୁ ବନ୍ଧୁତା, ମୁଖ୍ୟ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୦।୬ (ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଶୁକ୍ରବାର କେ.ନୂଆଗାଁ ଥାନା ଦେଓଖାଲି ଗ୍ରାମର କୁନା ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୯୭/୨୨ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ରବିବାର ଦିଗପହଣ୍ଡି ବ୍ଲକ ଦେଓଖାଲି ଛକ ନିକଟ ଚକିପଡ଼ା ଗ୍ରାମ ନିକଟରୁ ମୁଖ୍ୟ ଅଭିଯୁକ୍ତ କୁନାଙ୍କ ସମେତ ୮ ଯୁବକ କାରରେ ଆସିଥିବା ଝାଡ଼ଖଣ୍ଡର ୨ ଅଣ ଓଡ଼ିଆ ଯୁବକ ନରେଶ ସାହୁ ଓ ତାଙ୍କ ସାଙ୍ଗ କୃଷ୍ଣ କୁମାରଙ୍କୁ ଛୁରୀ ଦେଖାଇ ନିକଟସ୍ଥ ଜଙ୍ଗଲକୁ ମାଡ଼ ମାରିଥିଲେ। ତାଙ୍କ କାର ଓ ପ୍ରାୟ ୩ ଲକ୍ଷ ଟଙ୍କା ଲୁଟ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ କୁନାଙ୍କ ସମେତ ଅନ୍ୟମାନେ ନରେଶ ଏବଂ କୃଷ୍ଣଙ୍କଠାରୁ ଏଟିଏମ୍ କାର୍ଡ ଛଡାଇ ନେଇ ପିନ ନମ୍ବର କହିବାକୁ ବାଧକରି ପ୍ରଥମ ପର୍ଯ୍ୟାୟରେ ୧୭ ହଜାର ଓ ୨ୟ ପର୍ଯ୍ୟାୟରେ ୩୩ ହଜାର ଟଙ୍କା ଏକ ମୋବାଇଲ ନଂକୁ ଟ୍ରାନ୍ସଫର କରିଥିଲେ। ଏଭଳି ଭାବେ ଉଭୟଙ୍କ ପରିବାର ଲୋକ ଏବଂ ସାଙ୍ଗ ସାଥିଙ୍କୁ ଅପହରଣ ସମ୍ପର୍କରେ ସୂଚନା ଦେଇ ଡକାୟତ ଗ୍ୟାଙ୍ଗର ସଦସ୍ୟମାନେ ସେମାନଙ୍କ ନିକଟରୁ ସମୁଦାୟ ୩ ଲକ୍ଷ ୧୫ ହଜାର ଟଙ୍କା ନେଟ୍ ବ୍ୟାଙ୍କିଂ ଏବଂ ଫୋନ ପେ, ଗୁଗଲ ପେ ମାଧ୍ୟମରେ ନେଇଯିବା ପରେ କାରଟିକୁ ମଧ ଛଡାଇ ରଖିଥିଲେ। ୧୦ ଲକ୍ଷ ଟଙ୍କା ଦେଲେ କାରଟିକୁ ଦିଆଯିବ ବୋଲି ସେମାନେ ଉଭୟଙ୍କୁ ଶୁଣାଇଥିଲେ। ଏନେଇ ନରେଶ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ସୂଚନା ପ୍ରକାରେ ଗଞ୍ଜେଇ ଚୋରା ଚାଲାଣକୁ ନେଇ ଅଭିଯୁକ୍ତ ମାନଙ୍କ ସହ ନରେଶ ଏବଂ କୃଷ୍ଣଙ୍କ ପୂର୍ବରୁ ସମ୍ପର୍କ ରହିଥିଲା। ବ୍ୟବସାୟ ଏବଂ ଚୋରା ଚାଲାଣରେ ସହାୟତା ପାଇଁ ସେମାନଙ୍କ ସହ ମୂଲଚାଲ ହୋଇଥିଲା। ନରେଶ ଅଭିଯୁକ୍ତ ମାନଙ୍କୁ ପାରିଶ୍ରମିକ ଦିଆଯିବ କହି ଠକେଇ କରିଥିଲେ। ତାଙ୍କୁ ପାନେ ଦେବା ପାଇଁ ଅଭିଯୁକ୍ତମାନେ ଯୋଜନା ପ୍ରକାରେ ନରେଶଙ୍କୁ ଡକାଇ ଲୁଟପାଟ କରିଥିଲେ।

# ରାତିରେ ବୃଦ୍ଧ ମା'ବାପାଙ୍କୁ ଘରୁ ତଡ଼ିଦେଲେ ପୁଅ

**ଓଡ଼ଗାଁ, ୧୦।୬ (ସ୍ୱ.ପ୍ର.)**


ପୀଡ଼ିତ ମା'ବାପା।

ଦିନକୁ ଦିନ ମଦ୍ୟପାନର ପ୍ରାଦୁର୍ଭାବ ସମାଜକୁ କଳୁଷିତ କରୁଛି। ଏହାଦ୍ୱାରା ଘର ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଘରର ଗୁରୁଜନ ଏଥିରୁ ତ୍ରାହି ପାଉନାହାନ୍ତି। ଏଭଳି ଘଟଣା ଓଡ଼ଗାଁ ଆଦର୍ଶ ଥାନା ଓ ବାହାଡ଼ାଖୋଲା ଫାଣ୍ଡି ପୋଡାସାହି ଗାଁରେ ଦେଖିବାକୁ ମିଳିଛି। ମଦ୍ୟପ ପୁଅ କୌଣସି କାରଣରୁ ରାତି ଅଧିଆ ବୃଦ୍ଧ ମା'ବାପାଙ୍କୁ ଘରୁ ବାହାରିବାକୁ ବିଦା କରି ଦେଇଛନ୍ତି। ଏ ନେଇ ପୀଡିତ ବାପା ଗୋଲଖ ନାୟକ(୫୭),ମା'ବାସନ୍ତୀ (୫୦)ଙ୍କ ସହ ଶୁକ୍ରବାର ଥାନା ପହଂଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ତଦନ୍ତ କରିବ ବୋଲି ପ୍ରତିଶ୍ରୁତି ଦେଇଛି।

ଅଭିଯୋଗ ଅନୁସାରେ, ଗୋଲଖଙ୍କ ଏକମାତ୍ର ପୁଅ ବିପିନ (୩୦) ମିସ୍ତ୍ରି କାମ କରନ୍ତି। ସେ ନିୟମିତ ମଦ୍ୟପାନ କରି ମା' ବାସନ୍ତୀ, ବାପା ଗୋଲଖ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ କରିଥାନ୍ତି। ହେଲେ ସେ ସବୁକୁ ମା' ବାପା ହିସାବରେ ସହ୍ୟ କରୁଥିଲେ। ହେଲେ ଗୁରୁବାର ରାତିରେ ବିପିନ ମାତ୍ରାଧିକ ମଦ୍ୟପାନ କରି ଆସି ଉଭୟଙ୍କୁ ପ୍ରବଳ ମାଡ ମାରିବା ସହ ଗଳା ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ଘରୁ ମାଡମାରି ବାହାର କରିଦେବା ସହ ତାଲା ମାରି କୁଆଡେ ଚାଲି ଯାଇଥିଲେ। ଫଳରେ ଗୋଲଖ ନିରୂପାୟ ହୋଇ ସ୍ତ୍ରୀଙ୍କ ସହ ପିନ୍ଧା ଲୁଗା ବ୍ୟତୀତ ଆଉ କିଛଇ ନ ଆଣି ଚାଲି ଚାଲି ଗାଁରୁ ବାହାରି ଆସିଥିଲେ। ହେଲେ ବାହାଡ଼ାଖୋଲା ଆସିବା ରାସ୍ତାରେ ବଧିଲିପୁର ଗ୍ରାମବାସୀ ତାଙ୍କୁ ରାତିରେ ରଖି ରାତ୍ରୀଭୋଜନ ଦେବା ସହ ରାତିକ ପାଇଁ ଆଶ୍ରୟ ଦେଇଥିଲେ। ହେଲେ ଉଭୟେ ବହୁ କଷ୍ଟରେ ପ୍ରାୟ ୧୫ କିମି ଚାଲି ଚାଲି ଶୁକ୍ରବାର ଭୋରୁ ଆଦର୍ଶ ଥାନାରେ ପହଞ୍ଚ ଅଭିଯୋଗ କରିଥିବା କହିଛନ୍ତି। ପୋଲିସ ଅଭିଯୁକ୍ତ ପୁଅକୁ ଡାକି ମାମଲାର ତଦନ୍ତ କରିବ କହି କୁରାଳ ଗାଁର ଥିବା ବୃଦ୍ଧାବୃଦ୍ଧଙ୍କ ଝିଅ ପହଞ୍ଚିବାରେ ତାଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ହେଲେ ଏ ସମ୍ପର୍କରେ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରେ ସେ ଏହାର ତଦନ୍ତ କରିବା ସହ ଅଭିଯୁକ୍ତ ପୁଅ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି କହିଛନ୍ତି। ଏଥିସହ ମଦ୍ୟପାନର କୁପରିଣତି ସମ୍ପର୍କରେ ଦୁଃଖ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଏ ନେଇ ଅଭିଯୁକ୍ତ ପୁଅ ବିପିନଙ୍କ ମୋବାଇଲ ନଂ. ୭୮୪୮୩୧୭୫୫ରେ ଯୋଗାଯୋଗ କରିବାରେ ସେ ଘର ସବୁ ହାନି ଲାଭ ବୁଝୁଥିବା ବେଳେ ବାପାଙ୍କ ସହ ରହିଥିବା ସାମାନ୍ୟ ମତାନ୍ତର କାରଣରୁ ତାଙ୍କୁ ରାତିରେ ଘରୁ ବାହାର କରିଥିବା କଥାକୁ ସ୍ୱୀକାର କରିଥିଲେ।

## ସଂକ୍ଷେପରେ

### ନାବାଳିକା ଅପହରଣ କରି ବୃଦ୍ଧ ଗଲେ ଜେଲ

**ନୟାଗଡ ଅଫିସ,୧୦।୬:** ନାବାଳିକାଙ୍କୁ ଅପହରଣ କରି ଜଣେ ବୃଦ୍ଧ ଶୁକ୍ରବାର ଜେଲ ଯାଇଛନ୍ତି। ଜାମିନ ନାମଞ୍ଜୁର ପରେ ନୟାଗଡ଼ ଜିଲା ରଣପୁର ଥାନା କାଚେରାସାହିର ପଙ୍କଜ ନାୟକ (୬୦)ଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଫେବୃୟାରୀରେ ପଙ୍କଜ ନୟଗାଡ ଟାଉନ ଥାନା ଅଞ୍ଚଳରୁ ଜଣେ ନାବଳିକାଙ୍କୁ ଅପହରଣ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୩୨/୨୨ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଭୁବନେଶ୍ୱରରୁ ଗୁରୁବାର ନାବଳିକାଙ୍କୁ ଉଦ୍ଧାର କରାଯିବା ସହ ପଙ୍କଜଙ୍କୁ ଗିରଫ କରାଯାଇଥିଲା। ପୋଲିସ ନାବଳିକାଙ୍କ ଡାକ୍ତରୀ ମାଇନା କରି କୋର୍ଟରେ ହଜାର କରାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନାବଳିକାଙ୍କୁ ଶର୍ଟ ଷ୍ଟେ ହୋମରେ ରଖାଯାଇଛି।

### ଫେରାର ଡ୍ରାଇଭର କୋର୍ଟ ଚାଲାଣ

**ବ୍ରହ୍ମପୁର ଅଫିସ,୧୦।୬:** ଦୁର୍ଘଟଣା ପରେ ଫେରାର ଥିବା ଟ୍ରକ ଡ୍ରାଇଭର ଆନ୍ଧ୍ରପ୍ରଦେଶର ଗୁଡିବାଡ଼ି ଥାନା ଅନ୍ତର୍ଗତ ବିଲାପଡ଼ା ଗ୍ରାମର ନାଗା ନାଞ୍ଚେରା (୪୭)ଙ୍କୁ ଟ୍ରାଫିକ ପୋଲିସ ଶୁକ୍ରବାର ଗିରଫ କରିଛି। ମାମଲା ନମ୍ବର ୨୦/୨୨ ରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗତ ୭ ତାରିଖ ବଡି ଭୋରରେ ଜାତୀୟ ରାଜପଥ ଲାଞ୍ଜିପଲି ବାଇପାସ୍‌ରେ ଟ୍ରକ ସହ ଟ୍ରକ ଧକ୍କା ହୋଇଥିଲା। ଫଳରେ ଟ୍ରକ (ନଂ ଏପି ୩୧ ଟିଡବ୍ଲ୍ୟୁ ୯୫୨୯) ଚାଳକ ତିରୁମଣି ରେଡ୍ଡୀ ନାଗେଶଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଘଟଣା ପରେ ଟ୍ରକ (ନଂ ଏପି ୩୯ ପିସି ୨୯୯୯) ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ଟ୍ରାଫିକ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପୋଲିସ ଘଟଣା ସ୍ଥଳରୁ ଦୁଇଟି ଟ୍ରକ ଜବତ କରି ଥାନାକୁ ଆଣିଥିଲା। ଘଟଣାର ଅନୁସନ୍ଧାନ କରି ପୋଲିସ ଫେରାର ଟ୍ରକ ଚାଳକଙ୍କୁ ଗିରଫ କରିଥିବା କହିଛି।

### ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ ଘଟଣା : ସ୍ତ୍ରୀ ଗଲେ ଜେଲ

**ଦିଗପହଣ୍ଡି,୧୦।୬ (ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆନାଳ ଛକରେ ରହୁଥିବା ସଞ୍ଜୟ୍ କୁମାର ସାହୁଙ୍କୁ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସ୍ୱାମୀଙ୍କ ଦେହରେ ସ୍ତ୍ରୀ ଗରମ ତେଲ ଢାଳି ଦେଇଥିବାରୁ ସେ ଗୁରୁତର ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ମୃତ୍ୟୁସହ ସଂଗ୍ରାମ କରୁଥିବା ସଞ୍ଜୟଙ୍କ ମା' ସରସ୍ୱତୀ ସାହୁ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ନଂ.୨୦୨/୨୨ ଅନୁଯାୟୀ ସ୍ତ୍ରୀ ଲକ୍ଷ୍ମୀଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତାଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗତ ମଙ୍ଗଳବାର ଦମ୍ପତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ଲକ୍ଷ୍ମୀ ଚୁଲିରେ ବସିଥିବା ତେଲ କଡ଼େଇ ଧରି ସ୍ୱାମୀ ସଞ୍ଜୟଙ୍କ ଉପରେ ଢାଳି ଦେଇଥିଲେ। ତାଙ୍କୁ ପଡୋଶୀ ଉଦ୍ଧାର କରି ବ୍ରହ୍ମପୁର ବଡ ଡାକ୍ତରଖାନା ନେଇଥିଲେ।

# ଅନ୍ନପ୍ରସାଦ ପାଇବାରୁ ଶ୍ରଦ୍ଧାଳୁ ବଞ୍ଚିତ

- ନୟାଗଡ଼ ପୁରୁଣାସହର ଶ୍ରୀଜଗନ୍ନାଥ ମନ୍ଦିର
- ନିଲାମ ନ ନେବାରୁ ୧ ମାସ ହେଲା ବନ୍ଦ
- ସେବାସୀ କରିବାକୁ ଆଗ୍ରହୀ ଥିଲେ ହେଁ ମିଳୁନି ସୁଯୋଗ

**ନୟାଗଡ଼ ଅଫିସ,୧୦।୬**

ନୟାଗଡ଼ ପୁରୁଣାସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଅନ୍ନ ପ୍ରସାଦ ମାସେ ହେଲା ବନ୍ଦ ରହିଛି। ନିଲାମ କେହି ନ ନେବାରୁ ଅନ୍ନ ପ୍ରସାଦ ଆଉ ଶ୍ରଦ୍ଧାଳୁ ପାଉନାହାନ୍ତି। ଏ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଜାରି ରହିଛି। ମୁଖ୍ୟ ସୁଆର ସେବକ ଅନ୍ନ ପ୍ରସାଦ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ନିଲାମ ହେବା ପର୍ଯ୍ୟନ୍ତ ତିଆରି କରିବାକୁ ଦେବୋତ୍ତର ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ଅନ୍ନ ପ୍ରସାଦ କରିବାକୁ ସୁଯୋଗ ପାଇ ପାରିନାହାନ୍ତି। ଏ ନେଇ ନୟାଗଡ଼ର ଜଣେ ଭକ୍ତ ରଶ୍ମୀ ସାହୁ କୁହନ୍ତି, ଶ୍ରୀଜଗନ୍ନାଥଙ୍କ ଅନ୍ନ ପ୍ରସାଦ ନେବାକୁ ମନ୍ଦିରରେ ଗହଳି ଲାଗି ରହୁଥିଲା। ଅନ୍ନ ପ୍ରସାଦ ମାସେ ହେଲା ବନ୍ଦ ହୋଇଗଲାଣି। ପ୍ରତିଦିନ ଲୋକ ଆସି ଫେରି ଯାଉଛନ୍ତି। ନିଲାମ ହେଲାନି ବୋଲି ଅନ୍ନ ପ୍ରସାଦ ବନ୍ଦ କରାଯିବା ଠିକ୍ ନୁହେଁ। ଅନ୍ନ ପ୍ରସାଦ ଯେପରି ଆଗରୁ ହେଉଥିଲା ପୁଣି ତୁରନ୍ତ ଚାଲୁ କରାଯାଉ। ଭକ୍ତ ସୁଦାମ ମହାପାତ୍ର କୁହନ୍ତି, ନିଲାମ ହେଲାନି ବୋଲି ଅନ୍ନ ପ୍ରସାଦ ବନ୍ଦ କରାଯିବା ଠିକ୍ ନୁହେଁ। ଏହାର ବିକଳ୍ପ ଉପାୟ ରଖିବା ଦରକାର। ଭକ୍ତଙ୍କ ଅସୁବିଧାକୁ ଏଡାଇବା ପାଇଁ ତୁରନ୍ତ


ନୟାଗଡ଼ ପୁରୁଣାସହର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର।

ଅନ୍ନ ପ୍ରସାଦ ପୁଣି ଭକ୍ତଙ୍କୁ ଦେବା ପାଇଁ ବ୍ୟବସ୍ଥା କରାଯାଉ। ଭକ୍ତ ଉର୍ମିଳା ମିଶ୍ର କୁହନ୍ତି, ଅନ୍ନ ପ୍ରସାଦ ନେବାକୁ ମାସେ ମଧ୍ୟରେ ୩ ଥର ଆସି ଫେରିଲିଣି। ମୋ ପରି ଅନେକ ଲୋକ ଫେରୁଛନ୍ତି। ଜିଲା ସଦର ମହକୁମାର ଶ୍ରୀଜଗନ୍ନାଥ ମନ୍ଦିରରେ ଅନ୍ନ ପ୍ରସାଦ ନ ହେବା ଦୁଃଖର ବିଷୟ। ନିଲାମରେ କେହି ନେବେନି ବୋଲି କ'ଣ ଆଉ ଅନ୍ନ ପ୍ରସାଦ ତିଆରି ହେବନି। ଏଣୁ ଅନ୍ନ ପ୍ରସାଦ କିଭଳି ପୁଣି ପ୍ରତ୍ୟହ ହୋଇପାରିବ ସେନେଇ ବ୍ୟବସ୍ଥା କରାଯିବା ଦରକାର। ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ସୁଆର ସେବକ ଚିତ୍ତ ରଞ୍ଜନ ଦାସ କୁହନ୍ତି, ମେ ୧୩ ତାରିଖରୁ ଅନ୍ନ ପ୍ରସାଦ ବନ୍ଦ ହୋଇଯାଇଛି। ନିଲାମ ବନ୍ଦ ହୋଇଯିବାରୁ ପ୍ରସାଦ ପାଇଁ ଭକ୍ତ ହଇରାଣ ହେଉଛନ୍ତି। ଭକ୍ତଙ୍କ ଅସୁବିଧାକୁ ଏଡାଇବା ପାଇଁ ନିଲାମ ପର୍ଯ୍ୟନ୍ତ ସୁଆର ସେବକମାନଙ୍କୁ ଅନ୍ନ ପ୍ରସାଦ ପ୍ରସ୍ତୁତ କରିବାକୁ ସୁଯୋଗ ଦିଆଯାଉ । ଏ ନେଇ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ନିକଟରେ ପ୍ରସ୍ତାବ ରଖିଥିଲି। ଅନ୍ନ ପ୍ରସାଦ ପ୍ରସ୍ତୁତ କରିବାକୁ ମୋ ନାଁରେ ଉପଜିଲାପାଳଙ୍କ ପାଖରେ ଫାଇଲ ଯାଇଛି। ତେବେ ଏହା ତୁରନ୍ତ ଅନୁମତି ପାଇବା ଦରକାର। ଏଥିରେ ଡେରି ହେଲେ ଭକ୍ତଙ୍କ ଅସନ୍ତୋଷ ବଢ଼ି ଚାଲିଛି। ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, ଅନ୍ନ ପ୍ରସାଦ ଉପରେ କ'ଣ ପଦକ୍ଷେପ ନିଆଯିବ ତାହା ଉପଜିଲାପାଳ ବୁଝିବେ। ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ପଚାରିବାରେ ନିଲାମଧାରୀ ଚଳିତ ବର୍ଷ ନେବାକୁ ଆଗ୍ରହ ପ୍ରକାଶ କଲେନି। ତେବେ ଅନ୍ନ ପ୍ରସାଦ ତୁରନ୍ତ ପ୍ରସ୍ତୁତ କରାଯିବାକୁ ବ୍ୟବସ୍ଥା ଚାଲିଛି। କ'ଣ କରାଗଲେ ଭଲ ହେବ ସେନେଇ ଅନୁଧ୍ୟାନ କରାଯାଉଛି ବୋଲି ସେ କହିଛନ୍ତି ।

# ଘର ସମ୍ମୁଖରୁ ହଟିଲାନି କଣ୍ଟା


ଘର ଦୁଆର ମୁହଁରୁ ଅଳ୍ପ କଣ୍ଟା ହଟାଇ ରାଜୀବ କୁମାର ସାହୁ ଯାଆସ କରୁଛନ୍ତି।

**ନୟାଗଡ଼ ଅଫିସ,୧୦।୬**

**ବଡ଼ପୁଟରେ କଙ୍ଗାରୁ କୋର୍ଟ**

ନୟାଗଡ଼ ଜିଲା ଶରଣକୁଳ ଥାନା ବଡପୁଟ ଗାଁରେ କଙ୍ଗାରୁ କୋର୍ଟର ନିଷ୍ପତ୍ତି ମୁତାବକ ରାଜୀବ କୁମାର ସାହୁଙ୍କ ଘର ସମ୍ମୁଖରେ କଣ୍ଟା ଛାଟିବା ଘଟଣା ୨ ଦିନ ବିତିଯିବାକୁ ବସିଛି। ହେଲେ ପୋଲିସ ଏଯାବତ କଣ୍ଟାବାଡ ହଟାଇ ପାରିନି। କେବଳ ମାମଲାରେ ଅଟକି ରହିଛି ବିଚାର ବୋଲି ଅଭିଯୋଗ ଉଠିଛି। ଅଭିଯୋଗ ଅନୁସାରେ, ବ୍ୟକ୍ତିଗତ ଜମିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ରାସ୍ତା ନିର୍ମାଣକୁ ବଡପୁଟର ରାଜୀବ କୁମାର ସାହୁ ବିରୋଧ କରିଥିଲେ। ଏଣୁ କଙ୍ଗାରୁ କୋର୍ଟ କରାଯାଇ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଦଣ୍ଡିତ ଅର୍ଥ ୫ ଲକ୍ଷ ୬ ଟଙ୍କା ନ ଦେବାରୁ ରାଜୀବଙ୍କୁ ଗାଁରେ ବାସନ୍ଦ କରାଯାଇ ଗୁରୁବାର ଭୋରୁ ଘର ସମ୍ମୁଖରେ କଣ୍ଟାବାଡ ଦିଆଯାଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ନଂ. ୬୮/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ହେଲେ କଣ୍ଟାବାଡ ହଟାଇ ପାରି ନ ଥିଲା। ଏ ସମ୍ପର୍କରେ ବଡପୁଟର ରାଜୀବ କୁମାର ସାହୁଙ୍କୁ ପଚାରିବାରେ ପୋଲିସ କେବଳ ମାମଲା ରୁଜୁ କରି ଅପେକ୍ଷା କରି ବସି ରହିଛି। ହେଲେ ଘର ସମ୍ମୁଖରୁ କଣ୍ଟାବାଡ ନ ହଟାଇ ଗଣମାଧ୍ୟମକୁ ପୋଲିସ କଣ୍ଟବାଡ ହଟିଗଲା ବୋଲି ସୂଚନା ଦେଇଛି। ତେବେ ଶୁକ୍ରବାର ମୋ ଘର ସମ୍ମୁଖରେ କଣ୍ଟାବାଡ ରହିଛି। ମୁଁ କିଛି କଣ୍ଟା କାଢ଼ି ଯାଆସ କରୁଛି। ମୋ ପରିବାର ଲୋକ ଭୟରେ ସମୟ କାଟୁଛୁ। ଆଇଆଇସି ଜୟଦୀପ ମହାନ୍ତିଙ୍କୁ ପଚାରିବାରେ ପୋଲିସ କଣ୍ଟାବାଡ ହଟାଇ ପାରିନି। ଶନିବାର ପୋଲିସ ଉପସ୍ଥିତିରେ କଣ୍ଟାବାଡ଼ ହଟାଯିବ ବୋଲି ସେ କହିଛନ୍ତି।

# କ୍ରଶର ବସାଇବାକୁ ବିରୋଧ କଲେ ଆଦିବାସୀ


ତହସିଲ ଅଫିସ୍‌ଠାରେ ଗ୍ରାମବାସୀ।

**ଦଶପଲ୍ଲା,୧୦।୬ (ଡି.ଏନ୍.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ରେଳପଥ ନିର୍ମାଣ ନିମନ୍ତେ ବହୁତ ମେଟାଲ ଆବଶ୍ୟକ ପଡ଼ିଥାଏ। ଏଣୁ ରେଳପଥ ନିର୍ମାଣ ପାଇଁ ନିଯୁକ୍ତି ପାଇଥିବା କନ୍‌ଷ୍ଟ୍ରକ୍‌ଶନ କମ୍ପାନୀ ବିଭିନ୍ନ ଜାଗାରେ କ୍ରଶର ବସାଇଛି। ସେହିଭଳି ଦଶପଲା ବ୍ଲକ ବାଣୀଗୋଛା ଓ କୁଲୁରୁକୁମ୍ପା ପମ୍ପାୟତ ଅଞ୍ଚଳରେ ରେଳପଥ ଅତିକ୍ରମ କରୁଥିବାରୁ ସେଠାରେ ହଳଦିଆ ପାହାଡ଼ରେ ଏକ କ୍ରଶର ବସାଇବାକୁ କନଷ୍ଟ୍ରକ୍ସନ କମ୍ପାନୀ ସ୍ଥିର କରିଛି। ମାତ୍ର ପାହାଡ଼ ପର୍ବତଘେରା ଏହି ଅଞ୍ଚଳରେ ବହୁ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଶାନ୍ତିରେ ବସବାସ କରୁଥିବାରୁ ସେମାନଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ହଳଦିଆ ପାହାଡ଼ ଅଞ୍ଚଳରେ ବାଣୀଗୋଛା ଓ କୁଲୁରୁକୁମ୍ପା ପଞ୍ଚାୟତର ୭ଟି ଗ୍ରାମ ଯଥା ତଳବିଡା, ଉପରଡିକରୀ, ତଳକିରୀ, ଜାନୀପଦର, ଗୁଣ୍ଡୁରୀବାଡି, କଜୁକୁପା ଓ ଗେଣ୍ଡୁଲିସାହିର ମୋଟ ୧୫୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ଲୋକ ବସବାସ କରନ୍ତି। କ୍ରଶର ଯୋଗୁ ଅଞ୍ଚଳରେ ପ୍ରଦୂଷଣ ସହ ଚାଷକାର୍ଯ୍ୟରେ ଏହାର ଘୋର ପ୍ରଭାବ ପଡିବା ଆଶଙ୍କାକୁ ନେଇ ଆଦିବାସୀଙ୍କ ମଧ୍ୟରେ ଭୟ ଦେଖାଦେଇଛି। ଗ୍ରାମବାସୀ ଦଶପଲ୍ଲା ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି କ୍ରଶରଟିକୁ ଅନ୍ୟତ୍ର ବସାଇବାକୁ ଦାବି କରିଛନ୍ତି।

## ସ୍କୁଟି ସହ ବିଦେଶୀ ମଦ ଜବତ

**ନୟାଗଡ଼ ଅଫିସ,୧୦।୬**

ନୟାଗଡ଼ ସଦର ଥାନା ପୋଲିସ ସ୍କୁଟି ସହ ୨୧ ଲିଟର ୧୬୦ ଏମ୍‌ଏଲ ବିଦେଶୀ ମଦ ଜବତ କରି ଆଙ୍ଗିସିଙ୍ଗି ଗାଁର ଜିତେନ୍ଦ୍ର ମହାନ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଜିତେନ୍ଦ୍ରଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଜିତେନ୍ଦ୍ର ବେଆଇନ ଭାବେ ମଦ ବିକ୍ରି ଅଭିଯୋଗରେ ବେଗୁନିଆପାଟଣା ଛକରୁ ଗିରଫ ହୋଇଥିଲେ। ଏ ନେଇ ପୋଲିସ ନଂ. ୮୬/୨୨ରେ ମାମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର

**ନୟାଗଡ଼ ଅଫିସ,୧୦।୬**

ନୟାଗଡ଼ ହାଉସିଂ ବୋର୍ଡସ୍ଥିତ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଓଡ଼ିଶାର ନୟାଗଡ଼ ଜିଲାସ୍ତରୀୟ ୨ ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସଂସ୍ଥାନର ନୟାଗଡ଼ ଜିଲା ପ୍ରମୁଖ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରକୁ ନୟାଗଡ଼ ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶାର ମହାସଚିବ ଡା. କରୁଣାକର ପ୍ରଧାନ, ପ୍ରାଦେଶିକ କାର୍ଯ୍ୟକର୍ତ୍ତା ଆଲୋକପ୍ରଭା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ପ୍ରାଦେଶିକ ପରୀକ୍ଷା ପ୍ରମୁଖ ତଥା ନୟାଗଡ଼ ଜିଲା ପ୍ରଭାରୀ ଲକ୍ଷ୍ମୀଧର ଆଚାର୍ଯ୍ୟ, ପ୍ରାଦେଶିକ ବନ୍ଦନା ପ୍ରମୁଖ ଦିଲୀପ କୁମାର ମଲ୍ଲିକ, ପ୍ରଦୀପ କୁମାର ସାହୁ, ସୁନିତା ସାହୁ, ଅନ୍ନପୂର୍ଣ୍ଣା ସାହୁ ଓ ରୋଜିତା ପଟ୍ଟନାୟକ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଅବିନାଶ ସାହୁ, ରାଜେନ୍ଦ୍ର କୁମାର ସାହୁ, ଲିପିକା ନାୟକ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବକ୍ତାମାନେ କହିଥିଲେ, କରୋନାର ଦୁଇବର୍ଷ ତାଡନା ପରେ ବିଦ୍ୟାଳୟ ଖୋଲିଲା। ବିଦ୍ୟାଳୟ ଖୋଲିବା ପରେ ଜିଲାସ୍ତରୀୟ ଶିବିର ଗୁରୁମାଗୁରୁଜୀଙ୍କୁ ନୂଆ ଦିଶା ଦେଖାଇବ। ନୟାଗଡ଼ ଜିଲା ସଂଯୋଜକ ମନୋରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।


ଶିବିରରେ ଯୋଗଦେଇଥିବା ଗୁରୁମାଗୁରୁଜୀମାନେ।

## ବୁରୁଡ଼ିରେ ୪୭ ଜଣଙ୍କୁ ପଟ୍ଟା ବଣ୍ଟନ

**ଗଞ୍ଜାମ,୧୦।୬ (ଡି.ଏନ.ଏ.)**

ଗଞ୍ଜାମ ତହସିଲ ଅଧୀନ ଗଞ୍ଜାମ ବ୍ଲକ ସାନ ରାମଚନ୍ଦ୍ରପୁର ପଞ୍ଚାୟତର ଏଚ.ବୁରୁଡ଼ି ଗ୍ରାମରେ ରାଜସ୍ୱ ରଥ ମାଧ୍ୟମରେ ୪୭ ଜଣ ହିତାଧାରୀମାନଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ତହସିଲଦାର ଅରୁଣ କୁମାର ନାୟକଙ୍କ ପ୍ରଚେଷ୍ଟାରେ ସ୍ଥାନୀୟ ତହସିଲ ଅଧୀନରେ ରହିଥିବା ଗ୍ରାମବାସୀଙ୍କୁ ସେମାନଙ୍କ ଜମି ଓ ଘରର ପଟା ପ୍ରଦାନ କାରାଯାଉଥିବାରୁ ବିଭିନ୍ନ ମହଲରେ ତହସିଲ ପ୍ରଶାସନକୁ ପ୍ରଶଂସା କାରାଯାଉଛି। ଆଡିସିନାଲ ତହସିଲଦାର ଶୁଭେନ୍ଦୁ ଜେନା, ରେଭିନ୍ୟୁ ସୁପରଭାଇଜର ଟି.ରାମାରାଓ, ବୁରୁଡ଼ି ଆରଆଇ ସୀତାରାମ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କୁ ପଟ୍ଟା ପ୍ରଦାନ କରିଥିଲେ।

## ଆଜି ରୁକ୍ମିଣୀଙ୍କୁ ହରଣ କରି ବାହା ହେବେ ଶ୍ରୀକୃଷ୍ଣ

**ଖଣ୍ଡପଡ଼ା,୧୦।୬ (ସ୍ୱ.ପ୍ର)**

କୁଣ୍ଡିନନଗର ରାଜା ଭୀଷ୍ମ ଝିଅ ରୁକ୍ମିଣୀଙ୍କ ଅନିଚ୍ଛା ସତ୍ତ୍ୱେ ଶିଶୁପାଳଙ୍କ ସହ ତାଙ୍କ ବିବାହ ସ୍ଥିର କରିଥିଲେ। ଏହି କ୍ରମରେ ଗୁରୁବାର କନ୍ୟାଘର ପକ୍ଷରୁ ଶ୍ରୀନୀଳମାଧବ ପୀଠ ବରପକ୍ଷ ଶିଶୁପାଳଙ୍କ ଘରକୁ ଚିଟାଉ ଯାଇଥିଲା। ମାତ୍ର ରୁକ୍ମିଣୀ ଦ୍ୱାରିକାଧିପତି ଶ୍ରୀକୃଷ୍ଣଙ୍କୁ ନିଜର ପତି ରୂପେ ବାଛି ନେଇଥିଲେ। ଶିଶୁପାଳଙ୍କ ସହ ରୁକ୍ମିଣୀଙ୍କ ବିବାହ ପ୍ରସ୍ତୁତି ଚାଲିଥିବାବେଳେ ତାଙ୍କୁ ଗୋପନରେ ନେଇଯିବାକୁ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ସୂଚନା ଦେଇଥିଲେ। ପୁରାଣର ଏହି କଥାବସ୍ତୁକୁ ଆଧାର କରି ଗୁରୁବାର ଶୁକ୍ଳ ଏକାଦଶୀ ତିଥିରେ ପୂର୍ବ ଯୋଜନାକ୍ରମେ ରୁକ୍ମିଣୀ ଶ୍ରୀନୀଳମାଧବ ଜୀଉ ମନ୍ଦିର ପରିସରରେ ଥିବା ବିମଳା(ପାର୍ବତୀ)ଙ୍କ ମନ୍ଦିରରେ ଅପେକ୍ଷା କରି ରହିଥିଲେ। ଶ୍ରୀନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ(ଦ୍ୱାରିକାଧିପତି ଶ୍ରୀକୃଷ୍ଣ) ସେଠାରେ ପହଞ୍ଚି ତାଙ୍କୁ ହରଣ କରିନେବେ। ପରେ ପାରମ୍ପରିକ ରୀତିରେ ନୀଳମାଧବ ଜୀଉଙ୍କ ମୁକ୍ତି ମଣ୍ଡପରେ ଏହି ବିବାହ କାର୍ଯ୍ୟ ଶନିବାର ସମ୍ପନ୍ନ ହେବ। ଏଥିପାଇଁ ନୀଳମାଧବ ପୂଜକ ସମାଜ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

# ମିଶନ ଶକ୍ତି ଗୃହର ଶିଳାନ୍ୟାସ


ଶିଳାନ୍ୟାସ ଉତ୍ସବରେ ଅତିଥିମାନେ।

**ଭାପୁର,୧୦।୬ (ଡି.ଏନ.ଏ.)**

ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମିଶନ ଶକ୍ତି ଗୃହର ଶିଳାନ୍ୟାସ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ କରିଛନ୍ତି। ବିଡିଓ ଡ. ଜନ୍ମେଜୟ ସାହୁଙ୍କ ପୌରୋହିତ୍ୟରେ ମୋଟ ୧୪ ଲକ୍ଷ ଟଙ୍କାର ୨ଟି ଗୃହ ନିର୍ମାଣ ହେବ ବୋଲି ବ୍ଲକ ଉପାଧ୍ୟକ୍ଷ ପ୍ରଧାନ କହିଛନ୍ତି। ୧୦ ଲକ୍ଷ ଟଙ୍କାରେ ଏକ ସର୍ବସାଧାରଣ ଗୃହ ଓ ୪ ଲକ୍ଷ ଟଙ୍କାରେ ମହିଳା ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ମିଶନ ଶକ୍ତି ଗୃହ ନିର୍ମାଣକୁ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱାଗତ କରିଛି। ଉଲ୍ଲେଖଯୋଗ୍ୟ, କିଛିମାସ ତଳେ ମିଶନ ଶକ୍ତି ଗୃହ ନାଁରେ ଅର୍ଥ ଆତ୍ମସାତ ନେଇ ଅଭିଯୋଗ ଆସିଥିଲା। ପିଇଓଙ୍କ କ୍ୱାର୍ଟର୍ସକୁ ରଙ୍ଗ ବୋଳି ଘର ଭାବେ ଦେଖାଯାଇଥିଲା। ଏହାକୁ ନେଇ ଖୋଳତାଡ ହେବା ପରେ ଜିଲା ପ୍ରଶାସନ ପୂର୍ବତନ ବିଡିଓ, ସହକାରୀ ନିର୍ବାହୀଯନ୍ତ୍ରୀ ଓ କନିଷ୍ଠଯନ୍ତ୍ରୀଙ୍କଠାରୁ ୪ ଲକ୍ଷ ଟଙ୍କା ଆଦାୟ କରିଥିଲେ। ଏହି ଅବସରରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅର୍ଚ୍ଚନା ପ୍ରିୟଦର୍ଶିନୀ, କନିଷ୍ଠ ଯନ୍ତ୍ରୀ ରଶ୍ମିକାନ୍ତ ପଟ୍ଟନାୟକ, ପଞ୍ଚାୟତ ପିଇଓ ରାଧାରମଣ ଦଳବେହେରା, ମନୋଜ ପ୍ରଧାନ, ପୁଷ୍ପାଞ୍ଜଳି ସଂଗ୍ରାମସିଂ, ସୁମିତ୍ରା ମାଣ୍ଡୋଇ, ନଳିନୀ ନାୟକ, ପୂର୍ଣ୍ଣିମା ମାର୍ଥା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପୋଖରୀ ଖନନ ନାଁରେ ଅର୍ଥ ହରିଲୁଟ୍ ଅଭିଯୋଗ

**ନୂଆଗାଁ,୧୦।୬ (ଡି.ଏନ.ଏ.)**

ସରକାରୀ କୃଷି ଓ କୃଷକର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୋଖରୀ ଖନନ କରିବାକୁ ଅନୁଦାନ ଦେଉଛନ୍ତି। କିନ୍ତୁ ପୋଖରୀ ଖନନ ନାଁରେ ବିଭିନ୍ନ ଉପାୟରେ ସରକାରୀ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ଏପରି ଘଟଣା ଦେଖିବାକୁ ମିଳୁଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବିଭିନ୍ନ ବିଭାଗରେ।

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ବ୍ଲକ ପ୍ରଶାସନ, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ବିଭାଗ, ଉଦ୍ୟାନ ବିଭାଗ ଆଦି ଅନେକ ବିଭାଗ ମାଧ୍ୟମରେ ପୋଖରୀ ଖୋଳିବାକୁ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି। ଏଥିରେ ବହୁ ଶ୍ରମିକ କାମ କରି ପରିବାର ପ୍ରତିପୋଷଣ କରିବା ସହ ପୋଖରୀ ଖୋଳି କୃଷକ ମଧ୍ୟ ଲାଭବାନ ହେବା ଉଦ୍ଦେଶ୍ୟ କରାଯାଇଛି। ସରକାରୀ ସହାୟତାରେ ଶ୍ରମିକ ଓ କୃଷକ ଲାଭବାନ ହେବା ପରିବର୍ତ୍ତେ ବିଭାଗୀୟ ଅଧିକାରୀ ଓ ଠିକାଦାର ଅଧିକ ଲାଭବାନ ହେଉଛନ୍ତ। ଏମ୍‌ଜିଏନ୍‌ଆରଇଜିଏସ୍ ନିୟମାନୁସାରେ ମାଟି କାମରେ ଶ୍ରମିକ ନିୟୋଜିତ ହେବା କଥା। କିନ୍ତୁ ନୂଆଗାଁ ବ୍ଲକର ପ୍ରତି ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଶ୍ରମିକ ପରିବର୍ତ୍ତେ ମେଶିନ ଲଗାଇ କରାଯାଉଛି। ଫଳରେ ଶ୍ରମିକ କାମ କରୁଥିବା ନେଇ ସରକାରୀ କାଗଜପତ୍ରରେ ମିଥ୍ୟା ତଥ୍ୟ ପ୍ରଦାନ କରାଯାଉଛି। ପୋଖରୀ ହିତାଧିକାରୀଙ୍କ ନିଜସ୍ୱ ରେକର୍ଡ ଥିବା ଜାଗାରେ ଖୋଳିବାର ନିୟମ ରହିଛି। କିନ୍ତୁ କାର୍ଯ୍ୟାଦେଶ ପାଇବା ପରେ ବିଭାଗୀୟ ଅଧିକାରୀ ଅଧିକ ଲାଭ ପାଇବା ଆଶାରେ ହିତାଧିକାରୀଙ୍କୁ ବୁଝାଇ ଶୁଝାଇ ଠିକାଦାର ହାତରେ କାର୍ଯ୍ୟକୁ ଟେକି ଦେଇ ଯେଉଁଠି ଇଚ୍ଛା ସେଠାରେ ପୋଖରୀ ଖୋଳୁଛନ୍ତି। ଏପରି କି ଜଙ୍ଗଲ ଜମି, ଗୋଚର, ଅନାବାଦି ଆଦି ସରକାରୀ କିସମ ଥିବା ଜାଗାରେ ମଧ୍ୟ ପୋଖରୀ ଖୋଳି ଅନୁଦାନ ଅର୍ଥ ହଡପ କରୁଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ଅଳ୍ପ ଖୋଳି ବିଲ୍ କରାଯାଉଥିବାରୁ ପୋଖରୀ ଶୁଖିଲା ପଡୁଥିବାବେଳେ ଆଉ କେତେକ ସ୍ଥାନରେ ପୋଖରୀ ନ ଖୋଳି ମଧ୍ୟ ସରକାରୀ ଅନୁଦାନ ହଡପ ହେଉଥିବା ଅଭିଯୋଗ ହେଉଛି। ଫଳରେ ସରକାରଙ୍କ ଅର୍ଥ ବ୍ୟୟ ହେଉଥିଲେ ମଧ୍ୟ ଉଦ୍ଦେଶ୍ୟ ସଫଳ ହେଉନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୋଟା ଅଙ୍କର ପି.ସି. କାରବାର ହେବା ଫଳରେ ତଳୁ ଉପରଯାଏ ସବୁ ଅଧିକାରୀ ଯୋଜନା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଠିକାଦାର ହାତରେ ପୋଖରୀ ଖନନ ଦାୟିତ୍ୱକୁ ଟେକି ଦେବା ପରେ ନିଜର ଦାୟିତ୍ୱ ସାରି ଅଧିକାରୀ ଦେଉଛନ୍ତି। ଏପରି କି ପ୍ରକୃତରେ ପୋଖରୀ ଖୋଳାଯାଇଛି କି ନାହିଁ ତାହା ମଧ୍ୟ ତଦାରଖ କରୁ ନାହାନ୍ତି। ଗାତେରୀ ପଞ୍ଚାୟତରେ ୨୦୧୯/୨୦ ଆର୍ଥିକ ବର୍ଷରେ ନିତ୍ୟାନନ୍ଦ ସେଠୀ ଓ ଗୋକୁଳ ସାହୁ ମୋ ପୋଖରୀ ପାଇଁ ପ୍ରତ୍ୟେକ ୧,୯୯,୫୦୦ ଟଙ୍କା ଅନୁଦାନ ପାଇଥିବାବେଳେ ନାଳ ସଦୃଶ ପୋଖରୀ ଖୋଳି ଯନ୍ତ୍ରୀଙ୍କୁ ହାତେଇ ଠିକାଦାର ବିଲ୍ କରିଥିଲେ। କିନ୍ତୁ ପୋଖରୀ ଖୋଳିବା ଦିନଠାରୁ ଶୁଖିଲା ପଡିଥିବା ଦେଖିବାକୁ ମିଳିଛି। କେବଳ ଏହି ଦୁଇଟି ନୁହେଁ। ଶତାଧିକ ପୋଖରୀ ଖନନରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରେ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


ନାଳ ସଦୃଶ ଖୋଳା ଯାଇଥିବା ପୋଖରୀ।

## ସଂକ୍ଷେପରେ

### ବେଶ ଆଗରେ ରହିବେନି ସେବାୟତ

ପୁରୀ ଅଫିସ, ୧୦।୬: ସ୍ନାନଯାତ୍ରାଠାରୁ ସୁନାବେଶ ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତିକୁ ଶୃଙ୍ଖଳିତ କରିବା ପାଇଁ ଶୁକ୍ରବାର ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନ ଏବଂ ପରିଚାଳନା କମିଟି ଆଲୋଚନା କରିଛି। ରଥ ଉପରକୁ ମୋବାଇଲ ଫୋନ୍ ନେବା ବାରଣଠାରୁ ଆରମ୍ଭ କରି ହାତୀବେଶ ଓ ସୁନାବେଶ ଭଳି ଦୁର୍ଲ୍ଲଭ ବେଶ ସମୟରେ ମହାପ୍ରଭୁଙ୍କ ସମ୍ମୁଖରେ ସେବାୟତମାନେ ନ ରହିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଦଇତାପତି ନିଯୋଗର ସଦସ୍ୟମାନେ ଉପସ୍ଥିତ ଥିଲେ। ଦୀର୍ଘଦିନ ପରେ ଭକ୍ତ ଚର୍ମଚକ୍ଷୁରେ ଦାରୁଦିଅଁଙ୍କ ଦର୍ଶନ କରିବେ। ଏଥିରେ କେହି ବାଧକ ନ ହେବା ନେଇ ସେବାୟତମାନେ ଧ୍ୟାନ ଦେବା ଦରକାର ବୋଲି ବୈଠକରେ ସର୍ବସମ୍ମତ ମତ ପ୍ରକାଶ ପାଇଛି। ଦଇତାପତି ସେବାୟତମାନେ ମହାପ୍ରଭୁଙ୍କ ଦର୍ଶନରେ ବାଧକ ସାଜିବେ ନାହିଁ ବୋଲି ପରିଚାଳନା କମିଟି ଓ ପ୍ରଶାସନକୁ ଆଶ୍ୱସ୍ତ କରିଛନ୍ତି। ସ୍ନାନଯାତ୍ରା ଦିନ ସ୍ନାନବେଦୀ ତଳେ ଦିନତମାମ୍ ଦର୍ଶନ ହେବ। ଧୂପ ସରିଲେ, ଭକ୍ତ ସ୍ନାନବେଦୀ ନିକଟକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଚତୁର୍ଦ୍ଧାବିଗ୍ରହଙ୍କୁ କେହି ସ୍ପର୍ଶ କରିବେ ନାହିଁ। ହାତୀବେଶକୁ ସୁରକ୍ଷିତ ରଖାଯିବ ଓ ସଯତ୍ନରେ ଓଲାଗି କରାଯିବ। ସେହିଭଳି ଅନବସର ସମୟରେ ମହାପ୍ରଭୁଙ୍କ ସେବାରେ ଲାଗିବାକୁ ଥିବା ରାଶିତେଲ, ଚନ୍ଦନ ଓ ଝୁଣା ଇତ୍ୟାଦି ପ୍ରସ୍ତୁତ ହୋଇରହିଛି। ଭୋଗ ସାମଗ୍ରୀ ମଧ ପ୍ରସ୍ତୁତ ରଖାଯାଇଛି। ଅନବସର ପରେ ନବଯୌବନଠାରୁ ଭକ୍ତଙ୍କ ଆଗମନ ବଢ଼ିବ। ଏଭଳି ସ୍ଥଳେ ନୀତିକାନ୍ତି ବିଳମ୍ବ ହେଲେ ରଥଯାତ୍ରା ନୀତିକାନ୍ତି ମଧ ପ୍ରଭାବିତ ହେବ। ଏଣୁ ନବଯୌବନ ଦର୍ଶନଠାରୁ ନୀତିକାନ୍ତିକୁ ସମୟ ଥାଇ ସାରିବା ପାଇଁ କୁହାଯାଇଛି। ରଥଯାତ୍ରା ଦିନ ନିର୍ଦ୍ଧାରିତ ସମୟର ଘଣ୍ଟାଏ ପୂର୍ବରୁ ସବୁ ନୀତିକାନ୍ତି କରାଯିବା ପାଇଁ ଯୋଜନା କରାଯାଇଛି। ବାହୁଡ଼ାଯାତ୍ରା ଓ ସୁନାବେଶରେ ନୀତିକାନ୍ତି କରାଯିବା ନେଇ ଆଲୋଚନା ହୋଇଥିବା ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି। ସେହିପରି ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ସ୍ନାନଯାତ୍ରାର କାର୍ଯ୍ୟକ୍ରମ ଅନୁଯାୟୀ ସକାଳ ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭକ୍ତ ଦର୍ଶନ କରିପାରିବେ।

### ସରପଞ୍ଚ, ପୂର୍ବତନ ସରପଞ୍ଚ ବିବାଦ: ୨ ମାମଲା ରୁଜୁ

ବିଞ୍ଝାରପୁର, ୧୦।୬(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତର ସରପଞ୍ଚ ଓ ପୂର୍ବତନ ସରପଞ୍ଚଙ୍କ ମଧରେ ଉପୁଜିଥିବା ବିବାଦ ଥାନାରେ ପହଞ୍ଚିଛି। ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ ବୁଧବାର ବିଞ୍ଝାରପୁର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କୁ ପୂର୍ବତନ ସରପଞ୍ଚ ଦେବାନନ୍ଦ ମଳିକ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିବାକୁ ଧମକ ଦେଇଥିଲେ। ସେହିପରି ପୂର୍ବତନ ସରପଞ୍ଚ ଦେବାନନ୍ଦ ସରପଞ୍ଚଙ୍କ ବିରୋଧରେ ଥାନା କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କୁ ଜାତିକୁ ଆକ୍ଷେପ କରାଯିବା ସହ ୱାର୍ଡସଭ୍ୟଙ୍କୁ ଉସୁକାଇ ମାଡ଼ ମାରିବାକୁ ଧମକ ଦିଆଯାଇଛି। ପୋଲିସ ଉଭୟଙ୍କ ଅଭିଯୋଗ ଗ୍ରହଣ କରି ତଦନ୍ତ କରିବା ସହିତ ୨ଟି ମାମଲା ୩୮୬/୨୨ ଏବଂ ୩୮୭/୨୨ ରୁଜୁ କରିଛି।

### ଅକ୍ଷୟ ହତ୍ୟାକାଣ୍ଡ: ଅନଶନରେ ବସିବ ସଂଗ୍ରାମ ସମିତି

ଯାଜପୁର,୧୦।୬(ଡି.ଏନ.ଏ.): ମଙ୍ଗଳପୁର ଥାନା ଅଧୀନ ଇଟାପଡ଼ା ଗ୍ରାମର ଅକ୍ଷୟ ବାରିକ(୨୫) ହତ୍ୟା ଘଟଣାକୁ ୧ ମାସ ବିତିଥିଲେ ମଧ ପୋଲିସର ହାତ ଖାଲି ରହିଛି। ପୋଲିସ ସନ୍ଦେହରେ ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲେ ସୁଦ୍ଧା ଅଭିଯୁକ୍ତଙ୍କୁ ଧରିବାକୁ ସକ୍ଷମ ହୋଇନାହିଁ। ଅକ୍ଷୟଙ୍କ ପରିବାରକୁ ପୋଲିସ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ସମୟ ଗଡ଼ାଇ ଚାଲିଛି। ଏହାର ପ୍ରତିବାଦରେ କମାରଡିହି ଓ କର୍ଯ୍ୟାଁ ପଞ୍ଚାୟତର ଶତାଧିକ ଜନସାଧାରଣ ଅକ୍ଷୟ ହତ୍ୟା ରହସ୍ୟ ଉନ୍ମୋଚନ ସଂଗ୍ରାମ ସମିତି ବ୍ୟାନରରେ ଏକାଠି ହୋଇ ଆସନ୍ତା ୧୨ ତାରିଖଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଗଣଧାରଣା ଚାଲୁ ରଖିବେ। ଏନେଇ ସଂଗ୍ରାମ ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ, ରବିବାର ସକାଳ ୭ ଟାରେ ଏକ ଶୋଭାଯାତ୍ରା ଅକ୍ଷୟଙ୍କ ମୃତଦେହ ମିଳିଥିବା ସ୍ଥାନ କାଉଡ଼ିଆ ନାଳ ନିକଟରୁ ବାହାରି କମାରଡିହ ଛକରେ ପହଞ୍ଚି ସେଠାରେ ଅନଶନ ଆରମ୍ଭ ହେବ ବୋଲି ସଂଗ୍ରାମ ସମିତି ତରଫରୁ ମଳୟ କୁମାର ପଣ୍ଡା,ଚୌବନ କାରିକ୍, ପ୍ରଶେଷ ସୂତାର, ଦିଗାମ୍ବର ଦାସ,କାଳନ୍ଦି ଦାସ, ସୁବାସ ସେଠୀ ପ୍ରମୁଖ ଜଣାଇଛନ୍ତି।

# ଅଧପନ୍ତରିଆ ସ୍କୁଲ ଲୋକାର୍ପଣକୁ ବିରୋଧ

## ଧାରଣାରେ ବସିଲେ ଗ୍ରାମବାସୀ

ବିଞ୍ଝାରପୁର,୧୦।୬(ଡି.ଏନ.ଏ.)

ରାଜ୍ୟର ୫ଟି ଜିଲାରେ ଶୁକ୍ରବାର ୪୧୬ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଲୋକାର୍ପଣ ହୋଇଥିବା ବେଳେ ଯାଜପୁର ଜିଲାରେ ୧୫୦ ହାଇସ୍କୁଲ୍ ଲୋକାର୍ପଣ ହୋଇଛି। ତେବେ ବିଞ୍ଝାରପୁର ବ୍ଲକରେ ୫-ଟି ଯୋଜନା ଅନ୍ତର୍ଭୁକ୍ତ ଉଚ୍ଚ ବିଦ୍ୟାଳୟଗୁଡିକ ରୂପାନ୍ତରଣ କାର୍ଯ୍ୟ ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ରୂପାନ୍ତରଣ ନାଁରେ ୩୦ ରୁ ୪୦ ପ୍ରତିଶତ କାର୍ଯ୍ୟ ହୋଇଥିବା ଅର୍ଦ୍ଧପନ୍ତରିଆ ବିଦ୍ୟାଳୟଗୁଡିକୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଉଛି। ଯାହାକୁ ନେଇ ସ୍କୁଲ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ବିରୋଧ ପ୍ରଦର୍ଶନ କରିଥିବା ବ୍ଲକର ଜଗନ୍ନାଥପୁର ସରକାରୀ ଉଚ୍ଚବିଦ୍ୟାଳୟରେ ଦେଖିବାକୁ ମିଳିଛି।

ଉକ୍ତ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରାଯାଇଛି। ଫଳରେ ଏହାକୁ ଜଗନ୍ନାଥପୁର ଗ୍ରାମବାସୀ ବିରୋଧ କରିଛନ୍ତି। ଏପରି କି ବିଦ୍ୟାଳୟ ପରିଚାଳନା କମିଟି ସମେତ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖ ଫାଟକ ନିକଟରେ ଧାରଣାରେ ବସିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟ ମାତ୍ର ୩୦ରୁ୪୦ ପ୍ରତିଶତ ହୋଇଛି। ଯେତିକି କାମ ହୋଇଛି ତାହାମଧ ନିମ୍ନମାନର। କାର୍ଯ୍ୟ ତଦାରଖ ଦାୟିତ୍ୱ ବିଡିଓଙ୍କ ଉପରେ ଥିଲାବେଳେ ସେ କାର୍ଯ୍ୟ କ୍ଷେତ୍ରକୁ ଆସୁନାହାନ୍ତି। ଏପରି କି ବିଦ୍ୟାଳୟର ଶୌଚାଳୟ, ବିଦ୍ୟୁତ୍‌କରଣ, ବାଉଣ୍ଡରୀ ୱାଲ, ପାନୀୟ ଜଳ, ଖେଳ ପଡ଼ିଆ, ବଗିଚା କାର୍ଯ୍ୟ, ରାସ୍ତା ଓ ରଙ୍ଗ କାର୍ଯ୍ୟ ହୋଇ ନ ଥିବା ସ୍କୁଲ୍ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀବୃନ୍ଦ ପୂର୍ବରୁ ବିଞ୍ଝାରପୁର ବିଡିଓ, ଯାଜପୁର ଜିଲାପାଳ, ୫ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କ ଗ୍ରିଭାନ୍ସକୁ ଅଭିଯୋଗ କରିଥିଲେ। ହେଲେ କୌଣସି ବ୍ୟବସ୍ଥା କରା ନ ଯାଇ ସରକାର ଏହି ବିଦ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। ଯାହାକି ଦୁଃଖ ଓ ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ନାୟକ, ଅଜୟ କୁମାର ଜେନା, ମାୟାଧର ସାମଲ, ରମାକାନ୍ତ ସାମଲ, ବିଷ୍ଣୁ ନାୟକ, ବିରଞ୍ଚି ନାରାୟଣ ନାୟକଙ୍କ ସମେତ ଗ୍ରାମବାସୀ ବିଦ୍ୟାଳୟ ସମ୍ମୁଖ ଫାଟକ ନିକଟରେ ଧାରଣାରେ ବସିଥିଲେ। ଏ ସମ୍ପର୍କରେ ବ୍ଲକ କନିଷ୍ଠ ଯନ୍ତ୍ରୀ ରାସବିହାରୀ ଜେନା କହିଛନ୍ତି, ସମ୍ପୃକ୍ତ ସ୍କୁଲ୍‌ର କ୍ଲାସ୍ ରୁମ୍ ଓ ରଙ୍ଗ କାର୍ଯ୍ୟ ଶେଷ ହୋଇଛି। ଖେଳ ପଡ଼ିଆ, ଶୌଚାଳୟ ଓ ବଗିଚା କାର୍ଯ୍ୟ ଜାରି ରହିଛି। ଏହା ଖୁବ୍‌ଶୀଘ୍ର ଶେଷ ହେବ।



ସ୍କୁଲ୍ ଲୋକାର୍ପଣ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ ଧାରଣା ଦେଇଛନ୍ତି।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ବିରଜା କଲ୍‌ଚରାଲ୍ ଏକାଡେମୀ ଉଦ୍‌ଘାଟିତ

ଯାଜପୁର ଟାଉନ,୧୦।୬(ଡି.ଏନ.ଏ.)

କଳାର ସହର ଯାଜପୁରରେ ଓଡ଼ିଶୀ ନୃତ୍ୟ, ସଂଗୀତର ବିକାଶ ପାଇଁ ସୁଯୋଗ ସୃଷ୍ଟି ହେବାକୁ ଯାଉଥିବାବେଳେ ଶୁକ୍ରବାର ସଂସ୍କୃତିଭବନ ପରିସରରେ ବିରଜା କଲ୍‌ଚୁରାଲ୍ ଏକାଡେମୀର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁ ଆଶିଷ ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାରତର ମହାନ୍ ସାଧିକା ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି ଯୋଗଦେଇ କଳାର ମାଟିରେ ଓଡ଼ିଶୀ ନୃତ୍ୟ ଶିକ୍ଷାକେନ୍ଦ୍ର ବେଶ ସଫଳତା ଆଣିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଯଯାତିକେଶରୀ ଦାସ, ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଶିକ୍ଷାବିତ୍ ସୁଧାଂଶୁ ଶେଖର ପତି ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନ ଯାଜପୁରର କଳାକାରଙ୍କୁ ବିଶ୍ୱସ୍ତରରେ ପହଞ୍ଚାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉପସଭାପତି ନାରାୟଣ ଦାସ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦିକା ସସ୍ମିତା ପଣ୍ଡା ବିବରଣୀ ପାଠ କରିଥିଲେ। ଏହି ଅବସରେ ଅତିଥି ଲୋଗୋ ଉନ୍ମୋଚନ କରିଥିଲେ। ସମ୍ପାଦିକା ଗୁରୁ ସସ୍ମିତା ପଣ୍ଡା, କୋଷାଧ୍ୟକ୍ଷା ପ୍ରତିମା ମିଶ୍ର, ସଭ୍ୟା ସୁଶ୍ରୀ ସଂଗୀତା ପାଣି ଓ ଭାରତୀ ଆଚର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନ୍‌ଜୀବୀ ଦୀପ୍ତିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ପରେ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୨୫ ବିଦ୍ୟାଳୟକୁ ମିଳିଲା ଜମି ପଟ୍ଟା



ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉଛି।

ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.)

ବଡ଼ଚଣାର ୨୫ ବିଦ୍ୟାଳୟକୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ଦୀର୍ଘ ବର୍ଷ ହେବ ଏହି ସବୁ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲେ ମଧ ଏହାର ଜମିପଟ୍ଟା ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ନ ଥିଲା। କେତେକ ବିଦ୍ୟାଳୟ ଗଠନ ହେବା ଦିନଠାରୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଓ ସମ୍ପାଦକଙ୍କ ନାମର ଜମି ପଟ୍ଟା ରହିଥିଲା। ଏପରି କି କେତେକ ଜମି ବ୍ୟକ୍ତିଗତ ନାମରେ ମଧ ରହିଥିଲା, ଯାହାକୁ ନେଇ ସମସ୍ୟା ଦେଖାଦେଇଥିଲା। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏହି ସବୁ ବିଦ୍ୟାଳୟର ଜମି ପଟ୍ଟା ସଂଶୋଧନ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଆଧାରରେ ଦର୍ପଣ ତହସିଲ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୫୭ଟି ବିଦ୍ୟାଳୟର ଜମିପଟ୍ଟା ବଣ୍ଟନ କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାରେ ଶୁକ୍ରବାର ମହାଗିରି ସରକାରୀ ଉଚ୍ଚବିଦ୍ୟାଳୟ, ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟ, ବିଶେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟ, ଜନତା ସରକାରୀ ଉଚ୍ଚବିଦ୍ୟାଳୟ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଣ୍ଡୁକା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ପଲ୍ଲିପ୍ରଭା ଉଚ୍ଚ ବିଦ୍ୟାଳୟ, ମହାବିନାୟକ ବିଦ୍ୟାୟନ ବଡ଼ଚଣା ପ୍ରମୁଖ ୨୫ ଟି ବିଦ୍ୟାଳୟକୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ପଟ୍ଟା ବଣ୍ଟନ ଉତ୍ସବରେ ତହସିଲଦାର ପ୍ରଦୀପ କୁମାର ସେଠୀ, ଅତିରିକ୍ତ ତହସିଲଦାର ଅଭିଲିପ୍ସା ପ୍ରିୟଦର୍ଶିନୀ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ର ଓ ଶିକ୍ଷକ ନେତା ବ୍ରଜକିଶୋର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




କଳିଙ୍ଗନଗର ଶିଳ୍ପାଞ୍ଚଳ ଅଧୀନ ନୀଳାଚଳ ଇସ୍ପାତ ନିଗମର ଶତାଧିକ ଠିକା ଶ୍ରମିକ ୩ ଦଫା ଦାବିରେ ଏଡିଏମ୍ ଅଫିସ ଘେରାଉ କରିଛନ୍ତି।

## ବଡ଼ଚଣାରେ ଲୋକାର୍ପିତ ହେଲା ୧୯ ବିଦ୍ୟାଳୟ

ଚଣ୍ଡିଖୋଲ/ଛତିଆ,୧୦।୬(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ରୂପାନ୍ତରିତ ହୋଇଥିବା ବଡ଼ଚଣା ବ୍ଲକର ୧୯ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଲୋକାର୍ପଣ କରିଛନ୍ତି। ଉକ୍ତ ବ୍ଲକ୍‌ର ବାଲିଚନ୍ଦ୍ରପୁର, ପତରାଜପୁର, ଖଡ଼ିଅଙ୍ଗ, ମଳିହାଶୁଣୀ, ଭଗବତୀ ବିଦ୍ୟାପୀଠ, ପାରିଆ ପଞ୍ଚାୟତ ଅନ୍ତର୍ଗତ ହରିଶଙ୍କର ବିଦ୍ୟାପୀଠ ଓ ଜନକଲ୍ୟାଣ ହାଇସ୍କୁଲ୍ ସମେତ ୧୯ଟି ବିଦ୍ୟାଳୟର ଲୋକାର୍ପଣ କରାଯାଇଛି। ଏହି ବିଦ୍ୟାଳୟଗୁଡିକରେ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରି ଓ ଶୌଚାଳୟ ଆଦି ନିର୍ମାଣ କରାଯାଇଛି। ଲୋକାର୍ପିତ ହୋଇଥିବା ବିଦ୍ୟାଳୟଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସୋଲର ସ୍କୁଲ ପରିସରରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମିଳିତ ସହଯୋଗରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସୋଲର ସରପଞ୍ଚ ବିଜୟ ସ୍ୱାଇଁ, ବରିଷ୍ଠ ସମାଜସେବୀ ମାଧବାନନ୍ଦ ମହାପାତ୍ର, ପ୍ରଧାନଶିକ୍ଷକ ରଞ୍ଜନ କୁମାର ଦାସ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ବହୁ ଅଭିଭାବକ ଯୋଗଦେଇ ସରକାରଙ୍କୁ ପ୍ରଶଂସା କରିବା ସହିତ କୃତଜ୍ଞତା ଜଣାଇଥିଲେ।

## ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଚଣ୍ଡିଖୋଲ,୧୦।୬(ଡି.ଏନ.ଏ.)

ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ବନ୍ଧାଲ ଛକ ନିକଟରେ ଏକ ମିନି ଟ୍ରକ(ଓଡି୦୪-୦୫୨୫) ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବନ୍ଧାଲ ଗ୍ରାମର ବିଜୟ କୁମାର ମହାନ୍ତି(୫୫)। ସେ ଶୁକ୍ରବାର ସାଇକେଲ ଯୋଗେ ବନ୍ଧାଲରୁ ଛତିଆ ଅଭିମୁଖେ ଯାଉଥିବା ବେଳେ ତାଙ୍କୁ ଟ୍ରକ୍ ଧକ୍କାଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ପରେ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏନେଇ ନଂ.୧୮୪/୨୨ରେ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ମିନି ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି।

# ମହମ୍ମଦଙ୍କ ସମ୍ପର୍କରେ ଆପତ୍ତିଜନକ ମନ୍ତବ୍ୟକୁ ବିରୋଧ



ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଯାଜପୁର ଟାଉନ,୧୦।୬(ଡି.ଏନ.ଏ.)

ଏକ ଟିଭି କାର୍ଯ୍ୟକ୍ରମରେ ଭାଜପା ମୁଖପାତ୍ର ନୁପୁର ଶର୍ମା ଓ ନବୀନ ଜିନ୍ଦଲ ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ଦେଇଥିବା ଆପତିଜନକ ମନ୍ତବ୍ୟକୁ ଯାଜପୁରରେ ବିରୋଧ କରାଯାଇଛି। ଏନେଇ ସ୍ଥାନୀୟ ମୁସଲମାନ ସମ୍ପ୍ରଦାୟ ସଂଗଠନର ଯୁବକଙ୍କ ପକ୍ଷରୁ ସହରରେ ଶୋଭାଯାତ୍ରା କରାଯିବା ସହ ଉଭୟଙ୍କ ବିରୋଧରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଯାଜପୁର ଟାଉନ୍ ଥାନାରେ ଏକ ମାମଲା ମଧ ଦାୟର କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସେକ୍ ସାହାବୁଦ୍ଦିନ୍, ଇକ୍‌ବାଲ୍ ଅଲ୍ଲୀ ଖାଁ, କାଉନସିଲର ସେକ୍ ମୁର୍ତ୍ତେଜା, ସେକ୍ ରମ୍‌ଜାନୀ, ସେକ୍ ଅକତର ହୁସେନ୍, ସେକ୍ ଅନୱର, ସେକ୍ ସିକନ୍ଦର ଆଲମ୍, ସେକ୍ ନାଜୋ, ସେକ୍ ଗୁଡା, ଇମ୍‌ତିୟାଜ୍ ଖାଁ, ସେକ୍ କାଦିର, ସୋଭାନ୍ ଅଲ୍ଲୀ ଖାଁ, ଗୁଫ୍‌ରାନ୍ ଖାଁ, ଅମଜାଦ୍ ଖାଁ, ସୋହେଲ୍ ଖାଁ, ସମିମ୍ ଅଖତର, ଆସିକୁର ରହେମାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ କଂଗ୍ରେସ ସଭାପତି ବିଜେଡିରେ ସାମିଲ



ବ୍ଲକ କଂଗ୍ରେସ ସଭାପତିଙ୍କୁ ମନ୍ତ୍ରୀ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରୁଛନ୍ତି।

ବିଞ୍ଝାରପୁର,୧୦।୬(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ପାତ୍ର ଦଳ ଛାଡ଼ି ଆନୁଷ୍ଠାନିକଭାବେ ବିଜେଡିରେ ଯୋଗ ଦେଇଛନ୍ତି। ଗୁରୁବାର ରାତିରେ ମଈନ୍ଦାଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ପାତ୍ର ଓ ତାଙ୍କ ୫୦ରୁ ଊର୍ଦ୍ଧ୍ୱ ସମର୍ଥକଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ଫଳରେ ବିଞ୍ଝାରପୁରରେ ବିଜେଡି ଆହୁରି ସୁଦୃଢ଼ ହେବ ବୋଲି ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଥିଲେ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ରସୁଲପୁର,୧୦।୬(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶୁକ୍ରବାର ଅପରାହ୍ନରେ ମନ୍ତ୍ରୀ ଏହି ବ୍ଲକ ଅଧୀନସ୍ଥ ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ରାସ୍ତାରେ ପଞ୍ଚାୟତ ପ୍ରତିନିଧିମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ନାଏବ ସରପଞ୍ଚ କେଦାର ଦେଓ ଏବଂ ସେମାନଙ୍କ ସମର୍ଥକ ମନ୍ତ୍ରୀଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।



ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୧୫୦ ରୂପାନ୍ତରିତ ବିଦ୍ୟାଳୟ ଲୋକାର୍ପିତ



ବିଦ୍ୟାଳୟ ଲୋକାର୍ପଣ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।



ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବିଦ୍ୟାଳୟ ଲୋକାର୍ପଣ କରାଯାଉଛି।

ରସୁଲପୁର,୧୦।୬(ଡି.ଏନ.ଏ.)

ଯାଜପୁର ଜିଲାରେ ଶୁକ୍ରବାର ୫-ଟି ବିଦ୍ୟାଳୟ ରୂପାନ୍ତରଣର ଦ୍ୱିତୀୟ ପର୍ଯ୍ୟାୟ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାର ରସୁଲପୁର ବ୍ଲକ୍ ଅଧୀନ ଜାବରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲାସ୍ତରୀୟ ଲୋକାର୍ପଣ ଉତ୍ସବରେ ୧୫୦ଟି ବିଦ୍ୟାଳୟକୁ ଲୋକାର୍ପଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଏହାର ଲୋକାର୍ପଣ କରିଛନ୍ତି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ୫-ଟି ବିଦ୍ୟାଳୟ ସମ୍ପର୍କରେ କେତେକ ଉପାଦେୟ ତଥ୍ୟ ରଖିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରତିରଞ୍ଜନ ଘଡ଼ାଇ, ରାଜ୍ୟସଭା ଏମ୍‌ପି ସୁଲତା ଦେଓ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, କୋରେଇ ବିଧାୟକ ଅଶୋକ କୁମାର ବଳ ଓ ବରୀ ବିଧାୟିକା ସୁନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ଜିଲା ପରିଷଦ ସଭାପତି, ଉପସଭାପତି, ଜିଲାର ସମସ୍ତ ବ୍ଲକ ଓ ପୌରପାଳିକାର ଅଧ୍ୟକ୍ଷ, ଅଧ୍ୟକ୍ଷା, ଉପାଧ୍ୟକ୍ଷା/ଉପାଧ୍ୟକ୍ଷ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ଜିଲାର ବହୁ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ।

# ଦିଗପହଣ୍ଡିର ପୁଞ୍ଜିକୟାଁ ଛକ ମରଣଯନ୍ତା

ଦିଗପହଣ୍ଡି,୧୦।୬(ଡି.ଏନ.ଏ.)


ପୁଞ୍ଜିକୟାଁ ଛକ

- ଟ୍ରାଫିକ ପୋଷ୍ଟ ନ ଥିବାରୁ ପ୍ରତିଦିନ ଘଟୁଛି ଦୁର୍ଘଟଣା
- ଛକର ନକ୍ସା ବଦଳାଇବାକୁ ଦାବି

ଦିଗପହଣ୍ଡିର ପୁଞ୍ଜିକୟାଁ ଛକ ମରଣଯନ୍ତା ପାଲଟିଛି। ଦିଗପହଣ୍ଡି–ବ୍ରହ୍ମପୁର ୧୭ନଂ. ରାଜ୍ୟ ରାଜପଥ ଏବଂ ୩୨୬ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ଛକ ବ୍ରହ୍ମପୁର–ଚିକିଟି–ରାୟଗଡ଼ା–ଆସିକା ରାସ୍ତାକୁ ସରଳରେଖାରେ ବିଭକ୍ତ କରୁଛି। ଦିଗପହଣ୍ଡି–ବ୍ରହ୍ମପୁର ଏବଂ ଦିଗପହଣ୍ଡି–ରାୟଗଡ଼ା ରାସ୍ତାଟି ୪ ଲେନ ବିଶିଷ୍ଟ ହୋଇସାରିଥିବା ବେଳେ ଗତ ୮ ବର୍ଷ ହେଲା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ନାହିଁ ନାହିଁରେ ଚାଲିଛି ନିର୍ମାଣ କାର୍ଯ୍ୟ। ରାଞ୍ଚି–ବିଜୟୱାଡା କରିଡ଼ର ରାସ୍ତା ପ୍ରକଳ୍ପ ଆସିକା–ଡଉଗାଁ ଛକଠାରୁ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ଭାୟା ଶେରଗଡ଼ ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସରିବାର ନାଁ ଧରୁନି। ଦିଗପହଣ୍ଡିର ପୁଞ୍ଜିକୟାଁ ଚାରିଛକଟି ରାଜ୍ୟ ରାଜପଥ ଏବଂ ଜାତୀୟ ରାଜପଥର ସଙ୍ଗମସ୍ଥଳୀ ହୋଇଥିବାରୁ ଏହି ଛକଟି କାହାର ତାକୁ ନେଇ ଏବେ ବିବାଦ ଆରମ୍ଭ ହୋଇଯାଇଛି। ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ପୁଞ୍ଜିକୟାଁ ଚାରି ଛକଟି ଆମର ନୁହେଁ ତାହା ଜାତୀୟ ରାଜପଥ କାର୍ଯ୍ୟାଳୟର ବୋଲି କହୁଥିବା ବେଳେ ଜାତୀୟ ରାଜପଥ କାର୍ଯ୍ୟାଳୟ ଦିଗପହଣ୍ଡି ପୁଞ୍ଜିକୟାଁ ଚାରିଛକଟି ଆମର ନୁହେଁ ବରଂ ତାହା ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟର ବୋଲି କହୁଛନ୍ତି। ପୁଞ୍ଜିକୟାଁ ଚାରିଛକର ୪ ଲାଇନ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ସରିଯାଇଥିଲେ ମଧ ଦୀର୍ଘ ୮ ବର୍ଷ ହେଲା ସ୍ଥାନୀୟ ଜନସାଧାରଣଙ୍କ ଦାବି ମୁତାବକ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଛକର ଭୁଲ ନକ୍ସା ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରିବା ଦ୍ୱାରା ଦୁର୍ଘଟଣା ବୃଦ୍ଧି ପାଇବା, ଗୋଲେଇ ଛକ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇ ନକରିବା ନେଇ ପୂର୍ବରୁ ଦିଗପହଣ୍ଡି ବିକାଶ ପରିଷଦ, ବ୍ୟବସାୟୀ ସଂଘ, ସିପିଆଇ, କଂଗ୍ରେସ, ଭାଜପା ପ୍ରଭୃତି ବିଭିନ୍ନ ରାଜନୈତିକ ଦଳ ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପୁଞ୍ଜିକୟାଁ ଚାରିଛକର ଉନ୍ନତି ନେଇ ଦାବି କରାଯାଇଥିଲେ ମଧ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ଖାମଖିଆଲି ଯୋଗୁ ଜନସାଧାରଣ, ଛାତ୍ରୀଛାତ୍ର ଏହି ଛକରେ ରାସ୍ତା ଅତିକ୍ରମ କରିବା ପାଇଁ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭକରି ଗଞ୍ଜାମ ଜିଲାପାଳଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ସୁଦ୍ଧା ସମସ୍ତଙ୍କ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଦିଗପହଣ୍ଡିର ଏହି ପୁଞ୍ଜିକୟାଁ ଚାରିଛକ ଦେଇ ଚିକିଟିର ପର୍ଯ୍ୟଟନ କ୍ଷେତ୍ର ମା' ବାଳକୁମାରୀ ଶକ୍ତି ପୀଠ, ଗଞ୍ଜାମର ପର୍ଯ୍ୟଟନ କ୍ଷେତ୍ର, ଶ୍ରୀଉଜ୍ଜ୍ୱଳେଶ୍ୱର ଶୈବପୀଠ, ଘୋଡ଼ାହାଡ଼ ଡ୍ୟାମ୍, ଉଷ୍ଣପ୍ରସ୍ରବଣ ତପ୍ତପାଣି, ଗଜପତି ଜିଲାର ପର୍ଯ୍ୟଟନ କ୍ଷେତ୍ର ଚନ୍ଦ୍ରଗିରି ଜିରାଙ୍ଗ ସ୍ଥିତ ପଦ୍ମ ସମ୍ଭବ ବୌଦ୍ଧ ବିହାର ସମେତ ଖସଡ଼ା, ମାଙ୍କଡଡିଆଁ ଜଳପ୍ରପାତ ଆଦି ପର୍ଯ୍ୟଟନସ୍ଥଳୀକୁ ପ୍ରତ୍ୟହ ହଜାର ହଜାର ଯାତ୍ରୀଙ୍କ ସମେତ ବିଭିନ୍ନ କାମ ପାଇଁ ପ୍ରତିଦିନ ଦିଗପହଣ୍ଡି ଆସୁଥିବା ଲୋକଙ୍କ ପାଇଁ ଏହି ଛକରେ ପରିସ୍ରାଗାର ନାହିଁ। ପୁଞ୍ଜିକୟାଁ ଚାରିଛକର ଗୁରୁତ୍ୱ ଦୃଷ୍ଟିରୁ ଯୁଦ୍ଧକାଳୀନ ଭିତ୍ତିରେ ଏଠାରେ ଏକ ଗୋଲେଇ ଛକ ନିର୍ମାଣ କରିବା ସହିତ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଏବଂ ଉଠା ଦୋକାନୀମାନଙ୍କ ପାଇଁ ଭେଣ୍ଡିଂ ଜୋନ ନିର୍ମାଣ କରିବା ଲାଗି ଦାବି ହେଉଛି।

## ସେମାନେ କହନ୍ତି

▶ଦିଗପହଣ୍ଡି ପୁଞ୍ଜିକୟାଁ ଛକର ଡ୍ରଇଂ ଡିଜାଇନ ଶୀଘ୍ର ବଦଳାଯାଇ ବ୍ୟୁଟିଫିକେଶନ ପାଇଁ ପଦକ୍ଷେପ ନିଆଯିବ। ବର୍ତ୍ତମାନ ମୁଖ୍ୟରାସ୍ତା ପାର୍ଶ୍ୱରେ ଡିପ୍ ଡ୍ରେନ୍ ପାଇଁ ବିଭାଗୀୟ ମଞ୍ଜୁରୀ ମିଳିଛି। ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ପୁଞ୍ଜିକୟାଁ ଛକର ଆଧୁନିକୀକରଣ ପାଇଁ ପ୍ରଥମ ପର୍ଯ୍ୟାୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ସବିଶେଷ ଆଲୋଚନା କରାଯିବ।

–ଇଂ. କାର୍ତ୍ତିକେଶ୍ୱର ପ୍ରଧାନ
(ସହକାରୀ ଯନ୍ତ୍ରୀ, ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ)

▶ଆସିକା ଡଉଗାଁ ଛକଠାରୁ ପୋଡ଼ାମାରି ଭାୟା ଦିଗପହଣ୍ଡି ପୁଞ୍ଜିକୟାଁ ଛକ ୩୨୬ ନଂ ଜାତୀୟ ରାଜପଥର ୪୦ କିମି ୪ ଲେନ୍ ରାସ୍ତା ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ରାସ୍ତା ନିର୍ମାଣ ସମୟରେ ପୁଞ୍ଜିକୟାଁ ଛକର ବିକାଶ ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ। ପୁରୁଣା ଡ୍ରଇଂ ଡିଜାଇନ୍ ପରିବର୍ତ୍ତେ ନୂତନ ଡ୍ରଇଂ ଡିଜାଇନ କରାଯିବ।

–ଇଂ. ଫଗୁଲାଲ ମୁର୍ମୁ
(ସହକାରୀ ଯନ୍ତ୍ରୀ, ଜାତୀୟ ରାଜପଥ କାର୍ଯ୍ୟାଳୟ, ବ୍ରହ୍ମପୁର)

▶ପୁଞ୍ଜିକୟାଁ ଛକର ଭୁଲ ଡ୍ରଇଂ ଡିଜାଇନ ଯୋଗୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ସେଠାରେ ତୁରନ୍ତ ଟ୍ରାଫିକ ପୋଷ୍ଟ ପ୍ରତିଷ୍ଠା କରାଯାଉ ଏବଂ ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ପୋଡ଼ାମାରି ରାସ୍ତାରୁ ଆସୁଥିବା ବର୍ଷାଜଳକୁ ମୁଖ୍ୟ ଡ୍ରେନ୍ ସହ ସଂଯୋଗ କରିବା ଲାଗି ପଦକ୍ଷେପ ନିଆଯାଉ।

–ତପନ କୁମାର ମିଶ୍ର
(ସାମାଜିକ କର୍ମୀ)

# କରଚୁଲିରେ ଜଳକଷ୍ଟ, ପାଣି ନ ପାଇ ଛଟପଟ

ବୁଗୁଡ଼ା,୧୦।୬(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି ଗ୍ରାମରେ ପାନୀୟ ଜଳ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମରେ ଶୀତଳ ଷଷ୍ଠୀ ଯାତ୍ରା ଚାଲିଥିବାରୁ ଲୋକଙ୍କ ଭିଡ଼ ହେଉଥିବା ବେଳେ ପାଇପରେ ପାଣି ଆସୁ ନ ଥିବାରୁ ପାଣି ମୁନ୍ଦାଏ ପାଇଁ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରବଳ ଖରାରେ ନଳକୂପ ପାଖରେ ଧାଡିବାନ୍ଧି ରହିବାକୁ ବାଧ ହେଉଛନ୍ତି। ପ୍ରାୟ ୫ ହଜାର ଲୋକ ସଂଖ୍ୟା ବିଶିଷ୍ଟ କରଚୁଲି ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବସ୍‌ଷ୍ଟାଣ୍ଡ ଓ ହାଇସ୍କୁଲ ନିକଟରେ ଦୁଇଟି ଓଭର ହେଡ୍ ଟ୍ୟାଙ୍କ ସାଙ୍ଗକୁ ୪ଟି ବୋର ଖୋଳାଯାଇ ୪ଟି ମଟର ବସିଛି। ପ୍ରତ୍ୟେକ ଘରକୁ ପାଇପ୍ ସଂଯୋଗ ଦିଆଯାଇଛି, କିନ୍ତୁ କିଛି ଦିନ ହେଲା ଗ୍ରାମର ଅର୍ଦ୍ଧାଧିକ ଲୋକ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ମଟର ଡ୍ରାଇଭରଙ୍କୁ ପଚାରିବାରୁ ବୋରରୁ ପାଣି ଉଠାଉ ନ ଥିବା କହୁଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ମେକାନିକ୍ ପଠାଇଥିବା କହିଥିଲେ ମଧ କୌଣସି ମେକାନିକ୍ ଆସିନଥିବା ଗ୍ରାମବାସୀ କହିଛନ୍ତି। କାହା କଥାରେ ତାଳ ମେଳ ରହୁନାହିଁ। ଗ୍ରାମରେ ୭ ନଳକୂପ ଥିଲେ ମଧ ୩ଟି ଅଚଳ ହୋଇ ପଡ଼ିଥିବା ବେଳେ ୨ଟିରୁ କଳଙ୍କି ଲଗା ପାଣି ବାହାରୁଛି। କେବଳ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ନଳକୂପ ଏକମାତ୍ର ଭରସା ପାଲଟିଛି। ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଶିଶୁ ମୃତ

କୋଡିଙ୍ଗା,୧୦।୬(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କର୍ଣ୍ଣାମାଳ ପଞ୍ଚାୟତର ମିଚିଆ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ଶିଶୁଟିର ନା ଚନ୍ଦନ ଭତ୍ରା (୧)। ଗୁରୁବାର ସନ୍ଧ୍ୟା ୬ଟାରେ ଚନ୍ଦନ ଖେଳୁଥିବା ସମୟରେ ଏକ ନାଗ ସାପ ତାଙ୍କ ଡାହାଣ ହାତ ଆଙ୍ଗୁଠିକୁ ଚୋଟ ମାରିଥିଲା । ଏହାପରେ ଚିକିତ୍ସା ପାଇଁ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁଟିକୁ ମୃତ ଘୋଷଣା କରିଥିଲେ। ଏନେଇ କୋଡ଼ିଙ୍ଗା ଥାନାରେ ୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଏଚ୍‌ପିର ଏଆର୍‌ବି ଶପ୍ ଉଦ୍‌ଘାଟିତ



ନବରଙ୍ଗପୁର,୧୦।୬(ବି.ପ୍ର.): ମାଁ ଭଣ୍ଡାରଘରଣୀ ଏଚ୍‌ପି ଗ୍ୟାସ୍ ଏଜେନ୍ସିର ଏଆର୍‌ବି ଶପ୍ ସ୍ଥାନୀୟ ଶାସ୍ତ୍ରୀଭବନ କମ୍ପ୍ଲେକ୍ସର ସାରଳା ଲାଖ ହସ୍ତଶିଳ୍ପ ବିକ୍ରୟ କେନ୍ଦ୍ରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ ଏଚ୍‌ପି ଗ୍ୟାସ୍ ବିକ୍ରୟ ପରିଚାଳକ ଅନୁରାଗ ଠାକୁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମାଁ ଭଣ୍ଡାରଘରଣୀ ମୁଖ୍ୟ ପରିଚାଳକ ସୁକାନ୍ତ ଶତପଥୀ, ସାରଳା ଲାଖ ହସ୍ତଶିଳ୍ପ ବିକ୍ରୟ କେନ୍ଦ୍ର ମୁଖ୍ୟ ମଙ୍ଗଳା ପ୍ରସାଦ ପାତ୍ର, ୧୧ନଂ. ୱାର୍ଡ କାଉନସିଲର ପୁନମ୍ ସାହୁ, ଜିଲା ହସ୍ତଶିଳ୍ପ ବିଭାଗର ଏଚ୍‌ପିଓ ଗୌରବ ସୋରେନ ଅତିଥିଭାବେ ଯୋଗ ଦେଇଥିଲେ।

### ଘରୁ ଚାଲିଯାଇଥିବା ମହିଳାଙ୍କୁ ଉଦ୍ଧାର କଲା ପୋଲିସ

ଡାବୁଗାଁ,୧୦।୬(ଡି.ଏନ.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଘରୁ ଚାଲିଯାଇଥିବା ଜଣେ ମହିଳାଙ୍କୁ ଶୁକ୍ରବାର ଉଦ୍ଧାର କରିଛି। ସ୍ୱାମୀଙ୍କ ନିର୍ଯ୍ୟାତନା ସହି ନ ପାରି ସେ ଘର ଛାଡି ଆସି ସମ୍ପର୍କୀୟଙ୍କ ଘରେ ରହୁଥିଲେ ବୋଲି ମହିଳା ଜଣଙ୍କ ପୋଲିସକୁ କହିଛନ୍ତି। ସୂଚନାନୁଯାୟୀ, ମହିଳାଙ୍କ ସ୍ୱାମୀ ଡାବୁଗାଁ ଥାନାରେ ତାଙ୍କ ସ୍ତ୍ରୀ ଘରୁ ୩୦ ହଜାର ଟଙ୍କା ନେଇ ଅନ୍ୟ କାହା ସହ ଫେରାର ହୋଇଯାଇଥିବା ନେଇ ଗୁରୁବାର ଅଭିଯୋଗ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା କେସ ନଂ ୧୦୨/୨୨ରେ ଏକ ମାମଲା ରୁଜୁ କରି ଖୋଜାଖୋଜି କରିଥିଲେ। କୋଷାଗୁମୁଡା ଥାନା ଅଧୀନ ତାଙ୍କ ସମ୍ପର୍କୀୟଙ୍କ ଘରୁ ମହିଳାଙ୍କୁ ଉଦ୍ଧାର କରାଯାଇଛି। ମହିଳା ତାଙ୍କ ସ୍ୱାମୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସ୍ୱାମୀ ନିଶାସକ୍ତ ଅବସ୍ଥାରେ ମାରପିଟ କରିବା ସହ ବିଭିନ୍ନ ପ୍ରକାର ମରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥାନ୍ତି। ତାଙ୍କ ନିଯ୍ୟାତନା ସାହି ନ ପାରି ନିଜ ସମ୍ପର୍କୀୟ ଘରକୁ ଚାଲି ଆସିଛି ବୋଲି ମହିଳା ଜରଙ୍କ କହିଛନ୍ତି। ସେଠାରୁ ତାଙ୍କୁ ଅଣାଯାଇ ଏବ ବର୍ତ୍ତମାନ ସ୍ୱଧାର ଗୃହରେ ରଖାଯାଇଛ ବୋଲି ପୋଲିସ କହିଛି।

# ୩୧ ସ୍ମାର୍ଟ ସ୍କୁଲ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ପାରଳାଖେମୁଣ୍ଡି,୧୦।୬(ଡି.ଏନ୍.ଏ.)

## ଗଜପତିରେ ଦ୍ୱିତୀୟ ପର୍ଯ୍ୟାୟ ରୂପାନ୍ତରୀକରଣ


ମହେନ୍ଦ୍ରଗିରି ସ୍ମାର୍ଟ ସ୍କୁଲ୍ ଉଦ୍‌ଘାଟନ କରାଯାଉଛି।

ଗଜପତି ଜିଲାରେ ରୂପାନ୍ତରୀକରଣ ହୋଇଥିବା ୩୧ ହାଇସ୍କୁଲକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ମହେନ୍ଦ୍ରଗଡ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ରୂପାନ୍ତରୀକରଣ ଉତ୍ସବରେ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ଜିଲାପାଳ ଲିଙ୍ଗରାଜ ପଣ୍ଡା ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ୫ଟି କାର୍ଯ୍ୟକ୍ରମ ପାଇଁ ସାଧୁବାଦ ଜଣାଇବା ସହ ୫ଟିର ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। ସଦର ମହକୁମାର ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋଷାଣୀ ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ଦେଉଳା, ଗୁମ୍ମା ବ୍ଲକର ଦୁଇଗୋଟି ସ୍କୁଲ ସେହିପରି ୭ ବ୍ଲକର ମୋଟ ୩୧ ସ୍କୁଲ ଲୋକାର୍ପିତ ହୋଇଛି। ଶୁକ୍ରବାର ବିଦ୍ୟାଳୟର ଶ୍ରେଣୀ ଗୃହ ଗୁଡ଼ିକରେ ସ୍ମାର୍ଟବୋର୍ଡ ଲଗାଯାଇଥିବା ବେଳେ ଇ–ଲାଇବ୍ରେରୀ, ବିଜ୍ଞାନଗାର, ଖେଳ ପଡ଼ିଆ, କମ୍ପ୍ୟୁଟର ଲ୍ୟାବ, ଶୌଚାଳୟ,ବିଶୁଦ୍ଧ ପାନୀୟ ଜଳ ଓ ମନୋରମ ବଗିଚାର ବ୍ୟବସ୍ଥା କରାଯାଇଛି। ଶିକ୍ଷାର ବିକାଶ କ୍ଷେତ୍ରରେ ରାଜ୍ୟରେ ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ଏ ଅବସରରେ ପିଲାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏବେ ଶିକ୍ଷକ କଳା ପଟା ନୁହେଁ ବରଂ ସ୍ମାର୍ଟ ବୋର୍ଡରେ ପାଠ ପଢ଼ାଇବାର ସୁଯୋଗ ପାଇଛନ୍ତି। ଉପାନ୍ତ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଅଞ୍ଚଳର ପିଲାମାନେ ସରକାରୀ ସ୍କୁଲ ଉପରେ ଆକର୍ଷଣ ହେଉଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

# ଜଳଶକ୍ତି ମନ୍ତ୍ରାଣାଳୟର ସ୍ୱତନ୍ତ୍ର ସଚିବଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଗଞ୍ଜାମ,୧୦।୬(ଡି.ଏନ.ଏ.)–ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ଅରୁଣ ବାରୋକା ଗତ ଗୁରୁବାରରୁ ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ପାନୀୟ ଜଳ ଓ ପରିମଳ ନେଇ ତଦାରଖ କରିଛନ୍ତି। ଶୁକ୍ରବାର ଗଞ୍ଜାମ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପାଳିବନ୍ଧ ପଞ୍ଚାୟତର ବଟେଶ୍ୱର ଶୈବପୀଠ ପରିଦର୍ଶନ କରିବା ସହ ସେଠାରେ ରହିଥିବା ଗ୍ରାମୀଣପାର୍କ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦେଖିଛନ୍ତି। ସେହିପରି ସୁବଳୟା ପଞ୍ଚାୟତର ଶତ୍ରୁସୋଲ ଗ୍ରାମରେ ମିଶନ ଶକ୍ତି ମହିଳା ମାନଙ୍କ ନିମନ୍ତେ ନିର୍ମାଣାଧିନ ହେଚେରୀ ବୁଲି ଦେଖି ଉଭୟ ଉନ୍ନୟନ କାର୍ଯ୍ୟପାଇଁ ବିଭିନ୍ନ ଯୋଜନାର ସମିଶ୍ରଣରେ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ପ୍ରଭାବିତ ହେବା ସହ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ କାର୍ଯ୍ୟଶୈଳୀକୁ ଉଚ୍ଚ ପ୍ରଶଂସା କରିଥିଲେ। ବାହ୍ୟମଳମୁକ୍ତ ଅଞ୍ଚଳର ପାରାମିଟର ଅନୁଧ୍ୟାନ କରିଥିଲେ। ଓଡ଼ିଶା ସରକାର ଜଳଶକ୍ତି ଅତିରିକ୍ତ ସଚିବ ସୁବାସ ଚନ୍ଦ୍ର ଦାଶ, ବିଡିଓ ବିଶ୍ୱଜିତ ରାଓ, ଜିଲା ପରାମର୍ଶଦାତା ରଞ୍ଜିତ କୁମାର ପରିଡା, ଗ୍ରାମ୍ୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ସାହୁ, ବିପିଏମ୍ ଜଳନ୍ଧର ମହାରଣା ପ୍ରମୁଖଙ୍କ ସହ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ଥିଲେ।

# ଅପମିଶ୍ରିତ ମୃଦୁ ପାନୀୟ ବିକ୍ରିରେ ଲଗାମ ନାହିଁ

ବୁଗୁଡ଼ା,୧୦।୬(ଡି.ଏନ.ଏ.)

## ନିଦରେ ପ୍ରଶାସନ

ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୁଗୁଡ଼ା ସହରାଞ୍ଚଳ ସମେତ ବିଭିନ୍ନ ଗ୍ରାମାଞ୍ଚଳର ବଜାର ଓ ଛକ ସ୍ଥାନଗୁଡ଼ିକରେ ସଜେଇ ହୋଇଛି ଥଣ୍ଡା ପାନୀୟର ସମ୍ଭାର। ବିଭିନ୍ନ ନାମୀଦାମୀ ମୃଦୁ ପାନୀୟ ସାଙ୍ଗକୁ ଲସି ଓ ସର୍ବତ ଦୋକାନରେ ଗ୍ରାହକଙ୍କ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳୁଛି। ତାତି ବଢିବା ସାଙ୍ଗକୁ ସାଧାରଣ ଖାଉଟି ଥଣ୍ଡା ପିଇ ତୃଷା ମେଣ୍ଟାଉଥିବା ବେଳେ ବଜାରରେ ଉପଲବ୍ଧ ବିଭିନ୍ନ କିସମର ଥଣ୍ଡା ପାନୀୟ ସ୍ୱାସ୍ଥ୍ୟ ପାଇଁ କେତେ ହିତକର ତାକୁ ନେଇ ପ୍ରଶ୍ନ ଉଠିଛି। କେବଳ ପ୍ଲାଷ୍ଟିକ ବୋତଲରେ ନୁହେଁ ପଲିଥିନ୍ ଓ ଖୋଲାମେଲାରେ ବିକ୍ରି ହେଉଥିବା ଥଣ୍ଡାପାନୀୟ ଖାଉଟିଙ୍କ ଶୋଷ ମେଣ୍ଟାଉ ଥିବାରୁ ତାହା ସହାୟକ ହେଉଛି ନା ବିଷ ବାଣ୍ଟୁଛି, ତା'କୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ବଜାରରେ ବିଭିନ୍ନ ନାମୀଦାମୀ କମ୍ପାନୀ ପ୍ରସ୍ତୁତ ଥଣ୍ଡା ପାନୀୟ ବହୁଳ ଭାବେ କାରବାର ହେଉଛି। ତେବେ ଦାମ୍ ଦୃଷ୍ଟିରୁ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ଗରିବ ଶ୍ରେଣୀର ଖାଉଟି ଏସବୁରେ ହାତ ଦେଇ ପାରୁନଥିବା ବେଳେ ବଜାରରେ ଉପଲବ୍ଧ ଶସ୍ତା ପାନୀୟ କିଣୁଛନ୍ତି। ତେବେ ଏହି ସବୁ ପାନୀୟ ପ୍ରସ୍ତୁତକାରୀ ସଂସ୍ଥା ବୈଧ ନା ନୁହେଁ ତାକୁ ନେଇ ପ୍ରଶ୍ନ ଉଠୁଛି। ଗଞ୍ଜାମ ଜିଲା ସମେତ ନିକଟବର୍ତ୍ତୀ ଜିଲାରୁ ଗାଡ଼ି ଗାଡ଼ି ଥଣ୍ଡାପାନୀୟ ଓ ପାଣି ବିକ୍ରି ଚାଲିଛି। ଏଥିସହ ସ୍ଥାନୀୟ ଅଞ୍ଚଳରେ ମଧ ପାନୀୟ ପ୍ରସ୍ତୁତ କରାଯାଇ ବିକ୍ରି ହେଉଛି। ତେବେ ବଜାରରେ ଉପଲବ୍ଧ ଆକର୍ଷଣୀୟ ଚିହ୍ନିକି ପାନୀୟ ଖାଉଟି ବ୍ୟବହାର କରୁଥିବା ବେଳେ ବାସ୍ତବରେ ଏସବୁ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ନା ନାହିଁ ପ୍ରଶାସନ ପକ୍ଷରୁ ଯାଞ୍ଚ ହେଉନି। ସ୍ଥାନୀୟ ସହରରେ ଖାଉଟି ସଚେତନତାରେ ସ୍ଥାଣୁତା ଏବଂ ଖାଦ୍ୟ ନିରାପତ୍ତା ଅଧିକାରୀମାନଙ୍କ ବ୍ୟସ୍ତତା ଯୋଗୁ ବଜାର ନିୟନ୍ତ୍ରଣ ଉପରେ ନଜର ନଥିବା ଚର୍ଚ୍ଚା ହେଉଛି। ପ୍ରକାଶଯୋଗ୍ୟ, ଗତ ଏପ୍ରିଲ ମାସ ୨୭ରେ ସ୍ପ୍ରାଇଟ୍ ଓ ଥମ୍ସଅପ୍ ବୋତଲରେ ସୋଡାପାଣି ଭର୍ତ୍ତି କରି ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ବେଳେ ବୋତଲ ବୋଝେଇ ଡାଲା ଅଟୋ ସହ ବିକ୍ରେତା ଜଣକ ସ୍ଥାନୀୟ ଡିଲରଙ୍କ ହାବୁଡରେ ପଡିବା ପରେ ଘଟଣା ଥାନାକୁ ଯାଇଥିଲା। ତେବେ ଭେଜାଲ ଖାଦ୍ୟ ସାମଗ୍ରୀ ସାଧାରଣ ଖାଉଟିଙ୍କୁ ହନ୍ତସନ୍ତ କରୁଥିବା ବେଳେ ସେନେଇ କାର୍ଯ୍ୟାନୁଷ୍ଠାନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନାଟକ 'କିଛି କଥା ରହିଗଲା ଅଧାରେ' ମଞ୍ଚସ୍ଥ


ନାଟକ ଉଦ୍‌ଘାଟନ କରିବା ପରେ ଏମ୍‌ପି ଉଦବୋଧନ ଦେଉଛନ୍ତି।

ଆସିକା,୧୦।୬(ଡି.ଏନ୍.ଏ.)

ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତ ଅନ୍ତର୍ଗତ ଚାଟୁଳା ଗ୍ରାମରେ ଗୁରୁବାର ନେତାଜୀ ଯୁବକ ସଂଘ ପକ୍ଷରୁ ୨୫ତମ ଐର୍ଘ୍ୟ ସାମାଜିକ ନାଟକ 'କିଛି କଥା ରହିଗଲା ଅଧାରେ' ମଞ୍ଚସ୍ଥ ହୋଇଥିଲା । ନାଟ୍ୟ ନିର୍ଦ୍ଦେଶକ ତଥା କେନ୍ଦୁପଦର ସରପଞ୍ଚ ଭବାନୀ ଶଙ୍କର ମଲିକ (ଗୁଟୁ ଭାଇ)ଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକକୁ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଉଦଘାଟନ କରିଥିଲେ। ଆସିକା ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା କଳ୍ପନା ଭୋଳ, ଆସିକା ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ସାମାଜିକ କର୍ମୀ ବଂଶୀଧର ନାହାକ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ସୁରତ ପ୍ରଧାନ, ନୀଳମଣି ପଟ୍ଟନାୟକ, ଅଜିତ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବହୁ ପୂର୍ବତନ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ଗ୍ରାମାଞ୍ଚଳର ବହୁ ବିଜେଡି ନେତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନାଟକର ବିଭିନ୍ନ ଭୂମିକାରେ ନିର୍ଦ୍ଦେଶକ ଗୁଟୁ ମଲିକଙ୍କ ସମେତ ବିମଳ, ମଣ୍ଟୁ ସନ୍ତୋଷ, ସୂର୍ଯ୍ୟ, ଦୁର୍ଗା, ବାପି, ପ୍ରଦୀପ, ଦୁର୍ଗାପ୍ରସାଦ, ମିଥୁନ, ଗୋପାଳ, ସନ୍ତ, ରଘୁ, ମୁନା, ଭାଗିରଥୀ, କାହ୍ନା, ଗଣେଶ, ପ୍ରଶାନ୍ତ, ନାଲୁ, ଲିକୁ, ପୁଷ୍ପା, କଣ୍ଢେଇ, ଜୟନ୍ତୀ, ସୋଫି ଓ ମୋନା ଅଭିନୟ କରିଥିଲେ। ସଂଘ ସଭାପତି ଲବ ଜେନା, ସମ୍ପାଦକ ସୁଦାମ ଦୋରା, ଉପଦେଷ୍ଟା ଜଗଦୀଶ ମହାପାତ୍ର ଏବଂ ଚାଟୁଳା ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ଫୁଲବାଣୀରେ ସରିଲା ପେନ୍‌ସନ ଅଦାଲତ

ଫୁଲବାଣୀ ଅଫିସ, ୧୦।୬



ଅଦାଲତରେ ଜଣେ ପେନସନ ଭୋଗୀଙ୍କୁ ଗ୍ରାଚୁଇଟ ଅର୍ଥ ପ୍ରଦାନ କରାଯାଉଛି।

ଫୁଲବାଣୀ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଦୁଇ ଦିନ ଧରି ଚାଲିଥିବା ପେନସନ ଅଦାଲତ ଶୁକ୍ରବାର ଶେଷ ହୋଇଛି । ଏଥିରେ ୧୧ ଜଣଙ୍କର ଗ୍ରାଚୁଇଟ୍ ପ୍ରଦାନ କରାଯାଇଥିବା ବେଳେ ୩୬ଟି ଗ୍ରାଚୁଇଟ୍ ମଞ୍ଜୁର ହୋଇଛି। ୧୬୪ ଜଣ ଅବସରପ୍ରାପ୍ତ କର୍ମଚାରୀମାନଙ୍କର ପେନ୍‌ସନ ଆବେଦନ ପତ୍ର ସଂକ୍ରାନ୍ତରେ ପେନ୍‌ସନ ଅଦାଲତରେ ଆଲୋଚନା କରାଯାଇଥିଲା। ସେଥିମଧ୍ୟରୁ ୧୩୯ଟି ନୂଆ ପେନ୍‌ସନ ଆବେଦନପତ୍ର ଏଜି କାର୍ଯ୍ୟାଳୟକୁ ଏକ ମାସ ମଧ୍ୟରେ ପଠାଇବାକୁ ପେନ୍‌ସନ ମଞ୍ଜୁର କର୍ତ୍ତାମାନେ ସମ୍ମତି ପ୍ରକାଶ କରିଥିଲେ। ଠିକ୍ ସମୟରେ ଆବେଦନ ପତ୍ରଗୁଡ଼ିକୁ ଏଜି କାର୍ଯ୍ୟାଳୟକୁ ପଠାଯିବା ପାଇଁ ପଦକ୍ଷେପ ନେବାକୁ ଅଦାଲତରେ ଉପସ୍ଥିତ ପେନ୍‌ସନ ମଞ୍ଜୁର ପ୍ରାଧିକରଣ ତଥା ଡିଡିଓମାନଙ୍କୁ ପରାମର୍ଶ ଦିଆଯାଇଛି। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଦାଲତରେ ବରିଷ୍ଠ ଉପମହାଲେଖାକାର ଶ୍ରୀରାଜ ଅଶୋକ ଆସନ୍ତା ଜୁଲାଇ ମାସରୁ ଅନ୍‌ଲାଇନ୍ ପେନ୍‌ସନ ଆବେଦନ କରିବାକୁ ପଡ଼ିବ ବୋଲି ଦର୍ଶାଇଥିଲେ।ଏଥିପାଇଁ ପେନ୍‌ସନ ମଞ୍ଜୁର ପ୍ରାଧିକରଣ ତଥା ଆହରଣ ବିତରକ ଅଧିକାରୀ(ଡିଡିଓ)ମାନଙ୍କୁ ସଚେତନ କରାଇବା ଏହି ଅଦାଲତର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ଅନ୍‌ଲାଇନ୍ ମାଧ୍ୟମରେ କିଭଳି ତ୍ରୁଟିଶୂନ୍ୟ ଭାବେ ଏଜି କାର୍ଯ୍ୟାଳୟକୁ ଆବେଦନପତ୍ର ପଠାଯାଇପାରିବ ତା' ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସରକାରୀ କର୍ମଚାରୀ ତଥା ପେନ୍‌ସନରମାନଙ୍କ ଅବଗତି ନିମନ୍ତେ କେତେକ ସୂଚନା ପ୍ରଦାନ କରାଯାଇଥିଲା। ଅବସର ଗ୍ରହଣର ୬ ମାସ ପୂର୍ବରୁ ନିଜର ପେନ୍‌ସନ ଆବେଦନ ପତ୍ର ନିଜ କାର୍ଯ୍ୟାଳୟରେ ଦାଖଲ କରିବେ। ଅବସର ନେବା ପୂର୍ବରୁ ସର୍ଭିସ୍ ବୁକ୍‌ର ଅପ୍‌ଡେଟ୍ ଭେରିଫିକେସନ୍ କରାଇ ନେବେ। ଯାହାବି ଆଡ୍‌ଭାନ୍ସ ନେଇଥିବେ ସେଗୁଡ଼ିକୁ ସମ୍ପୂର୍ଣ୍ଣ ପରିଶୋଧ କରି ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟରୁ କ୍ଲିୟରାନ୍ସ ସାର୍ଟିଫିକେଟ ହାସଲ କରିବେ ଏବଂ କମ୍ୟୁଟେସନ ଆବେଦନ ସମୟରେ ସର୍ବଦା ନିଜର ଦସ୍ତଖତ ସହ ତାରିଖ ଦେବେ। ସରକାରୀ କର୍ମଚାରୀ ଅବସର ନେବାର ତିନି ମାସ ପୂର୍ବରୁ ପେନ୍‌ସନ ପେପର ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବା ଆବଶ୍ୟକ। ସମ୍ପୂର୍ଣ୍ଣ ଗ୍ରାଚୁଇଟି ଟଙ୍କା ପାଇବା ପାଇଁ ପେନ୍‌ସନ ପେପର ସହ ଏନ୍‌ଡିସି ( ନୋ ଡ୍ୟୁଜ୍ ସାର୍ଟିଫିକେଟ୍)ନିଶ୍ଚିତ ସଂଲଗ୍ନ କରିବେ। ଶେଷ ଏକ ବର୍ଷ କାର୍ଯ୍ୟକାଳର ଏନ୍‌ଡିସି ଉଦ୍ଦିଷ୍ଟ କାର୍ଯ୍ୟାଳୟରୁ ଯଥା ସମୟରେ ସଂଗ୍ରହ କରିନେବେ। ଆସନ୍ତା ଦୁଇ ବର୍ଷ ଭିତରେ ଅବସର ନେଉଥିବା କର୍ମଚାରୀଙ୍କର ଏକ ତାଲିକା ପ୍ରତିବର୍ଷ ଜୁଲାଇ ଏକ ତାରିଖ ସୁଦ୍ଧା ପ୍ରସ୍ତୁତ କରିବେ । ତାହାର ଏକ ନକଲ ପ୍ରଧାନ ମହାଲେଖାକାରଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବେ ବୋଲି କୁହାଯାଇଥିଲା ।

ଉକ୍ତ ପେନ୍‌ସନ ଅଦାଲତରେ ଜିଲାପାଳ ଡା.ବୃନ୍ଦା ଡି, ସହକାରୀ ମହାଲେଖାକାର ମୁକୁଲ ଜାମଲୋକି ଓ ସୁଶ୍ରୀ ତାନ୍ୟା ଅମ୍ବାଷ୍ଟା, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ବରିଷ୍ଠ ଲେଖା ଅଧିକାରୀ ସୁଶୀଲ କୁମାର ମିଶ୍ର ଓ ମନୋରଜ ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିବାବେଳେ ମହାଲେଖାକାର କାର୍ଯ୍ୟାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ(କଲ୍ୟାଣ) ପୁରୁଷୋତ୍ତମ ବଳ, ସହକାରୀ ଲେଖା ଅଧିକାରୀ କଲ୍ୟାଣ କୁମାର ପଣ୍ଡା, ଚନ୍ଦ୍ରଶେଖର ବେହେରା, ସହକାରୀ ଜିଲାପାଳ ରବିନ୍ ଚର୍ଚ୍ଚିଲ୍ ମିଶ୍ର ସହଯୋଗ କରିଥିଲେ।